ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୨୮/୨୦୧୯ (୧୬ ପୃଷ୍ଠା) Sambalpur, Monday, January 28/ 2019 | ★★

୧୫ଶ ଭାଗ ୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-

'ରାମ ଲଖନ୍' ପାଇଁ ନାଚିଲେ ମାଧୁରୀ

ଲୋକପ୍ରିୟ ସିନେମା 'ରାମ ଲଖନ୍'ର ୩୦ବର୍ଷ ପୂର୍ତ୍ତି ପାଳନ ଅବସରରେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପୂର୍ବ ସ୍ମୃତି ମନେପକାଇ ନୃତ୍ୟ କରିଛନ୍ତି।

୦୨

୧୪

ଜୋକୋଭିଚ୍‌ଙ୍କୁ ରେକର୍ଡ ଟାଇଟଲ

ସର୍ବିୟାର ନୋଭାକ ଜୋକୋଭିଚ୍ ୭ଥର ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଟେନିସ ଟାଇଟଲ ଜିତି ରେକର୍ଡ ପ୍ରତିଷ୍ଠା କରିଛନ୍ତି।

ଗଞ୍ଜାମ ଭାଗଚାଷୀଙ୍କୁ 'କାଳିଆ' ଟଙ୍କା

- ୧୪,୫୩୧ ହିତାଧିକାରୀ ଉପକୃତ
- ୧୦୧୧ କୋଟି ଟଙ୍କା ପ୍ରକଳ୍ପର ଭୂମିପୂଜା, ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ମଞ୍ଚ ଉପରେ ଚାଷୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବ୍ରହ୍ମପୁର ଅଫିସ୍,୨୭।୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ଆୟୋଜିତ ବିଶାଳ କୃଷକ ସମାବେଶରେ ଯୋଗଦେଇଥିଲେ। ଏହି ଅବସରରେ ସେ 'କାଳିଆ' ଯୋଜନାରେ ଭାଗଚାଷୀଙ୍କୁ ସହାୟତା ଟଙ୍କା ବଣ୍ଟନ କରିଥିଲେ। ଓଡ଼ିଶାର ମୋଟ ୫୭୬୧୪ ଜଣ ଭାଗଚାଷୀଙ୍କ ମଧ୍ୟରୁ ଗଞ୍ଜାମ ଜିଲାର ୧୪ ହଜାର ୫୩୧ଚାଷୀ ଏହାଦ୍ୱାରା ଉପକୃତ ହେବେ। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୫ହଜାର ଟଙ୍କା ଲେଖାଏ ପ୍ରେରଣ କରାଯାଇଛି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସୁଇଚ୍ ଟିପି ଟଙ୍କା ପ୍ରେରଣ କରିଥିଲେ। ଏଥିସହ ୭୧୬କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ୪୮ ପ୍ରକଳ୍ପର ଭୂମିପୂଜା ଏବଂ ୨୯୫କୋଟି ଟଙ୍କାରେ ନିର୍ମିତ ୨୩୧ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

ଉପସ୍ଥିତ ଚାଷୀଙ୍କୁ ଏକ ଭିଡ଼ିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ, ୧୯୯୯ ମହାବାତ୍ୟା ଓଡ଼ିଶାର ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଚାଷବାସ ସବୁ ନଷ୍ଟ ହୋଇଯାଇଥିଲା। ୨୦୦୦ରେ ମୁଖ୍ୟମନ୍ତ୍ରୀ ହେବା ପରେ ଆଗରେ ଥିଲା ଅନେକ ଆହ୍ୱାନ। ସେହି ସମୟରେ ରିଲିଫ୍ ଦେବାକୁ ମଧ୍ୟ ଚାଉଳ ନ ଥିଲା। କେନ୍ଦ୍ରକୁ ଫୋନ୍ କରିବାକୁ ପଡୁଥିଲା। ଚାଉଳ ଆଣିବା ପାଇଁ ରେଳ ୱାଗନ୍ ମାଗିବାକୁ ପଡୁଥିଲା। ଅନ୍ୟ ରାଜ୍ୟର ବଳକା ଚାଉଳ ଆସିଲେ ଓଡ଼ିଶାରେ ରିଲିଫ୍ ବଣ୍ଟନ ହେଉଥିଲା। ଖାଦ୍ୟ ସୁରକ୍ଷାରେ ବଣ୍ଟନ ପାଇଁ ମଧ୍ୟ ଚାଉଳ ନ ଥିଲା। ଏଭଳି ସ୍ଥିତିରେ ସଂକଳ୍ପ ନେଇଥିଲି। କାହା ଆଗରେ ହାତ ନ ପତେଇ ଯଥେଷ୍ଟ ଫସଲ ଅମଳ କରିବା। ୨୦୦୭ରୁ ସ୍ଥିତି ବଦଳିଲା। ଜଳସେଚନର ଉନ୍ନତି, ବୈଜ୍ଞାନିକ ଉପାୟରେ ଚାଷ ଏବଂ ସହଜରେ ଋଣ ମିଳିବା ଯୋଗୁ କୃଷି କ୍ଷେତ୍ରରେ ପରିବର୍ତ୍ତନ ଆସିଲା। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଚାଷୀଙ୍କ କଠିନ ପରିଶ୍ରମ ଯୋଗୁ ଖାଦ୍ୟ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହୋଇପାରିଛି। ଏପରିକି ଅନ୍ୟ ରାଜ୍ୟକୁ ଆମେ ଖାଦ୍ୟ ଯୋଗାଉଛୁ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଓଡ଼ିଶାର ଅଧିକ ଯୋଗଦାନ। ଓଡ଼ିଶା ପାଞ୍ଚ ପାଞ୍ଚ ଥର କୃଷି କର୍ମଣ ପୁରସ୍କାର ଜିତିଛି। ଗତ ୪ବର୍ଷରେ ଜଳସେଚନ ପାଇଁ ୩୦ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୮ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଯାଇଛି। ସ୍ୱତନ୍ତ୍ର କୃଷି ବଜେଟ୍ ଏବଂ କୃଷି କ୍ୟାବିନେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୦୧୪ରେ ୧୦ଲକ୍ଷ ହେକ୍ଟରରୁ ଅଧିକ ଚାଷଜମିକୁ ଜଳସେଚନ ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ☞ ପୃଷ୍ଠା–୪

■ ଗୁଣିଗାରେଡ଼ି ସନ୍ଦେହର କରୁଣ ପରିଣତି

ପରିବାରର ୫ଜଣଙ୍କୁ ହତ୍ୟା

- ମା', ୪ ପିଲାଙ୍କ ମୃତଦେହ କୂଅରୁ ଉଦ୍ଧାର
- ୬ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା
- ହତ୍ୟାରେ ବ୍ୟବହୃତ ଶାବଳ, ଫାଉଡ଼ା ଜବତ

ଟେନ୍‌ସା, ୨୭।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ କୋଇଡା ଥାନା ଅନ୍ତର୍ଗତ ଇନ୍ଦୁପୁର ଗ୍ରାମ କନ୍ଦାସାହିରେ ଗୁଣିଗାରେଡି ସନ୍ଦେହର କରୁଣପରିଣତି ଦେଖିବାକୁ ମିଳିଛି। ଶୁକ୍ରବାର ରାତିରେ ଶୋଇଥିବାବେଳେ ଗୋଟିଏ ପରିବାରର ୫ଜଣଙ୍କୁ ହତ୍ୟା କରାଯାଇଛି। ଶନିବାର ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। କୂଅରୁ ମା'ଓ ୪ ସନ୍ତାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। କୋଇଡ଼ା ପୋଲିସ ଏହି ଘଟଣାରେ ରବିବାର ୬ଜଣଙ୍କୁ ଅଟକରଖି ପଚରାଉଚରା କରୁଛି। କୂଅ ଭିତରୁ ହତ୍ୟାରେ ବ୍ୟବହୃତ ଶାବଳ, ଫାଉଡ଼ା ଆଦି ଉଦ୍ଧାର ପରେ ଜବତ ହୋଇଛି। ମୃତଦେହଗୁଡ଼ିକ ବ୍ୟବଚ୍ଛେଦ ପାଇଁ କୋଇଡ଼ା ଡ଼ାକ୍ତରଖାନା ପଠାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ମାଙ୍ଗିରି ମୁଣ୍ଡା (୩୦), ତାଙ୍କ ବଡ଼ଝିଅ ମାର ମୁଣ୍ଡା (୧୦), ପୁଅ ଟେକଲା ମୁଣ୍ଡା (୭), ଚାମରା ମୁଣ୍ଡା (୪) ଓ ବର୍ଷକର ଝିଅ।

ମାଙ୍ଗିରିଙ୍କ ସ୍ୱାମୀ ସୁଦାମ ଡମ୍ପର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ତେଣୁ ସେ ବେଳେ ବେଳେ ଘରକୁ ଆସିପାରନ୍ତି ନାହିଁ। ଶନିବାର ସକାଳେ ସେ ଘରକୁ ଫେରିଥିଲେ। ଘର କବାଟ ଭଙ୍ଗା ହୋଇଥିବା ଏବଂ ଭିତରେ ରକ୍ତର ଛିଟାଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସ୍ତ୍ରୀ ପିଲାମାନଙ୍କୁ ଦେଖି ନ ପାରି ଚାରିଆଡେ ଖୋଜାଖୋଜି କରିଥିଲେ। କିଛି ସନ୍ଧାନ ନ ପାଇବାରୁ ସେ କୋଇଡା ଥାନାରେ ଅଭିଯୋଗ କରିଥିଲେ। କୋଇଡା ଥାନା ଅଧିକାରୀ ସୁଶାନ୍ତ ଦାସ ସଦଳବଳ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରକ୍ତଛିଡ଼ା ପଡ଼ିଥିବା କୂଅ ପାଖକୁ ସନ୍ଧାନୀ କୁକୁର ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ କୂଅ ଭିତର ଜଳ ନିଷ୍କାସନ କରିବା ପରେ ଶନିବାର ବିଳମ୍ବିତ ରାତିରେ ୩ଟି ଓ ରବିବାର ସକାଳେ ୨ଟି ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ବଣାଇ ଏସ୍‌ଡିପିଓ ଅବକାଶ ରାଉତରାୟ, ରାଉରକେଲା ଏସ୍‌ପି ଉମାଶଙ୍କର ଦାଶ, ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ସୁଦାମଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ଗୁଣିଗାରେଡି ସନ୍ଦେହରେ ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ହତ୍ୟା କରାଯାଇଛି ବୋଲି ସୁଦାମ କହିଛନ୍ତି। ପୋଲିସ ମଧ୍ୟ ଗୁଣିଗାରେଡି ସନ୍ଦେହରେ ଏଭଳି ଘଟିଥିବା କହିଛି। ତେବେ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କୋଇଡା ଥାନା ଅଧିକାରୀ ସୁଶାନ୍ତ ଦାସ କହିଛନ୍ତି।

କୂଅରୁ ମୃତଦେହ ଉଦ୍ଧାର କରାଯାଉଛି।

ଆରପାରିରେ କଣ୍ଠଶିଳ୍ପୀ ଅର୍ଜୁନ ସାମଲ

ଭୁବନେଶ୍ୱର,୨୭।୧(ବ୍ୟୁରୋ)

ଅର୍ଜୁନ ସାମଲ

ଲୋକପ୍ରିୟ ଓଡ଼ିଆ କଣ୍ଠଶିଳ୍ପୀ ତଥା ଜଣାଶୁଣା ସଙ୍ଗୀତଜ୍ଞ ଅର୍ଜୁନ ଚରଣ ସାମଲଙ୍କ ଶନିବାର ପରଲୋକ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ଭଜନ, ଛାନ୍ଦ ଓ ଜଣାଣ ଗାଇବାରେ ପ୍ରସିଦ୍ଧି ଅର୍ଜନ କରିଥିବା ଅର୍ଜୁନ କିଛିଦିନ ତଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଶନିବାର ରାତି ପ୍ରାୟ ୮ଟା ୩୦ରେ ସେ ଚିରଦିନ ପାଇଁ ଆଖି ବୁଜିଦେଇଥିଲେ।

ଯାଜପୁର ଜିଲା ଚିକଣା ପଞ୍ଚାୟତ ବ୍ରାହ୍ମଣୀ ଗାଁରେ ଜନ୍ମଗ୍ରହଣ କରିଥିବା ଅର୍ଜୁନ ଚରଣ ଲୋକପ୍ରିୟ କଣ୍ଠଶିଳ୍ପୀ ସାଙ୍ଗକୁ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଅଧିକାରୀ ଥିଲେ। ଅବସର ପରେ ମଧ୍ୟ ସେ ସଙ୍ଗୀତ ସାଧନା ଜାରି ରଖିଥିଲେ। ୧୯୭୮ରେ ରିଲିଜ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ସୁନା ସଂସାର'ର 'ମିଛ ମାୟା ଭରା ଏ ସାରା ଦୁନିଆ କେହି ନୁହେଁ ଆପଣାର' ଗୀତରେ କଣ୍ଠଦାନ କରି ଓଡ଼ିଶାର ଘରେ ଘରେ ପରିଚିତ ☞ ପୃଷ୍ଠା–୪

■ ଆତଙ୍କବାଦୀଙ୍କ ସହ ଲଢ଼େଇ
ଓଡ଼ିଆ ଯବାନ ଶହୀଦ

ହେମନ୍ତ କୁମାର ପଣ୍ଡା

ବେଗୁନିଆ,୨୭।୧ (ଡି.ଏନ.ଏ.)

ଏପଟେ ଦେଶବାସୀ ପାଳନ କରୁଥିଲେ ୭୦ତମ ସାଧାରଣତନ୍ତ୍ର ଦିବସ। ସେପଟେ ଦେଶର ସୁରକ୍ଷା ପାଇଁ ଆତଙ୍କବାଦୀଙ୍କ ସହ ଲଢୁଥିଲେ ଭାରତୀୟ ଯବାନ। ଶେଷରେ ଶନିବାର ଅପରାହ୍ନରେ ଆତଙ୍କବାଦୀଙ୍କ ଗୁଳିରେ ଶହୀଦ ହୋଇଥିଲେ ଓଡ଼ିଆ ଯବାନ ହେମନ୍ତ କୁମାର ପଣ୍ଡା (୨୫)। ହେମନ୍ତଙ୍କ ଘର ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ବୋତଳମା ପଞ୍ଚାୟତର ଅଠରାଙ୍ଗ ଗ୍ରାମରେ। ହେମନ୍ତ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ର ପାଇଁ ଶହୀଦ ହୋଇଥିବା ☞ ପୃଷ୍ଠା–୪

ଆଜିର ସମ୍ପାଦକୀୟ

ସମ୍ମାନରେ ଅସମ୍ମାନିତ

ଆଜିର ମନ୍ତବ୍ୟ

ଯୁବପିଢ଼ି ଭୋଟ ଦେଇ ନ ପାରିଲେ ଦୁଃଖିତ ହେବା ଉଚିତ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 27.01.2019 Venco66 CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	81	133	143
CTC	82	135	145
DKL	81	133	143
BDK	84	137	147
BLS	84	137	147
ANG	82	135	145

*Conditions Apply
Eggs Retail Price- 52/-Dozen
Issued in the Interest of Consumers

ଜଣେ ଉତ୍ତମ ପ୍ରଧାନମନ୍ତ୍ରୀ ହେବା ଲାଗି ସମସ୍ତ ଗୁଣ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କଠାରେ ରହିଛି। ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ପାଇଁ ଭାଜପା ପ୍ରଚାରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି।
-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା

ଆଲୋଚନା ଟେବୁଲରେ ଆମେରିକା-ତାଲିବାନ

କାବୁଲ,୨୭।୧(ଏଏଫପି)

ଆଫଗାନିସ୍ତାନ ଉପରେ ଆମେରିକା ଆକ୍ରମଣର ୧୭ ବର୍ଷ ପରେ ୱାଶିଂଟନ ଏବଂ ତାଲିବାନ ନେତା ପରସ୍ପରର ନିକଟତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଶାନ୍ତି ଆଲୋଚନା ଲାଗି ଉଦ୍ୟମ ଆରମ୍ଭ ହୋଇଥିବାରୁ ଦେଶର ଭବିଷ୍ୟତକୁ ନେଇ ଆଶା ସଞ୍ଚାର ହୋଇଛି। କାତାର ଆଲୋଚନାରେ ଯଥେଷ୍ଟ ଅଗ୍ରଗତି ହୋଇଥିବା ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜାଲ୍‌ମେ ଖଲିଲଜାଦ୍ ଟୁଇଟ୍ କରିଛନ୍ତି। କାବୁଲ ଯାଇ ସେ ଆଫଗାନ ସରକାରୀ ଅଧିକାରୀଙ୍କ ସହ ପରାମର୍ଶ କରିବେ ବୋଲି କହିଛନ୍ତି। ଆଲୋଚନା ସଫଳ ହୋଇଥିବା ତାଲିବାନ ମଧ୍ୟ ସ୍ୱୀକାର କରିଛି। ତେବେ ସମାଧାନ ହୋଇପାରି ନ ଥିବା କେତେକ ପ୍ରସଙ୍ଗ ଉପରେ ଆଲୋଚନା ଜାରି ରହିବ ବୋଲି ତାଲିବାନ ମୁଖପାତ୍ର କହିଛନ୍ତି।

ଉଭୟଙ୍କ ମଧ୍ୟରେ ହେବାକୁ ଥିବା ବୁଝାମଣାରେ ଆଫଗାନିସ୍ତାନରୁ ଆମେରିକା ନେତୃତ୍ୱାଧୀନ ସେନା ପ୍ରତ୍ୟାହାର ପ୍ରସଙ୍ଗ

ରହିଛି। ଆମେରିକା ସେନା ପ୍ରତ୍ୟାହାର ପରବର୍ତ୍ତୀ ପରିସ୍ଥିତି କ'ଣ ହେବ ତାକୁ ନେଇ ଆଶଙ୍କା ବଢ଼ିଚାଲିଥିଲା। ପୁଣି ଥରେ ଦେଶରେ ରକ୍ତପାତ ହେବା ସହ ନିର୍ବାଚିତ ସରକାରରେ ପରିବର୍ତ୍ତନ ସମ୍ଭାବନା ସୃଷ୍ଟି ହୋଇଥିଲା।

ଗତ କିଛି ଦିନରେ ଆମେରିକା ଏବଂ ତାଲିବାନ ପ୍ରତିନିଧିଙ୍କ ମଧ୍ୟରେ ଏକାଧିକ ଆଲୋଚନା ହେଲାଣି। କାତାରରେ ୬ ଦିନ ଧରି ଚାଲିଥିବା ବୁଝାମଣା ବୈଠକ ଶନିବାର ଶେଷ ହୋଇଛି। ଆଲୋଚନାରେ ସାଉଦି ଆରବ, ୟୁଏଇ ଏବଂ ପାକିସ୍ତାନ ସାମିଲ

- **୧୮ ମାସରେ ବିଦେଶୀ ସେନା ଫେରିଯିବେ**
- **ଅଲ୍‌କାଏଦା ଓ ଆଇଏସ୍ ଆତଙ୍କବାଦୀଙ୍କୁ ଆଫଗାନ୍ ମାଟି ବ୍ୟବହାର କରିବାକୁ ଦିଆଯିବନି**

ହୋଇଥିବାବେଳେ ଆଫଗାନ ସରକାର ସେମାନଙ୍କ ଉପସ୍ଥିତିକୁ ବିରୋଧ କରୁଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ଚାହୁଁଥିବାରୁ ଏହାକୁ ଆଲୋଚନାରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପ୍ରସ୍ତାବିତ ବୁଝାମଣା ଅନୁଯାୟୀ ଡିଲ୍ ସ୍ୱାକ୍ଷର ହେବାର ୧୮ ମାସ ମଧ୍ୟରେ ଆଫଗାନିସ୍ତାନରୁ ବିଦେଶୀ ସେନା ପ୍ରତ୍ୟାହୃତ ହେବେ। ଏଥିସହିତ ଅଲ୍-କାଏଦା ଏବଂ ଇସ୍‌ଲାମିକ ଷ୍ଟେଟ (ଆଇଏସ୍) ସଂଗଠନକୁ ଆମେରିକା ବିରୋଧୀ କାର୍ଯ୍ୟରେ ଆଫଗାନିସ୍ତାନ ମାଟିକୁ ବ୍ୟବହାର କରିବାକୁ ଦିଆଯିବ ନାହିଁ। ୨୦୧୪ରୁ ଆଫଗାନିସ୍ତାନରୁ ବିଦେଶୀ ସେନା ପ୍ରତ୍ୟାହାର ଆରମ୍ଭ ହୋଇଥିଲା। ସେବେଠାରୁ ତାଲିବାନ ପୁଣିଥରେ ଶକ୍ତିଶାଳୀ ହୋଇଛି। ଗତ ୪ ବର୍ଷ ମଧ୍ୟରେ ଆଫଗାନିସ୍ତାନର ୪୫ ହଜାର ସୈନ୍ୟ ତାଲିବାନ ଆକ୍ରମଣରେ ନିହତ ହୋଇଛନ୍ତି। ପାଖାପାଖି ୧୫ ନିୟୁତ ବସବାସ କରୁଥିବା ଅଞ୍ଚଳ ତାଲିବାନ ନିୟନ୍ତ୍ରଣରେ ରହିଛି କିମ୍ବା ଉକ୍ତ ସଂଗଠନର ଆତଙ୍କବାଦୀମାନେ ସେଠାରେ ବିଭିନ୍ନ ସମୟରେ ଆକ୍ରମଣ ଜାରି ରଖିଥିବା ରାଷ୍ଟ୍ରପତି ଅଶ୍ରଫ ଘନି କହିଛନ୍ତି। ତେଣୁ ବିଦେଶୀ ସେନା ସମ୍ପୂର୍ଣ୍ଣ ପ୍ରତ୍ୟାହୃତ ହେଲେ ଆଫଗାନ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡିବା ଆଶଙ୍କା କରାଯାଉଛି।

୨୯ରେ ହେବନି ଅଯୋଧ୍ୟା ଶୁଣାଣି

ନୂଆଦିଲ୍ଲୀ,୨୭।୧

ଆସନ୍ତା ୨୯ ତାରିଖରେ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଅଯୋଧ୍ୟା ଜମି ବିବାଦ ମାମଲାର ଶୁଣାଣି କରିବେ ନାହିଁ। ଜଷ୍ଟିସ୍ ଏସ.ଏ. ବୋବ୍‌ଡେଙ୍କ ଅନୁପସ୍ଥିତି ଯୋଗୁ ଜାନୁୟାରୀ ୨୯ରୁ ଆରମ୍ଭ ହେବାକୁ ଥିବା ଏହି ଶୁଣାଣିକୁ ବାତିଲ କରିଦିଆଯାଇଛି। ପରବର୍ତ୍ତୀ ଶୁଣାଣି କେବେ ହେବ ତାହା ସ୍ଥିର ହୋଇନାହିଁ। ଅଯୋଧ୍ୟା ମାମଲାର ଶୁଣାଣି ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଦୁଇ ଦିନ ତଳେ ସାମ୍ବିଧାନିକ ଖଣ୍ଡପୀଠ ଗଠନ କରିଥିଲେ। ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଖଣ୍ଡପୀଠରେ ଜଷ୍ଟିସ ବୋବ୍‌ଡେଙ୍କ ସମେତ ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ, ଅଶୋକ ଭୂଷଣ, ଏସ.ଏ. ନାଜିର ଏବଂ ଜଷ୍ଟିସ ଏନ.ଭି. ରମାନା ରହିଛନ୍ତି। ପୂର୍ବ ଖଣ୍ଡପୀଠରୁ ଜଷ୍ଟିସ ୟୁ.ୟୁ. ଲଲିତ ଓହରିଯିବାରୁ ଜାନୁୟାରୀ ୧୦ରେ ହେବାକୁ ଥିବା ରାମ ଜନ୍ମଭୂମି-ବାବ୍‌ରୀ ମସ୍‌ଜିଦ ଜମି ବିବାଦର ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା।

୩୧ରୁ ବଜେଟ ଅଧିବେଶନ ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି

ନୂଆଦିଲ୍ଲୀ,୨୭।୧(ପି.ଟି.)

ଆସନ୍ତା ୩୧ ତାରିଖରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେଉଥିବାବେଳେ ରାଜ୍ୟ ସଭା ଅଧ୍ୟକ୍ଷ ଏମ. ଭେଙ୍କାୟା ନାଇଡୁ ଏବଂ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ଅଲଗା ଅଲଗା ସର୍ବଦଳୀୟ ବୈଠକ ଡାକିଛନ୍ତି। ବାଚସ୍ପତି ବୁଧବାର ବୈଠକ ଡାକିଥିବାବେଳେ ନାଇଡୁ ଗୁରୁବାର ସକାଳେ ସବୁଦଳର ରାଜ୍ୟ ସଭା ନେତାଙ୍କ ବୈଠକ ଆହ୍ୱାନ କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରର ଏହା ଶେଷ ପାର୍ଲାମେଣ୍ଟ ଅଧିବେଶନ ହୋଇଥିବାରୁ ଗୃହକାର୍ଯ୍ୟ ପରିଚାଳନାରେ ସହଯୋଗ ଲାଗି ଏହି ବୈଠକ ଡକାଯାଇଛି। ଏହା ବ୍ୟତୀତ ସରକାରଙ୍କ ପକ୍ଷରୁ ୩୦ ତାରିଖରେ ଉଭୟ ଗୃହର ସର୍ବଦଳୀୟ ନେତାଙ୍କ ବୈଠକ ଅନୁଷ୍ଠିତ ହେବା ଆଶା କରାଯାଉଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଉପସ୍ଥିତ ରହିପାରନ୍ତି। ଏହି ଅଧିବେଶନ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ୧ ତାରିଖରେ ବଜେଟ ଉପସ୍ଥାପନ କରାଯିବ।

ଶିକ୍ଷକଙ୍କୁ ଅଣଶୈକ୍ଷିକ କାର୍ଯ୍ୟ ଲାଗି କୁହାଯାଇପାରିବ ନାହିଁ: ହାଇକୋର୍ଟ

ନୂଆଦିଲ୍ଲୀ,୨୭।୧(ପି.ଟି.)

ସ୍କୁଲ ଶିକ୍ଷକମାନଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ କାର୍ଯ୍ୟ କରିବାକୁ କୁହାଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷା ଅଧିକାର ଆଇନ ବାହାରେ ମ୍ୟୁନିସିପାଲ କର୍ପୋରେଶନ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକମାନଙ୍କୁ କୌଣସି କାର୍ଯ୍ୟ କରିବାକୁ କହିପାରିବେ ନାହିଁ। ପରିବାର ସର୍ଭେ ଏବଂ ୱାର୍ଡ ଶିକ୍ଷା ପଞ୍ଜିକା ପ୍ରସ୍ତୁତି କାର୍ଯ୍ୟ ଲାଗି ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ଜାରି ବିଜ୍ଞପ୍ତିକୁ କୋର୍ଟ ଖାରଜ କରିଦେଇଛନ୍ତି।

ସାଂସ୍କୃତିକ ବିବିଧତା ଦେଖିଲେ ରାମାଫୋସା

ନୂଆଦିଲ୍ଲୀ,୨୭।୧(ପି.ଟି.): ଦିଲ୍ଲୀର ଐତିହାସିକ ରାଜପଥଠାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିତ୍ତାକର୍ଷକ ପରେଡ୍‌ର ଅଭିବାଦନ ଗ୍ରହଣ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ସୀଥାରମନ ଏବଂ ୩ ସେନା ମୁଖ୍ୟଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦି ଅମର ଜୱାନ ଜ୍ୟୋତିରେ ଶ୍ରଦ୍ଧାଞ୍ଜଳି ଦେବା ପରେ ପରେଡ୍ ଆରମ୍ଭ ହୋଇଥିଲା। ଇଣ୍ଡିଆନ ନ୍ୟାଶନାଲ ଆର୍ମି (ଆଇଏନ୍‌ଏ)ର ୯୦ ବର୍ଷୀୟ ୪ ଭେଟେରାନ୍ ଏଥିରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ, ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ,

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଦେବଗୌଡ଼, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଗୁଲାମ ନବୀ ଆଜାଦ୍ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ନେଲସନ ମଣ୍ଡେଲାଙ୍କ ପରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ରାଷ୍ଟ୍ରପତି ଭାବେ ରାମାଫୋସା ସମୃଦ୍ଧ ଭାରତର ସାଂସ୍କୃତିକ ବିବିଧତା ଓ ସାମରିକ ଶକ୍ତି ସହ ପରିଚିତ ହୋଇଛନ୍ତି।

ଚଳିତବର୍ଷ ସାଧାରଣତନ୍ତ୍ର ଦିବସରେ ଅହିଂସାର ପୂଜାରୀ, ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନର ନାୟକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଗୁରୁତ୍ୱ ବହନ କରିଥିଲା। ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ଼ରେ ଏହି ବିଷୟବସ୍ତୁ ପ୍ରତିଫଳିତ ହୋଇଥିଲା। ଭାରତର ସାମରିକ ସମରସଜ୍ଜାରେ ସାମିଲ୍ ହୋଇଥିବା ଆମେରିକାର ଅଲ୍‌ଟ୍ରା ଲାଇଟ୍ ଏମ୍‌୭୭୭ ଲାଇଟ୍ ହାୱିଜର ତୋପ, ସ୍ୱୟଂଚାଳିତ କେ୯ ବଜ୍ର ପ୍ରଥମଥର ରାଜପଥରେ ପ୍ରଦର୍ଶିତ ହୋଇଥିଲା। ଏଥିସହ ଟି-୯୦ ଟ୍ୟାଙ୍କ, ସର୍‌ଫେସ୍ ମାଇନ୍ କ୍ଲିୟରିଂ ସିଷ୍ଟମ, ଟ୍ରାନ୍ସପୋର୍ଟେବଲ ସାଟେଲାଇଟ୍ ଟର୍ମିନାଲ, ଟ୍ରୁପ୍ ଲେଭଲ ରାଡାର ସୋ' ଏବଂ ପ୍ରଥମଥର ଆସାମ ରାଇଫଲ୍ସ ମହିଳା ଦଳଙ୍କ ନାରୀଶକ୍ତି ଏଥର ଇତିହାସ ସୃଷ୍ଟି କରିଥିବା କୁହାଯାଇଛି।

ଡ୍ୟାମ୍ ଭୁଶୁଡ଼ି ୪୦ ମୃତ

ବ୍ରୁମାଡିନୋ (ବ୍ରାଜିଲ),୨୭।୧(ଏଏଫ୍‌ପି)

ବ୍ରାଜିଲ୍‌ର ଏକ ଡ୍ୟାମ୍ ଭୁଶୁଡିବାରୁ ୪୦ଜଣଙ୍କର ମୃତ୍ୟୁ ଘଟିବା ସହ ୩୦୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଛନ୍ତି। ଡ୍ୟାମ୍ ଭୁଶୁଡି ପଙ୍କ କାଦୁଅ ମାଡ଼ିଆସିବାରୁ ଅନେକ ଘର ଏବଂ ଗାଡି ପୋତିହୋଇପଡିଥିଲା। ୧୭୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ୧୦୦୦ ସୈନ୍ୟ, ଅଗ୍ନିଶମ କର୍ମଚାରୀଙ୍କ ସମେତ ବହୁସଂଖ୍ୟାରେ ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ରାଷ୍ଟ୍ରପତି ଜାଏର ବୋଲସୋନାରୋ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

DSPL-374

କଲ୍ୟାଣ ମଣ୍ଡପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ
ଝରିଗାଁ, ଜିଲ୍ଲା-ନବରଙ୍ଗପୁର
ତା.୨୮.୦୧.୨୦୧୯

ମୁଖ୍ୟ ଅତିଥି:
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାଝୀ,
ମାନ୍ୟବର ମନ୍ତ୍ରୀ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ,
ପଂଚାୟତିରାଜ ଏବଂ ପାନୀୟ ଜଳ, ଓଡିଶା

ସମ୍ମାନୀତ ଅତିଥି:
ଶ୍ରୀଯୁକ୍ତ ବଳଭଦ୍ର ମାଝୀ,
ମାନ୍ୟବର ସାଂସଦ, ନବରଙ୍ଗପୁର
ଶ୍ରୀଯୁକ୍ତ ମୋହନ ନାୟକ,
ଜିଲ୍ଲାପରିଷଦ ସଭ୍ୟ, ଝରିଗାଁ
ଶ୍ରୀମତୀ ରମୁଲା ଗଣ୍ଡ,
ଅଧ୍ୟକ୍ଷା, ଝରିଗାଁ ପଂଚାୟତ ସମିତି
ଶ୍ରୀମତୀ ଅବନ୍ତୀ ପୁଜାରୀ,
ସରପଂଚ, ଝରିଗାଁ ଗ୍ରାମପଂଚାୟତ
କୁମାରୀ ମଂଜୁଲତା ପନକା,
ଉପାଧ୍ୟକ୍ଷା, ଝରିଗାଁ ପଂଚାୟତ ସମିତି
ଶ୍ରୀଯୁକ୍ତ ନିରଞ୍ଜନ ସାନ୍ତା,
ସମିତି ସଭ୍ୟ, ଝରିଗାଁ

ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା

19001/13/0037/1819

ନାଚିଲେ ମାଧୁରୀ, ଅନିଲ

ମୁମ୍ବାଇ: ଲୋକପ୍ରିୟ ଚଳଚ୍ଚିତ୍ର 'ରାମ ଲଖନ୍' ରିଲିଜ ହେବାର ୩୦ବର୍ଷ ପୂର୍ତ୍ତି ପାଳିତ ହୋଇଥିବା ବେଳେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଏବଂ ଅନିଲ କପୁର ପୂର୍ବସ୍ମୃତି ମନେପକାଇ ସେହି ସିନେମା ସଂଗୀତର ତାଳେ ତାଳେ ନୃତ୍ୟ କରିଛନ୍ତି। ଏହି ଫିଲ୍ମର ଗୀତ ଓ ନୃତ୍ୟ ୩୦ବର୍ଷ ତଳର ସୁନ୍ଦର ସ୍ମୃତିକୁ ମନେପକାଇ ଦିଏ। ରାମ ଲଖନ୍ ଟିମ୍‌ରେ କାର୍ଯ୍ୟକରିବା ଖୁବ୍ ମୁଗ୍‌ଧକର ଥିଲା ବୋଲି ମାଧୁରୀ ରବିବାର ଟୁଇଟ୍ କରିଛନ୍ତି। ୨୮ ସେକେଣ୍ଡର ଏହି ଭିଡିଓରେ ମାଧୁରୀ 'ବଡ ଦୁଃଖ ଦିନ୍ ଓ ରାମ୍‌ଜୀ' ଗୀତର ଅବତାରଣା କରିଥିବା ବେଳେ ଅନିଲ ମଧ୍ୟ 'ମାଇଁ ନେମ୍ ଇଜ୍ ଲଖନ୍' ଗୀତରେ ତାଙ୍କ ସହ ନୃତ୍ୟରେ ସାମିଲ ହୋଇଥିଲେ। ସୁଭାଷ ଘାଇଙ୍କ ନିର୍ଦ୍ଦେଶିତ ତଥା ଅପରାଧମୂଳକ କାହାଣୀ ଭିତ୍ତିକ ଏହି ଫିଲ୍ମ ୧୯୮୯ରେ ରିଲିଜ ହୋଇଥିଲା। ଏଥିରେ ଅନିଲ କପୁର, ଜ୍ୟାକି ଶ୍ରଫ୍, ମାଧୁରୀ, ଡିମ୍ପଲ କପାଡିଆ, ରାଖୀ ଏବଂ ଅନୁପମ ଖେର ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଫିଲ୍ମର କାହାଣୀ ଦୁଇଭାଇଙ୍କ ଚରିତ୍ରକୁ ନେଇ ଗଢ଼ିଉଠିଛି। ଉଭୟ ପୋଲିସ ଚାକିରି କରିଥିଲେ ବି ଜଣେ ସଚ୍ଚୋଟ ପୋଲିସ ଅଫିସର ହୋଇଥିବା ବେଳେ ଅନ୍ୟ ଜଣେ ନିଜର କ୍ଷମତାର ଅପପ୍ରୟୋଗ କରି କିପରି ଟଙ୍କା ପାଇଁ ସ୍ମଗ୍‌ଲରଙ୍କୁ ସାହାଯ୍ୟ କରୁଛି ତାହା ବର୍ଣ୍ଣନା କରାଯାଇଛି। ସୁଭାଷ ଘାଇ ମଧ୍ୟ ରାମ ଲଖନ୍‌ର ୩୦ବର୍ଷ ପୂର୍ତ୍ତିରେ ନିଜର ଅନୁଭୂତି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। କାହାଣୀକୁ ବାଦ୍ ଦେଲେ 'ମାଇଁ ନେମ୍ ଇଜ୍ ଲଖନ୍', 'ତେରା ନାମ୍ ଲିୟା' ଏବଂ 'ମେରେ ଦୋ ଅନମୋଲ୍ ରତନ' ଭଳି ହିଟ୍ ଗୀତ ଏବେ ବି ବହୁ ଶ୍ରୋତାଙ୍କୁ ବାନ୍ଧିରଖି ପାରିଛି।

[ଇତିହାସର ଆଇନାରେ]

ଜାନୁୟାରୀ ୨୮ର ପ୍ରମୁଖ ଘଟଣା

୧୫୪୭ ଜାନୁୟାରୀ ୨୮ରେ ହେନେରୀ ଅଷ୍ଟମଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ୯ବର୍ଷର ପୁତ୍ର ଏଡୱାର୍ଡ ଷଷ୍ଠଙ୍କୁ ରାଜଗାଦିରେ ଆସୀନ କରାଯାଇଥିଲା। ହେନେରୀ ଅଷ୍ଟମ ମୃତ୍ୟୁ ପର୍ଯ୍ୟନ୍ତ ଇଂଲଣ୍ଡର ରାଜା ଥିଲେ। ସେ ଥିଲେ ଦ୍ୱିତୀୟ ଟ୍ୟୁଡର ରାଜା। ତାଙ୍କ ପିତା ହେନେରୀ ସପ୍ତମଙ୍କର ସେ ଉତ୍ତରାଧିକାରୀ ଥିଲେ। ହେନେରୀ ଜୀବନକାଳ ମଧ୍ୟରେ ୬ଥର ବିବାହ କରି ଚର୍ଚ୍ଚାରେ ଥିଲେ।

୨୦୦୬ ଜାନୁୟାରୀ ୨୮ରେ ପୋଲାଣ୍ଡର କାଟୋୱାଇସ୍ ଇଣ୍ଟରନ୍ୟାଶନାଲ ଫେୟାର ଭବନର ଛାତ ଭୁଶୁଡି ପଡିବାରୁ ୬୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭୦ ବ୍ୟକ୍ତି ଆହତ ହୋଇଥିଲେ। ଛାତରେ ପ୍ରବଳ ବରଫପାତ ଯୋଗୁ ଏହା ଭୁଶୁଡି ପଡିଥିଲା। କାଟୋୱାଇସ୍ ଇଣ୍ଟରନ୍ୟାଶନାଲ ଫେୟାର ହେଉଛି ଏକ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଭବନ ଏବଂ ପୋଲାଣ୍ଡର ସର୍ବବୃହତ୍ ଅଟ୍ଟାଳିକା। ପ୍ରତିବର୍ଷ ଏଠାରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ।

ବିଜେଡି କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର,୨୭।୧(ବ୍ୟୁରୋ): ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତୋଳନ ସମୟରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ନିର୍ବାଚନ ନ ଲଢ଼ି ପ୍ରଚାର କରିବେ ଶ୍ରୀକାନ୍ତ

ଭୁବନେଶ୍ୱର,୨୭।୧(ବ୍ୟୁରୋ)

- ୩୧ରେ କେଜ୍‌ରିୱାଲଙ୍କ ସହ ମିଶି ଲୋୟର ପିଏମ୍‌ଜିରେ ଦେବେ ଉଦ୍‌ବୋଧନ
- ସାମାଜିକ ନ୍ୟାୟ ଅଭିଯାନକୁ ବିଏସ୍‌ପି, ଏସ୍‌ପି, ଏଏପିର ସମର୍ଥନ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ୨୦୧୯ ସାଧାରଣ ନିର୍ବାଚନ ଲଢ଼ିବେ ନାହିଁ କି କୌଣସି ରାଜନୈତିକ ଦଳରେ ଯୋଗଦେବେ ନାହିଁ। ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ସାରା ରାଜ୍ୟର ବିଭିନ୍ନ ଆଡ଼େ ସଭା କରିବେ। ମାଫିଆଙ୍କ କବଳରୁ ରାଜ୍ୟ ରାଜନୀତିକୁ ବଞ୍ଚାଇବା ପାଇଁ ଜନଗଣଙ୍କୁ ସଚେତନ କରାଇବେ। ରାଜ୍ୟକୁ ଲୁଟ୍ କରୁଥିବା ଦୁଇ ପଟ୍ଟନାୟକ ପରିବାରର ମୁଖା ଖୋଲିବେ ବୋଲି ସେ ଘୋଷଣା କରିଛନ୍ତି। ସେ ନିର୍ବାଚନ ନ ଲଢ଼ିବା ନେଇ ଶ୍ରୀକାନ୍ତ ରବିବାର ସ୍ପଷ୍ଟ କରିଛନ୍ତି। ସେହିପରି ଚଳିତ ମାସ ୩୧ରେ ସାମାଜିକ ନ୍ୟାୟ ସଙ୍ଗଠନ ପକ୍ଷରୁ ରାଜଧାନୀସ୍ଥିତ ଲୋୟର ପିଏମ୍‌ଜିରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେବେ। ଏହି ସଭାକୁ ମୁଖ୍ୟଅତିଥି ଭାବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଆସୁଛନ୍ତି। ବିଏସ୍‌ପିରେ ଯୋଗଦେବାକୁ ଥିବା ପୂର୍ବତନ ବିଧାୟକ କୃଷ୍ଣ ଶଗରିଆ ମଧ୍ୟ ଉକ୍ତ ଦିନ ଉପସ୍ଥିତ ରହିବେ। ତେଣୁ ଶ୍ରୀକାନ୍ତ, ଅରବିନ୍ଦ ଏବଂ ଶଗରିଆଙ୍କ ବକ୍ତବ୍ୟ କ'ଣ ରହିବ, ତାହାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି।

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଦ୍ଧିଜୀବୀ ସମ୍ମିଳନୀରେ ଶ୍ରୀକାନ୍ତଙ୍କ ମତ ଏବଂ ଉପସ୍ଥାପନ କରାଯାଇଥିବା ପ୍ରସଙ୍ଗକୁ ସମର୍ଥନ କରୁଥିବା ସ୍ୱୀକାର କରିଛନ୍ତି। ହେଲେ ବର୍ତ୍ତମାନ ପରିସ୍ଥିତିରେ ତାଙ୍କର କିଛି ବାଧ୍ୟବାଧକତା ରହିଥିବା ସ୍ୱୀକାର କରିଛନ୍ତି, ଏହାକୁ ନେଇ ଶ୍ରୀକାନ୍ତ ରାହୁଲ ଗାନ୍ଧୀଙ୍କୁ ରବିବାର ଏକ ପତ୍ର ଲେଖିଛନ୍ତି। ପତ୍ର ମାଧ୍ୟମରେ ଶ୍ରୀକାନ୍ତ କହିଛନ୍ତି ଯେ, ତାଙ୍କ ମତକୁ ରାହୁଲ ସମ୍ମାନ ଦେଇଥିବାରୁ ଧନ୍ୟବାଦ। ରାହୁଲଙ୍କ ବାଧ୍ୟବାଧକତା ସେ ବୁଝିପାରିଛନ୍ତି। ତେଣୁ ତାଙ୍କ ଦ୍ୱାରା ଉଠାଯାଇଥିବା ବହୁକୋଟି ଟଙ୍କାର ଖଣି ଲୁଟ୍ ଏବଂ ସାମାଜିକ ନ୍ୟାୟ ପ୍ରସଙ୍ଗ ସମ୍ପର୍କରେ ରାହୁଲ ସାଧାରଣ ସଭାରେ ଉଠାଇ ନ ଥିବା ଶ୍ରୀକାନ୍ତ କହିଛନ୍ତି। ଓଡ଼ିଶା ଅର୍ଥନୀତି ଭୁଶୁଡ଼ିବାର ମୂଳ କାରଣ ଖଣି ଲୁଟ୍। ହେଲେ ଆପଣ ଖଣି ଲୁଟ୍‌ର ମୁଖ୍ୟଙ୍କ ସହ ମଞ୍ଚରେ ବସିଥିବାରୁ, ସେ ସମ୍ପର୍କରେ କିଛି କହିଲେ ନାହିଁ। ତେଣୁ ଓଡ଼ିଶାରେ ଲୁଟେରାଙ୍କ ସହ ମଞ୍ଚାସୀନ ହୋଇ ସାରା ଭାରତରେ 'ଚୌକିଦାର ଚୋର ହେଁ' କିପରି କହୁଛନ୍ତି। ଓଡ଼ିଶା କ'ଣ ଭାରତର ଅଂଶ ନୁହେଁ କି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। ସେହିଭଳି କଂଗ୍ରେସ ଦଳ ଉପରେ ସେ ରାଗିନାହାନ୍ତି। ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସିବା ସହ ଯୁବାବସ୍ଥାରୁ ୧୯୬୯ରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସରେ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ଗୋପବନ୍ଧୁ ଦାସଙ୍କ ଆଦର୍ଶ ହିଁ କଂଗ୍ରେସର ପରିଚୟ। ସାଧାରଣ ନାଗରିକ ଭାବେ ସେହି ଆଦର୍ଶକୁ ନେଇ କାର୍ଯ୍ୟ କରିବେ। ତେଣୁ ତାଙ୍କ ଦ୍ୱାରା ଉପସ୍ଥାପିତ ପ୍ରସଙ୍ଗ ଉପରେ ରାହୁଲ ପ୍ରତିକ୍ରିୟା ରଖିବେ ବୋଲି ଶ୍ରୀକାନ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।

ସାମାଜିକ ନ୍ୟାୟ ସଙ୍ଗଠନ ଅଭିଯାନରେ ବିଏସ୍‌ପି, ଏସ୍‌ପି ଏବଂ ଏଏପି ଯୋଡ଼ିହୋଇଛି। ଆଗାମୀ ଦିନରେ ଅନ୍ୟ କେତେକ ଜାତୀୟ ଦଳ ଏହି ଅଭିଯାନରେ ସାମିଲ ହୋଇପାରନ୍ତି ବୋଲି ସୂଚନା ମିଳିଛି। ଖଣି ଲୁଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସାମାଜିକ ନ୍ୟାୟ ପ୍ରତିଷ୍ଠା, ମଣ୍ଡଳ କମିଶନ ସୁପାରିସ ଲାଗୁ ଏବଂ ପଛୁଆ ବର୍ଗର ରାଜନୈତିକ ଅଧିକାରକୁ ଯେଉଁ ଦଳ କିମ୍ବା ପ୍ରାର୍ଥୀ ସମର୍ଥନ କରିବ, ତାଙ୍କ ପାଇଁ ସେ ପ୍ରଚାର କରିବେ ବୋଲି ଶ୍ରୀକାନ୍ତ କହିଛନ୍ତି। ତେଣୁ ଆସନ୍ତା ୩୧ରେ ଲୋୟର ପିଏମ୍‌ଜିରେ ହେବାକୁ ଥିବା ସଭାରେ ଅରବିନ୍ଦ ଏବଂ ଶ୍ରୀକାନ୍ତଙ୍କ ବକ୍ତବ୍ୟ କ'ଣ ରହୁଛି, ରାଜ୍ୟରେ ଉଭୟଙ୍କ ରାଜନୈତିକ ଭବିଷ୍ୟତ ଏବଂ କାର୍ଯ୍ୟପନ୍ଥୀକୁ ନେଇ କି ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ବିମାନ ଯୋଗେ ଦିଲ୍ଲୀ ଯାଇଥିବାବେଳେ ଓଡ଼ିଶା ଭବନରେ ସେ ରାତ୍ରିଯାପନ କରିବେ। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପସ୍ଥାପନ କରିବେ। ସୋମବାର ଓଡ଼ିଶା ଭବନଠାରେ କେନ୍ଦ୍ରର ବିଭିନ୍ନ ମନ୍ତ୍ରଣାଳୟରେ ରାଜ୍ୟର ଯେଉଁସବୁ କାର୍ଯ୍ୟ ପଡି ରହିଛି ସେନେଇ ଆଲୋଚନା କରିବେ। ୨୦୧୯ ସାଧାରଣ ନିର୍ବାଚନକୁ ଖୁବ୍ ସମୟ ରହିଛି। ତେଣୁ ଏହି ସମୟ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକୁ ଶେଷ କରିବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହାସହ ଚଳିତ ଆର୍ଥିକବର୍ଷ ପାଇଁ କେନ୍ଦ୍ର ବକେୟା ରଖିଥିବା ଅର୍ଥକୁ ତୁରନ୍ତ ମଞ୍ଜୁର କରିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ବିଶେଷତଃ ଆଲୋଚନା କରିବେ।

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରୋଜାଲିନ୍
ପରିବାରବର୍ଗ

ପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପରଲୋକରେ ରାମଚନ୍ଦ୍ର ପ୍ରତିହାରୀ

ପୁରୀ ଅଫିସ,୨୭।୧

ବିଶିଷ୍ଟ ମଞ୍ଚ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ତଥା ବର୍ଷିଆନ ଚଳଚ୍ଚିତ୍ର କଳାକାର ରାମଚନ୍ଦ୍ର ପ୍ରତିହାରୀ ଆଉ ନାହାନ୍ତି। ରବିବାର ଅପରାହ୍ନରେ ଅନ୍ନପୂର୍ଣ୍ଣା ଥିଏଟର ପରିସର ବାସଭବନରେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ମଞ୍ଚ ଜଗତର ଭୀଷ୍ମ ପିତାମହ ଭାବେ ପରିଚିତ ୮୩ ବର୍ଷୀୟ ରାମଚନ୍ଦ୍ର ଅସୁସ୍ଥତା ଯୋଗୁ କିଛିଦିନ ହେବ ଶଯ୍ୟାଶାୟୀ ଥିଲେ। ଦୀର୍ଘ ୬୩ ବର୍ଷ ଧରି ମଞ୍ଚ ନାଟକ ଓ ଚଳଚ୍ଚିତ୍ର ଜଗତ ସହିତ ରହିଆସିଥିବା ଏହି ଅଭିନେତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ ପୂର୍ବତନ ସଂସ୍କୃତି ସହ-ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବରିଷ୍ଠ ଅଭିନେତା ପ୍ରଦୀପ ନାୟକ, ପୁରୀ ଆସୋସିଏଶନ ସଭାପତି ବିକାଶ ଦତ୍ତ, ସମ୍ପାଦକ ରାମକୃଷ୍ଣ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, କଳାକାର ଓ କଳାପ୍ରେମୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ପ୍ରଦୀପ ପ୍ରତିହାରୀ ମୁଖାଗ୍ନି ଦେଇଥିଲେ।

୧୯୩୬ ଜାନୁୟାରୀ ୧୭ରେ ପୁରୀ ହରଚଣ୍ଡୀ ସାହିସ୍ଥିତ ଶ୍ରୀମନ୍ଦିର ସେବାୟତ(ସୂପକାର) ପରିବାରରେ ରାମଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ। ପିତା ଜମ୍ବେଶ୍ୱର ପ୍ରତିହାରୀ ଓ ମାତା ଗୌରୀମଣି ଦେବୀଙ୍କ ସୁପୁତ୍ର ରାମଚନ୍ଦ୍ରଙ୍କଠାରେ ପିଲାଟି ଦିନରୁ କଳା ପ୍ରତିଭା ବାରିହୋଇ ପଡ଼ିଥିଲା। ଗୌଡବାଡ ସାହି ପ୍ରାଥମିକ ବିଦ୍ୟାଳୟରେ ପଢୁଥିବାବେଳେ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବରେ 'ରାମରାଜ୍ୟ' ନାଟକରେ ରାମ ଭୂମିକାରେ ଅଭିନୟ କରି ସମସ୍ତଙ୍କ ନଜରକୁ ଆସିଥିଲେ। ହାଇସ୍କୁଲ୍ ଓ କଲେଜ ପଢ଼ା ସମୟରେ ମଧ୍ୟ ଏକାଧିକ ନାଟକରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଣ୍ଟିଥିଲେ। ୧୯୫୧ରେ ପୁରୀ ଉତ୍କଳ ନାଟ୍ୟ ସଂଘ ପକ୍ଷରୁ ଆୟୋଜିତ ନାଟକ 'କର୍ଣ୍ଣାର୍ଜୁନ' ଥିଲା ମଞ୍ଚ ନାଟକରେ ପ୍ରଥମ ଅଭିନୟ। ପରେ 'ସ୍ୱର୍ଣ୍ଣଲଙ୍କା', 'ଦେବଳା ଦେବୀ', 'କାରଗାର' ଓ 'ଚକ୍ରଧାରା' ନାଟକ ତାଙ୍କୁ ଜଣେ ଅଭିନେତା ଭାବେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ମଞ୍ଚ ଅଭିନୟ ଲାଗି ସେ ୨୦ବର୍ଷ ବୟସରେ ଘର ଛାଡି ୧୯୫୬ ନଭେମ୍ବର ୧୭ରେ କଟକସ୍ଥିତ ଜନତା ରଙ୍ଗ ମଞ୍ଚରେ ଯୋଗଦାନ କରିଥିଲେ। ଏହି ସମୟରେ ବଳାଇ ଚାନ୍ଦ ବାନାର୍ଜୀ, କୃଷ୍ଣଚନ୍ଦ୍ର ପ୍ରତିହାରୀ, ରାଧାମୋହନ ମହାପାତ୍ରଙ୍କ ଭଳି ଲବ୍ଧ ପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାପରେ ରାମଚନ୍ଦ୍ର ଆଉ ପଛକୁ ଫେରି ନାହାନ୍ତି। ସେ ଦୁଇ ଶହରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଥିବାବେଳେ ଶହେରୁ ଊର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି। ୧୯୫୭ରେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ମାନ୍ୟତା ପାଇଥିଲେ। ୧୯୬୦ରେ କଟକ ଘୋଷବଜାରସ୍ଥିତ ମଡର୍ନ ନାଟ୍ୟ ପ୍ରତିଷ୍ଠାନରେ ଯୋଗଦେଇ ପାୟଲ, କଙ୍କନ ଓ ବନ୍ଧନ ହିନ୍ଦୀ ନାଟକରେ ନିର୍ଦ୍ଦେଶନା ଦେଇଥିଲେ। ୧୯୬୧ରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ଏ-ଗ୍ରୁପ୍‌ରେ ଜଣେ ଅଭିନେତା ତଥା ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ମଞ୍ଚ ଅଭିନୟ ସହ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ମଧ୍ୟ ସେ ନିଜକୁ ବେଶ୍ ପ୍ରତିଷ୍ଠିତ କରିପାରିଥିଲେ। ୧୯୭୫ରେ ଦୂରଦର୍ଶନ ଭୁବନେଶ୍ୱର ଓ କଟକ ଦ୍ୱାରା ପରିବେଷିତ ୧୪ ଟେଲି ଧାରାବାହିକରେ ଅଭିନୟ କରିଥିଲେ। ସେହିଭଳି ନୀଳମାଧବ, ନୂଆବୋଉ, ମାଣିକଯୋଡି, ଭାଇଭାଉଜ, କିଏ କାହାର, ଘରସଂସାର ଆଦି ୨୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଅନ୍ୟପକ୍ଷରେ 'ଶ୍ରୀକ୍ଷେତ୍ରରେ ଚନ୍ଦନଯାତ୍ରା' ଓ 'ପୁରୀକୁ ଚୈତନ୍ୟ ମହାପ୍ରଭୁଙ୍କ ଆଗମନ' ନାମକ ଦୁଇଟି ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ସେ ଅପେରା ଜଗତ ସହିତ ମଧ୍ୟ ଜଡିତ ଥିଲେ। ଉତ୍ତରକୂଳ ଅପେରାରେ ୧୦ଟି, ମଙ୍ଗଳା ଗଣନାଟ୍ୟରେ ୨ଟି, ବାଣେଶ୍ୱରୀ ଗଣନାଟ୍ୟରେ ୧୨ଟି ନାଟକରେ ସେ ନିର୍ଦ୍ଦେଶନା ଦେଇଥିଲେ। ପୁରୀର ଓଡ଼ିଶା ସଙ୍ଗୀତ ପରିଷଦରେ ଗୁରୁ ନୃସିଂହନାଥ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ସୀତାର ବାଦନ ଶିକ୍ଷାଗ୍ରହଣ କରିବା ସହ ବିଭିନ୍ନ ବାଦ୍ୟରେ ତାଙ୍କର ଅଭିଜ୍ଞତା ଥିଲା।

ନିଖୁଣ ଅଭିନୟ ତଥା ନିର୍ଦ୍ଦେଶନା ଲାଗି ରାମଚନ୍ଦ୍ର ରାଜ୍ୟ ତଥା ଜାତୀୟ ସ୍ତରରେ ୫୪ରୁ ଊର୍ଦ୍ଧ୍ୱ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ଏଥିମଧ୍ୟରେ ଶ୍ରେଷ୍ଠ ଅଭିନେତା ପୁରସ୍କାର, ଜୟଦେବ ପୁରସ୍କାର, ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ, ଓଡ଼ିଶା ସଙ୍ଗୀତ ଏକାଡେମୀ ସମ୍ମାନ, ନାଟ୍ୟ ସମ୍ରାଟ ଅନ୍ୟତମ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ
ଆଜିର ଚନ୍ଦ୍ର ରାହୁ ନକ୍ଷତ୍ରରେ ଅବସ୍ଥାନ କରି ଭୁଲ୍ ବୁଝାମଣାରୁ ପାରିବାରିକ କିମ୍ବା ବନ୍ଧୁମାନଙ୍କ ସହ ମନାନ୍ତର ସୃଷ୍ଟି କରିବ। ଟଙ୍କା,ପଇସାର ଅଭାବ ରହିବ ନାହିଁ, କିନ୍ତୁ ସମ୍ପର୍କୀୟମାନଙ୍କ ବେପରୁଆ ଓ ଖାପଛଡ଼ା କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

ବୃଷ
ମିତ୍ର ବୁଧଙ୍କ ନକ୍ଷତ୍ରସ୍ଥ ଶୁକ୍ର ଯାତ୍ରାରେ ଲକ୍ଷ୍ୟପୂରଣ କରିବା ସହ ବାଣିଜ୍ୟ,ବ୍ୟବସାୟରେ ସୁଫଳ ପ୍ରଦାନ କରିବେ। ସଭାସମିତିରେ ବନ୍ଧୁମିଳନ ଘଟିବ ଏବଂ ହାତକୁ ଦି'ପଇସା ମଧ୍ୟ ବିଭିନ୍ନ ବାଟରୁ ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। କୌଣସି ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

ମିଥୁନ
ବୁଧ ଧନାଧିପ ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ହୋଇ ବନ୍ଧୁଙ୍କ ଅନୁରୋଧରୁ କିମ୍ବା ସନ୍ତାନ ହେତୁକ ଅର୍ଥର ଆବଶ୍ୟକତାକୁ ପୂରଣ କରିପାରିବେ। ଖୋଜୁଥିବା ବ୍ୟକ୍ତି ହଠାତ୍ ପାଖକୁ ସ୍ୱତଃ ପ୍ରବୃତ୍ତଭାବରେ ଚାଲି ଆସିବ। ପାରିବାରିକ ସମସ୍ୟା ପୂର୍ବପରି ରହିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

କର୍କଟ
ଆଜିର ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟିହୀନତା କାରଣରୁ ପାରିବାରିକ ପ୍ରତିକୂଳତା ଆପଣଙ୍କ ଉପରେ କୌଣସି ପ୍ରଭାବ ପକାଇପାରିବ ନାହିଁ। କିନ୍ତୁ କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଟେନ୍‌ସନ ବୃଦ୍ଧି ପାଇବ। ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିବେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରି ଅପଦସ୍ଥ ହୋଇପାରନ୍ତି।

ସିଂହ
ରବି ଚନ୍ଦ୍ରଙ୍କ କେନ୍ଦ୍ରରେ ବୁଧଗ୍ରହ କେତୁଯୁକ୍ତ କାରଣରୁ ଅର୍ଥପ୍ରାପ୍ତିରେ କୌଣସି ସମସ୍ୟା ଉପୁଜିବା ଆଶଙ୍କା ରହିଛି। ସାମାନ୍ୟ ଅବହେଳାରୁ ବଡ଼ ସୁଯୋଗଟିଏ ହାତଛଡ଼ା ହେବା ଅନୁଭବ କରିପାରନ୍ତି। ସଭାସମିତିରେ ଆଲୋଚନା, ଚୁକ୍ତିପତ୍ର, ଶିକ୍ଷା, ଯାତ୍ରା, ବ୍ୟବସାୟ, ବାଣିଜ୍ୟରେ ଝଟକା ଲାଗିପାରେ।

କନ୍ୟା
ରାଶି ଓ ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ଭାଇ,ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ କଳହର କାରଣ ହୋଇପାରେ। ଯାହା ଆଶା କରୁଛନ୍ତି ତାହା ପାଇବା ସହଜସାଧ୍ୟ ହେବନି। ପରିବାରର ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। କଳା,ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ କୌଣସି ଶୁଭଖବର ପାଇ ଉତ୍‌ଫୁଲ୍ଲିତ ହୋଇପାରନ୍ତି।

ତୁଳା
ରାଜଯୋଗକାରକ ଶନିଙ୍କ ଦୃଷ୍ଟି ରାଶି କିମ୍ବା ରାଶ୍ୟାଧିପତିଙ୍କ ଉପରେ ପଡୁ ନ ଥିବାରୁ ସବୁ ସୁଯୋଗ ହାତକୁ ଆସି ବାଏଁ ବାଏଁ ଚାଲିଯାଇପାରେ। ସକାଳୁ ସକାଳୁ ଜଣେ ନୂତନ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ସବୁ ଅଭାବ, ଅସୁବିଧାକୁ ପଛରେ ପକାଇ କୌଣସି ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଗ୍ରାଧିକାର ଦେଇପାରନ୍ତି।

ବିଛା
ରାଶିରେ ଦୁଇ ଶୁଭ ଗ୍ରହ ଥିଲେ ମଧ୍ୟ ବଳବାନ୍ ରାହୁଙ୍କ ନବମଦୃଷ୍ଟି ପ୍ରତ୍ୟେକ ପରିସ୍ଥିତିକୁ ବିଗାଡ଼ିଦେବାରେ ସମର୍ଥ ହେବ। ଯାତ୍ରା, ଯୋଗାଯୋଗ, ସତ୍‌ସଙ୍ଗ, ଆଲୋଚନା, ଜାରି ରଖିଲେ କେତେକାଂଶରେ ଧନିଷ୍ଠା ନକ୍ଷତ୍ର ଉପକୃତ ହୋଇପାରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ କ୍ଷେତ୍ରରେ ତତ୍ପର ରହିବେ।

ଧନୁ
ଆଜି ଯାହା ଚିନ୍ତା କରୁଛନ୍ତି ତାହା କାମ ସମୟକୁ ଓଲଟା ହୋଇଯିବା ଆଶଙ୍କା ରହିଛି। ଦୃଢ଼ ମନୋବଳ ନେଇ କାମ କରିବାର ସୁଯୋଗ ପାଇବେ, ଯଦ୍ୱାରା ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ପରିବାର, କର୍ମକ୍ଷେତ୍ର, ବନ୍ଧୁବର୍ଗ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବପରି ରହିବ।

ମକର
ନିଜର ବିଚାର ବୁଦ୍ଧିକୁ ଜଳାଞ୍ଜଳି ଦେଇ ଅନ୍ୟର କାନକୁହା କଥାରେ ପରିଚାଳିତ ହେଲେ ପଶ୍ଚାତ୍ତେ ମନସ୍ତାପ କରିବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ମନ କଥା ମନରେ ରଖି ବିନୟଭାବ ପୋଷଣ କରିପାରିଲେ ସୁବିଧାରେ କାମ ହାସଲ କରପାରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଲୋଚନା ଓ ରାଜନୀତି କ୍ଷେତ୍ର ପ୍ରାୟତଃ ଭଲ ରହିବ।

କୁମ୍ଭ
ଧୈର୍ଯ୍ୟ,ସାହସ ପୂର୍ଣ୍ଣମାତ୍ରାରେ ରହିଥିଲେ ମଧ୍ୟ ମଙ୍ଗଳଙ୍କ ପ୍ରଭାବରୁ ରୋକ୍‌ଠୋକ୍ କଥା ଅନ୍ୟମାନଙ୍କ ଗାତ୍ରଦାହ ସୃଷ୍ଟିକରିବ। ଆପଣଙ୍କ କାର୍ଯ୍ୟକୁ ନିଜ ଲୋକମାନେ ନିନ୍ଦାକରିପାରନ୍ତି। ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟିହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଦରକାର ପଡୁଥିବା ସମୟରେ ଅର୍ଥାଭାବ ଦୁଶ୍ଚିନ୍ତାର କାରଣ ହୋଇପାରେ।

ମୀନ
ନୂତନ କର୍ମାରମ୍ଭ ସାଙ୍ଗକୁ ସହକର୍ମୀଙ୍କ ସାହାଯ୍ୟକାରୀ ପରାମର୍ଶ ଓ ପ୍ରେରଣା କାମକୁ ଆସିବ। ପରିବାରରେ ମତାନ୍ତର ଜନିତ ଅଶାନ୍ତିର ଝଲକ ଦେଖିବାକୁ ମିଳିପାରେ। କଳା,ସାହିତ୍ୟ,ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ତଥା କୃତି ଓ କୃତିତ୍ୱରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ପ୍ରତିପ୍ରଦ ରହିବ।

ଆଜି ମାଘ କୃଷ୍ଣ ଅଷ୍ଟମୀ ସୋମବାର,ଜାନୁୟାରୀ ୨୮ ତାରିଖ,ଲାଲା ଲାଜପତ୍ ରାୟଙ୍କ ଜୟନ୍ତୀ,ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ୭।୫୨ମି. ମଧ୍ୟେ ଘ୧।୨୫ମି. ଗତେ, ଘ୨।୪୮ମି. ମଧ୍ୟେ ଘ୪।୧୧ମି. ଗତେ, ଘ୫।୩୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୫୦ମି. ଗତେ ଘ୯।୧୩ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

ଆରପାରିରେ...

ହୋଇଥିଲେ। ଏହି ଫିଲ୍ମରେ ସେ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଏହାସହ ଅନେକ ଲୋକଗୀତ ବି ଗାଇଥିଲେ। ଓଡ଼ିଆ ଭଜନ, ଛାନ୍ଦ ଓ ଜଣାଣ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରି ସେ ୮ଟି ଭଜନର ସମାହାରରେ ଏକ ମ୍ୟୁଜିକ୍ ସିଡୀ 'ଦୀନବାନ୍ଧବ' ପ୍ରସ୍ତୁତ କରିଥିଲେ। ଓଡ଼ିଆ ଭଜନର ଲୋକପ୍ରିୟତା ଦିନକୁ ଦିନ କମିଯାଉଥିବା ବେଳେ ଭଜନ ଓ ଜଣାଣର ସେହି ପୁରୁଣା ଗୌରବ ଫେରାଇ ଆଣିବାକୁ ସେ ଏହି ଭଜନ ସିଡୀ ନିଜ ଉଦ୍ୟମରେ ତିଆରି କରିଥିଲେ। ଦୂରଦର୍ଶନ ଓ ଆକାଶବାଣୀରେ ପ୍ରସାରିତ ଅର୍ଜୁନ ଚରଣଙ୍କ ବହୁ ଓଡ଼ିଆ ଗୀତ ଲୋକଙ୍କ ହୃଦୟକୁ ଛୁଇଁପାରିଥିଲା। ଆକାଶବାଣୀ ପାଇଁ ସେ ଗାଇଥିବା ଗୀତ ମଧ୍ୟରୁ 'ଯଶୋମତୀ ଜନନୀ ଗୋ ମାର ନାହିଁ ଆଉ' ସେ ସମୟର ଏକ ହିଟ୍ ଗୀତ ଥିଲା। ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପଦ ସହ ଜଣେ ପ୍ରଶାସନିକ ଅଧିକାରୀ ଭାବେ ସେ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ କେବଳ ସଙ୍ଗୀତ ଜଗତ ନୁହେଁ, ଓଡ଼ିଆ ସିନେ ଜଗତ ଏବଂ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

କିଛି ତଥ୍ୟ

୨୦୧୮ ଡିସେମ୍ବରରେ କୋଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ଦେଶର ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣରେ ୧.୯% ବୃଦ୍ଧି ଘଟି ୪୨.୪ ନିୟୁତ ଟନ ରହିଛି।
– କୋଇଲା ମନ୍ତ୍ରଣାଳୟ

ପ୍ରଥମ ପୃଷ୍ଠାରୁ...

ଓଡ଼ିଆ ଯବାନ...

ଖବର ଗାଁରେ ପହଞ୍ଚିବା ପରେ ସମସ୍ତେ ହତବାକ ହୋଇଯାଇଥିଲେ। ପରିବାର କାନ୍ଦ ବୋବାଳିରେ ଫାଟି ପଡ଼ିଥିବାବେଳେ ପୂରା ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ମା', ଦୁଇ ଭଉଣୀ, ବାପା ହେମନ୍ତଙ୍କ ଫଟୋ ଧରି ବାହୁନି କାନ୍ଦୁଛନ୍ତି।
ଅଠରାଙ୍ଗ ଗ୍ରାମର ଅବସରପ୍ରାପ୍ତ ସୁବେଦାର ମେଜର ପବିତ୍ର ମୋହନ ପଣ୍ଡାଙ୍କ ଏକମାତ୍ର ପୁଅ ଥିଲେ ହେମନ୍ତ। ୨୦୧୫ ଜାନୁୟାରୀ ୫ରେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ୧୨୦ ଗାର୍ଡ, ୪୬ ରାଷ୍ଟ୍ରୀୟ ରାଇଫଲ ବାଟାଲିୟନର (ପ୍ୟାରେଣ୍ଟ୍ ୟୁନିଟ୍) ମେକାନାଇଜ୍ ଗାର୍ଡ ଲାୟନ୍ସ ନାଏକ ଗନର ଭାବେ ସେ ପରିଚିତ ଥିଲେ। ଶନିବାର ଅପରାହ୍ନ ପ୍ରାୟ ୩ଟା ୩୩ରେ ଜମ୍ମୁ କଶ୍ମୀରର ଶ୍ରୀନଗର ବାରମୁଲା ସୀମାରେ ସର୍ଚ୍ଚ ଅପରେଶନ ଚାଲିଥିଲା। ଲୁଚି ରହିଥିବା ଆତଙ୍କବାଦୀମାନେ ଯବାନମାନଙ୍କ ଉପରକୁ ଆଖିବୁଜା ଗୁଳି ବର୍ଷଣ କରିଥିଲେ। ଯବାନମାନେ ମଧ୍ୟ ସେମାନଙ୍କୁ ଜବାବ ଦେଇଥିଲେ। ତେବେ ଆତଙ୍କବାଦୀଙ୍କ ଗୋଟିଏ ଗୁଳି ହେମନ୍ତଙ୍କ ଡାହାଣ କାନର ଉପର ମୁଣ୍ଡରେ ବାଜିଥିଲା। ଘଟଣାସ୍ଥଳରେ ହିଁ ହେମନ୍ତ ଢଳି ପଡିଥିଲେ। ସ୍ଥାନୀୟ ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମୃତଦେହ ବ୍ୟବଚ୍ଛେଦ ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଦେଇ ନୂଆଦିଲ୍ଲୀରୁ ରବିବାର ବିମାନ ଯୋଗେ ଭୁବନେଶ୍ୱର ଅଣାଯାଇଛି। ରାତି ୭ଟାରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଶହୀଦ ହେମନ୍ତଙ୍କ ମରଶରୀର ପହଞ୍ଚିବା ପରେ ଗୃହ ସଚିବ ଓ ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ୧୨୦ ବାଟାଲିୟନକୁ ନିଆଯାଇଥିଲା। ସୋମବାର ସକାଳୁ ସେଠାରୁ ମରଶରୀରକୁ ଜନ୍ମସ୍ଥାନ ଅଠରାଙ୍ଗ ଅଣାଯାଇ ପରିବାର ଲୋକଙ୍କୁ ମର୍ଯ୍ୟାଦାର ସହ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ପୁଅକୁ ହରାଇ ବାପା ପବିତ୍ର କହିଛନ୍ତି, ମୁଁ ୩୪ ବର୍ଷ ଧରି ସେନାରେ କାର୍ଯ୍ୟ କରିବା ଭିତରେ ଏପରି ସୁଯୋଗ ପାଇ ନ ଥିଲି। କିନ୍ତୁ ମୋର ଏକମାତ୍ର ପୁଅ ହେମନ୍ତ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବାରୁ ମୁଁ ଯେତିକି ଦୁଃଖିତ ତା'ଠୁ ଅଧିକ ଗର୍ବିତ। ଛୁଟି ସରିବା ପରେ ଗତ ୨୩ ତାରିଖରେ କାର୍ଯ୍ୟସ୍ଥଳକୁ ଯାଇଥିଲା। ସେ ଆସନ୍ତା ୮ ତାରିଖରେ ଘରକୁ ଫେରିବା ପାଇଁ ବିମାନ ଟିକେଟ କରିଥିଲା। ଘଟଣା ଦିନ ଅପରାହ୍ନ ପ୍ରାୟ ୩ଟା ୧୭ରେ ପୁଅ ସହ ମୋର ଶେଷ କଥାବାର୍ତ୍ତା ହୋଇଥିଲା। ୧୬ ମିନଟ ପରେ ମୋ ପାଖକୁ ଏହି ଦୁଃଖଦ ଖବର ଆସି ପହଞ୍ଚିଥିଲା।

##

ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ

ସଂକ୍ଷେପରେ

ସମାଚାର ଉପସ୍ଥାପକ ସୁବୋଧଙ୍କ ପରଲୋକ

କଟକ ଅଫିସ,୨୭।୧: କଟକ ଆକାଶବାଣୀ ଓ ଭୁବନେଶ୍ୱର ଦୂରଦର୍ଶନର ବରିଷ୍ଠ ସମାଚାର ଉପସ୍ଥାପକ ତଥା କବି ସୁବୋଧ ନାୟକଙ୍କର ରବିବାର ସକାଳେ କଟକ ବଡ଼ ଡାକ୍ତରଖାନରେ ପରଲୋକ ଘଟିଛି। ଦୂରଦର୍ଶନରେ ୧୯୮୯ରୁ ଓ ୧୯୯୨ରୁ କଟକ ଆକାଶବାଣୀରେ ସମାଚାର ଉପସ୍ଥାପନା କରିଆସୁଥିଲେ। ଉପସ୍ଥାପନାରେ ନୂତନ ଦିଗ ଉନ୍ମୋଚନ କରିବା ସହ ଅନନ୍ୟ ଶୈଳୀ ତାଙ୍କୁ ଦର୍ଶକ ଓ ଶ୍ରୋତାଙ୍କ ମହଲରେ ପରିଚିତ କରିଥିଲା। ଏପରି କି ସେ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ୧୯୬୪ ଜୁନ୍ ୨୨ରେ ସୁବୋଧ ପୁରୀ ଜିଲା କାକଟପୁର ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। କଟକସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ(କ୍ୟାଟ୍)ରେ ସେ କାର୍ଯ୍ୟ କରୁଥିଲେ। ତାଙ୍କ ପାର୍ଥିବ ଶରୀରକୁ ଆକାଶବାଣୀ କେନ୍ଦ୍ରକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଦିଆଯିବା ପରେ ସତୀଚଉରାଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ପଦ୍ମଶ୍ରୀ ଗ୍ରହଣ କରିବାକୁ ମନାକଲେ ଗୀତା

ଭୁବନେଶ୍ୱର,୨୭।୧(ପି.ଟି.)

- ପୁରସ୍କାର ଗ୍ରହଣ ନ କରିବା ରାଷ୍ଟ୍ରପତିଙ୍କୁ ଅସମ୍ମାନ: ଭାଜପା
- ଭିତିରି ବୁଝାମଣା ପଦାରେ ପଡିବା ଭୟ: କଂଗ୍ରେସ
- ଏହା ଗୀତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି: ବିଜେଡି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ଭଉଣୀ ତଥା ବିଶିଷ୍ଟ ଲେଖିକା ଗୀତା ମେହେଟ୍ଟା ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିବାକୁ ବିନମ୍ରତାର ସହ ମନା କରିଦେଇଛନ୍ତି। ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିବାରୁ ସେ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ନିର୍ବାଚନ ବର୍ଷରେ ପୁରସ୍କାର ପ୍ରଦାନ ଭୁଲ୍ ଅର୍ଥ ସୃଷ୍ଟି କରିପାରେ ବୋଲି ସେ କହିଛନ୍ତି।

ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଗୀତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ନିମନ୍ତେ ଶୁକ୍ରବାର କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏହି ପୁରସ୍କାର ଲାଗି ସରକାର ତାଙ୍କୁ ଉପଯୁକ୍ତ ବିବେଚନା କରିଥିବାରୁ ସେ ଯଥେଷ୍ଟ ସମ୍ମାନିତ ଅନୁଭବ କରୁଛନ୍ତି। ତେବେ ଆଗକୁ ସାଧାରଣ ନିର୍ବାଚନ ଏବଂ ଓଡ଼ିଶା ବିଧାନସଭା ନିର୍ବାଚନ ଥିବାରୁ ପୁରସ୍କାର ପ୍ରଦାନର ସମୟ ଭୁଲ୍ ଅର୍ଥ ସୃଷ୍ଟି କରିପାରେ। ସେଥିପାଇଁ ଦୁଃଖର ସହ ଏହାକୁ ଗ୍ରହଣ କରିବାକୁ ମନା କରିଥିବା ସେ କହିଛନ୍ତି। ଗୀତା ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିବାକୁ ମନା କରିଦେବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଛି। ପୁରସ୍କାର ଗ୍ରହଣ ନ କରିବା ନିଷ୍ପତ୍ତି ଠିକ୍ ନୁହେଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ସମସ୍ତ ଘଟଣାରୁ ଭାଜପା ଏବଂ ବିଜୁ ଜନତା ଦଳ (ବିଜେଡି) ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଥିବା ସ୍ପଷ୍ଟ ହେଉଛି ବୋଲି କଂଗ୍ରେସ କହିଛି। ଏହା ସହ ବରିଷ୍ଠ ନେତା ଦିଲୀପ ରାୟ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଦିଆଯିବା ନେଇ ଦାବି କରିଛନ୍ତି। କିଛି ଦିନ ତଳେ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ସେ ଅନୁରୋଧ କରିଥିଲେ। ସରକାରଙ୍କ ପକ୍ଷରୁ ଭାରତରତ୍ନ ପ୍ରଦାନ ସମ୍ପର୍କିତ ତାଲିକା ପ୍ରକାଶ ପାଇଥିବାବେଳେ ଏଥିରେ ବିଜୁ ପଟ୍ଟନାୟକଙ୍କ ନାମ ନ ରହିବା ନେଇ ଦିଲୀପ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସରକାର ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ ନ କରିବା ଏକ ଜାତୀୟ ଧୋକା ବୋଲି ଦିଲୀପ କହିଛନ୍ତି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପୁରସ୍କାର ଗ୍ରହଣ କରିବା ନ କରିବା ଉକ୍ତ ବ୍ୟକ୍ତି ଉପରେ ନିର୍ଭର କରେ। ତେବେ ଏକ ଜାତୀୟ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିବା ଭାରତର ରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ। ଅନ୍ୟପକ୍ଷରେ ଭାଜପା-ବିଜେଡି ମଧ୍ୟରେ ଥିବା ଭିତିରି ବୁଝାମଣା ପଦାରେ ପଡିଯିବା ଭୟରେ ଗୀତା ପୁରସ୍କାର ଗ୍ରହଣ କରିନାହାନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କହିଛନ୍ତି। ସୂଚନାଯୋଗ୍ୟ, ଗତ ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିଥିବାବେଳେ ନବୀନଙ୍କ ରିମୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରେ ବୋଲି ଅଭିଯୋଗ କରିଥିଲେ। ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି, ପୁରସ୍କାର ଗ୍ରହଣ କରିବାକୁ ମନାକରିବା ଗୀତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଏହି ପ୍ରସଙ୍ଗକୁ ନେଇ ଅଯଥା ବିତର୍କ କରିବା ଏବଂ ତାଙ୍କୁ ବିବାଦ ମଧ୍ୟକୁ ଟାଣିବା ଠିକ୍ ନୁହେଁ ବୋଲି ଦେବ କହିଛନ୍ତି।

ଖ୍ୟାତନାମା ଲେଖିକା ଗୀତା ହେଉଛନ୍ତି ଦିବଂଗତ ନେତା ବିଜୁ ପଟ୍ଟନାୟକଙ୍କ ସୁପୁତ୍ରୀ ଏବଂ ପ୍ରକାଶକ ସୋନି ମେହେଟ୍ଟାଙ୍କ ପତ୍ନୀ। ତାଙ୍କର ପ୍ରମୁଖ ପୁସ୍ତକ ମଧ୍ୟରେ ରହିଛି 'କର୍ମ ଚୋଲା', ଏ ରିଭର ସୂତ୍ର', ସ୍ନେକ୍ସ ଆଣ୍ଡ ଲ୍ୟାଡର୍ସ: ଗ୍ଲିମ୍ପଜେସ୍ ଅଫ ମଡର୍ନ ଇଣ୍ଡିଆ' ଏବଂ 'ଏଟର୍ନାଲ ଗଣେଶ: ଫ୍ରମ ବାର୍ଥ ଟୁ ରିବାର୍ଥ'। ଏହା ବ୍ୟତୀତ ଗୀତା ୧୪ଟି ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ରର ନିର୍ମାତା ତଥା ନିର୍ଦ୍ଦେଶକ। ପଦ୍ମ ପୁରସ୍କାର ପାଇଥିବା ଅନ୍ୟ ଓଡ଼ିଆମାନଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି।

ପଦ୍ମଶ୍ରୀ କ'ଣ ଜାଣିନି: କମଳା

କମଳାଙ୍କୁ ହସ୍ପିଟାଲରେ ଭେଟୁଛନ୍ତି ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା।

- ଭେଟିଲେ ମନ୍ତ୍ରୀ, ପ୍ରଶାସକ, ବୁଦ୍ଧିଜୀବୀ
- ଅଧିକ ଚିକିତ୍ସା ପାଇଁ କୋରାପୁଟ ସ୍ଥାନାନ୍ତର

ଜୟପୁର,୨୭।୧(ନି.ପ୍ର./ ଡି.ଏନ୍.ଏ.)

ପଦ୍ମଶ୍ରୀ ସମ୍ମାନ ଘୋଷଣା ବିଷୟରେ ମୁଁ ଶୁଣିଲି। ସେ ଉପାଧି କ'ଣ ମୁଁ ଜାଣିନାହିଁ। ବର୍ତ୍ତମାନ ମୋର ଦେହ ଅସୁସ୍ଥ ଅଛି। ସେଥିଯୋଗୁ ମୁଁ ଅଧିକ କିଛି କହିପାରିବି ନାହିଁ ବୋଲି ପଦ୍ମଶ୍ରୀ କମଳା ପୂଜାରୀ କହିଛନ୍ତି। ପଦ୍ମଶ୍ରୀ ପୁରସ୍କାର ଘୋଷଣା ପରେ ପାରମ୍ପରିକ ଚାଷ ଏବଂ ବିହନ ସଂରକ୍ଷଣକୁ ନେଇ ରାଜ୍ୟ ତଥା ଦେଶରେ ସୁନାମ ଅର୍ଜନ କରିଥିବା କମଳା ପୂଜାରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବାର୍ଦ୍ଧକ୍ୟ ହେତୁ ସ୍ୱାସ୍ଥ୍ୟାବସ୍ଥାରେ ସମସ୍ୟା ଥିବାରୁ ତାଙ୍କୁ ଶୁକ୍ରବାର ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଲଟ୍ରାସାଉଣ୍ଡ ଏବଂ ଅନ୍ୟାନ୍ୟ ପରୀକ୍ଷା ପରେ ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥାରେ ତାଙ୍କର ସମସ୍ୟା ନ ଥିବା ଡକ୍ତରୀଦଳ କହିଛନ୍ତି। ଅଧୀକ୍ଷକ ଡା. କାଳୀପ୍ରସାଦ ବେହେରାଙ୍କ ନେତୃତ୍ୱରେ ୫ଜଣିଆ ଡାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ କମଳାଙ୍କ ଚିକିତ୍ସା କରୁଛନ୍ତି। କିନ୍ତୁ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଶନିବାର ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଉପଜିଲାପାଳ ଲୋକନାଥ ଦଳ ବେହେରା, ଜିଲା କଂଗ୍ରେସ କମିଟି ସଦସ୍ୟ, ସହରର ବୁଦ୍ଧିଜୀବୀମାନେ ଭେଟି ଶୁଭେଚ୍ଛା ଜଣାଇବା ସହ ଜଗନ୍ନାଥଙ୍କ ନିକଟରେ ଆରୋଗ୍ୟ କାମନା କରିଥିଲେ। ରବିବାର ରାତିରେ ଅଧିକ ଚିକିତ୍ସା ପାଇଁ କମଳାଙ୍କୁ କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟା କମଳା ନାରୀ ସଶକ୍ତୀକରଣ ସହିତ ଜଙ୍ଗଲ ସୁରକ୍ଷା ନିମନ୍ତେ ନିରନ୍ତର ପ୍ରଚେଷ୍ଟା କରିଆସିଛନ୍ତି। ପ୍ରାରମ୍ଭିକ ଅବସ୍ଥାରେ ୨୧ ଜଣ ଉତ୍ସର୍ଗୀକୃତ ମହିଳାଙ୍କୁ ନେଇ ନିଜ ଗାଁରେ 'ଦ୍ରିନାଥ ଠାକୁର ବନ ସୁରକ୍ଷା ସମିତି' ନାମକ ଏକ ସଂଘ ଗଠନ କରି ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କାମ କରିଥିଲେ କମଳା। ଲୋପ ପାଇଯାଉଥିବା ୧୦୦ରୁ ଅଧିକ ଦେଶୀ ବିହନ କିସମର ସଂରକ୍ଷଣ ତଥା ଜୈବିକ ପଦ୍ଧତିରେ ଚାଷକରି ସେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଉନ୍ନତ କିସମର ଦେଶୀ ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ଦକ୍ଷିଣ ଆଫ୍ରିକାର ଜୋହନ୍ସବର୍ଗରେ ୨୦୦୨ ମସିହାରେ ତାଙ୍କୁ ସମ୍ମାନିତ କରାଯାଇଥିବାବେଳେ ୨୦୦୩ରେ ଭାରତ ସରକାର 'କୃଷି ବିଶାରଦ' ସମ୍ମାନ ସମ୍ମାନିତ କରିଥିଲେ। ଏପରିକି ଓଡ଼ିଶା ସରକାର ମଧ୍ୟ କମଳାଙ୍କ ସମ୍ମାନାର୍ଥେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମହିଳା ଛାତ୍ରୀ ନିବାସକୁ କମଳାଙ୍କ ନାମରେ ନାମିତ କରିଛନ୍ତି।

ଚାଟ୍ ବ୍ୟବସାୟୀଙ୍କ ଗଳାକାଟି ହତ୍ୟା

କୁଆଁରମୁଣ୍ଡା, ୨୭।୧ (ଡି.ଏନ.ଏ.) ଶନିବାର ବିଳମ୍ବିତ ରାତିରେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ପୁନର୍ବାସ କଲୋନୀରେ ଏକ ହତ୍ୟାକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଜଣେ ଚାଟ୍ ବ୍ୟବସାୟୀଙ୍କ ଘରେ ପଶି ଧାରୁଆ ଅସ୍ତ୍ରରେ ତାଙ୍କ ଗଳା ଓ ପେଟ କାଟି ହତ୍ୟା କରିଛନ୍ତି। ରବିବାର ପାଖ ପଡୋଶୀଙ୍କଠାରୁ ଖବରପାଇ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅନିଲ ପଡିତା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛନ୍ତି। ପରେ ଘଟଣାସ୍ଥଳରେ ବୀରମିତ୍ରପୁର ଏସ୍‌ଡିପିଓ ପ୍ରକାଶ କୁମାର ପାତ୍ର, ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି ପହଞ୍ଚି ତଦନ୍ତ କରିଥିଲେ। ହାତୀବାରି-କାଲୋସିହିଗିଆ ରୋଡର କୁଆଁରମୁଣ୍ଡା ପୁନର୍ବାସ କଲୋନୀରେ ରହନ୍ତି ଚାଟ୍ ବ୍ୟବସାୟୀ ବାବୁଲାଲ ସିଂ (୫୮)। ଶନିବାର ରାତିରେ ସ୍ତ୍ରୀ, ପୁଅ, ବୋହୂ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବନ୍ଧୁଘର ଯାଇଥିଲେ। ବାବୁଲାଲ ଏକାକୀ ଥିବାର ସୁରାକ ପାଇ ଦୁର୍ବୃତ୍ତମାନେ ଘରେ ପଶି ଏହିକାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହେଲେ ହତ୍ୟାପଛର କାରଣ ବ୍ୟବସାୟିକ ଶତ୍ରୁତା ନା ଅନ୍ୟ କିଛି ତାହା ଏବେ ରହସ୍ୟ ଘେରରେ ରହିଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

ଘର ନିକଟରେ ଯୁବକଙ୍କୁ ଗୁଳିମାଡ଼

ସମ୍ବଲପୁର,୨୭।୧(ବ୍ୟୁରୋ)

ଗୁଳିମାଡ଼ର ଶିକାର ରୂପକ ସ୍ୱାଇଁ।

ସମ୍ବଲପୁର ସହରର କ୍ଷେତରାଜପୁର ଥାନା ଅଧୀନ ଫାର୍ମରୋଡରେ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ତାଙ୍କ ଘର ନିକଟରେ ଗୁଳି ମାଡ ହୋଇଛି। ଏଥିରେ ଯୁବକ ଜଣକ ଗୁରୁତର ହୋଇଛନ୍ତି। ଗୁରୁତର ହୋଇଥିବା ଯୁବକ ଜଣକ ହେଲେ ସ୍ଥାନୀୟ ବାସିନ୍ଦା ରୂପକ ସ୍ୱାଇଁ (୩୨)। ସେ ତାଙ୍କ ଭାଇଙ୍କୁ ଆକ୍ରମଣର ପ୍ରତିବାଦ କରିବାରୁ ଗୁଳିମାଡ ହୋଇଥିବା ଅଭିଯୋଗ ହୋଇଛି। ରୂପକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ପୋଲିସ ଗୋଟିଏ ଖୋକା ଜବତ କରି ତନାଘନା ଚଳାଇଛି। ଅଭିଯୋଗ ଅନୁସାରେ ସନ୍ଧ୍ୟାରେ ରୂପକଙ୍କ ସାନଭାଇ ଟୁକୁ ସ୍ୱାଇଁ ଓ ଭାଇବୋହୂ ଘରୁ ବାହାରି ବାଇକ୍‌ରେ କୌଣସି କାମରେ ଯାଉଥିଲେ। ଘରଠାରୁ ଅଳ୍ପ କିଛି ବାଟ ଯାଇଥିବାବେଳେ ୪/୫ ଜଣ ଯୁବକ କୌଣସି କାରଣକୁ ନେଇ ଟୁକୁଙ୍କ ସହ ପାଟିତୁଣ୍ଡ କରିଥିଲେ। ପାଟି ଶୁଣିଘର ଭିତରେ ଥିବା ରୂପକ ବାହାରକୁ ଆସି ଏହାର ପ୍ରତିବାଦ କରିଥିଲେ। ଏଥିରେ ସମ୍ପୃକ୍ତ ଯୁବକମାନେ ତାଙ୍କ ଉପରକୁ ଗୁଳି ଚଳାଇ ଖସି ପଳାଇ ଯାଇଥିଲେ। ଗୋଟିଏ ଗୁଳି ତାଙ୍କ ଜଙ୍ଘରେ ବାଜିଥିଲା। ଚିତ୍କାର କରି ରୂପକ ତଳେ ପଡିଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ। ହେଲେ ଅଧିକ ଚିକିତ୍ସା ପାଇଁ ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

୨୦୧୯ ସାଧାରଣ ନିର୍ବାଚନ

ଓଡ଼ିଶାରେ ପ୍ରାର୍ଥୀ ଦେବ ଟିଏମ୍‌ସି

ଭୁବନେଶ୍ୱର,୨୭।୧(ବ୍ୟୁରୋ)

ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ(ଏଆଇଟିଏମ୍‌ସି) ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାରେ ପ୍ରାର୍ଥୀ ଦେବା ଟିଏମ୍‌ସିରୁ ଉଭୟ ଲୋକ ସଭା ଏବଂ ବିଧାନସଭା ଆସନରେ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଦଳ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଟିଏମ୍‌ସି ରାଜ୍ୟ ସଭା ସଦସ୍ୟ ଡେରେକ ଓ ବ୍ରିୟନ ଏହି ସୂଚନା ଦେଇଛନ୍ତି। କେଉଁ ଆସନରେ ଦଳ ପ୍ରାର୍ଥୀ ଦେବ, ସେ ନେଇ ଏକ ତାଲିକା ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଜଣାପଡିଛି। ୨୦୧୪ ସାଧାରଣ ନିର୍ବାଚନରେ ମଧ୍ୟ ଟିଏମ୍‌ସି ଓଡ଼ିଶାରେ ପ୍ରାର୍ଥୀ ଦେଇଥିଲା। ଦଳ ସେ ସମୟରେ ସାରା ରାଜ୍ୟରେ ମାତ୍ର ୨୫,୭୦୦ ଖଣ୍ଡ ଭୋଟ୍ ପାଇବାକୁ ସକ୍ଷମ ହୋଇଥିଲା। ଏହା ମୋଟ ଭୋଟ୍‌ର ମାତ୍ର ୦.୧୨ ପ୍ରତିଶତ ଥିଲା।

ଜୀବିତ ସ୍ୱାଧୀନତା ସଂଗ୍ରାମୀଙ୍କୁ ବକ୍ତବ୍ୟରେ ମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ନବରଙ୍ଗପୁର,୨୭।୧(ବି.ପ୍ର.)

ସାଧାରଣତନ୍ତ୍ର ଦିବସରେ ଜାତୀୟ ସଙ୍ଗୀତ, ଶହୀଦ ଓ ଜାତୀୟ ପତାକାକୁ ସମ୍ମାନ ଦିଆଯାଇଥାଏ। ଦୁର୍ଭାଗ୍ୟର ବିଷୟ ନବରଙ୍ଗପୁର ଷ୍ଟାଡିୟମ ଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡଃ. ନୃସିଂହ ଚରଣ ସାହୁ ଜାତୀୟ ପତାକା ଉତ୍ତୋଳନ କରିବା ପରେ ବକ୍ତବ୍ୟରେ ଜୀବିତ ଥିବା ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜୀ ସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାକୁ କଂଗ୍ରେସ ନିନ୍ଦା କରିବା ସହ ମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ଖବରଦାତା ସମ୍ମିଳନୀରେ କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଓଡିଶାର ୧୨ ଜଣ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ଜୀବିତ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମହମ୍ମଦ ବାଜୀ ସାହେବ। ସେ ରାଜ୍ୟର ଜଣେ ରତ୍ନ। ଯିଏକି ସ୍ୱାଧୀନତା ସଂଗ୍ରାମ ପାଇଁ ବହୁବାର କାରାବରଣ କରିଛନ୍ତି। ୧୨ ଶହ କିଲୋମିଟର ପଦଯାତ୍ରା କରିଥିଲେ। ଏହିଭଳି ଜଣେ ଜାତୀୟ ସମ୍ପତ୍ତିକୁ ମନ୍ତ୍ରୀ ସାହୁ ମୃତ ଘୋଷଣା କଲେ ତାହାକୁ ଜିଲା କଂଗ୍ରେସ କମିଟି ନିନ୍ଦା କରୁଛି।

OFFICE OF THE PRINCIPAL
PANCHAYAT SAMITI HIGHER SECONDARY SCHOOL
BANGOMUNDA, DIST.- BALANGIR (ODISHA), PIN-767040
E-mail: p.s.collegebgm@gmail.com

WALK-IN-INTERVIEW

An interview is scheduled to be held on **dt.03.02.2019** in Panchayat Samiti Higher Secondary School, Bangomunda at **11.30 AM**. Contractual post of Commerce and Science stream.

Sl. No.	Name of the post	No. of post	Qualification
01	**Lect-in-English**	01	M.A. in English having 55% marks in P.G. level
02	**Junior Clerk**	01	+2 Arts / Science / Commerce with D.C.A (Efficient in Computer)

Interested candidates are hereby informed to attend the interview on **Dt.03.02.2019** at **11.30 AM** with complete of all certificate and two passport size photographs. Salary is negotiable and No TA / DA will be given for attending the interview.

Sd./- Principal,
Panchayat Samiti Higher Secondary School, Bangomunda

ଏହି ଶୀତଋତୁରେ ବଳିଷ୍ଠ ପୁରୁଷତ୍ୱର ଆନନ୍ଦ ନିଅନ୍ତୁ
ଜୋଶ୍, ଶକ୍ତି ଓ ସ୍ଫୁର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
only Effect No Side Effect
ଉଦ୍ଦୀପନ।
ଅଭାବର ବଡ଼ କାରଣ ହେଉଛି ପୁରୁଷଙ୍କଠାରେ ଉତ୍ସାହର ଅଭାବ, ଶୀଘ୍ରପତନ, ଇନ୍ଦ୍ରିୟ ଦୁର୍ବଳତା, ଉତ୍ତେଜନାର ଅଭାବ, ନପୁଂସକତା ହୋଇଥାଏ, ଏପରି ସମସ୍ତ ସମସ୍ୟା ଦୂରକରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ବ୍ୟବହାର କରନ୍ତୁ ଓ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
Play Win Capsule
Play Win Oil
ପ୍ଲେ-ୱିନ୍ କ୍ୟାପ୍‌ସୁଲ
SS : Mahendra Pharma / ODD
HELPLINE: 09323567844
ତେଲ
କ୍ୟାପ୍‌ସୁଲ
www.playwincapsule.com
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
A Quality Product by Rajnish Wellness Limited
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୁ

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ– ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
–ଶ୍ରୀଅରବିନ୍ଦ

ସମ୍ମାନରେ ଅସମ୍ମାନିତ

ତିନି ବର୍ଷର ବ୍ୟବଧାନ ପରେ ୩ ଜଣଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ଦେବା ଲାଗି ଘୋଷଣା କରାଯାଇଛି। ସେମାନେ ହେଲେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସଙ୍ଗୀତଜ୍ଞ ଭୂପେନ ହଜାରିକା ଏବଂ ଆର୍‌ଏସ୍‌ଏସ୍ ଆଦର୍ଶର ପ୍ରବୀଣ ପ୍ରଚାରକ ନାନାଜୀ ଦେଶମୁଖ। ଏମାନଙ୍କ ବ୍ୟତୀତ ୪ ପଦ୍ମବିଭୂଷଣ, ୧୪ ପଦ୍ମଭୂଷଣ ଏବଂ ୯୪ ଜଣ ପଦ୍ମଶ୍ରୀ ପାଇବେ। ତେବେ ସାଧାରଣ ନିର୍ବାଚନ ଥିବାରୁ ଏମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଉଦ୍ଦେଶ୍ୟଭିତ୍ତିକ ଚୟନ କରାଯାଇଛି ବୋଲି କୁହାଗଲାଣି। ପ୍ରଣବ ମୁଖାର୍ଜୀଙ୍କୁ ଚୟନ କରାଯିବା ପଛରେ ପଶ୍ଚିମବଙ୍ଗ ରାଜନୀତି ରହିଥିବା କୁହାଯାଉଛି। ଅବଶ୍ୟ ଏହି ସମ୍ମାନ ଲାଗି ବଛାଯିବା ପୂର୍ବରୁ ରାଷ୍ଟ୍ରପତିତ୍ୱ ସମୟରେ ଏକାଧିକ ଅପରାଧୀଙ୍କୁ ଫାଶୀ ଦେବା ଲାଗି ପ୍ରଣବ ଅନୁମତି ଦେଇଛନ୍ତି। କିନ୍ତୁ ରାଷ୍ଟ୍ରପତି ଭବନରୁ ଯିବା ପରେ ଆର୍‌ଏସ୍‌ଏସ୍ ମୁଖ୍ୟାଳୟରେ ମୋହନ ଭାଗବତଙ୍କ ସହ ନିବିଡ଼ ଆଲୋଚନା କରିବା ଏବଂ ସର୍ବୋଚ୍ଚରେ ରିଲାଏନ୍ସ ସଂସ୍ଥାର ପୁରୋଧାଙ୍କୁ ଦୀର୍ଘକାଳ ପ୍ରୋତ୍ସାହନ ଦେବାକୁ ଯାଇ ସେ ଦେଶର ଅଭୂତପୂର୍ବ କ୍ଷତି କରାଇବା ଆଦି ସମ୍ମାନ ପାଇଁ ଅନ୍ୟତମ ଯୋଗ୍ୟତା ଭାବେ ବିବେଚିତ ହୋଇଛନ୍ତି। ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ଏବେ ଉତ୍ତର ପୂର୍ବାଞ୍ଚଳ ବିଶେଷକରି ଆସାମରେ ଉଠିଥିବା ବିବାଦକୁ ପ୍ରଶମିତ କରିବା ଲାଗି ଭୂପେନ ହଜାରିକାଙ୍କୁ ଚୟନ କରାଯାଇଛି ବୋଲି ଆଲୋଚନା ଚାଲିଛି। ଦେଶମୁଖଙ୍କ କଥା ଉଠିଲେ ଭାଜପାର ମୂଳ ଆଦର୍ଶ ଆର୍‌ଏସ୍‌ଏସ୍‌ର ଅନ୍ୟତମ ଜଣାଶୁଣା ବ୍ୟକ୍ତି ହୋଇଥିବାରୁ କେନ୍ଦ୍ର ସରକାର ତାଙ୍କୁ ସମ୍ମାନ ଦେବାକୁ ଆଗେଇ ଆସିଛନ୍ତି।

ଭାରତରତ୍ନ ଲାଗି ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ବ୍ୟକ୍ତିବିଶେଷଙ୍କ ନାମ ସୁପାରିସ କରିଥାଆନ୍ତି। ସେହି ଅନୁଯାୟୀ ମନୋନୀତ ବ୍ୟକ୍ତିଙ୍କ ନିକଟକୁ ସରକାରଙ୍କ ପକ୍ଷରୁ ଚିଠି ପଠାଯାଇ ସେମାନଙ୍କ ସମ୍ମତି ଲୋଡ଼ାଯାଇଥାଏ। ସମ୍ମତି ମିଳିବା ପରେ ସେମାନଙ୍କ ନାମ ଘୋଷଣା କରାଯାଏ। ଓଡ଼ିଶାରେ ୩ ଜଣ ଯଥା କୋରାପୁଟର ଆଦିବାସୀ ମହିଳା କମଳା ପୂଜାରୀଙ୍କୁ କୃଷି, କେନ୍ଦୁଝରର ଦୈତାରୀ ନାୟକ ଓ କଟକର ଡି. ପ୍ରକାଶ ରାଓଙ୍କୁ ସମାଜସେବା ଏବଂ ଆମେରିକାରେ ରହୁଥିବା ଗୀତା ମେହେଟାଙ୍କୁ ସାହିତ୍ୟ କ୍ଷେତ୍ରରେ ପଦ୍ମଶ୍ରୀ ମିଳିବ ବୋଲି ଘୋଷଣା କରାଯାଇଛି। ଇତିମଧ୍ୟରେ ଗୀତା ଏହି ସମ୍ମାନକୁ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି। ପ୍ରତ୍ୟାଖ୍ୟାନର କାରଣ ଦର୍ଶାଇବାକୁ ଯାଇ ସେ ବର୍ତ୍ତମାନର ସମୟକୁ ଇଙ୍ଗିତ କରିଛନ୍ତି। ଏହିଭଳି 'ସମୟ'କୁ ଇଙ୍ଗିତ କରିବା ବିଷୟ ସେ ସ୍ପଷ୍ଟ କରିନାହାନ୍ତି।

ବାସ୍ତବରେ ଭାରତର ବେସାମରିକ ସମ୍ମାନ ବିଭିନ୍ନ କ୍ଷେତ୍ରରେ ବିରଳ ଓ ସମାଜରେ ପରିବର୍ତ୍ତନ ଆଣିପାରୁଥିବା ଭଳି କାର୍ଯ୍ୟ ଦିଗରେ ନିରନ୍ତର ଯୋଡ଼ି ହୋଇଥିବା ବ୍ୟକ୍ତିଙ୍କୁ ମିଳିଥାଏ। ଏହାର ଅସଂଖ୍ୟ ଉଦାହରଣ ବିଗତ ବର୍ଷଗୁଡ଼ିକରେ ଦେଖିବାକୁ ମିଳିଛି। ୨୦୧୯ ଜାନୁୟାରୀ ୨୬ରେ ଘୋଷିତ ଅନେକ ବ୍ୟକ୍ତି ଏକାକୀ ଏକଲବ୍ୟଙ୍କ ଭଳି କାହାଣୀ ସୃଷ୍ଟି କରିଛନ୍ତି। କମଳା ପୂଜାରୀ ଜୈବିକ ଉପାୟରେ ୧୦୦ କିସମର ଧାନ ସଂରକ୍ଷିତ ରଖିବା, ପାହାଡ଼ କାଟି ବୈତରଣୀ ପାଣି ଆଣି ଚାଷ ଜମିକୁ ଯୋଗାଇଥିବ ଦୈତାରୀ ନାୟକ ଏବଂ ଚା' ଦୋକାନରୁ ଅର୍ଜିତ ଅର୍ଥରେ ବସ୍ତି ଅଞ୍ଚଳରେ ସ୍କୁଲ ଚଳାଇବା ସହ ରୋଗୀସେବା କରୁଥିବା ସାମାଜିକ କର୍ମୀ ଡି. ପ୍ରକାଶ ରାଓ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ସେହିପରି ଭାରତ ବିଭାଜନ ପରେ ପାକିସ୍ତାନର ସିଆଲ୍‌କୋଟରେ ଜନ୍ମିତ ଧରମ୍ ପାଲ ଗୁଲାଟୀଙ୍କ କାହାଣୀ ପ୍ରେରଣାଦାୟକ ହୋଇପାରିଛି। ସେତେବେଳେ ସେ ପରିବାର ସହ ଭାରତ ଚାଲିଆସିଥିଲେ। ଆସିବା ବେଳେ ପାଖରେ ସମ୍ବଳ ଥିଲା ମାତ୍ର ୧୫୦୦ ଟଙ୍କା। ପ୍ରାରମ୍ଭିକ ଅବସ୍ଥାରେ ଗୁଲାଟୀ ଘୋଡ଼ାଗାଡ଼ି ଚାଳକ ହୋଇଥିଲେ। ଅର୍ଥ ସଞ୍ଚୟ କରିବା ପରେ ସେ ନୂଆଦିଲ୍ଲୀର କରୋଲ୍‌ବାଗ୍‌ରେ ଏକ ମସଲା ଦୋକାନ କରି ଆଜି ମହାଶୟ ଡି ହାଜି (ଏମ୍‌ଡିଏଚ୍)କୁ ଦୁନିଆ ଆଗରେ ମେଲେଇ ଦେଇଛନ୍ତି। ଏଥିସହିତ ସେ ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍‌ସ (ଏଫ୍‌ଏମ୍‌ସିଜି) କ୍ଷେତ୍ରରେ ସର୍ବାଧିକ ଦରମା (୨୦୧୮ରେ ୨୫ କୋଟି ଟଙ୍କା) ନେଉଥିବା ସିଇଓ ହୋଇପାରିଛନ୍ତି। କେବଳ ସେତିକି ନୁହେଁ, ଟେଲିଭିଜନ୍ ବିଜ୍ଞାପନରେ 'ଦାଦାଜୀ' ଭାବେ ଘରେ ଘରେ ପରିଚିତ ଗୁଲାଟୀ ଔଦ୍ୟୋଗିକ ବିକାଶ ଦିଗରେ ଯେଉଁ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ତାହା ଆଜିର ଯୁବପିଢ଼ି ପାଇଁ ଅନୁକରଣୀୟ ହୋଇଛି।

ବର୍ତ୍ତମାନ ପରିସ୍ଥିତିରେ ଭାରତରେ ଏହିଭଳି ରତ୍ନ ଓ ପଦ୍ମ ସମ୍ମାନକୁ ରାଜନୈତିକ ଚାପରେ ଦିଆଯାଉଥିବାରୁ ସେଗୁଡ଼ିକର ମାନ ହ୍ରାସ ପାଇଲାଣି। ବୈଜ୍ଞାନିକ, କୌଣସି ଆବିଷ୍କାର କରିଥିବା ବ୍ୟକ୍ତି କିମ୍ବା ମଣିଷ ଜୀବନରେ ଦୁଃସାହସିକତାର ଦିଗ ଦେଖାଇଥିବା ବ୍ୟକ୍ତିବିଶେଷଙ୍କୁ ଭାରତରତ୍ନ ଦେବାର ଚେଷ୍ଟା ହେବା ଉଚିତ। ଯଦି ସଚିନ ତେନ୍ଦୁଲକରଙ୍କୁ ଭାରତରତ୍ନ ଦିଆଯିବାକୁ ନେଇ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା, ତେବେ ପ୍ରଣବ ମୁଖାର୍ଜୀ ଓ ନାନାଜୀ ଦେଶମୁଖଙ୍କୁ ସେହି ସମ୍ମାନ ଦିଆଯିବା ମଧ୍ୟ ଭାରତରତ୍ନକୁ ପ୍ରଶ୍ନବାଣରେ ରଖିଦେଇଛି। ଦେଖିବାକୁ ଗଲେ, ଗତ କିଛି ଦଶନ୍ଧି ଧରି ଆମେ ଭାରତୀୟମାନେ ଦେଶର ସବୁ ସଂସ୍ଥା ଏବଂ ସମ୍ମାନକୁ ନ୍ୟୂନ କରିବାରେ ଲାଗିପଡ଼ିଛୁ। ଧରାଧରି, ସଲାସୁତୁରା ଏବଂ ମସୁଧା କରିବାରେ ସହାୟକ ହେଉଥିବା ବ୍ୟକ୍ତିବିଶେଷଙ୍କୁ ପଦ୍ମ ସମ୍ମାନ ମିଳିବା ଏକ ସାଧାରଣ ବିଷୟ ହୋଇପଡ଼ିଲାଣି। ଏହି ସମ୍ମାନ ଏବେ ଆଉ ସମ୍ମାନ ଆଣିଦେଉ ନାହିଁ। ଏହାର ପ୍ରଦାନ କେବଳ ଦର୍ଶାଉଛି ଯେ ବିଜେତାମାନେ ଆଜିର ସରକାରଙ୍କ ସହିତ ମଧୁର ସମ୍ପର୍କ ଗଢ଼ିପାରିଛନ୍ତି ଏବଂ ଚାହିଦା ମୁତାବକ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି। ଏବେ ଯେଉଁମାନଙ୍କ ନାମ ପ୍ରକାଶ ପାଇଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତର ଜନସାଧାରଣଙ୍କ ସାମ୍ନାରେ ଉଲଗ୍ନ ହୋଇ ନିଜର ଚରିତ୍ରକୁ ପଦାରେ ପକାଇଥିବାରୁ ଅସମ୍ମାନିତ ହୋଇଛନ୍ତି।

ଦାଦନ ଶ୍ରମିକ

ପ୍ରଦୀପ୍ତ ନାୟକ

ଓଡ଼ିଶା ହେଉଛି ଦାଦନ ଶ୍ରମିକର ଘର– ଏହା ସମଗ୍ର ବିଶ୍ୱବାସୀ ଜାଣିଛନ୍ତି। ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଶ୍ରମକୁ ଜୀବିକା କରିବା କିଛି ଖରାପ କଥା ନୁହେଁ, ମାତ୍ର ମଧ୍ୟସ୍ଥ ଦ୍ୱାରା ଆଗତୁରା ବହିନା ନେଇ ପିଲାଛୁଆ ପରିବାର ଧରି ଘରଦ୍ୱାର ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟ କିମ୍ବା ଦେଶକୁ ଯାଇ କାମ କରିବାକୁ ନିଜକୁ ବନ୍ଧା ପକାଇବା ହେଉଛି ଅତ୍ୟନ୍ତ ଅପମାନଜନକ। କାର୍ଯ୍ୟକ୍ଷେତ୍ରରେ ଜଣେ ଦାଦନ ଶ୍ରମିକର କୌଣସି ସମୟ ନିର୍ଘଣ୍ଟ ନ ଥାଏ। ସେଠାରେ ତା'ର ଛୋଟ ପିଲାଠାରୁ ସ୍ତ୍ରୀ ଓ ବଢ଼ିଲା ଯୁବତୀ ଝିଅ ସମସ୍ତେ ଦିନରାତି କାମ କରନ୍ତି। ଅକଥନୀୟ ଅତ୍ୟାଚାରକୁ ବିନା ବାଧାରେ ସହ୍ୟ କରନ୍ତି। ମାଲିକ ଓ ତା'ର କର୍ମଚାରୀମାନେ ଦାଦନ ଶ୍ରମିକର ଯୁବତୀ ସ୍ତ୍ରୀ ଓ କନ୍ୟାଙ୍କୁ ଯୌନ ଶୋଷଣ କରନ୍ତି। ପ୍ରତିବାଦ କଲେ ମାଡ଼ଗାଳି ଖାଇବାକୁ ପଡ଼େ। ଅସ୍ୱାସ୍ଥ୍ୟକର ପରିବେଶରେ ଚଳିବାକୁ ପଡ଼େ। ପେଟପୂରା ଖାଦ୍ୟ ମିଳେନାହିଁ। ରୋଗ ହେଲେ ଚିକିତ୍ସା ସାତସପନ। ପିଲାଙ୍କ ପାଠପଢ଼ା କଥା ପଚାରେ କିଏ ? ଆଗତୁରା ନେଇଥିବା ବହିନା ଶୁଝିବା ପରେ ଯଦି ଅବଶିଷ୍ଟ ମୂଳ ମାଗେ ଅଧିକାଂଶ ଜାଗାରେ ନିରାଶ ହେବାକୁ ପଡ଼େ। ଏତଦ୍‌ବ୍ୟତୀତ ଦେଖାଯାଉଛି ବିଚରା ନିରୀହ ମଣିଷଟି ଅକଥନୀୟ ଅତ୍ୟାଚାର ସହି କେଉଁଠି କିଛି ପ୍ରମାଣ ନ ଥାଇ ମୃତ୍ୟୁମୁଖରେ ପଡ଼ିଛି ତ କେଉଁଠି ଅଙ୍ଗପ୍ରତ୍ୟଙ୍ଗ ହରାଇ ଘରକୁ ଫେରିଛି ତ କେଉଁ ଦୁରାରୋଗ୍ୟ ବ୍ୟାଧିରେ ପଡ଼ିଛି। ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାର ଦରିଦ୍ର ଶ୍ରମଜୀବୀମାନେ ଏହିପରି ଦୁର୍ଦ୍ଦଶା ଭୋଗୁଛନ୍ତି। ଓଡ଼ିଶାର ମାନସମ୍ମାନ ବିଶ୍ୱ ଦରବାରରେ ଭୂଲୁଣ୍ଠିତ ହେଉଛି। ଆଜିପର୍ଯ୍ୟନ୍ତ କୌଣସି ବି ସରକାର ଏ ଦିଗରେ ଠୋସ ପଦକ୍ଷେପ ନେଇନାହାନ୍ତି। ତେଣୁ ଧାରାବାହିକ ଭାବରେ ପ୍ରତିବର୍ଷ ଡିସେମ୍ବରରୁ ଲକ୍ଷ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ଯାଉଛନ୍ତି ଯେ ଜୁନ୍‌ରେ ଫେରୁଛନ୍ତି। ଓଡ଼ିଶା ସରକାରଙ୍କ ଶ୍ରମବିଭାଗ, ପଞ୍ଚାୟତିରାଜ ବିଭାଗ କିଛି କାର୍ଯ୍ୟ ଆରମ୍ଭ କରିଛନ୍ତି ଦାଦନ ଶ୍ରମିକଙ୍କୁ ନିୟନ୍ତ୍ରିତ କରିବାକୁ, ମାତ୍ର ସଫଳ ହୋଇପାରି ନାହାନ୍ତି। ଭିଟାମାଟି ଛାଡ଼ି ଯାଉଥିବା ସମସ୍ତ ଶ୍ରମିକର ଗ୍ରାମପଞ୍ଚାୟତ କିମ୍ବା ଶ୍ରମ ଦପ୍ତରରେ ପଞ୍ଜୀକରଣ ନିମନ୍ତେ କାର୍ଯ୍ୟବାହିକା ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ପ୍ରଚାରପତ୍ର ଛପାଯାଉଛି ମାତ୍ର ତା'ର ଠିକ୍ ଉପଯୋଗ ହେଉନାହିଁ। ଅଧିକାରୀ ଲୋକଦେଖାଣିଆ କ୍ଷେତ୍ର ପରିଦର୍ଶନ କରୁଛନ୍ତି, ଆଲୋଚନା, ପର୍ଯ୍ୟାଲୋଚନା କରୁଛନ୍ତି ତା'ର କିଛି ବି ପ୍ରଭାବ ଶ୍ରମିକ ଚାଲାଣକାରୀ ମଧ୍ୟସ୍ଥ ଦଲାଲ କିମ୍ବା ମାଲିକମାନଙ୍କ ଉପରେ ପଡୁନାହିଁ।

ସରକାରୀ ହିସାବରେ ଦର୍ଶାଯାଉଛି ଯେ ୨୦୧୧ରୁ ୨୦୧୪ ମଧ୍ୟରେ ମାତ୍ର ୧,୩୫,୭୧୯ ଜଣ ଲୋକ ଘରଦ୍ୱାର ଛାଡ଼ି ବାହାର ରାଜ୍ୟକୁ ଦାଦନ ଶ୍ରମିକ ଖଟିବାକୁ ଯାଇଛନ୍ତି। ସେଥିରେ ଅତ୍ୟନ୍ତ ନିର୍ଲଜ୍ଜ ଭାବରେ ସ୍ୱୀକାର କରାଯାଇଛି ଯେ, ଏହି ସମୟ ମଧ୍ୟରେ ମାତ୍ର ୩,୧୧୩ ଜଣ ଶ୍ରମ ବିଭାଗ ନିକଟରେ ନାମ ପଞ୍ଜୀକରଣ କରିଛନ୍ତି। କିନ୍ତୁ ଦାଦନ ଶ୍ରମିକ ପ୍ରଥାର ନିରାକରଣ ଓ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅଧିକାର ପାଇଁ ଲଢ଼େଇ କରୁଥିବା ବେସରକାରୀ ଅନୁଷ୍ଠାନ ଏଡ୍ ଆଟ୍ ଆକ୍ସନ୍ ପ୍ରକାଶ କରିଛି ଯେ ପ୍ରତିବର୍ଷ ପ୍ରାୟ ୩ ଲକ୍ଷ ଶ୍ରମିକ ଦାଦନ ଖଟିବା ପାଇଁ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, କର୍ନାଟକ, ମହାରାଷ୍ଟ୍ର, ଗୁଜରାଟ ଇତ୍ୟାଦି ରାଜ୍ୟକୁ ଯାଉଛନ୍ତି। ଏହା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାକର ବିଷୟ। ଏକ ଆକଳନରୁ ଜଣାଯାଇଛି ଯେ, ସେହି ସମୟ ମଧ୍ୟରେ ସମଗ୍ର ଭାରତରେ ପ୍ରାୟ ୩୦ ନିୟୁତ ଶ୍ରମିକ ଦାଦନ ଖଟିଛନ୍ତି, ଯେଉଁଥିରୁ ଓଡ଼ିଶାର ହେଉଛନ୍ତି ୨.୫ ନିୟୁତ। ରାଜ୍ୟ ସରକାର ବାସ୍ତବତାକୁ ଲୁଚାଉଛନ୍ତି। ଏ ଦିଗରେ ଆଉ ଚାରିପାଦ ଆଗେଇଯାଇ କେନ୍ଦ୍ର ସରକାରଙ୍କର 'ନୀତି ଆୟୋଗ' ତାଙ୍କର ସଦ୍ୟ ପ୍ରକାଶିତ ବିକାଶ ସୂଚକାଙ୍କ ତାଲିକାରେ ଓଡ଼ିଶାର ସବୁଠାରୁ ଦାଦନ ଶ୍ରମିକପ୍ରବଣ ରାଜ୍ୟ ନୂଆପଡ଼ାକୁ ଦେଶର ଦୁଇ ନମ୍ବର ପ୍ରଗତିଶୀଳ ରାଜ୍ୟ ତାଲିକାରେ ସ୍ଥାନ ଦେଇଛନ୍ତି। ଗତ କିଛିଦିନ ତଳେ ଏହା ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। କେନ୍ଦ୍ର ସରକାରଙ୍କ ସଂଖ୍ୟା ଖେଳର ଏହା ଆଉ ଏକ ନମୁନା।

ଜାତିସଂଘ ବିକାଶ କାର୍ଯ୍ୟକ୍ରମ ମିଲେନିୟମ ଡେଭଲପମେଣ୍ଟ ଗୋଲ୍ (ଏମ୍‌ଡିଜି) ଅନୁଯାୟୀ ଲକ୍ଷ୍ୟ ଥିଲା ୨୦୧୫ ମସିହା ମଧ୍ୟରେ ସାରା ବିଶ୍ୱର କ୍ଷୁଧା ଓ ଦାରିଦ୍ର୍ୟରୁ ମୁକ୍ତି। ଏଥିନିମନ୍ତେ ୮ଟି ସୁଦୂରପ୍ରସାରୀ ଲକ୍ଷ୍ୟ ହାସଲ କରିବାର ଥିଲା। କ୍ଷୁଧା, ନିରାମୟ ଜୀବନ, ଲିଙ୍ଗଗତ ପ୍ରଭେଦ କମାଇବା, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ସାନିଟେସନ, ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ଏବଂ ଦାରିଦ୍ର୍ୟରୁ ମୁକ୍ତି ନିମନ୍ତେ ୨୦୦୦ ମସିହାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ତାହା ଭାରତବର୍ଷ ହାସଲ କରିପାରିଲା ନାହିଁ। ପରିବର୍ତ୍ତିତ ପରିସ୍ଥିତିରେ ପୁନଶ୍ଚ ୨୦୧୫ ମସିହାରେ ଜାତିସଂଘର ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ୍ ନିର୍ଦ୍ଧାରିତ ହେଲା। ଦେଶବାସୀଙ୍କୁ ଦାରିଦ୍ର୍ୟ, ବୈଷମ୍ୟ ଓ ଜଳବାୟୁ ପରିବର୍ତ୍ତନରୁ ସୁରକ୍ଷା ଦେବା ନିମନ୍ତେ ୨୦୩୦ ମସିହା ମଧ୍ୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଜାତିସଂଘ ତରଫରୁ ସ୍ଥିର କରାଯାଇଛି। ମାତ୍ର ଦେଖାଯାଉଛି ଭାରତ ସମଗ୍ର ବିଶ୍ୱରେ ଅନ୍ୟାନ୍ୟ ବିକାଶମୁଖୀ ଦେଶ ସହିତ ତାଳ ଦେଇ ଚାଲିପାରୁ ନାହିଁ। ଅନେକ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଯଥା: ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା, ଜଙ୍ଗଲ ଜମି ଅଧିକାର ଆଇନ, ବାର୍ଦ୍ଧକ୍ୟ ଭତ୍ତା ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା, ଖାଦ୍ୟ ନିରାପତ୍ତା ଯୋଜନା, ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଆଇନ, ଇନ୍ଦିରା ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା, କେନ୍ଦ୍ର ଖଦି କମିଶନ ଓ ରାଜ୍ୟ ଖଦିବୋର୍ଡର ବିଭିନ୍ନ ଯୋଜନା, ଜୀବିକା ମିଶନ୍, ମିଶନ୍ ଶକ୍ତି ଯୋଜନା ଇତ୍ୟାଦି ଦେଶରୁ ଦାରିଦ୍ର୍ୟ ଦୂର କରିବାରେ ସହାୟକ ହୋଇପାରୁ ନାହିଁ। କାରଣ ଏହି ଯୋଜନାଗୁଡ଼ିକର ବାସ୍ତବ ତଥା ଦୁର୍ନୀତିମୁକ୍ତ ରୂପାୟନ ହୋଇପାରୁ ନାହିଁ। ସରକାରୀ କଳର ଚରମ ଉଦାସୀନତା, ଗ୍ରାମ ପଞ୍ଚାୟତ, ବ୍ଲକସ୍ତରରେ ବ୍ୟାପକ ଦୁର୍ନୀତି ଓ ଜନପ୍ରତିନିଧିମାନଙ୍କର କର୍ମୀ/ଠିକାଦାରି ପୋଷଣ ନୀତି ଯୋଗୁ କୌଣସି ଯୋଜନା ସଫଳ ହୋଇପାରୁନି। ସାଧାରଣ ନିରୀହଟି ବିଚରା ରାହା ନ ପାଇ ଶେଷରେ ଦଲାଲମାନଙ୍କର ଶିକାର ହେଉଛି। ନିଜର ତେଲଲୁଣ ସଂସାରର ଗୁଜୁରାଣ ମେଣ୍ଟାଇବା ପାଇଁ ଦାଦନ ଖଟିବାକୁ ରାସ୍ତା ବାଛି ନେଉଛି। ଯେଉଁ ମଧ୍ୟସ୍ଥମାନେ ଲୋକଙ୍କୁ ଅଗତୁରା ଟଙ୍କା ଦେଇ ରାଜ୍ୟ ବାହାରର ମାଲିକମାନଙ୍କୁ ଶ୍ରମିକ ଯୋଗାଉଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଉନାହିଁ କାହିଁକି ? ସେମାନେ ସମସ୍ତେ ଶାସନରେ ଥିବା ନେତାମାନଙ୍କର କର୍ମୀ କିମ୍ବା ପାଣ୍ଠି ଯୋଗାଡ଼କାରୀ, ଯେଉଁଥିପାଇଁ ଆଇନକୁ ବେଖାତିର କରି ସରକାରୀ ଅଫିସରଙ୍କୁ ଚକ୍‌ମା ଦେଖାଇ ଶ୍ରମିକ ଚାଲାଣ କରୁଛନ୍ତି। ଦାଦନ ଶ୍ରମିକ ପ୍ରଥା ବନ୍ଦ କରିବାକୁ ହେଲେ ଏହି ଦଲାଲମାନଙ୍କୁ ଚିହ୍ନଟ କରି ଆଇନର କାଠଗଡ଼ାରେ ଛିଡ଼ା କରିବାର ଅଛି।

କେନ୍ଦ୍ର ଓ ରାଜ୍ୟ ସରକାର ମନରେଗା ଯୋଜନାକୁ କଡ଼ାକଡ଼ି ଲାଗୁ କରି ଘୋଷିତ ସର୍ବନିମ୍ନ ମଜୁରୀ ୩୭୦ ଟଙ୍କା ଦେବାକୁ ହେବ। କୃଷକଙ୍କୁ ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁଯାୟୀ ଫସଲର ନ୍ୟୂନତମ ଦାମ୍ ବିକ୍ରି ସ୍ଥାନରେ ଦେବାକୁ ହେବ। ପୂର୍ବର ସମସ୍ତ କୃଷିଋଣ ଛାଡ଼ କରି ନୂତନ କୃଷିଋଣ ସମେତ ସବ୍‌ସିଡ଼ି ଯୋଗାଇ ଦେବାକୁ ପଡ଼ିବ। କେରଳ ଭଳି ବିଭିନ୍ନ ଭତ୍ତାର ପରିମାଣ ବୃଦ୍ଧି କରିବାକୁ ପଡ଼ିବ। ଜଙ୍ଗଲ ଜମି ଅଧିକାର ଆଇନ୍ ବଳରେ ସମସ୍ତ ଭୂମିହୀନଙ୍କୁ ଚାଷଜମି ଓ ଘରଡ଼ିହର ପଟ୍ଟା ଯୋଗାଇ ଦେବାକୁ ପଡ଼ିବ। ଏ ଦିଗରେ ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ତତ୍ତୁଲ୍ୟ ନିର୍ଦ୍ଦେଶ ଓ ଟ୍ରେନିଂ ଦେବାକୁ ପଡ଼ିବ।

ଟିକରପଡ଼ା, କାକଟପୁର, ପୁରୀ,
ମୋ– ୯୪୩୭୦୫୩୩୨୯

ବହୁଜନ ହିତାୟ ବହୁଜନ ସୁଖାୟ

ଡ. କିଶୋର ମହାନ୍ତି

ରେଡ଼ିଓ କେବଳ ପ୍ରତ୍ୟେକ ଶିକ୍ଷିତ ତଥା ବୁଦ୍ଧିଜୀବୀଙ୍କ ମହଲରେ ଆଦୃତ ହୋଇନାହିଁ, ଅଧିକନ୍ତୁ ଏହା ନିପଟ ମଫସଲରେ ଥିବା ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅପାଢୁଆ, ଚାଷୀ, ଶ୍ରମିକ, ଏପରି କି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଆକୃଷ୍ଟ କରିଛି। ଗ୍ରାମାଞ୍ଚଳରେ ଏହାର ଆଦର ଖୁବ୍ ବେଶି। ଏକଲା ଘରେ ବସି ମନୋରଞ୍ଜନ ଖୋଜୁଥିବା ମଣିଷଟିଏ ପାଇଁ, ତା'ର କ୍ଲାନ୍ତିକର ମନରେ ଆନନ୍ଦ ଆଣି ଦେବା ପାଇଁ ରେଡ଼ିଓ ଯେ ଏକମାତ୍ର ସାଥୀ ଏହା ଅନସ୍ୱୀକାର୍ଯ୍ୟ। ସମସ୍ତେ ଯେମିତି ତା' କିମିଆରେ ବାନ୍ଧିହୋଇ ଯାଇଛନ୍ତି। କହିବାକୁ ଗଲେ ଏକଦା ଭାରତର ପ୍ରତି ସମ୍ଭ୍ରାନ୍ତ ଘରେ ଶୋଭାବର୍ଦ୍ଧନର ସାମଗ୍ରୀ ଭାବେ ଏହା ପରିଗଣିତ ହେଉଥିଲା ଓ ଧନୀ ବ୍ୟକ୍ତିର ପରିଚୟ ଦେଉଥିଲା। କିନ୍ତୁ ଏବେ ଘରେ ଘରେ ରେଡ଼ିଓ। ହାତରେ, କାନ୍ଧରେ, ଦୋକାନରେ, ମଲ୍‌ରେ, ବସ୍‌ରେ, ସାଇକେଲ ହାଣ୍ଡେଲରେ ଓହଳାଇ ଚାଷୀଟିଏ ଚାଷଜମିକୁ ଯିବା ସମୟରେ ରେଡ଼ିଓ ଯେମିତି ତା'ର ବିଶ୍ୱସ୍ତ ସାଥୀ।

କ୍ରମେ କ୍ରମେ ଶ୍ରୋତାମାନଙ୍

ଜୀବନ ସଂଗ୍ରାମରେ ଜୟୀ ହେବାକୁ ହେଲେ ବୀର ବିକ୍ରମରେ ବିପଦର ସମ୍ମୁଖୀନ ହୋଇ ଠିଆହେବାକୁ ହେବ।
- ସ୍ୱାମୀ ବିବେକାନନ୍ଦ

ସଂଗ୍ରାମୀଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ



ସମ୍ବଲପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଅଭିବାଦନ ଗ୍ରହଣ କରୁଛନ୍ତି (ବାମ)। ବୁର୍ଲା ମହାନଦୀ କୋଇଲା କମ୍ପାନୀ ପକ୍ଷରୁ ଏନସିସି କ୍ୟାଡେଟଙ୍କୁ ପୁରସ୍କୃତ କରାଯାଉଛି (ମଝି)। ସମ୍ବଲପୁରରେ ପୋଲିସ ବାହିନୀର ପରେଡ ।



ସମ୍ବଲପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଏନସିସି କ୍ୟାଡେଟମାନେ ପରେଡ ପ୍ରଦର୍ଶନ କରୁଛନ୍ତି। (ବାମ)। ସମ୍ବଲପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଛାତ୍ରୀଙ୍କ ସମ୍ବଲପୁରୀ ନୃତ୍ୟ ।

ସମ୍ବଲପୁର ରେଳମଣ୍ଡଳରେ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ପରେଡ ପରିଦର୍ଶନ କରୁଛନ୍ତି (ବାମ)। ସମ୍ବଲପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପିଠା କାର୍ଯ୍ୟକ୍ରମ ପାଇଁ ପୁରସ୍କୃତ ୯ଟି ବ୍ଲକର ପଞ୍ଚାୟତ ପ୍ରତିନିଧିମାନେ ।

ସମ୍ବଲପୁର, ୨୭।୧ (ବ୍ୟୁରୋ)

ସମ୍ବଲପୁରରେ ଜିଲାସ୍ତରୀୟ ୭୦ତମ ସାଧାରଣତନ୍ତ୍ର ଦିବସ ଶହୀଦସ୍ତମ୍ଭ ରାସ୍ତାରେ ପାଳିତ ହୋଇଯାଇଛି । ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସମ୍ବିଧାନକୁ ସୁଦୃଢ଼ କରିବାକୁ ହେଲେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାକୁ ଠିକ ଢଙ୍ଗରେ କାର୍ଯ୍ୟ କରିବା ଦିଗରେ ସମସ୍ତେ ଯତ୍ନବାନ ହେବା ଉଚିତ। ସ୍ୱାଧୀନତା ସଂଗ୍ରାମରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ସଂଗ୍ରାମୀ ମାଧୋ ସିଂ ଓ ତାଙ୍କ ପରିବାର ଚନ୍ଦ୍ରଶେଖର ବେହେରା ଏବଂ ଅନ୍ୟାନ୍ୟ ସଂଗ୍ରାମୀ ମାନଙ୍କର ଅବଦାନ ଉଲ୍ଲେଖନୀୟ। ଏଣୁ ଯୁବପିଢ଼ି ସଂଗ୍ରାମୀମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବ ଜରୁରୀ। ସମ୍ବଲପୁରୀ ହସ୍ତତନ୍ତ, ନୃତ୍ୟ, ବାଦ୍ୟ ଓ କଳାର ବୈଶିଷ୍ଟ୍ୟ ଉପରେ ମନ୍ତ୍ରୀ ଆଲୋକପାତ କରିଥିଲେ। ଏହିଅବସରରେ ୩୦ଟି ଦଳ ପରେଡ ପ୍ରଦର୍ଶନ କରିଥିଲେ । ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳ ନାଭାଲ୍ ୟୁନିଟି ପ୍ରଥମ, ଏନସିସି ବର୍ଗରେ ସେଣ୍ଟଜୋନ୍ସ ବାଳିକା ଦଳ ପ୍ରଥମ ଓ ବାଳକ ଦଳ ଦ୍ୱିତୀୟ, ଗୁରୁନାନାକ ପବ୍ଲିକ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଜୁନିୟର ରେଡକ୍ରସ ବିଭାଗରେ ଲେଡିଲୁଇସ୍ ଗର୍ଲ୍ସ ହାଇସ୍କୁଲ ଓ ସିଭିଲିୟନ୍‌ରେ ସେଭେନହିଲ୍ସ ଆବାସିକ ସ୍କୁଲ ପ୍ରଥମ ହୋଇଛି। ବାଲିବନ୍ଧା ଗର୍ଲ୍ସ ହାଇସ୍କୁଲ ଦ୍ୱିତୀୟ ଓ ରାଷ୍ଟ୍ରୀୟଗୋପାଳ ବିଦ୍ୟାମନ୍ଦିର ଦଳ ତୃତୀୟ ସ୍ଥାନ ଅଧିକାର କରିଛି। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ସିଲ୍ଡ ପ୍ରଦାନ କରିଥିଲେ। ଟିପିଲିମା କୃଷି ବିଜ୍ଞାନ କେନ୍ଦ୍ର, ସର୍ବଶିକ୍ଷା ଅଭିଯାନ, ଜିଲା ସୁରକ୍ଷା ୟୁନିଟ, ଜିଲା ସ୍ୱାସ୍ଥ୍ୟ ସମିତି, ଭିନ୍ନକ୍ଷମ କଲ୍ୟାଣ ବିଭାଗ, ଜିଲା କୃଷି ମିଶନ ଶକ୍ତି, ଗ୍ରାମ୍ୟ ପରିମଳ ମିଶନ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନରେ ସାମିଲ ହୋଇଥିଲେ। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରଥମ, ସେଣ୍ଟଜୋନ୍ସ ସ୍କୁଲ ଦ୍ୱିତୀୟ ଓ ଜିଲା ପୋଲିସ ତୃତୀୟ ସ୍ଥାନ ହାସଲ କରିଛି। ଅପରପକ୍ଷେ ସେଣ୍ଟଜୋନ୍ସ ସ୍କୁଲ, ମଦନାବତୀ ପବ୍ଲିକ ସ୍କୁଲ, ବିନାଖଣ୍ଡି ସ୍କୁଲ, ବିକାଶ ସ୍କୁଲ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବାମରା ବ୍ଲକର ବାବୁନିଲ୍ଲିମାଲ ପଞ୍ଚାୟତ, ଧନକଉଡାର ବସନ୍ତପୁର ପଞ୍ଚାୟତ, ଜମନକିରାର ଫାଶିମାଲ, ଯୁଯୁମୁରାର ମେଘପାଲ, କୁଣ୍ଡିଆର ତିଲେଇମାଲ, ମାନେଶ୍ୱର ପରମାଣପୁର, ନାକଟିଦେଉଳର ଉଚ୍ଚଁା, ରେଢ଼ାଖୋଲର ବଂଶାଜାଲ, ରେଙ୍ଗାଲିର କନଖିଣ୍ଡା ଗ୍ରାମ ପଞ୍ଚାୟତକୁ ପିଠା କାର୍ଯ୍ୟକ୍ରମ ସକାଶେ ସମର୍ଦ୍ଧିତ କରାଯାଇଥିଲା। ସକାଳେ ରାମଧ୍ୱନ, ବରପୁତ୍ରମାନଙ୍କ ପୂତିମୂର୍ତ୍ତିରେ ମାଲ୍ୟାପର୍ଣ କାର୍ଯ୍ୟକ୍ରମ ହୋଇଥିଲା । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମିତା ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ନନ୍ଦିନୀ ମୁଣ୍ଡାରି ସହଯୋଗ କରିଥିଲେ । ଏହି ଜିଲାସ୍ତରୀୟ ଉତ୍ସବରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ସଞ୍ଜୀବ ଆରୋରା, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ଅତିରିକ୍ତ ଜିଲାପାଳ ଅଜୟ ଜେନା, ଉପଜିଲାପାଳ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟଅତିଥି ଓ ଜିଲା ପ୍ରଶାସନର ଅଧିକାରୀମାନେ ମଣ୍ଡଳ ଗାରାଗାର, ନାରୀବନ୍ଦି ନିକେତନ, ଦୟମଣୀ ଜରାଶ୍ରମ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। କ୍ଷେତରାଜପୁର ବାଳିକା ବିଦ୍ୟାଳୟ, ସିଦ୍ଧେଶ୍ୱର ବେର୍ଣ୍ଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଶ୍ଚିମାଞ୍ଚଳ କୋଶଳ ପରିଷଦ, ଟାଙ୍ଗରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଭୋଇ ନଗର ସ୍ଥିତ ଶିଶୁ ବିଦ୍ୟାମନ୍ଦିର, ମୁନିସିପାଲଟି ଛକ ସ୍ଥିତ ନାରୀସେବା ସଂଘ ସମେତ ବିଭିନ୍ନ ସରକାରୀ, ବେସରକାରୀ ସ୍କୁଲ, କଲେଜ, କ୍ରୀଡାନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନରେ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି ।

ସମ୍ବଲପୁର ଶହୀଦସ୍ତମ୍ଭ ନିକଟ ରାସ୍ତାରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ପିଲାମାନେ ଜାତୀୟ ପତାକା ଧରିଛନ୍ତି (ବାମ)। ବୁର୍ଲା ମହାନଦୀ କୋଇଲା କମ୍ପାନୀ ଦ୍ୱାରା ଆୟୋଜିତ ଜନରାଜ୍ୟ ଦିବସରେ ମୁଖ୍ୟଅତିଥି ପରେଡ ପରିଦର୍ଶନ କରୁଛନ୍ତି ।

ସମ୍ବଲପୁର ରେଳ ମଣ୍ଡଳ

ସମ୍ବଲପୁର ରେଳବାଇ ଷ୍ଟାଡିୟମରେ ରେଳମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିସହ ରେଳ ସୁରକ୍ଷା ବଳ, ଭାରତ ସ୍କାଉଟ ଓ ଗାଇଡ୍‌ର ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ । ସେ କହିଥିଲେ ଯେ, ଭାରତୀୟ ରେଳବାଇ ଦେଶର ଜୀବନ ରେଖା। ଦେଶ ଉନ୍ନତିରେ ଅଧିକ ସେବା ପ୍ରଦାନ କରି ଆସୁଛି । ଚଳିତ ବର୍ଷ ଡିସେମ୍ବର ମାସ ମଧ୍ୟରେ ସମ୍ବଲପୁର ମଣ୍ଡଳ ମାଲ ପରିବହନ ଲକ୍ଷ୍ୟ ୬.୫୭୦ ମେଟ୍ରିକ୍ ଟନ୍‌ରୁ ବଢ଼ି ୬.୭୭୬ ମେଟ୍ରିକ ଟନ୍ ହୋଇଛି । ଯାହାକି ୩.୧୪ ପ୍ରତିଶତ ବୃଦ୍ଧି ହୋଇଛି । ସେହିପରି ମାଲ ପରିବହନରେ ଆୟ ୭୩୦.୯୦ କୋଟି ହୋଇଛି । ଯାହାକି ଗତ ବର୍ଷ ତୁଳନାରେ ୨୪.୭୨ ପ୍ରତିଶତ ଅଧିକ। ଯାତ୍ରୀ ଭଡା ବାବଦରେ ବଗତ ବର୍ଷ ତୁଳନାରେ ୫.୭୭ ପ୍ରତିଶତ ବୃଦ୍ଧି ଘଟିଛି ବୋଲି କହିଥିଲେ । ଏହି ଅବସରରେ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୧ ର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ଅଧ୍ୟକ୍ଷା ମୋନିକା ଗୁପ୍ତା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁ, ମହିଳା କଲ୍ୟାଣ ସଂଗଠନ ସଦସ୍ୟା ରେଳ ଅଧିକାରୀ ଓ କର୍ମଚାରୀ, ଶ୍ରମିକ ୟୁନିୟନ, ଶ୍ରମିକ ସଂଗଠନର ପ୍ରତିନିଧିମାନେ ସାମିଲ ଥିଲେ । ସହାୟକ କାର୍ମାକ ଅଧିକାରୀ ଦିଗମ୍ବର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

ମହାନଦୀ କୋଇଲା କମ୍ପାନୀ

ମହାନଦୀ କୋଇଲା କମ୍ପାନୀ ମୁଖ୍ୟାଳୟଠାରେ ବୈଷୟିକ ନିର୍ଦ୍ଦେଶକ ଜେ.ପି. ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏଥିରେ ଏମସିଏଲ ସିକ୍ୟୁରିଟି ଗାର୍ଡ, ଏନସିସି କ୍ୟାଡେଟ, ସ୍କାଉଟ, ଗାଇଡ ସମେତ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ପରେଡରେ ସାମିଲ ହୋଇଥିଲେ । ମୁଖ୍ୟସତର୍କତା ଅଧିକାରୀ ମୁନୱର ଖୁର୍ସିଦ, ନିର୍ଦ୍ଦେଶକ ଓ.ପି. ସିଂ, ବିତ୍ତ ନିର୍ଦ୍ଦେଶକ ଆର ବାସୁଦେୱନ, ନୌସିନା ଆଫ୍ରିମ୍ ଅଲ୍ଲି, ପଦ୍ମଜା ସିଂ, ପଦ୍ମିନୀ ବାସୁଦେୱାନ ସମ୍ମାନୀତ ଅତିଥି ଥିଲେ । ଏହି ଅବସରରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଏମସିଏଲ ଡିଏଭି ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ-୨, କିଙ୍ଗ୍ ହାଇସ୍କୁଲ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ବୁର୍ଲା ସରକାରୀ ବାଳକ ହାଇସ୍କୁଲ, ଲେଡିଲୁଇସ ଗର୍ଲ୍ସ ହାଇସ୍କୁଲ, ବୁର୍ଲା ସରକାରୀ ବାଳିକା ହାଇସ୍କୁଲ, କିଡଜି, ମହିଳା ମଣ୍ଡଳ, ସେଣ୍ଟ ଜୋସେଫ୍ କନଭେଣ୍ଟ ପ୍ରଭୃତି ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ । କଲ୍ୟାଣ ବିଭାଗର ଦିଲୀପ କୁମାର ପାଣିଗ୍ରାହୀ, ଆଶିକ ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ହୀରାକୁଦ ହିଣ୍ଡାଲ୍‌କୋ

ହୀରାକୁଦ ହିଣ୍ଡାଲ୍‌କୋ ମେନ୍ କଲୋନୀସ୍ଥିତ ଖେଳ ପଡିଆରେ କ୍ଲଷ୍ଟର ମୁଖ୍ୟ ରାଜେଶ କୁମାର ଗୁପ୍ତା ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅର୍ଚ୍ଚନା ଗୁପ୍ତା, ହୀରାକୁଦ ସ୍ପୋର୍ଟସ୍ ମୁଖ୍ୟ ଜେପି ନାୟକ, ଓଡିଶା କ୍ଲଷ୍ଟର ମାନବସମ୍ବଳ ମୁଖ୍ୟ ଯଶବୀର ସିଂ ସମ୍ମାନୀତ ଅତିଥି ଥିଲେ । କମ୍ପାନୀର ବରିଷ୍ଠ ବିଭାଗୀୟ ମୁଖ୍ୟ, କର୍ମଚାରୀ, ଅଧିକାରୀ, ଠିକା କର୍ମଚାରୀ, ଦିବ୍ୟାଂଶି ମହିଳା ମଣ୍ଡଳ, ରିଭର୍ସ ସାଇଟ୍ କଲୋନୀ, କସ୍ତୁରବା ମହିଳା ସମିତି, ମେନ କଲୋନୀ, ସରସ୍ୱତୀ ମହିଳା ମଣ୍ଡଳ, ପାୱାର କଲୋନୀ ସଭ୍ୟାସଭ୍ୟ ଯୋଗଦେଇଥିଲେ ।

ସଂକ୍ଷେପରେ

ତୁଳସୀ ଦାସ ମାହାଣାଙ୍କ ପରଲୋକ

ରେଙ୍ଗାଲି, ୨୭।୧ (ଡି.ଏନ.ଏ)
ରେଙ୍ଗାଲି ଚାଉଳଡିପୋ ଗ୍ରାମର ଡ. ତୁଳସୀ ଦାସ ମାହାଣାଙ୍କ ୭୦ ବର୍ଷ ବୟସରେ ରବିବାର ସନ୍ଧ୍ୟା ୬ଟା ସମୟରେ ଦେହାନ୍ତ ହୋଇଛି । ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁରେ ରେଙ୍ଗାଲିରେ ଶୋକର ଛାୟା ଖେଳି ଯାଇଛି । ରେଙ୍ଗାଲି ବ୍ଲକ ଅଞ୍ଚଳରେ ସେ କେମେଷ୍ଟ୍ରିରେ ପ୍ରଥମ ଡକ୍ଟରେଟ ଉପାଧି ପାଇଥିଲେ । ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠାତା ଅଧ୍ୟକ୍ଷ ଓ ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦର ସଭାପତି ଥିଲେ । ଏକାଧାରାରେ ସେ ଜଣେ ବରିଷ୍ଠ ଶିକ୍ଷାବିତ, ସାମାଜିକ କର୍ମୀ ଭାବରେ ରେଙ୍ଗାଲିରେ ବେଶ୍ ପରିଚିତ ଥିଲେ। ସୋମବାର ରେଙ୍ଗାଲି ଶ୍ମଶାନ ଘାଟରେ ତାଙ୍କର ସଂସ୍କାର କରାଯିବ।

ବାମରା ଗ୍ରୀଡରୁ ୮ ଟ୍ରାନ୍ସଫର୍ମର ଚୋରି

ବାମରା, ୨୭।୧ (ସ୍ୱ.ପ୍ର.)
ସମ୍ବଲପୁର ଜିଲା ବାମରାସ୍ଥିତ ୩୩/୧୧ କେଭି ଗ୍ରୀଡରୁ ଶନିବାର ରାତିରେ ୮ଟି ଟ୍ରାନ୍ସଫର୍ମର ଚୋରି ହୋଇ ଯାଇଥିବା ନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି । ବାମରା- ବଡଗାଁ ମୁଖ୍ୟ ରାସ୍ତାରେ ଥିବା ୩୩/୧୧ କେଭି ଗ୍ରୀଡରୁ ୧୬ କେଭିର ଗୋଟିଏ ଓ ୧୦ କେଭିର ୭ଟି ଟ୍ରାନ୍ସଫର୍ମର ଚୋରି ହୋଇଯାଇଥିବା ନେଇ ବାମରା ୱେସ୍କୋ ସେକ୍ସନ ଜେଇ ଆଲୋକ ସିଂ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଗୋବିନ୍ଦପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

କମ୍ପାନୀ ସାମଗ୍ରୀ ଚୋରି ଅଭିଯୋଗରେ ଯୁବକ ଗିରଫ

ସମ୍ବଲପୁର,୨୭ । ୧(ବ୍ୟୁରୋ)
ସମ୍ବଲପୁର ଅଇଁଠାପାଲି ଥାନା ବରେଇପାଲି ନୂଆଁପଡା ଅଞ୍ଚଳରୁ କମ୍ପାନୀ ସାମଗ୍ରୀ ଚୋରି ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ କ୍ଷେତରାଜପୁର ଥାନା ମିଲପଡାର ରାମ ଦିପ (୨୩) । ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକଚର କମ୍ପାନୀର ଅଧିକାରୀ ଅମୂଲ୍ୟ କୁମାର ଜେନା ଗତ ଡିସେମ୍ବର ୧୫ ତାରିଖ ଅଭିଯୋଗ କରିଥିଲେ ଯେ, କେତେକ ଯୁବକ ତାଙ୍କୁ ଭୁଜାଲି ଦେଖାଇ ଏକ ବସ୍ତାରେ ଥିବା ହାର୍ଡୱେର ସାମଗ୍ରୀ ଲୁଟି ନେଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪୮୮/୧୯) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ଡିସେମ୍ବର ୧୬ ତାରିଖ ମିଲ୍‌ପଡାର ବସୁଦେବ ତାଣ୍ଡି ଓ ୨୪ ତାରିଖ ଗଗନ ନାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଦିନଦ୍ୱିପ୍ରହରରେ ଝରକା ଭାଙ୍ଗି ଚୋରି

ରେଙ୍ଗାଲି, ୨୭।୧ (ଡି.ଏନ.ଏ)
ରେଙ୍ଗାଲି ଥାନା ରମ୍ପେଲାକ୍ୟାମ୍ପର ଡୋଲାମଣି ଭୋଇଙ୍କ ଘରେ ଝରକା ଭାଙ୍ଗି ଦୁର୍ବୃତ୍ତ ଚୋରି କରିଛନ୍ତି। ରେଙ୍ଗାଲି ଥାନାରୁ ମାତ୍ର ୫୦୦ ମିଟର ଦୂରରେ ଏହି ଘଟଣା ଘଟିଛି। ଆଲମାରି ଭାଙ୍ଗି ୮ ହଜାର ଟଙ୍କା, ସୁନା କାନଫୁଲ ଏବଂ ରୂପା ପାୟଲ ଚୋରି ହୋଇଯାଇଛି । ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତରିଆ ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଭିଣୋଇଙ୍କୁ ହତ୍ୟା ଅଭିଯୋଗରେ ୨ ଶାଳକ ଗିରଫ

କୁଚିଣ୍ଡା, ୨୭।୧ (ଡି.ଏନ.ଏ)
କୁଚିଣ୍ଡା ଲାଡମମାଲ ଗ୍ରାମରେ ଗତ ୨୫ ତାରିଖ ରାଜେନ୍ଦ୍ର ନାୟକ (୩୦) ହତ୍ୟାକାଣ୍ଡରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ମୃତକ ରାଜେନ୍ଦ୍ରଙ୍କ ନିଜର ସମ୍ପର୍କୀୟ ଦୁଇ ଶାଳକ ସନି କିସାନ ଏବଂ ଦିବ୍ୟ କିସାନ। କୌଣସି କାରଣରୁ ୩ ଜଣଙ୍କ ଭିତରେ ଗଣ୍ଡଗୋଳ ହୋଇଥିଲା। ଦୁଇ ଶାଳକ ମିଶି କାଠ ଫାଳିଆରେ ରାଜେନ୍ଦ୍ରଙ୍କୁ ନିସ୍ତୁକ ମାଡ ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

ସମ୍ବଲପୁର ଜେଲକୁ ଆସିଲେ ସିମ୍ରନ୍‌ଙ୍କ ପୁରୁଷ ବନ୍ଧୁ

ସମ୍ବଲପୁର,୨୭।୧(ବ୍ୟୁରୋ)

ସମ୍ବଲପୁରୀ ଆଲବମ ଅଭିନେତ୍ରୀ ତଥା ସେଲଫି ବେବୋ ଭାବେ ଜଣାଶୁଣା ଅଭିନେତ୍ରୀ ସିମ୍ରନ ମୋର୍ଯ୍ୟଙ୍କ ମୃତ୍ୟୁ ଘଟଣାର ପୋଲିସ ପର୍ଦାଫାସ କରିପାରୁନାହିଁ । ଅଧିକ ପଚରାଉଚୁରା ପାଇଁ ସିମ୍ରରନଙ୍କ ପୁରୁଷ ବନ୍ଧୁ ଧ୍ରୁବରାଜ ସୁନାଙ୍କୁ ବୁର୍ଲା ପୋଲିସ ସୋମବାର ରିମାଣ୍ଡରେ ନେବ। ଏହି ଘଟଣାରେ ଗିରଫ ହୋଇ ଧ୍ରୁବରାଜ ଜାନୁୟାରୀ ୪ ତାରିଖଠାରୁ ଝାରସୁଗୁଡା ଜେଲରେ ରହିଥିଲେ। ରବିବାର ସେ ସମ୍ବଲପୁର ମଣ୍ଡଳ କାରାଗାରରେ ଅଛନ୍ତି । ଧ୍ରୁବରାଜଙ୍କୁ ରିମାଣ୍ଡରେ ନେବାକୁ ବୁର୍ଲା ଥାନା ପୋଲିସ ସମ୍ବଲପୁର ଏସ୍‌ଡିଜିଏମଙ୍କ କୋର୍ଟରେ ଆବେଦନ କରଥିଲା। ପରେ ସମ୍ବଲପୁର ଏସ୍‌ଡିଜିଏମ ଝାରସୁଗୁଡା ଏଡିଜେଙ୍କୁ ଆବେଦନ କରିଥିଲେ। ଶେଷରେ ଧ୍ରୁବରାଜଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ ଝାରସୁଗୁଡା ଏଡିଜେ

ଅନୁମତି ଦେଇଛନ୍ତି। ଜାନୁୟାରୀ ୨୫ ତାରିଖଠାରୁ ୨୯ ତାରିଖ ଅବଧି ରହିଛି । ହେଲେ ଅନୁମତି ଦେବାକୁ ଇତି ମଧ୍ୟରେ ୨ ଦିନ ବିତିଯାଇଛି । ରବିବାର ଝାରସୁଗୁଡାରୁ ଆସି ସେ ସମ୍ବଲପୁରରେ ଜେଲରେ ପହଞ୍ଚିଛନ୍ତି। ସୋମବାର ଓ ମଙ୍ଗଳବାର ୨ ଦିନରେ ପଚରା ଉଚୁରା କରିପାରିବାକୁ ନେଇ ସନ୍ଦେହ ରହୁଛି । ସୂଚନାଯୋଗ୍ୟ ଯେ, ଜାନୁୟାରୀ ୩ ତାରିଖ ବୁର୍ଲା ମହାନଦୀ ବ୍ରିଜ ତଳୁ ସିମ୍ରନଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ଅନ୍ୟପଟେ ଝାରସୁଗୁଡା ଥାନାରେ ପୂର୍ବରୁ ସିମ୍ରନଙ୍କୁ ଅପହରଣ ହୋଇଥିବା ମାମଲା ଓ ନାବାଳିକା ହୋଇଥିବାରୁ ବଳାତ୍କାର ମାମଲା ରୁଜୁ ହୋଇ ଅଭିଯୁକ୍ତ ଧ୍ରୁବରାଜଙ୍କୁ ପୋଲିସ ଗିରଫ କରିଥିଲା। ସିମ୍ରନଙ୍କ ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ବୁର୍ଲା ଥାନାରେ ହୋଇଥିବା ଅପମୃତ୍ୟୁ ମାମଲା ପରେ ହତ୍ୟା ମାମଲାରେ ପରିବର୍ତ୍ତନ ହୋଇଛି।

ପଥରରେ ଛେଚି ହତ୍ୟା

**ଝାରସୁଗୁଡ଼ା ଅଫିସ,୨୭

ଅନ୍ୟକୁ ଘୃଣା କରିବା ଅର୍ଥ ମୃଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ

୨ ଶିଶୁ କନ୍ୟାଙ୍କ ସଲିଲ ସମାଧି

ସୋର/ବସ୍ତା, ୨୭।୧ (ଡି.ଏନ.ଏ./ସ୍ୱ.ପ୍ର.): ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ପାଣିରେ ବୁଡି ୨ ଶିଶୁକନ୍ୟା ପ୍ରାଣ ହରାଇଛନ୍ତି। ଜଣେ ହେଲେ ସୋର ଥାନା ଟେଣ୍ଟେଇ ଗ୍ରାମର ଆର୍ଯ୍ୟଭଟ ବିଶ୍ୱାଳଙ୍କ ଝିଅ ଲିଜା ଓ ଅନ୍ୟଜଣେ ସିଂଲା ଥାନା ବାଲିସାହି ଗ୍ରାମର ଗୌରାଙ୍ଗ ପ୍ରମାଣିକଙ୍କ ଝିଅ ଅର୍ଚ୍ଚିତା। ଉଭୟଙ୍କ ବୟସ ୩ ବର୍ଷ। ଲିଜା ଘର ନିକଟରେ ଖେଳୁଥିବା ବେଳେ ରାଉତାଣୀ ପୋଖରୀରେ ପଡ଼ିଯାଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅର୍ଚ୍ଚିତା ଘର ଅଗଣାରେ ଖେଳୁଥିବା ବେଳେ ପରିବାର ଲୋକଙ୍କ ଅଜାଣତରେ ପୋଖରୀକୁ ଚାଲିଯାଇଥିଲେ। ପରିବାର ଲୋକେ ସନ୍ଦେହରେ ଖୋଜାଖୋଜି କରିବା ପରେ ପୋଖରୀରୁ ଶିଶୁକନ୍ୟାକୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନେଇ ଆସିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ. ୭/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

ପରିଶ୍ରମର ଫଳ ମିଳିଛି: ଦୈତାରି

■ ପାହାଡ଼ କାଟି ଜମିକୁ ଆଣିଥିଲେ ପାଣି

କେନ୍ଦୁଝର, ୨୭।୧(ସ୍ୱ.ପ୍ର.)

ପାହାଡ଼ କାଟି କେନାଲ ଖୋଳି ଚାଷ ଜମିକୁ ପାଣି ଆଣି ଦୃଷ୍ଟାନ୍ତ ସାଜିଥିବା ଚାଷୀ ଦୈତାରି ନାଏକ(୭୦)ଙ୍କୁ ମିଳିବ ପଦ୍ମଶ୍ରୀ ପୁରସ୍କାର। ଏହି ପୁରସ୍କାର ପ୍ରଦାନ ନେଇ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବ ସନ୍ଧ୍ୟା ଶୁକ୍ରବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏ ନେଇ ସମଗ୍ର କେନ୍ଦୁଝର ଜିଲାରେ ଖୁସିର ଲହରି ଖେଳି ଯାଇଛି। ଏହି ଖବର ପ୍ରଚାର ପରେ ଶୁଭେଚ୍ଛା ବାର୍ତ୍ତା ଓ ସମ୍ବର୍ଦ୍ଧନା ଜଣାଇବାକୁ ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ଉପରବୈତରଣୀ ଗ୍ରାମରେ ଥିବା ଦୈତାରୀଙ୍କ ଘରେ ରାଜନୈତିକ ନେତାଙ୍କ ସୁଅ ଛୁଟିଥିଲା। ଏହି ପୁରସ୍କାର ପାଇଁ ପୂର୍ବତନ କ୍ରିକେଟିୟର ଭିଭିଏସ୍ ଲକ୍ଷ୍ମଣ ଟୁଇଟ୍ କରି ପ୍ରଶଂସା କରିଥିବା ଜଣାଯାଇଛି। ଏ ନେଇ ଦୈତାରି କହିଛନ୍ତି ଯେ, ଏଭଳି ସର୍ବୋଚ୍ଚ ନାଗରିକ ପୁରସ୍କାର ମିଳୁଥିବାରୁ ସେ ଓ ତାଙ୍କ ପରିବାର ଲୋକେ ବେଶ୍ ଖୁସି ଅଛନ୍ତି। ଜଣେ ସାଧାରଣ ଲୋକକୁ ଏଭଳି ପୁରସ୍କାର ପ୍ରଦାନ କରାଯାଉଥିବାରୁ ସରକାରଙ୍କୁ ଧନ୍ୟବାଦ। ଗ୍ରାମ ଓ ଆଖପାଖ

ଗ୍ରାମବାସୀଙ୍କ ସହ ଦୈତାରି।

ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ସୁଦୃଢ ହୋଇ ପାରିଲେ ଅଧିକ ଖୁସି ଲାଗିବ।

ଦୈତାରୀ ଦୀର୍ଘ ୩ କି.ମି. କେନାଲ ଖୋଳି ଗ୍ରାମଠାରୁ ବହୁ ଦୂରରେ ବୋହି ଯାଉଥିବା ଝରଣା ପାଣିକୁ ଚାଷ ଜମିକୁ ଆଣିବାରେ ସକ୍ଷମ ହୋଇଥିଲେ। ଏଥିପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡିଥିଲା। ପରିବାର ସଦସ୍ୟଙ୍କ ସହ ମିଶି କେନାଲ ଖୋଳି ଜମିକୁ ପାଣି ମଡାଇ ଚାଷ କରି ଦୈତାରି ୨୦୧୮ରେ ଚର୍ଚ୍ଚାର ପରିଧିକୁ ଆସିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ସଂସ୍ଥା ଓ ସଙ୍ଗଠନରୁ ସେ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଛନ୍ତି। ଚାଷ ହେଉଛି ଆମର ଜୀବନଜୀବିକା। ଏଥିରେ ଘର ଓ ପରିବାର ଚଳୁଛି। ପାଣି ଅଭାବରୁ ଚାଷ କାର୍ଯ୍ୟ ହୋଇପାରୁନାହିଁ। ପାଣି ଆଣି ଚାଷ କଲେ ପରିବାର ଚଳିବ ବୋଲି ଭାବୁଥିଲି। ଗ୍ରାମଠାରୁ ବହୁ ଦୂରରେ ଝରଣା ଥିଲେ ହେଁ ଜମିକୁ ପାଣି ଆସିବାର ସୁବିଧା ନ ଥିଲା। ଜମିକୁ କିପରି ପାଣି ପହଞ୍ଚିବ ସେ ନେଇ ଉଦ୍ୟମ ଆରମ୍ଭ କରିଥିଲି। ଏ ନେଇ ଗ୍ରାମବାସୀଙ୍କ ସହାୟତା ଲୋଡିଥିଲି। ପାଣି ଆସିଲେ ବାଇଗଣ, କୋବି, ଶାଗ, ଆଳୁ, ଧାନ ଆଦି ଚାଷ କରିପାରିବା ବୋଲି ଗ୍ରାମବାସୀଙ୍କୁ କହିଥିଲି। ଏତେ ଦୂରରୁ କ'ଣ ପାଣି ଆଣିବା ଓ ଚାଷ କରି ଭାତ ଖାଇବା ବୋଲି ଓଲଟା ପ୍ରଶ୍ନ ଗ୍ରାମବାସୀ କରିଥିଲେ। ଛୁଆପିଲାଙ୍କ ପାଇଁ କିଛି କରିବାକୁ ପଡିବ ବୋଲି ଭାବି ନିରାଶ ନ ହୋଇ କେନାଲ ଖୋଳିବା ଆରମ୍ଭ କରିଥିଲି। ଶେଷରେ ପରିଶ୍ରମର ସୁଫଳ ମିଳିଛି। ପାଣି ଗାଁ ପାଖକୁ ଆସିଲାବେଳେ ଗ୍ରାମବାସୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ବୋଲି ଦୈତାରୀ କହିଛନ୍ତି। ପାହାଡିଆ ଅଞ୍ଚଳରେ ଜଳସେଚନ ଅଭାବରୁ ଚାଷ ହୋଇପାରୁନି। ପାଣି ସମସ୍ୟା ଲାଗି ରହିଛି। ଚାଷର ବିକାଶ କଲେ ଲୋକଙ୍କ ବିକାଶ ହୋଇପାରିବ। ଦୃଢ଼ ଇଚ୍ଛାଶକ୍ତି କେବେ ବୃଥା ହୁଏନି। ଦୈତାରିଙ୍କ ଉଦ୍ୟମ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ହେବ। ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆମ୍ବ ଗଛ ତିନି କେନା,
କୁଣିଆଁ ପଡ଼ିଲେ ବୋଲି ଏବେ କଲୁ
ଭାତ ଚାଉଳିଆ ସିନା ।

ଲୋକ ସଂଖ୍ୟା ଦେଖି ଖାଦ୍ୟ ରନ୍ଧାଯାଇଥାଏ। ଅଳ୍ପ ବଦଳରେ ବେଶି କୁଣିଆଁ ଆସି ପହଞ୍ଚିଗଲେ ଖାଦ୍ୟ ନିଅଣ୍ଟ ପଡ଼ିବା ସମ୍ଭାବନା ବଢ଼ିଯାଏ। ଫଳରେ କୁଣିଆ ଚର୍ଚ୍ଚା କିପରି କରାଯିବ ସେନେଇ ବ୍ୟସ୍ତତା ବୃଦ୍ଧିପାଏ। ଏପରିସ୍ଥଳେ ଭାତ ଚାଉଳିଆ କରି ଗାଳିଲେ ବେଶି ଖାଇହେବନି। ମୁହଁ ଲାଜରେ ବି କହିବେନି ଓ ସେତିକି ଚାଉଳର ଭାତରେ କାମ ଚଳି ହୋଇଯିବ ବୋଲି ମନରେ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଆଲୋ ବୋଉ,
ଖୁଦ ଜାଉ ସଙ୍ଗେ ସିଝା ଓଉ ।

ଗରିବ ଘରେ ସବୁବେଳେ ଅଭାବ ଅନଟନ ଲାଗିରହିଥାଏ। ଭଲରେ ଖାଇବା ପିଇବା ପିନ୍ଧିବା ତାଙ୍କ ପାଇଁ ସାତସପନ ପାଲଟି ଯାଇଥାଏ। କେବେ ଭାତ ତରକାରି ବଦଳରେ ଖୁଦ ଜାଉ ଓ ସିଝା ଓଉରେ ପେଟ ଭରିବାକୁ ପଡ଼ିଥାଏ ଓ କେବେ ପାଣି ପିଇ ଦିନ ବିତାଇବାକୁ ପଡ଼ିଥାଏ। ଗରିବ ଘରର ବୋହୂ ତା' ଶାଶୁଘରର ଦାରିଦ୍ର୍ୟ କଥା ଚିନ୍ତାକରି ନିଜ ବୋଉକୁ ମନେପକେଇ ମନ କଷ୍ଟ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଭଟଲି,୨୭।୧(ଡି.ଏନ.ଏ.)]

ବରଗଡ଼ ଜିଲା ଭଟଲି ଥାନା ବରଗଡ଼-ଭଟଲି ମୁଖ୍ୟ ରାସ୍ତାର ବାଉଲସିଂହା ଛକ ନିକଟରେ ଶନିବାର ରାତିରେ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ବୃଦ୍ଧଙ୍କ ବୟସ ପାଖାପାଖି ୭୦ ବର୍ଷ ହେବ। ତେବେ ତାଙ୍କ ପରିଚୟ ମିଳିନାହିଁ। ରବିବାର ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ଶବାଗାରରେ ରଖାଯାଇଛି । କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ପୋଲିସ ପ୍ରକାଶ କରିଛି । ସହିତ କେଉଁ ଗାଡ଼ି ଧକ୍କାରେ ଏଭଳି ହୋଇଛି ତାହା ସିସି ଟିଭି ଫୁଟେଜ ଦେଖି ତଦନ୍ତ କରାଯାଉଥିବା କହିଛି । ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୧୩/୧୯) ରୁଜୁ ହୋଇଛି ।

ସୁନ୍ଦରୀକୁ ଜଗିବେ ମହେନ୍ଦ୍ର, ରାଜକୁମାର

ବାରିପଦା ଅଫିସ,୨୭।୧

ସାତକୋଶିଆ ଅଭୟାରଣ୍ୟରେ ଥିବା ବାଘୁଣୀ ସୁନ୍ଦରୀକୁ ଜଗିବା ପାଇଁ ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟରୁ ମହେନ୍ଦ୍ର ଓ ରାଜକୁମାର ନାମକ ଦୁଇ ହାତୀଙ୍କୁ ରବିବାର ସ୍ଥାନାନ୍ତରିତ କରାଯାଇଛି। ଏହି ଦୁଇ ହାତୀଙ୍କ ସହ ୪ଜଣ ମାହୁନ୍ତ, ଏବଂ ଦୁଇ ଜଣ ଡାକ୍ତରଙ୍କୁ ପଠାଯାଇଛି। ହାତୀ ସ୍ଥାନାନ୍ତରଣକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପୂର୍ବରୁ ବିରୋଧ କରିଆସୁଥିଲେ। ବିରୋଧାଭାଷ ସତ୍ତ୍ୱେ ସ୍ଥାନାନ୍ତରଣ ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୦୦୧ରେ ସୁଦୂର କର୍ନାଟକରୁ ବନ ବିଭାଗ ଦ୍ୱାରା ଶିମଳିପାଳ ଅଭୟାରଣ୍ୟକୁ ବିଶେଷ ଅତିଥି ଭାବେ ମହେନ୍ଦ୍ର ଓ ରାଜକୁମାରଙ୍କୁ ଅଣାଯାଇଥିଲା। ମହେନ୍ଦ୍ରର ବୟସ ୫୭ ହୋଇଥିବାବେଳେ ରାଜକୁମାର ୧୬ ବର୍ଷୀୟ ଅଟେ। ଶିମିଳିପାଳ ଅଭୟାରଣ୍ୟରେ ଏହି ଦୁଇ ହାତୀ ଜଙ୍ଗଲ

ଶିମିଳିପାଳରୁ ଗଲେ ସାତକୋଶିଆ

ମଧ୍ୟରେ ବିଭିନ୍ନ ସ୍ଥାନରେ ବୁଲି ନିରୀକ୍ଷଣ କରିବା ସହ ଅନ୍ୟ ଜୀବଜନ୍ତୁଙ୍କ ସହିତ ଶିକାରୀମାନଙ୍କ ଉପରେ ମଧ୍ୟ ନଜର ରଖୁଥିଲେ। ଅନ୍ୟପକ୍ଷରେ ଅନୁଗୋଳ ଜିଲା ସାତକୋଶିଆ ଜଙ୍ଗଲକୁ ଗତ ବର୍ଷ ମେ' ମାସରେ ମଧ୍ୟପ୍ରଦେଶର କାହ୍ନାରୁ ବାଘୁଣୀ ସୁନ୍ଦରୀକୁ ଅଣାଯାଇ ରଖାଯାଇଥିଲା। ତେବେ ମୟୂରଭଞ୍ଜର ଶିମିଳିପାଳର ଏହି ଦୁଇ ହାତୀଙ୍କ ନିକଟରେ ଉତ୍ତମ ଦକ୍ଷତା ଥିବାରୁ ଏ ଦୁହେଁ ସୁନ୍ଦରୀ ପାଖେ ପାଖେ ରହି ତାର ଚାଲିଚଳନ ଓ ଗତିବିଧି ନିରୀକ୍ଷଣ କରିପାରିବେ ବୋଲି ବନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସୁନ୍ଦରୀକୁ ନଜର ରଖିବା ଉଦ୍ଦେଶ୍ୟରେ ଶିଳିପାଳରୁ ସାତକୋଶିଆ ଜଙ୍ଗଲକୁ ପଠାଇବା ପାଇଁ ପୂର୍ବରୁ ଦୁଇ ଥର ଉଦ୍ୟମ କରି ଫେଲ ମାରିଥିଲା। ଶେଷରେ ଏହି ଘଟଣା ଉପରେ ଗତ ଶନିବାର ଯବନିକା ପଡ଼ିଛି। ଏନେଇ ଡିଡି ଏସ୍‌ଟିଆର (ଡେପୁଟି ଡାଇରେକ୍ଟର ଅଫ ଶିମିଳିପାଳ ଟାଇଗର୍ ରିଜର୍ଭ) ଯଜ୍ଞଦତ୍ତ ପତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମହେନ୍ଦ୍ର ଓ ରାଜକୁମାରଙ୍କୁ ଯଶୀପୁରଠାରୁ ଏକ ଟ୍ରକ ଯୋଗେ ଅନୁଗୋଳ ଜିଲା ସାତକୋଶିଆ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନଙ୍କୁ ଛାଡିବା ପାଇଁ ପୂର୍ବରୁ ଯେଉଁ ବିରୋଧ ହେଉଥିଲା ତାହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା ମଧ୍ୟ କରାଯାଇଥିଲା। ଏହା ସହ ଉକ୍ତ ହାତୀ ଦ୍ୱୟଙ୍କୁ ଶୀଘ୍ର ଶିମିଳିପାଳକୁ ଫେରାଇ ଅଣାଯିବ ବୋଲି ମଧ୍ୟ କହିଛନ୍ତି।

ପୁଣି ଧସିଲା ୨୦୦ ଫୁଟ୍ ଲମ୍ବର ପଥରପ୍ୟାକିଂ

ଆରଡ଼ି, ୨୭।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଓଳଗ ପଞ୍ଚାୟତର ଷାଠିବାଙ୍କୁଡ଼ା ଛନ୍ଦାକୂଳ ନିକଟରେ ରବିବାର ଅପରାହ୍ନରେ ବୈତରଣୀ ନଦୀବନ୍ଧରେ ପ୍ରାୟ ୨୦୦ ଫୁଟ ଲମ୍ବର ମାଟି ଅତଡ଼ା ସହ ପଥରପ୍ୟାକିଂ ନଦୀଗର୍ଭକୁ ଧସିଯାଇଛି। ଧସିଥିବା ସ୍ଥାନରେ କିଛି ମାସ ତଳେ ନୂତନ ଭାବେ ନଦୀବନ୍ଧ ଓ ପଥରପ୍ୟାକିଂ କାମ ହୋଇଥିଲା। ଯାଜପୁର ଜଳସେଚନ ବିଭାଗ ପକ୍ଷରୁ ୩ କି.ମି. ବ୍ୟାପି ଏହି ନଦୀବନ୍ଧରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କାର କାମ ହେଉଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ବାରମ୍ବାର ଏଭଳି ନଦୀବନ୍ଧ ଧସିବା ସ୍ଥିତି ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଗତ ବନ୍ୟା ସମୟରେ ୨୦ ନମ୍ବର ଜାତୀୟ ରାଜପଥରେ ଫାଟ ସୃଷ୍ଟି ହୋଇଥିବା ସ୍ଥାନ ଅଦ୍ୟାବଧି ମରାମତି ହୋଇ ନ ଥିବାବେଳେ ଜଳସେଚନ ବିଭାଗର ତ୍ରୁଟି ପୁଣି ନଜରକୁ ଆସିଛି। ଷାଠିବାଙ୍କୁଡ଼ା ଓ ବୋଡକ ମଧ୍ୟରେ ନଦୀବନ୍ଧରେ ପଥରପ୍ୟାକିଂ କାମରେ ତ୍ରୁଟି ହେଉଥିବା ସମ୍ପର୍କରେ

ଷାଠିବାଙ୍କୁଡା ନିକଟରେ ନଦୀବନ୍ଧରେ ମାଟି ଅତଡା ସହ ପଥର ପ୍ୟାକିଂ ଧସିଯାଇଛି।

ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଧସିଥିବା ସ୍ଥାନରେ ପୁଣି ବନ୍ଧରେ ମାଟି ପକାଯିବା ସହ ପଥରପ୍ୟାକିଂ କାମ ତ୍ୱରାନ୍ୱିତ କରାଯିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଦଇତାପତି ନିଯୋଗ ନିର୍ବାଚନ ଆଜି

ପୁରୀ ଅଫିସ, ୨୭।୧

- ■ ୧୫ ପଦବୀରେ ୨୪ ପ୍ରାର୍ଥୀ
- ■ ସକାଳ ୯ରୁ ଭୋଟଦାନ, ୪ଟାରେ ଗଣତି
- ■ ଅଧିକ ସଂଖ୍ୟାରେ ଯୁବ ପ୍ରାର୍ଥୀ

ଶ୍ରୀମନ୍ଦିର ଦଇତାପତି ନିଯୋଗର ନିର୍ବାଚନ ସୋମବାର ଅନୁଷ୍ଠିତ ହେବ। ଦକ୍ଷିଣ ଦ୍ୱାର ଶୀତତାପ ପ୍ରକୋଷ୍ଠରେ ହେବାକୁ ଥିବା ଏହି ନିର୍ବାଚନରେ ୧୨୦ ଜଣ ସଦସ୍ୟ ୨୪ ପ୍ରାର୍ଥୀଙ୍କ ମଧ୍ୟରୁ ୧୫ ଜଣଙ୍କୁ ନିର୍ବାଚିତ କରିବେ। ନିର୍ବାଚିତ ୧୫ ଜଣଙ୍କ ମଧ୍ୟରୁ ସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ରହିବେ।

ପ୍ରକାଶ ଯେ, ସକାଳ ୯ଟାଠାରୁ ନିର୍ବାଚନ ଆରମ୍ଭ ହୋଇ ଅପରାହ୍ନ ୩ଟା ପଯର୍ୟନ୍ତ ଚାଲିବ। ଅପରାହ୍ନ ୪ଟାରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ କରାଯିବ। ତେବେ ଆରମ୍ଭରୁ ଦଇତାପତି ନିଯୋଗ ନିର୍ବାଚନ ଚର୍ଚ୍ଚାରେ ରହିଥିଲା। ଗୋଟିଏ ଗୋଷ୍ଠୀ ନିର୍ବାଚନ ସପକ୍ଷରେ ଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ନିର୍ବାଚନ ନ ହେଉ ବୋଲି କହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଭୟପକ୍ଷ ନିର୍ବାଚନ ଲଢିବା ଲାଗି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମୋଟ ୩୨ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୨ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଥିଲା। ୬ ଜଣ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଥିଲେ। ବରିଷ୍ଠ ଦଇତାପତି ସେବକ ପ୍ରେମାନନ୍ଦ ଦାସ ମହାପାତ୍ର, ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର ନିର୍ବାଚନ ଲଢିବା ନେଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ ବି ଶେଷ ମୁହୂର୍ତ୍ତରେ ପ୍ରତ୍ୟାହାର କରି ନେଇଥିଲେ। ତେବେ ଏମାନଙ୍କ ପ୍ରତ୍ୟାହାରର କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଏବେ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ କରିବାରେ ଲାଗିପଡିଛନ୍ତି। ନିଯୋଗର ଦୁଇପକ୍ଷର ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ବରିଷ୍ଠ ଦଇତାସେବକଙ୍କ ପାଖରେ ପହଞ୍ଚି ସେମାନଙ୍କ ସପକ୍ଷରେ ଭୋଟ ଦେବା ପାଇଁ କହୁଛନ୍ତି। ସୂଚନାଥାଉ କି, ଏଥର ଅଧିକ ସଂଖ୍ୟକ ଯୁବ ଦଇତାପତି ପ୍ରାର୍ଥୀ ହୋଇଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କେଟିଂ, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କେଟିଂ, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କେଟିଂ, ପ୍ରପର୍ଟି, ପର୍ସନାଲ,

ସ୍ୱାସ୍ଥ୍ୟ ଓ ସନ୍ତୋଷଜନକ ଜୀବନଶୈଳୀ

ଡା. ଅନନ୍ତ କୁମାର ଆଚାର୍ଯ୍ୟ

ଖାଦ୍ୟ ପଦାର୍ଥକୁ ଖୁବ୍‌ଶୀଘ୍ର ବା ବହୁତ ଧୀରେ ଖାଇବା ଉଚିତ ନୁହେଁ । ଗପସପରେ ମଜି ରହି, ହସିହସି ବା ଟେଲିଭିଜନ ଦେଖି ଖାଇବା ଉଚିତ ନୁହେଁ । ଭୋଜନ ପ୍ରାରମ୍ଭରେ ମଧୁର ରସଯୁକ୍ତ ଖାଦ୍ୟ, ମଧ୍ୟଭାଗରେ ଲବଣ ଓ ଅମ୍ଳ ରସଯୁକ୍ତ ଖାଦ୍ୟ ଏବଂ ଶେଷରେ ପିତା-କଷା ରସଯୁକ୍ତ ଖାଦ୍ୟ ଗ୍ରହଣ ବିଧେୟ। ଖାଇବାର ୧୫ ମିନିଟ୍ ପୂର୍ବ ଓ ଖାଇବାର ୧୫ ମିନିଟ୍ ପରବର୍ତ୍ତୀ ସମୟ ମଧ୍ୟରେ ପାଣି ପିଇବା ଉଚିତ ନୁହେଁ ...

ଆୟୁର୍ବେଦ ଏକ ପ୍ରାଚୀନ ଜୀବନ-ବିଜ୍ଞାନ, ଯାହା ସମୁଚିତ ଆହାର ତଥା ଜୀବନଶୈଳୀ ମାଧ୍ୟମରେ ସ୍ୱାସ୍ଥ୍ୟ ସଂରକ୍ଷଣ, ରୋଗ ପ୍ରତିରୋଧ ତଥା ଚିକିତ୍ସା ମାଧ୍ୟମ ଦ୍ୱାରା ରୋଗର ଉପଚାରକୁ ମହତ୍ତ୍ୱ ପ୍ରଦାନ କରେ । ଆୟୁର୍ବେଦ ଚିକିତ୍ସା ଅନୁସାରେ ସୁସ୍ଥ ଜୀବନପ୍ରାପ୍ତି ନିମିତ୍ତ ଦୈନନ୍ଦିନ ଜୀବନଶୈଳୀ ବିଶଦ ଭାବେ ବର୍ଣ୍ଣନା କରାଯାଇଛି ।

ପ୍ରାତରୁତ୍‌ଥାନ (ସକାଳୁ ଉଠିବା): ସୂର୍ଯ୍ୟୋଦୟ ଦୁଇଘଣ୍ଟା ପୂର୍ବରୁ (ବ୍ରାହ୍ମ ମୁହୂର୍ତ୍ତ) ଶଯ୍ୟାତ୍ୟାଗ କରି ପ୍ରତିଦିନର କାର୍ଯ୍ୟକୁ ସାମ୍ନା କରିବାକୁ ନିଜକୁ ପ୍ରସ୍ତୁତ ରଖିବାକୁ ହୁଏ। ଏହି ସମୟରେ ବାୟୁମଣ୍ଡଳ ପ୍ରଦୂଷଣମୁକ୍ତ ଥାଏ । ଫଳରେ ଆମକୁ ଅଧିକ ଅମ୍ଳଜାନ ମିଳେ । ଏହାଛଡା ଏହି ସମୟରେ ଶରୀରରେ କେତେକ ରାସାୟନିକ ପଦାର୍ଥ ଉତ୍ପନ୍ନ ହୁଏ, ଯଦ୍ୱାରା ଶାରୀରିକ ଶକ୍ତି ଓ ମାନସିକ ସ୍ମୃତି ଉତ୍ପନ୍ନ ହୁଏ ।

ଉଷଃପାନ (ସକାଳେ ପାଣି ପିଇବା): ଶଯ୍ୟା ତ୍ୟାଗ ପରେ ହାତ ପାଦ ମୁହଁ ଧୋଇଲା ପରେ ମାଟିପାତ୍ର ବା ତମ୍ବାପାତ୍ରରେ ଥିବା ସାଧାପାଣି/ ସାମାନ୍ୟ ଉଷୁମ ପାଣି ୪ ଅଳି (ପ୍ରାୟତଃ ୭୫୦ମି.ଲି.) ମାତ୍ରାରେ ପିଇବା ଉଚିତ। ଏହା ଦ୍ୱାରା ଅନ୍ତ୍ରର ପୁରଃସରଣ ଗତି ସକ୍ରିୟ କରି ମଳ ତଥା ମୂତ୍ରର ନିଷ୍କ୍ରମଣ ସୁଗମ କରାଏ ଏବଂ ପାଚନ ଶକ୍ତି ବୃଦ୍ଧି କରାଇ ପେଟରୋଗ ନାଶ କରେ ।

ମଳମୂତ୍ର ତ୍ୟାଗ : ପ୍ରାତଃ କାଳରେ ନିୟମିତ ମଳମୂତ୍ର ତ୍ୟାଗର ପ୍ରବୃତ୍ତି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ମଳମୂତ୍ର ପରି ପ୍ରାକୃତିକ ବେଗକୁ ପ୍ରତିରୋଧ କଲେ ଅନେକ ରୋଗ ଉତ୍ପତ୍ତିଥାଏ ।

ଦନ୍ତଧାବନ ଓ ଜିହ୍ୱାନିର୍ଲେଖନ (ଦାନ୍ତ ଘଷିବା ଓ ଜିଭ ସଫା କରିବା) : ମଳତ୍ୟାଗ ପରେ ହାତ ପାଦକୁ ଭଲ ଭାବରେ ସଫା କରିବା ପରେ ଦାନ୍ତ ଘଷିବା ଉଚିତ। ଅଇଁଠା ପ୍ଲାଷ୍ଟିକ ବ୍ରସ୍‌କୁ ପ୍ରତିଦିନ ପାଟିରେ ପୂରାଇ ଦାନ୍ତ ଘଷିବା ଅପେକ୍ଷା ମହୁଲ, କର, ନିମ୍ବ, ଖଇର, ବର, ଅସନ, ଅପମାର୍ଗ, ଅର୍ଜୁନ ଦାନ୍ତକାଠି ବ୍ୟବହାର କରିବା ଉଚିତ। ବ୍ରସ୍‌କୁ ପ୍ରତିଦିନ ପାଣିରେ ଫୁଟାଇ ବ୍ୟବହାର କରିବା ଉଚିତ। ଦାନ୍ତସଫା ନିମିତ୍ତ ତ୍ରିଫଳା ଚୂର୍ଣ୍ଣ ବା ତ୍ରିକଟୁ (ଶୁଣ୍ଠି, ପିପ୍ପଳି, ଗୋଲମରିଚ) ଚୂର୍ଣ୍ଣ ବ୍ୟବହାର କରିବା ଉଚିତ। ଦାନ୍ତ ଘଷିବା ଦ୍ୱାରା ଦାନ୍ତ ରୋଗ ହୁଏନାହିଁ ଓ ଖାଦ୍ୟ ପ୍ରତି ରୁଚି ଆସେ। ଦାନ୍ତ ଘଷିବା ପରେ ଲୁଣପାଣିରେ କୁଳି (କବଳ) କରିବା ଦ୍ୱାରା ଦାନ୍ତମାଢ଼ି, ମୁଖମଣ୍ଡଳ ଓ ଗଳା ସୁସ୍ଥ ରହେ।

ନସ୍ୟକର୍ମ: ପ୍ରତିଦିନ ସକାଳେ ନିୟମିତ ପ୍ରତ୍ୟେକ ନାକପୁଡାରେ ୩-୫ ବୁନ୍ଦା ରାଶିତେଲ, ଘିଅ ବା ଅଣୁତେଲ ପରି ଔଷଧୀୟ ତେଲ ପକାଇ ଗ୍ରହଣ କରିବା ଉଚିତ। ଏହାକୁ ନସ୍ୟକର୍ମ କହନ୍ତି। ଏହାଦ୍ୱାରା ଆଖି, କାନ, ନାକ, କାନ୍ଧ, ମୁଣ୍ଡ ଓ କେଶ ସୁସ୍ଥ ରହେ। ମୁହଁର ଚର୍ମ ସଙ୍କୋଚ, କେଶ ଉପୁଡ଼ିବା, କେଶ ପାଚିବା, ଚନ୍ଦା ହେବା ଦୂରହୁଏ। ମୁଣ୍ଡବ୍ୟଥା, ପକ୍ଷାଘାତ, ମାନସିକ ବିକାର, ଚର୍ମରୋଗ ଉପଶମ ହୁଏ, ଦାନ୍ତ ସୁଦୃଢ଼ ହୁଏ ଓ ଦୃଷ୍ଟିଶକ୍ତି ବୃଦ୍ଧିପାଏ ତଥା ଶାରୀରିକ କ୍ଳାନ୍ତି ଦୂର ହୁଏ ।

ଗଣ୍ଡୁଷଧାରଣ (ପାଟିରେ ତରଳପଦାର୍ଥ ଧାରଣ): ଔଷଧ ଦ୍ରବ୍ୟ ଦ୍ୱାରା ସିଦ୍ଧ ଉଷ୍ଣପାଣି ବା ଥଣ୍ଡାପାଣି, ରାଶିତେଲ, ସୋରିଷ ତେଲ, ଘିଅ, ଥଣ୍ଡାକ୍ଷୀର, ମହୁ କିମ୍ବା ମହୁମିଶ୍ରିତ ଜଳକୁ ପାଟି ମଧ୍ୟରେ ଭରି ରଖିବାକୁ ଗଣ୍ଡୁଷଧାରଣ କହନ୍ତି । ଆଖି, ନାକରୁ ପାଣି ବାହାରିବା ପର୍ଯ୍ୟନ୍ତ ଏହାକୁ ଧାରଣ କରାଯାଏ । ଏହା ଇନ୍ଦ୍ରିୟମାନଙ୍କର କ୍ଷମତାକୁ ବଢ଼ାଏ। ମୁଖମଣ୍ଡଳର ଚର୍ମ ସଙ୍କୋଚ ନାଶକରେ ; କେଶ ପକ୍ୱତା ବିଳମ୍ବରେ ହୁଏ, ଆଖି ଚାରିପାଖରେ କଳାଦାଗ ଦୂରହୁଏ । ମୁଖମଣ୍ଡଳର ଶୁଷ୍କତା, ପାଟିଘାଆ, ମୁଖରୋଗ, ଦନ୍ତହର୍ଷ, ଅରୁଚି, ଗଳାଦରଜ, ଗଳା କର୍କଶ ନାଶ ହୁଏ ।

ତେଳମାଲିସ୍ (ଅଭ୍ୟଙ୍ଗ) : ଗଣ୍ଡୁଷଧାରଣ ପରେ ସମଗ୍ର ଶରୀରରେ ବିଶେଷତଃ ମୁଣ୍ଡ, କାନ ଓ ପାଦରେ ରାଶିତେଲ/ ସୋରିଷତେଲ/ ନଡ଼ିଆତେଲ ଅଥବା ଔଷଧୀୟ ତେଲ ମାଲିସ କରିବା ଉଚିତ। ଏହାଦ୍ୱାରା ଚର୍ମ ଓ ମାଂସପେଶୀରେ ମୃଦୁତା ଓ ସ୍ନିଗ୍ଧତା ବଢ଼େ। ହାଡ଼ଗଣ୍ଠିରେ ନମନୀୟତା ଏବଂ ଶରୀରରେ ରକ୍ତ ସଞ୍ଚାଳନ ବୃଦ୍ଧି ଘଟେ। ମୁଣ୍ଡ ଓ ମସ୍ତିଷ୍କର ଶକ୍ତି ବଢ଼ାଏ କେଶକୁ କଳା, ଦୀର୍ଘ ଓ ମଝବୁତ ରଖେ । ଶ୍ରବଣଶକ୍ତି ବୃଦ୍ଧି, ଉତ୍ତମ ନିଦ୍ରା ତଥା ସ୍ୱାସ୍ଥ୍ୟରକ୍ଷା କରିବାରେ ଏହା ସହାୟକ ହୋଇଥାଏ ।

ବ୍ୟାୟାମ : ସୁସ୍ଥ ରହିବା ପାଇଁ ବିଶେଷ ରୂପେ ବସନ୍ତ ଓ ଶୀତଋତୁରେ ନିୟମିତ ବ୍ୟାୟାମ କରିବା ଉଚିତ। ମୁହଁରେ ଶୁଷ୍କତା ତଥା ଲଲାଟ ଓ କାଖରୁ ଝାଳ ବାହାରିବା ପର୍ଯ୍ୟନ୍ତ ବ୍ୟାୟାମ କରିବା ଉଚିତ। ଏହି ବ୍ୟାୟାମରେ ଯେକୌଣସି ଶାରୀରିକ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯାଏ । ବ୍ୟାୟାମ ଦ୍ୱାରା ଫୁସ୍‌ଫୁସ୍‌ରେ ଦକ୍ଷତା, ରକ୍ତସଞ୍ଚାଳନ ବୃଦ୍ଧି ଏବଂ ରୋଗ ପ୍ରତିରୋଧକ ଶକ୍ତି, ପାଚନ ଶକ୍ତି, ଇନ୍ଦ୍ରିୟ କ୍ଷମତା ଓ ସ୍ମରଣ ଶକ୍ତି ବୃଦ୍ଧି ପାଏ । କାଶ, ଯକ୍ଷ୍ମା, ହୃଦ୍‌ରୋଗ ପରି ରୋଗ ଥିଲେ ଏବଂ ଗ୍ରୀଷ୍ମ/ବର୍ଷାଋତୁ ସମୟରେ ବ୍ୟାୟାମ ପ୍ରକାର ଓ ମାତ୍ରା ଚିକିତ୍ସକୀୟ ପରାମର୍ଶରେ ଗ୍ରହଣ କରିବା ଉଚିତ ।

କ୍ଷୌରକର୍ମ: ଦାଢ଼ି, ନଖ ଏବଂ କେଶ ୫-୧୫ଦିନ ମଧ୍ୟରେ କାଟିବା ସ୍ୱାସ୍ଥ୍ୟାନୁକୂଳ। ଏହା ଶରୀର ଲଘୁତା ଓ ଉତ୍ସାହବର୍ଦ୍ଧକ ହୋଇଥାଏ ।

ଉର୍ଦ୍ଧ୍ୱତନ: ବ୍ୟାୟାମ ପରେ ଶରୀରରେ କେଶର ବିପରୀତ ଦିଗରେ ଔଷଧୀୟ ସୂକ୍ଷ୍ମ ଚୂର୍ଣ୍ଣମାଲିସ କରିବା ଉଚିତ । ଏହା ଶରୀରର ଚର୍ବିକୁ କମାଏ, ଚର୍ମ ସଫା ରଖେ, ଅଙ୍ଗରେ ଦୃଢ଼ତା ତଥା ରଙ୍ଗରେ ଚମକତା ଆଣେ । ଏହା ବାତରୋଗ ଓ ଚର୍ମରୋଗ ଉପଚାରରେ ଲାଭଦାୟକ ।

ସ୍ନାନ: ଉର୍ଦ୍ଧ୍ୱତନ ପରେ ନାତିଶୀତୋଷ୍ଣ ପାଣିରେ ଗାଧେଇବା ଉଚିତ। ଏହାଦ୍ୱାରା ଶରୀର ବାହ୍ୟତଃ ପରିଷ୍କାର ହୁଏ ଓ କୁତ୍ସିତ ଗନ୍ଧ ଦୂରହୁଏ। ଏହାଛଡ଼ା ଶରୀରରେ କ୍ଳାଳା, ଅବସାଦ ଦୂର କରିବାରେ ସହାୟକ ହୁଏ। ଏହା ଆୟୁ, କ୍ଷୁଧା, ଶକ୍ତି, ସାହସ, ପବିତ୍ରତା ବୃଦ୍ଧି କରାଏ। ଉଷ୍ଣଜଳରେ ସ୍ନାନର ଆବଶ୍ୟକତା ଥିଲେ ମୁଣ୍ଡକୁ ଛାଡ଼ି ସ୍ନାନ କରିବା ଉଚିତ। କାରଣ ଉଷ୍ଣଜଳ ଆଖି ପାଇଁ ହାନିକାରକ, ଏହାଛଡ଼ା ଭୋଜନ ପରେ ସଙ୍ଗେସଙ୍ଗେ ଗାଧୋଇବା ଅନୁଚିତ ।

ଆହାର: ଆହାର ସେବନ ଦେଶ, କାଳ, ଋତୁ ଏବଂ ଅଭ୍ୟାସ ଅନୁସାରେ କରିବା ଉଚିତ। ଖାଦ୍ୟ ଗ୍ରହଣ ପୂର୍ବରୁ ହାତକୁ ସାବୁନରେ ଧୋଇ ବିଶୁଦ୍ଧ ପରେ ସାମାନ୍ୟ ଜଳ ଆଚମନ କରିବା ଉଚିତ। ଫଳରେ ଖାଦ୍ୟ ଗ୍ରହଣ ସୁଗମ ହୁଏ । ଖାଦ୍ୟ ପଦାର୍ଥକୁ ଖୁବ୍ ଶୀଘ୍ର ବା ବହୁତ ଧୀରେ ଖାଇବା ଉଚିତ ନୁହେଁ। ଗପସପରେ ମଜି ରହି, ହସିହସି ବା ଟେଲିଭିଜନ ଦେଖି ଖାଇବା ଉଚିତ ନୁହେଁ। ଭୋଜନ ପ୍ରାରମ୍ଭରେ ମଧୁର ରସଯୁକ୍ତ ଖାଦ୍ୟ, ମଧ୍ୟଭାଗରେ ଲବଣ ଓ ଅମ୍ଳ ରସଯୁକ୍ତ ଖାଦ୍ୟ ଏବଂ ଶେଷରେ ପିତା-କଷା ରସଯୁକ୍ତଖାଦ୍ୟ ଗ୍ରହଣ ବିଧେୟ। ଖାଇବାର ୧୫ ମିନିଟ୍ ପୂର୍ବ ଓ ଖାଇବାର ୧୫ ମିନିଟ୍ ପରବର୍ତ୍ତୀ ସମୟ ମଧ୍ୟରେ ପାଣି ପିଇବା ଉଚିତ ନୁହେଁ। ରାତ୍ରିଭୋଜନ ଦିନ ଭୋଜନଠାରୁ ହାଲୁକା ହେବା ଉଚିତ । ରାତ୍ରିଭୋଜନ ଶୋଇବାର ତିନିଘଣ୍ଟା ପୂର୍ବରୁ ଗ୍ରହଣ କରିବା ଉଚିତ ଏବଂ ଭୋଜନ ପରେ ପ୍ରତିଦିନ ଶହେ ପାହୁଣ୍ଡ ଚାଲିବା ପରେ ବାମକଡ ମାଡି ଶୋଇବା ଉଚିତ ।

ନିଦ୍ରା: ରାତ୍ରିରେ ପ୍ରତ୍ୟେକଙ୍କର ୬-୭ ଘଣ୍ଟା ଶୋଇବା ଦରକାର । କିନ୍ତୁ ଶିଶୁ, ବୃଦ୍ଧବ୍ୟକ୍ତି, ଗର୍ଭବତୀ ଏହାଠାରୁ ଅଧିକ ସମୟ ଶୋଇବା ଉଚିତ । ଏସବୁ ବ୍ୟତୀତ ଦୈନନ୍ଦିନ ଚାଲିଚଳଣିରେ ଅନେକ ଉପଦେଶକୁ ପ୍ରତ୍ୟାଖ୍ୟାନ କରାଯାଇ ନପାରେ । ଯଥା- ମଳମୂତ୍ର, କ୍ଷୁଧା, ତୃଷ୍ଣା, ନିଦ୍ରା, କାଶ, ବାନ୍ତି, ଛିଙ୍କ, ଜୃମ୍ଭା (ହାଇ) ପରି ପ୍ରାକୃତିକ ବେଗକୁ ବନ୍ଦ କରିବା ଉଚିତ ନୁହେଁ ।

- ସରକାରୀ ଆୟୁର୍ବେଦ ଚିକିତ୍ସାଧିକାରୀ, ସୁନ୍ଦରଗଡ଼, ମୋ : ୯୪୩୭୨୨୧୭୧୬

ସ୍ୱାସ୍ଥ୍ୟ ସୂଚନାକାରୀ ବ୍ରେସ୍‌ଲେଟ୍

ଜର୍ମାନୀର ବୈଜ୍ଞାନିକମାନେ ଏକ ହାଇଟେକ୍ ବ୍ରେସ୍‌ଲେଟ୍ ପ୍ରସ୍ତୁତ କରିଛନ୍ତି। ଏଥିରୁ ସ୍ୱାସ୍ଥ୍ୟ ସମ୍ପର୍କିତ ଅନେକ ସୂଚନା ମିଳିପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷ ଭାବରେ ଏଥିରୁ ବ୍ଲଡପ୍ରେସର, ରକ୍ତରେ ସୁଗାର ପରିମାଣ ଏବଂ ଶରୀର ତାପମାତ୍ରା ବିଷୟରେ ଜାଣିହେବ। ଏହାକୁ ପିନ୍ଧିବା ପରେ ତାହା ଟଚ୍ ସ୍କ୍ରିନ୍ ପରି କାମ କରିଥାଏ। ଏଥିରୁ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ମିଳିବା ସହ ଉକ୍ତ ବ୍ରେସ୍‌ଲେଟ୍ ସ୍ମାର୍ଟ ୱାଚ, ସ୍ମାର୍ଟ ଫୋନ ପରି କାମ କରିବ ବୋଲି ସେମାନେ ସୂଚନା ଦେଇଛନ୍ତି। ଏହାକୁ ପ୍ରସ୍ତୁତ କରିବା ପରେ ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ବୋଲି ରିପୋର୍ଟରୁ ଜଣାପଡ଼ିଛି।

କଫ ସମସ୍ୟାର ଘରୋଇ ଉପଚାର ସମ୍ପର୍କରେ...

❖ଅଧା କପ୍ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ, ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଉଷୁମ କରି ସେବନ କଲେ କଫରୁ ଉପଶମ ମିଳିଥାଏ।

❖ଅଦାକୁ ଭଲ ଭାବରେ ଛେଚି ଦିଅନ୍ତୁ। ଏହାକୁ ପାଣିରେ ପକାଇ ଭଲ ଭାବରେ ଫୁଟାନ୍ତୁ। ଏହି ଉଷୁମ ପାଣିକୁ ଦିନକୁ ୩-୪ଥର ପିଇଲେ କଫଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥାଏ।

❖ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ସେହି ମିଶ୍ରଣକୁ ଉଷୁମ କରି ପିଅନ୍ତୁ। ଏହାଦ୍ୱାରା କଫ ସମସ୍ୟାରୁ ଲାଘବ ମିଳିବ।



ସ୍ୱାସ୍ଥ୍ୟ ସୂଚନା

❖ଆଜିକାଲି ଅନେକ କେତେକ ରୋଗର ଲକ୍ଷଣ ସମ୍ପର୍କରେ ଜାଣି ମଧ୍ୟ ତାହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ପରବର୍ତ୍ତୀ ସମୟରେ ଏହା ଗମ୍ଭୀର ଆକାର ଧାରଣ କରିଥାଏ। ତା'ସହ ଅଯଥାରେ ଗୁଡ଼ାଏ ଅର୍ଥ ଖର୍ଚ୍ଚ ହୁଏ। ଏପରି ସାମାନ୍ୟ ଭୁଲ ଯୋଗୁଁ ତାହା ପ୍ରାଣଘାତକ ସାବ୍ୟସ୍ତ ହୋଇଥାଏ।

❖ଯଦି ଅଫିସରେ ଅଧିକ ସମୟରେ ବସି ରହି କାମ କରିବାକୁ ପଡୁଛି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି ସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।

❖ନିଜର ଦୈନନ୍ଦିନ ଜୀବନଶୈଳୀ ଯେତେ ବ୍ୟସ୍ତମୟ ହେଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

❖ବୟସ ବଢ଼ିବା ସହ କେତେକ ରୋଗର ଆଶଙ୍କା ବଢ଼ି ଯାଇଥାଏ। ବିଶେଷଭାବରେ ଏହି ସମୟରେ ଡାଇବେଟିସ୍, ବ୍ଲଡପ୍ରେସର ଚେକ୍‌ଅପ କରାଇ ନେବାକୁ ଭୁଲନ୍ତୁ ନାହିଁ।

❖କୌଣସି ରୋଗର ଚିକିତ୍ସା ସମୟରେ ଡାକ୍ତରଙ୍କ ପରାମର୍ଶକୁ କେତେକ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇନଥାଆନ୍ତି। ଏଭଳି ଅଭ୍ୟାସରୁ ବିରତ ରହିବା ଦରକାର। ରୋଗ ଏବଂ ତାହାର ଚିକିତ୍ସା ପ୍ରଣାଳୀ ବିଷୟରେ ଡାକ୍ତରଙ୍କ ସହ ବିଶଦ ଭାବରେ କଥା ହୁଅନ୍ତୁ।

ଡାଇବେଟିସ୍ ରୋଗୀଙ୍କୁ ସତର୍କ କରାଇବ କୁକୁର

କୌଣସି ରୋଗ ବିଷୟରେ କୁକୁର ସତର୍କ କରାଇବ ଏ କଥାକୁ ଅନେକ ହୁଏତ ସହଜରେ ଗ୍ରହଣ କରି ନ ପାରନ୍ତି। ହେଲେ ଏହା ପଛରେ ସତ୍ୟତା ରହିଛି ବୋଲି ଯୁକ୍ତି ଉପସ୍ଥାପନା କରିଛନ୍ତି ଇଂଲଣ୍ଡସ୍ଥିତ ୟୁନିଭର୍ସିଟି ଅଫ ବ୍ରିଷ୍ଟଲର ବିଶେଷଜ୍ଞମାନେ। ସେମାନେ କେତେକ କୁକୁରଙ୍କୁ ନିକଟରେ ଏ ନେଇ ଟ୍ରେନିଂ ଦେଇଛନ୍ତି। ବିଶେଷଭାବରେ ଏହି କୁକୁର ଟାଇପ୍-୧ ଡାଇବେଟିସ୍ ରୋଗୀଙ୍କ ବରଦାନ ସଦୃଶ ହେବେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷଭାବରେ ଏହି ରୋଗୀ କେତେବେଳେ ଇନ୍‌ସୁଲିନ ନେବେ ସେ ସମ୍ପର୍କରେ ସୂଚନା ଦେବା ସହ କେଉଁ ପରିବେଶକୁ ଗଲେ ତାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେବ ସେ ବିଷୟରେ ପୂର୍ବରୁ ଜଣାଇଦେବ। ସେଥିପାଇଁ ସେହି କୁକୁରମାନଙ୍କୁ ଭଲ ଭାବରେ ଟ୍ରେନିଂ ଦିଆଯାଉଛି ଏବଂ ପରୀକ୍ଷାମୂଳକ ଭାବରେ ଏଭଳି ଉପାୟରୁ ସଫଳତା ମିଳିଛି ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

ବ୍ୟାୟାମ : କିଛି କଥା

ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ କେତେକ ଏହାକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇ ନ ଥାଆନ୍ତି। ନିଜକୁ ନୀରୋଗ ତଥା ସୁସ୍ଥ ରଖିବା ପଛରେ ବ୍ୟାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜିକାଲି ଅନେକେ ଏହାକୁ ଦୈନନ୍ଦିନ ଜୀବନର ଏକ ଅଙ୍ଗ ଭାବରେ ଗ୍ରହଣ କରିନେଇଛନ୍ତି। ତେବେ ବ୍ୟାୟାମ ସମୟରେ ହେଉ ଅବା ପୂର୍ବରୁ ଆମକୁ କେତେକ ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ଆପଣ ଯଦି ବ୍ୟାୟାମ କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦ ଆଲୋଚନା କରନ୍ତୁ। ଏହି ସମୟରେ ଖାଦ୍ୟପେୟ ପ୍ରତି ଦୃଷ୍ଟି ଦେବାକୁ ପଡ଼େ। ତେଣୁ ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିବ। ଖାଲିପେଟରେ ବ୍ୟାୟାମ କରନ୍ତୁ ନାହିଁ। କିଛି ହାଲୁକା ଖାଦ୍ୟ ଖାଆନ୍ତୁ। ବ୍ୟାୟାମ ଶେଷ ହେବା ପରେ ମଧ୍ୟ ହାଲୁକା ଖାଦ୍ୟ ଖାଆନ୍ତୁ। ବ୍ୟାୟାମ ଶେଷ ହେବା ଏବଂ ଖାଦ୍ୟ ଖାଇବା ମଧ୍ୟରେ ଅତି କମ୍‌ରେ ୧୦-୧୫ ମିନିଟ୍ ଗ୍ୟାପ ରହିବା ଦରକାର। ଖାଦ୍ୟ ତାଲିକାରେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଯଦି ନିୟମିତ ବ୍ୟାୟାମ କରୁଛନ୍ତି, ତେବେ ପ୍ରଚୁର ପାଣି ପିଅନ୍ତୁ, ଏହାଦ୍ୱାରା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଥାଏ। ଯଦି ଅସୁସ୍ଥ ଅନୁଭବ କରୁଛନ୍ତି, ତେବେ ବ୍ୟାୟାମରୁ ବିରତ ରୁହନ୍ତୁ। ନିର୍ମଳ ପରିବେଶରେ ସବୁବେଳେ ବ୍ୟାୟାମ କରନ୍ତୁ।

ଯେଉଁମାନେ କମ୍ କାମ କରନ୍ତି, ସେମାନେ ବେଶି କଥା କୁହନ୍ତି।
- ମହାତ୍ମା ଗାନ୍ଧୀ

ସବୁଠି ଉଡ଼ିଲା ତ୍ରିରଙ୍ଗା

୭୦ତମ ସାଧାରଣତନ୍ତ୍ର ଦିବସରେ ଜିଲାର କୋଣ ଅନୁକୋଣରେ ତ୍ରିରଙ୍ଗା ପତାକା ଉଡିଛି । ଦେଶାତ୍ମବୋଧକ ଗୀତରେ ଗାଁରୁ ସହର ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇଛି । ଶିଶୁରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ହାତରେ ତ୍ରିରଙ୍ଗା ପତାକା ନେଇ ଆନନ୍ଦିତ ହୋଇଛନ୍ତି । ବିଭିନ୍ନ ସ୍ଥାନରେ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଛନ୍ତି। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ପୁରସ୍କୃତ ହୋଇଛନ୍ତି ।

କିସିଣ୍ଡାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ସଭାରେ ମଞ୍ଚାସୀନ ଅତିଥି ।

ନାକଟିଦେଉଳ,୨୭।୧ (ଡି.ଏନ.ଏ)

ସ୍ଥାନୀୟ କଲେଜ ଖେଳପଡ଼ିଆରେ ନାକଟିଦେଉଳ ବ୍ଲକସ୍ତରୀୟ ୭୦ତମ ପବିତ୍ର ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ବିଡ଼ିଓ ମେଥୋଡ଼ିଅସ ଲାକ୍ରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ରୀ ମେହେର, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । କିସିଣ୍ଡା ହାଇସ୍କୁଲ ଖେଳପଡ଼ିଆରେ କିସିଣ୍ଡା ଥାନା ଅଧିକାରୀ ସୁବନ କିସାନ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସମାରୋହରେ କିସିଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ଦର୍ଶନୀ ଷଣ୍ଢ ସଭାପତିତ୍ୱ କରିଥିଲେ । ରଘୁନାଥ ପ୍ରଧାନ, ସରପଞ୍ଚ ଅହଲ୍ୟା ସାମଲ, ସମିତି ସଭ୍ୟା ତପସ୍ୱିନୀ ବେହେରା ଯୋଗ ଦେଇଥିଲେ ।

ବାମରାରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି ।

କୁଚିଣ୍ଡା,(ଡି.ଏନ.ଏ.)–କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମ ପରିସରରେ ଉପଖଣ୍ଡସ୍ତରୀୟ ୭୦ତମ ସାଧାରଣତନ୍ତ୍ର ଦିବସରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏସଡିପିଓ ନୃପଚରଣ ଦଣ୍ଡସେନା, ସହକାରୀ ଉପଜିଲାପାଳ କପିଳ ପ୍ରସାଦ ରଣା, ଆଇଆଇସି ପ୍ରକାଶ କୁମାର କର୍ଣ୍ଣ, ବିଡିଓ ନିଶିପୁନମ ମିଞ୍ଜ, ଫାୟାର ଅଫିସର ସୀତାକାନ୍ତ ମହନ୍ତ, କୁଚିଣ୍ଡା ଜେଲ ସୁପରିଣ୍ଟେଣ୍ଡେଣ୍ଟ ଯୋସେଫ ବାରିକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ଉପସ୍ଥିତ ଥିଲେ । ସଞ୍ଜିତ କୁମାର ନାୟକ ପରେଡ ପରିଚାଳନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଘୋଷ ବାଦ୍ୟ ପରିବେଷଣ କରିଥିଲେ ।

ବାମରା,(ସ୍ୱ.ପ୍ର.)–ବାମରା ଉଚ୍ଚ ବିଦ୍ୟାଳୟରେ ଖେଳ ପଡିଆଠାରେ ତହସିଲଦାର ଅନୀଲ କୁଜୁ ପତାକା ଉତ୍ତୋଳନ କରିଥିଲେ। ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ ରଣା ଓ ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର ଯୋଗ ଦେଇଥିଲେ । ତେବେ ବର୍ଷା ଯୋଗୁ ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଥବଲା। କେଶାଇବାହାଲ ବିଜିଡି କଲେଜରେ ସଜନ ଖଣ୍ଡେଲୱାଲ, କଲେଜ ଅଧକ୍ଷ ଦୟାସାଗର ପ୍ରଧାନ, ମଧୁସୂଦନ ପ୍ରଧାନ, ଜିତେନ୍ଦ୍ରୀୟ ନାଏକ, ଉମାଶଙ୍କର ସାହୁ, ରବୀନ୍ଦ୍ର ଦାସ, ଶ୍ୟାମସୁନ୍ଦର ସାହୁ ଓ ହରେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ହୀରାକୁଦ,(ଡି.ଏନ.ଏ.)– ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାମଚନ୍ଦ୍ର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଶତପଥୀ, ଈଶ୍ୱର ଚନ୍ଦ୍ର ବାରିକ, ବୀରେନ୍ଦ୍ର କୁମାର ପାଣିଗ୍ରାହୀ, ଅଭୟ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ହୀରାଖଣ୍ଡ ପ୍ରାଥମିକ ବିଦ୍ୟାଳୟର ପ୍ରାଙ୍ଗଣରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ବୁର୍ଲା ବ୍ଲଡ ବ୍ୟାଙ୍କର କର୍ମଚାରୀ ୫୪ ପ୍ୟାକେଟ ରକ୍ତ ସଂଗ୍ରହ କରିଥିଲେ । କରୁଣାକର ବିଶ୍ୱାଳ, ପ୍ରଦୀପ କୁମାର ମାହାନା, ଅମିତ କୁମାର ଆଚାର୍ଯ୍ୟ, କେ. ସାଇପ୍ରସାଦ ରାଓ, ଭିକାରୀ ଚରଣ ନାୟକ, ଦୀପ୍ତିରଞ୍ଜନ ବାରିକ ଓ ଗଗନ ବିହାରୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡା. ସତ୍ୟବତ୍ର ପାଜଯୋଶୀ, ମଣ୍ଟୁ ପ୍ରଧାନ, ଦିଲୀପ ସାହୁ, ଦେବାଶିଷ ମିଶ୍ର, ସୁବାଶିଷ ସାହୁ, ଜନକ ବେହେରା, ଉମାକାନ୍ତ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ପୁଷ୍ପାଞ୍ଜଳି ରାଉତ, କୃଷ୍ଣ କୁମାରୀ ଖୁଣ୍ଟିଆ, ପ୍ରତିମା ପ୍ରଧାନ, ରିତୁ ରାଣି ମହାନ୍ତି, ଜଗଦୀଶ ପ୍ରସାଦ ମିଶ୍ର ସକ୍ରିୟ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

ଚିପିଲିମା,(ଡି.ଏନ.ଏ)–ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପ, କୃଷି ଓ ଉଦ୍ୟାନ ମହାବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ସିସିବି ଫାର୍ମ, ଏସଏଲବି ଫାର୍ମ, ଗୋଶାଳା ନବୋଦୟ ବିଦ୍ୟାଳୟ, ସିଆରପିଏଫ ଗ୍ରୁପ ସେଣ୍ଟର, ପୋଲିସ ଟ୍ରେନିଂ ସେଣ୍ଟର, ଓମଫେଡ ପ୍ରମୁଖ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବୁର୍ଲା ସହରର ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବୀହାର କନିଷ୍ଠ ମହାବିଦ୍ୟାଳୟ, ଭୀମସାର, ହୀରାକୁଦ, ଜଳବିଦ୍ୟୁତ ପ୍ରକଳ୍ପ, ପିଡବୁଡି, ଭିସୁଟ, ଏମସିଏଲ, ବିଜେଡି, ଭାଜପା, କଂଗ୍ରେସ କାର୍ଯ୍ୟାଳୟ ସହ ସମସ୍ତ ବେସରକାରୀ କାର୍ଯ୍ୟାଳୟ, କ୍ଲବ, ଯୁବକ ସଂଘରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭିସୁଟରେ କୁଳପତି (ଇନଚାର୍ଜ) ପ୍ରଫେସର ବିଭୁତିଭୂଷଣ ପତି, ରେଜିଷ୍ଟ୍ରାର ପ୍ରଫେସର ମାନସରଞ୍ଜନ କବାଟ, ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଡ. ଅନୀଲ କୁମାର କର, ଡ. ଆଶିଷ କୁମାର ଶର୍ମା, ଡ. ବିଦ୍ୟାଧର ରାଉତ, ଡ. ଦେବବ୍ରତ ଗିରି, ପ୍ରତାପ କୁମାର ପ୍ରଧାନ, ପ୍ରତାପ ରାଉତ, ହରିଚନ୍ଦନ ମହାନ୍ତି, ଅଂଶୁମାନ ପଣ୍ଡା, ସ୍ନେହାଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ରେଢାଖୋଲ,(ଡି.ଏନ.ଏ)–ସ୍ଥାନୀୟ କଦମ୍ବ ପଡ଼ିଆରେ ଉପଖଣ୍ଡ ସ୍ଥରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ଏଥିରେ ରେଢଖୋଲ ଉପଜିଲାପାଳ ବିଶିକେଶନ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ୍‌ରେ ଅବିଭାଦନ ଗ୍ରହଣ କରିଛନ୍ତି । ଛାତ୍ରୀଛାତ୍ର ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ପ୍ରଶାସନ ଏବଂ ଭେଟରାନ୍ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ମିନିଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଛି । ଜେଲ୍ ଅନ୍ତେବାସୀ ଓ ଡାକ୍ତରଖାନାରେ ରୋଗୀଙ୍କୁ ପ୍ରଶାସନ ପକ୍ଷରୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି । ସ୍ଥାନୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହାରାଧନ ମେଣ୍ଢୁଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସଂକ୍ଷେପରେ

ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ରେଢାଖୋଲ, ୨୭।୧ (ଡି.ଏନ.ଏ)- ଦୀର୍ଘ ୨ ବର୍ଷ କାଳ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଲେ। ବିବାହ କରି ଘରକୁ ବୋହୂ କରିନେବେ ବୋଲି କଥା ବି ଦେଇଥିଲେ। ହେଲେ ଦିନ ଗଡିଲା ସିନା ଯୁବତୀଙ୍କୁ ବିବାହ କଲେନି। ବରଂ ଆଉ ଜଣେ ଯୁବତୀଙ୍କୁ ବିବାହ କରିବାକୁ ବାହାରିଥିଲେ। ଯୁବତୀ ଜଣକ ପ୍ରେମିକଙ୍କ ଏହି ଯୋଜନା ଜାଣିବା ପରେ ବିବାହ କରିବାକୁ କହିଥିଲେ। ପ୍ରେମିକ କିନ୍ତୁ ମନା କରି ଦେଇଥିଲେ। ଏଣୁ ରେଢାଖୋଲ ଥାନାରେ ଯୁବତୀ ଜଣକ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଚାରମାଳ ଥାନା ବଂଶାଜାଲର କୃତୀବାସ ପଧାନ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସପୋର୍ଟ ଶିଶୁଗୃହ ଅନ୍ତେବାସୀଙ୍କୁ ବିସ୍କୁଟ ବଣ୍ଟନ

ଦେବଗଡ,୨୭।୧(ସ୍ୱ.ପ୍ର.)- ଗଣତନ୍ତ୍ର ଦିବସ ଉପଲକ୍ଷେ ଦେବଗଡର ହୋମଇଣ୍ଡିଆ ପକ୍ଷରୁ ସପୋର୍ଟ ଶିଶୁଗୃହର ଶିଶୁମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହୋମଇଣ୍ଡିଆ ସ୍ୱେଚ୍ଛାସେବୀ ଭୁବନେଶ୍ୱର ଶାଖାର ସଦସ୍ୟ ଅଭିଜିତ ମିଶ୍ର, ପୌରପରିଷଦ ପୂର୍ବତନ କାଉନସିଲର ମିନାକ୍ଷୀ ମିଶ୍ର,ସରସ୍ୱତୀ ପାଣିଗ୍ରାହୀ,ରତ୍ନପ୍ରଭା ଦେବଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ ।

୬୭ ୟୁନିଟ୍ ରକ୍ତ ସଂଗ୍ରହ

ଦେବଗଡ଼,୨୭।୧(ସ୍ୱ.ପ୍ର.)

ସ୍ଥାନୀୟ ଉଗ୍ରସେନ ଭବନଠାରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦେବଗଡ ମାରୱାଡି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିତେନ୍ଦ୍ର ଅଗ୍ରୱାଲ, ବିବେକ ଗୋଏଲଙ୍କ ତତ୍ତ୍ୱାବଧାନରେ ଏସ୍‌ପି ଅନୁପମା ଜେମସ୍ ଉଦ୍‌ଘାଟନ କରିଥିଲେ । ପୂର୍ଣ୍ଣଚାନ୍ଦ ଗୋଏଲ, ସନ୍ତ କୁମାର ଅଗ୍ରୱାଲ, ରାଜେନ୍ଦ୍ର ଗୋଏଲ, କମଲ ଗୁପ୍ତା, ଉମେଶ ଅଗ୍ରୱାଲ ଓ ବିନୋଦ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ୬୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଜିଲା ରକ୍ତଭଣ୍ଡାର ଅଧିକାରୀ ଡ. ଅମିତ୍ ମହାପାତ୍ର,ଷ୍ଟାଫନର୍ସ ଅମ୍ବିକା ଦାଶ, ମିନାକ୍ଷୀ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଗୋପାଳକୃଷ୍ଣ ସାହୁ, ପିଆରଓ ମଳୟ ବେହେରା ଓ ରୁଲୁ ପ୍ରଧାନ ସହଯୋଗ କରଥିଲେ । ରାହୁଲ ଗୋଏଲ, ପ୍ରମୋଦ ଗୋଏଲ, ସନ୍ଦୀପ ଗୋଏଲ, ସଞ୍ଜୀବ ଅଗ୍ରୱାଲ, କରଣ ଜିନ୍ଦଲ, ବିକାଶ ମିତଲ, ପୁରୁଷୋତମ ଅଗ୍ରୱାଲ, ସଚିନ ଗୋଏଲ, ରାକେଶ ଅଗ୍ରୱାଲ, ରାଜେଶ ଗୋଏଲ, ପ୍ରକାଶ ଅଗ୍ରୱାଲ, ରାହୁଲ ଗୋଏଲ, ରାଜେଶ ଅଗ୍ରୱାଲ, ମନିଶ ଅଗ୍ରୱାଲ, ସୁମିତ୍ ଅଗ୍ରୱାଲ, ବଜରଙ୍ଗଲାଲ ଅଗ୍ରୱାଲ, ପ୍ରମୋଦ ଗୋଏଲ, ବିକାଶ ଅଗ୍ରୱାଲ, କିରନ୍ ଅଗ୍ରୱାଲ, କବିତା ଅଗ୍ରୱାଲ ଓ ଅନୀତା ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

ବିର୍ସା ମୁଣ୍ଡା ହକି କପ୍ : ଚାନ୍ଦପଶି ଚାମ୍ପିୟନ

ରିଆମାଳ, ୨୭।୧(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ କୋଲବସା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚଡ଼କମରା ବିର୍ସା ମୁଣ୍ଡା କ୍ଲବ ଆନୁକୂଲ୍ୟରେ ଚାଲିଥିବା ବିର୍ସା ମୁଣ୍ଡା ହକି କପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୧୪ଟି ଦଳ ଭାଗ ନେଇଥିବାବେଳେ ହିରୋ ବାହାଲ ଓ ଚାନ୍ଦପଶି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧରିତ ସମୟରେ ଖେଳ ବରାବର ରହିବାରୁ ପେନାଲ୍ଟି ସୁଟ ଆଉଟ ହୋଇଥିଲା। ଏଥିରେ ଚାନ୍ଦପଶି ୪-୨ ଗୋଲରେ ହିରୋବାହାଲକୁ ହରାଇ ଚାମ୍ପିୟନ ହୋଇଛି। ସରପଞ୍ଚ ରଣଜିତ କିସାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ଖାସି ପ୍ରଦାନ କରିବା ବେଳେ ସମିତିସଭ୍ୟ କୁମୁଦବନ୍ଧୁ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ରନର୍ସ ଅପ୍ ଦଳକୁ ଟ୍ରଫି ସହ ବୋଦା ପ୍ରଦାନ କରିଥିଲେ। ସେହିପରି ସାମାଜିକ କର୍ମୀ ଟୁନା ଭାଇ, ଆର୍ତ୍ତତ୍ରାଣ ପ୍ରଧାନ ଓ ଲିଟୁ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ସାଉବ ମୁଣ୍ଡା, ସମ୍ପାଦକ ଜୁହାସ ବଦ୍ରାଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥଲା। ଇସ୍‌ପାନ ଉଙ୍ଗେଗ୍ରା, ସୁକଦେବ ମୁଣ୍ଡା, ତବିଶ ବଦ୍ରା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

ପୁରସ୍କାର ବିତରଣ ଉତ୍ସବ

ରିଆମାଳ, ୨୭।୧ (ଡି.ଏନ.ଏ.)

ରିଆମାଳ ବ୍ଲକ ଲୁଲଙ୍ଗ ଗ୍ରାମପଞ୍ଚାୟତ ପରିସରରେ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ସରପଞ୍ଚ ସଞ୍ଜୁବାଳା ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ କୈଳାସପ୍ରଶନ୍ନ ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ସମିତିସଭ୍ୟା ସରୋଜିନୀ ପ୍ରଧାନ, ସିଆସିସି ଦେବେନ୍ଦ୍ର ସାହୁ, ସିଆରସିସି ଅଭିମନ୍ୟୁ ଗଡ଼ନାୟକ, ପୂର୍ବତନ ସରପଞ୍ଚ ସନ୍ତୋଷ ରାଉଳ, ଯୁଧିଷ୍ଠିର ପ୍ରଧାନ, ପୂର୍ବତନ ସମିତିସଭ୍ୟ ପ୍ରଦୀପ କୁମାର ମାଝୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ତ୍ତନ୍ୟପାଲି ଗ୍ରାମରେ ପ୍ରତ୍ୟେକ ଦିନ ଜାତୀୟ ସଙ୍ଗୀତ ଗାନ ହେଉଥିବାରୁ ଉକ୍ତ ଗ୍ରାମକୁ ଆଦର୍ଶ ଗ୍ରାମ ପୁରସ୍କାର, ସିମିଳିହୋତାକୁ ସ୍ୱଚ୍ଛ ଗ୍ରାମ ଭାବେ ଆମନ୍ତ୍ରିତ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏଥିସହିତ ବିଭିନ୍ନ ଖେଳରେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧରଣୀଧର ସାହୁ, ଗୋବର୍ଦ୍ଧନ ଭୋଇ ଏଥିରେ ସହଯୋଗ କରିଥିଲେ। ଗତ ୨୩ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ କରାଯାଇଥିଲା।

ଦେବଗଡରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ରେ କୁନିକୁନି ଛାତ୍ରୀଛାତ୍ର ପରେଡ୍ କରୁଛନ୍ତି।

ଦେବଗଡ,୨୭।୧(ସ୍ୱ.ପ୍ର.)

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ସୁଧାଂଶୁ ମୋହନ ସାମଲ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ରିଜର୍ଭ୍ ଇନ୍ସପେକ୍ଟର୍ କାଳୀଚରଣ ମାଝୀଙ୍କ ନେତୃତ୍ୱରେ ୩୪ଟି ଦଳଙ୍କୁ ନେଇ ଆୟୋଜିତ ଏହି ମିଳିତ ପରେଡ୍‌ର ୟୁନିଫର୍ମ୍ ବିଭାଗରେ ଦେବଗଡ ରାଜା ବାସୁଦେବ ହାଇସ୍କୁଲ ପୁରୁଷ ଏନ୍‌ସିସି ଦଳ ୧ମ ଓ କଲେଜ ଏନସିସି ୨ୟ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀଙ୍କ ରନିଂ ସିଲ୍ଡ ପାଇଥିବା ବେଳେ ସିଭିଲିୟାନ୍ ସିନିୟର୍ ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟ ୧ମ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨ୟ ପୁରସ୍କାର ପାଇଥିଲେ । ସେହିପରି ଜୁନିୟର୍ ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧ମ ଓ କେନ୍ଦ୍ରୀୟ ବିଦ୍ୟାଳୟ ୨ୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ଡିଆଇପିଆରଓ ବିଜୟ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପରେଡ୍ ଶେଷରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ପରିବେଷିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଞ୍ଚାସୀନ ଅତିଥି ଓ ଦର୍ଶକ ଉପଭୋଗ କରିଥିଲେ । ସେହିପରି ପରେଡ୍ ପରେ ଅତିଥିବୃନ୍ଦ ଉପକାରାଗାରରେ ପହଞ୍ଚି କଏଦୀମାନଙ୍କୁ ମିଠା ଏବଂ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କୁ ଫଳବଣ୍ଟନ କରିଥିଲେ । ଏସପି ଅନୁପମା ଜେମେସ୍, ଏଡିଏମ୍ ଧରମ୍ ହାଁସଦା, ଡିଆର୍‌ଡିଏ ପିଡି ଭିନସେଂଟ ପୁନମକାନ୍ତ ଏକ୍କାଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଜିଲା ପ୍ରଶାସନ ଓ ଜିଲା ଓକିଲ ସଂଘ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଅସ୍ଥାୟୀ ପ୍ରାଇଭେଟ ବସଷ୍ଟାଣ୍ଡ ନିକଟସ୍ଥ ଏକ କନଫେରେନ୍ସ ହଲ୍‌ରେ ବାମଣ୍ଡା ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ହୋଇଥିଲା ।

ରିଆମାଳ,୨୭।୧ (ଡି.ଏନ.ଏ)

ରିଆମାଳ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ରିଆମାଳ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀ ମୁଖ୍ୟଅତିଥିଭାବେ ଯୋଗଦେ

ଗାୟତ୍ରୀ ମନ୍ତ୍ର ହିଁ ମନୁଷ୍ୟକୁ କୁପଥ ତ୍ୟାଗ କରି ସୁପଥରେ ଚାଲିବାକୁ ପ୍ରେରଣା ଦେଇଥାଏ, ଏହାଦ୍ୱାରା ସତ୍ୟ ଓ ଅସତ୍ୟର ବିଚାରଶୀଳତା ତଥା ଆତ୍ମାର ବିକାଶ ଘଟିଥାଏ।
- ବାଲ୍ ଗଙ୍ଗାଧର ତିଲକ

ସଂକ୍ଷେପରେ

ଫିଲିପାଇନ୍ସ ଚର୍ଚ୍ଚରେ ବିସ୍ଫୋରଣ: ୨୭ ନିହତ

ମାନିଲା,୨୭।୧(ପି.ଟି.): ଫିଲିପାଇନ୍ସର ସୁଲୁ ପ୍ରଦେଶରେ ଥିବା ଏକ ଚର୍ଚ୍ଚରେ ରବିବାର ଦୁଇଟି ବିସ୍ଫୋରଣରେ ୨୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୧୧ ଆହତ ହୋଇଛନ୍ତି। ମିନ୍ଦାନାଓ ଦ୍ୱୀପସ୍ଥିତ ରୋମାନଥ କାଥୋଲିକ୍ ଚର୍ଚ୍ଚରେ ସମୂହ ପ୍ରାର୍ଥନା ବେଳେ ଏହି ବିସ୍ଫୋରଣ ହୋଇଥିଲା। ପ୍ରଥମ ବିସ୍ଫୋରଣ ଜୋଲୋ କ୍ୟାଥେଡ୍ରାଲର ମୁଖ୍ୟ ଫାଟକରେ ହୋଇଥିଲା। ବିସ୍ଫୋରଣ ଏତେଟା ଶକ୍ତିଶାଳୀ ନ ଥିଲେ ବି ଆତଙ୍କିତ ଲୋକେ ଚର୍ଚ୍ଚରୁ ବାହାରିବାକୁ ଧାଁଦଉଡ କରିବାରୁ ଦଳାଚକଟାରେ କେତେଜଣ ଶ୍ରଦ୍ଧାଳୁ ଆହତ ହୋଇଥିଲେ। ଏହାର ଗୋଟିଏ ମିନିଟ ପରେ ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ଶକ୍ତିଶାଳୀ ଆଇଇଡି ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ୫ ସୁରକ୍ଷା କର୍ମୀଙ୍କ ସମେତ ୨୭ ଜଣ ନିହତ ହୋଇଥିଲେ। ଆହତଙ୍କ ମଧ୍ୟରେ ୧୭ ସୁରକ୍ଷା କର୍ମୀ, ୨ ପୋଲିସ, ୨ ଡଟସୁରକ୍ଷା ବାହିନୀ କର୍ମଚାରୀ ଏବଂ ୯୦ ସାଧାରଣ ନାଗରିକ ରହିଛନ୍ତି। ବିସ୍ଫୋରଣ ପ୍ରଭାବରେ କେତେଜଣଙ୍କ ଖଣ୍ଡବିଖଣ୍ଡିତ ମୃତଦେହ କିଛି ଦୂର ପର୍ଯ୍ୟନ୍ତ ଛିଟିକି ପଡିଥିଲା। ପାର୍କିଂସ୍ଥଳରେ ଥିବା ଏକ ମୋଟରସାଇକେଲରେ ଉକ୍ତ ଆଇଇଡି ଖଞ୍ଜା ହୋଇଥିବା କୁହାଯାଉଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ରତ୍ନ ଆଶାରେ ରତ୍ନସିଂହାସନ ଖୋଳତାଡ଼

ତିନିବର୍ଷ ଧରି ନିରବଚ୍ଛିନ୍ନ ଆକ୍ରମଣ ଓ ଲୁଣ୍ଠନ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଶାହଜାହାନ

ଔରଙ୍ଗଜେବ୍

- **୧୬୧୦ ଖ୍ରୀ.–** କେଶୋଦାସ ମାରୁ ଶ୍ରୀମନ୍ଦିରର ଚାରି ଦ୍ୱାର ବନ୍ଦ କରି ସବୁ ସୁନାରୂପା, ହୀରାନୀଳା ଲୁଣ୍ଠି ନେବା ପରେ ଦିଲ୍ଲୀ ବାଦଶାହଙ୍କ ପାଇଁ ୩ ଲକ୍ଷ, ନିଜର ଯୌତୁକ ପାଇଁ ଏକଲକ୍ଷ ଟଙ୍କା ଓ ୫ଟି ହାତୀ ନେଇ ଯାଇଥିଲେ। (ତଥ୍ୟ ତୁଜୁକ–ଇ–ଜାହାଙ୍ଗୀର)
- **୧୬୧୧ ଖ୍ରୀ.–** କଲ୍ୟାଣ ମଲ୍ଲ ଓଡ଼ିଶାର ବହୁ ଗଡ଼ଜାତ ରାଜା, କରଦ ରାଜା ଓ ଜମିଦାରଙ୍କଠାରୁ ପ୍ରଚୁର ଧନରତ୍ନ ଆକ୍ରମଣ କରି କବଳିତ କରିଥିଲେ। ଜୋର ଜବରଦସ୍ତ ହାଣକାଟ କରି ନେବା ପରେ ମଧ୍ୟ ଗଜପତିଙ୍କଠାରୁ ୩ ଲକ୍ଷ ଟଙ୍କା ଓ ଶେଷନାଗ ହାତୀ ଦିଲ୍ଲୀ ବାଦଶାହଙ୍କୁ ଭେଟି ଦେଇଥିଲେ।
- **୧୬୧୨ ଖ୍ରୀ.–** କଲ୍ୟାଣ ମଲ୍ଲ ୨ୟ ଆକ୍ରମଣ ସମୟରେ ଅଜସ୍ର ଧନରତ୍ନ ନେଇ ଜଣେ ମନ୍ତ୍ରୀ ଓ ୧୬ ଜଣ ଓଡ଼ିଆ ସେନାପତିଙ୍କୁ କପଟରେ ମାରିଦେଲେ।
- **୧୬୧୭ ଖ୍ରୀ.–** ମକରମ୍ ଖାଁ ଓଡ଼ିଶା ଦାୟିତ୍ୱରେ ରହିବା ପରେ ଅମାନୁଷିକ ଆକ୍ରମଣ ଓ ପୈଶାଚିକ ଲୁଣ୍ଠନ କରିଥିଲେ ବୋଲି ତୁଜୁକ–ଇ–ଜାହାଙ୍ଗୀର ପୁସ୍ତକରୁ ଜଣାଯାଏ। ଖୋର୍ଦ୍ଧା ସମେତ ସତ୍ୟବାଦୀର ଶ୍ରୀଗୋପାଳ ମନ୍ଦିରରୁ ମଧ୍ୟ ବହୁ ଧନରତ୍ନ ଲୁଣ୍ଠନ କରି ନେଇଥିଲେ।
- **୧୬୨୩ ଖ୍ରୀ. –** ନୁରଜାହାନ୍‌ଙ୍କ ଭାଇର ପୁଅ ମିର୍ଜା ଅହମ୍ମଦ ବେଗ୍ ୫ ବର୍ଷ ଧରି ଓଡ଼ିଶାରେ କେବଳ ଲୁଟତରାଜ ଚଳାଇ ବାହାରକୁ ଧନରତ୍ନ ପଠାଇବାରେ ବ୍ୟସ୍ତ ରହିଥିଲେ।
- **୧୬୪୫ ଖ୍ରୀ.–** ମୁତାକ୍ୱାଦ ଖାଁଙ୍କର ଲୁଣ୍ଠନର ତଥ୍ୟ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରିନାହିଁ।
- **୧୬୪୭ ଖ୍ରୀ.–** ଶାହାଜାହାନ୍ ଥାନ୍ତି ଦିଲ୍ଲୀର ବାଦଶାହା। ତାଙ୍କର ୩୦ ବର୍ଷ ଶାସନରେ ୪୫ ଥର ଯୁଦ୍ଧ ସଂଗଠିତ ହୋଇଥିଲା। ତାଙ୍କରି ଅମଳରେ ଫତେ ଖାଁ ଓଡ଼ିଶାବାସୀଙ୍କ ପାଇଁ ପାଲଟି ଯାଇଥିଲେ ପୈଶାଚିକ ଲୁଣ୍ଠନର ନାୟକ। ଗଜପତି ନରସିଂହ ଦେବଙ୍କୁ ହତ୍ୟା କରି ପୁରୀର ବାଲି ନଅରକୁ ଲୁଣ୍ଠନ କରିବା ପରେ ଖୋର୍ଦ୍ଧା ଗଡ଼କୁ କଳାକନା ବୁଲାଇ ଦେଇଥିଲେ। ମାଦଳାପାଞ୍ଜି ମତରେ ଶ୍ରୀମନ୍ଦିର ଭଣ୍ଡାରରୁ ସମସ୍ତ ଧନରତ୍ନ ନେଇ ସେ ଶାହାଜାହାନଙ୍କୁ ଭେଟି ଦେଇଥିଲେ। ୟାଙ୍କରି ଅମଳରେ ଓଡ଼ିଶା ରାଜକୋଷ ଶୂନ୍ୟ ହୋଇ ଯାଇଥିଲା।
- **୧୬୯୨ ଖ୍ରୀ.–** ଔରଙ୍ଗଜେବ ବିଜାପୁରରେ ଥାଇ ବିଲ୍‌ଗ୍ରାମର ମୀର–ସୟଦ–ଅହମ୍ମଦ୍‌ଙ୍କୁ ଜଗନ୍ନାଥ ମନ୍ଦିର ଭାଙ୍ଗି ଦେବାକୁ ଆଦେଶ ଦେଇଥିଲେ। ସେତିକିବେଳେ ଏକରାମ ଖାଁ ଶ୍ରୀମନ୍ଦିର ଆକ୍ରମଣ କରି ସମସ୍ତ ଧନରତ୍ନ ନେଇ ଯାଇଥିଲେ। ପ୍ରଥମ କରି ସେଇ ଲୁଣ୍ଠନବେଳେ ମରମସ୍ତ ଖାଁ ରତ୍ନ ଆଶାରେ ରତ୍ନସିଂହାସନ ଉପରକୁ ଚଢ଼ି ଯାଇଥିଲେ। ସେତେବେଳକୁ ମହାପ୍ରଭୁ ସିଂହାସନରେ ନ ଥିଲେ। ଚନ୍ଦନକାଠ ନିର୍ମିତ ରତ୍ନଖଚିତ ନେତ୍ର ଥାଇ ଏକ ବିଗ୍ରହକୁ ଗଜପତି ତାଙ୍କୁ ଦେଇ ଅଧିକ ଲୁଣ୍ଠନରୁ ଦିଗ୍‌ଭ୍ରଷ୍ଟ କରାଇଥିଲେ। ତବ୍‌ସିରାକ୍–ଉଲ–ନେଁଜିରିନ୍ ପୁସ୍ତକରୁ ଜଣାଯାଏ ରତ୍ନଖଚିତ ମୂର୍ତ୍ତି ଔରଙ୍ଗଜେବଙ୍କ ନିକଟକୁ ପଠାଯିବା ପରେ ମୂର୍ତ୍ତିରୁ ରତ୍ନ କଢ଼ାଯାଇ ସେହି ମୂର୍ତ୍ତିକୁ ବିଜାପୁର ମସ୍‌ଜିଦ୍‌ର ପାହାଚତଳେ ପକା ଯାଇଥିଲା। ଏହା 'ହିଷ୍ଟ୍ରି ଅଫ ଔରଙ୍ଗଜେବ' ପୁସ୍ତକଦ୍ୱାରା ମଧ୍ୟ ସମର୍ଥିତ।
- **୧୭୩୧ ଖ୍ରୀ.–** ମହମ୍ମଦ ତକି ଖାଁ ଖୋର୍ଦ୍ଧା ଦୁର୍ଗ, ଧଉଳି ଦୁର୍ଗ, ଶିଶୁପାଳ ଦୁର୍ଗ, ରଥିପୁର ଦୁର୍ଗକୁ ଅତି ବର୍ବର ଭାବରେ ଲୁଣ୍ଠନ କରିଥିଲେ। ୩ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଆକ୍ରମଣ କରି ଲୁଣ୍ଠନ କରିବା ପରେ ଦିଲ୍ଲୀର ସୁଜାଉଦ୍ଦିନଙ୍କ ପାଖକୁ ସମସ୍ତ ଧନରତ୍ନ ପଠାଇଥିବାର ଉଲ୍ଲେଖ ମିଳେ।
- **୧୭୩୩ ଖ୍ରୀ.–** ମହମ୍ମଦ ତକି ଖାଁ ୨ୟଥର ଆକ୍ରମଣ କରି ଦିଲ୍ଲୀର ସୁଜାଉଦ୍ଦିନଙ୍କ ପାଖକୁ ୧୧ କୋଟି ୧୧ ଲକ୍ଷ ୮୫ ହଜାର ୧୪୫ ଟଙ୍କା ୮ ଅଣା ୯ ପାହି ପଠାଇଥିଲେ। ସେ ସମୟର ଏଇ ଟଙ୍କାର ମୂଲ୍ୟ ଆକଳନ କରିବା କଥା। ଲଗାତର ଭାବରେ ଶୋଷଣର ଶିକାର ହୋଇ ଗୋଟିଏ ଜାତିର ମେରୁଦଣ୍ଡ ହୋହଲି ଯାଇଥିଲା। ମରହଟ୍ଟା ଓ ଇଂରେଜମାନେ ଶାସନ ତରିକାରେ ଭାତରେ ମାଇଲେ ତ ହାତରେ ବି ମାଇଲେ। ଏବେ ବି ତା'ର ପ୍ରଭାବ ଅନୁଭୂତ ହେଉଅଛି। ୧୮୧୭ ମସିହାରେ ଯେଉଁ ପାଇକ ଯୁଦ୍ଧ ହୋଇଥିଲା (ଆମ୍ଭ ମତରେ ତାହା ବିଦ୍ରୋହ ନୁହେଁ) ତାହା ଏହି ଶୋଷଣରୁ ହିଁ ଆରମ୍ଭ ହୋଇଥିଲା। ୧୮୦୪ ମସିହାରେ ଶୋଷଣର ପ୍ରତିବାଦ କରି ଜୟୀ ରାଜଗୁରୁ ଯୁଦ୍ଧର ଡାକରା ଦେଇଥିଲେ। ସେଇ ଯୁଦ୍ଧର ପ୍ରଭାବ ୧୮୧୭ ମସିହା ଯୁଦ୍ଧ ଉପରେ ପ୍ରବଳ ପ୍ରଭାବ ପକାଇଥିଲା। ସେତିକିବେଳେ ଏହା ଗଣଯୁଦ୍ଧରେ ପରିଣତ ହୋଇଥିଲା।

୬୫ ହଜାର ଟଙ୍କାର ଜାଲନୋଟ ଜବତ: ୩ ଗିରଫ

ଲଖନପୁର,୨୭।୧(ଡି.ଏନ୍.ଏ.)–ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ପୋଲିସ ରବିବାର ଏକ ଜାଲନୋଟ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ଚାଣ୍ଟିପାଲି ଗ୍ରାମର ଦୀନେଶ ବିଶ୍ୱାଳ (୨୪), ଚିକିଲାପାଲିର ବିରାଟ ଗୁପ୍ତା (୫୧) ଓ ଛତିଶଗଡ଼ ପୁଷୋର ଥାନା ତିନିମିନି ଗ୍ରାମର ମୁକୁନ୍ଦ ଗୁପ୍ତା (୪୫)। ଏମାନଙ୍କ ନିକଟରୁ ପୋଲିସ ୧୧୦ଖଣ୍ଡ ୫ଶହ ଟଙ୍କିଆ, ୫ଖଣ୍ଡ ୨ହଜାର ଟଙ୍କିଆ ଜାଲନୋଟ୍ ସହ ଏକ କଲର ପ୍ରିଣ୍ଟର ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ୧୭/୧୯) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଗୀତି ରଞ୍ଜନ ମହାପାତ୍ର କହିଛନ୍ତି।

ବିରାଟଙ୍କ ଘର ଛତିଶଗଡ଼ ସିଟି କୋଟୁଆଲି ଥାନା ମିଳିମିଳା ଗ୍ରାମରେ। ସେ ଦୀର୍ଘବର୍ଷ ହେଲା ରେଙ୍ଗାଲି ଥାନା ଅଧୀନ ଚିକିଲାପାଲି ଗ୍ରାମରେ ପରିବାର ସହ ରହୁଛନ୍ତି। ଗତ ଶୁକ୍ରବାର ବିରାଟ ୫ଶହ ଟଙ୍କିଆ ନୋଟ୍ ନେଇ ଗାଁ ଦୋକାନରେ ଦେଇ ଚା, ଚିନି ଓ ମୁଗଡାଲି କିଣିଥିଲେ। ଏହି ୫ଶହ ଟଙ୍କିଆ ନୋଟ୍ ସହ ଆଉ ଅଧିକ ଟଙ୍କା ମିଶାଇ ଦୋକାନୀ ଗାଁର ଆଉ ଏକ ବଡ଼ ଦୋକାନରେ ଦେଇ ସାମଗ୍ରୀ କିଣିଥିଲେ। ବଡ଼ ଦୋକାନ ମାଲିକ ଲକ୍ଷ୍ମୀନିଧି ମେହେର କନକତୋରା ସେବା ସମବାୟ ସମିତିରେ ଏହି ଟଙ୍କା ଜମା କରିଥିଲେ। ଏତିକିବେଳେ ବ୍ୟାଙ୍କ କର୍ମଚାରୀ ୫ଶହ ଟଙ୍କିଆ ନୋଟ୍‌ଗୁଡ଼ିକୁ ଯାଞ୍ଚ କରିଥିଲେ। ଗୋଟିଏ ୫ଶହ ଟଙ୍କିଆ ନୋଟ୍ ଜାଲ୍ ବାହାରିଥିଲା। ଫଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ମେହେରଙ୍କୁ ଉକ୍ତ ନୋଟ ଫେରାଇ ଦେଇଥିଲେ। ମେହେର ଏ ନେଇ ଗାଁରେ ଥିବା ଛୋଟ ଦୋକାନୀଙ୍କୁ ପଚାରିଥିଲେ। ବିରାଟ ଏହି ନୋଟ୍ ତାଙ୍କୁ ଦେଇଥିବା ଛୋଟ ଦୋକାନୀ କହିଥିଲେ। ଏ ସମ୍ପର୍କରେ ଉଭୟ ଦୋକାନୀ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ମାଧ୍ୟମରେ ରେଙ୍ଗାଲି ଥାନାକୁ ଜଣାଇଥିଲେ। ପୋଲିସ ବିରାଟଙ୍କୁ ଥାନାକୁ ନେଇ ଜେରା କରିଥିଲା। ବିରାଟଙ୍କ ସୂଚନା କ୍ରମେ ପୋଲିସ ଚାଣ୍ଟିପାଲି ଗ୍ରାମରେ ଚଢ଼ାଉ କରି ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ ଦୀନେଶଙ୍କୁ ଗିରଫ କରିଥିଲା। ତାଙ୍କ ଘରୁ ପୋଲିସ ଅନ୍ୟ ଜାଲନୋଟଗୁଡ଼ିକ ଜବତ କରିଥିଲା। ଦୀନେଶଙ୍କ ତଥ୍ୟ ଆଧାରରେ ପୋଲିସ ଛତିଶଗଡ଼ ପୁଷୋର ଥାନା ତିନିମିନି ଗ୍ରାମରେ ଚଢ଼ାଉ କରି ମୁକୁନ୍ଦଙ୍କୁ ଗିରଫ କରିଥିଲା। ତାଙ୍କ ଘରୁ ଏକ କଲର ପ୍ରିଣ୍ଟର ଓ ନୋଟ୍ ଛାପିବା ସାମଗ୍ରୀ ଜବତ କରାଯାଇଛି।

■ ଅସହାୟ ଦାଦନ ଶ୍ରମିକଙ୍କ କରୁଣ କାହାଣୀ

ଦୁଇ ଶିଶୁପୁତ୍ରକୁ ବିକ୍ରି ଉଦ୍ୟମ ଅଭିଯୋଗ

ବଲାଙ୍ଗୀର ଅଫିସ, ୨୭।୧

ବଲାଙ୍ଗୀର ଜିଲାର ଜଣେ ଦାଦନ ଶ୍ରମିକ ତାଙ୍କର ଦୁଇ ଶିଶୁପୁତ୍ରକୁ ବିକ୍ରି ଉଦ୍ୟମ କରୁଥିବାବେଳେ ଘଟଣା ଲୋକଲୋଚନକୁ ଆସିବାରୁ ଯୋଜନା ପଣ୍ଡ ହୋଇଛି। ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବ୍ରାହ୍ମଣୀ ଗାଁର ସୁଶାନ୍ତ ଭୋଇ ତାଙ୍କ ସ୍ତ୍ରୀ ଓ ଦୁଇପିଲାଙ୍କୁ ନେଇ ଦାଦନ ଖଟିବା ପାଇଁ ହାଇଦ୍ରାବାଦର ମୁରିଆ ଅଞ୍ଚଳକୁ ଯାଇଥିଲେ। ସେଠାରେ ସେ ଏକ ଇଟାଭାଟିରେ କାମ କରୁଥିଲେ। ଗତ ୨୫ତାରିଖରେ ସୁଶାନ୍ତଙ୍କ ତୃତୀୟ ସନ୍ତାନ ଜନ୍ମ ନେଇଥିଲା। ତେବେ ଏହି ପୁତ୍ର ଜନ୍ମ ହେବାର ୨୧ ଦିନ ପରେ ତାଙ୍କ ସ୍ତ୍ରୀ ପାଞ୍ଚ ବର୍ଷର ବଡପୁଅକୁ ଧରି ସେଠାରୁ କୁଆଡେ ପଳାଇ ଯାଇଥିଲେ। ଫଳରେ ୨ ବର୍ଷ ଏବଂ ୨୪ ଦିନର ଦୁଇ ଶିଶୁପୁତ୍ର ସୁଶାନ୍ତ ପାଖରେ ରହିଯାଇଥିଲେ। ଏହା ପରେ ଅସହାୟ ସୁଶାନ୍ତ ଦୁଇ ଶିଶୁପୁତ୍ରଙ୍କୁ କିଭଳି ଯତ୍ନ ନେବେ ଚିନ୍ତାରୋ ପଡିଥିଲେ। ଉଭୟ ଶିଶୁଙ୍କୁ ଧରି ଟ୍ରେନ୍ ଯୋଗେ ଗାଁକୁ ଫେରୁଥିବାବେଳେ ଆକାଶ ନାମକ ଜଣେ ଦାଦନ ସର୍ଦ୍ଦାରଙ୍କ ସହ ତାଙ୍କର ଭେଟ ହୋଇଥିଲା ଓ ସେ ଉଭୟ ଶିଶୁକୁ ବିକ୍ରି ଯୋଜନା କରିଥିଲେ। ଯୋଜନା ଅନୁସାରେ ଶନିବାର ଦୁଇ ଶିଶୁପୁତ୍ରଙ୍କୁ ଧରି ସୁଶାନ୍ତ ବଲାଙ୍ଗୀର ଷ୍ଟେଶନ୍‌ରେ ପହଞ୍ଚିଥିଲେ। ପରେ ଶିଶୁପୁତ୍ରଙ୍କୁ ନେବାକୁ ଆସିଥିବା ଦମ୍ପତି ସେଠାରେ ପହଞ୍ଚି ଥିଲେ। ଦୁଇ ଶିଶୁପୁତ୍ରଙ୍କୁ ଦେଖିବା ପରେ ଉଭୟ ଦମ୍ପତି ୨୪ଦିନର ଶିଶୁପୁତ୍ରକୁ ନେବା ପାଇଁ ରାଜି ହୋଇଥିଲେ ମଧ୍ୟ ୨ ବର୍ଷର ପୁଅକୁ ନେବାକୁ ଅରାଜି ହୋଇଥିଲେ। ୨ ବର୍ଷର ଶିଶୁପୁତ୍ର ପୋଲିଓ ଆକ୍ରାନ୍ତ ହୋଇଥିବା ସନ୍ଦେହ କରିବାରୁ ସେମାନେ ନେବାକୁ ଅରାଜି ହୋଇଥିଲେ। ଏହାକୁ ନେଇ ରେଳଷ୍ଟେଶନ୍‌ରେ ପାଟିତୁଣ୍ଡ ହେବାରୁ ଲୋକଙ୍କ ଭିଡ ଜମିଥିଲା। ଜଣେ ଯୁବକ ଏହା ଶିଶୁବିକ୍ରି ଘଟଣା ବୋଲି ରେଳୱେ ପୋଲିସକୁ କହିଥିଲେ। ଫଳରେ ଘଟଣାସ୍ଥଳରୁ ଶିଶୁଙ୍କୁ ନେବାକୁ ଆସିଥିବା ଦମ୍ପତି ଫେରାର୍ ହୋଇଯାଇଥିଲେ। ପରେ ରେଳବାଇ ପୋଲିସ ଘଟଣାସ୍ଥଳକୁ ଆସି ଦୁଇ ଶିଶୁପୁତ୍ର ସହ ସୁଶାନ୍ତକୁ ଥାନାକୁ ନେଇଥିଲେ। ସେଠାରୁ ଚାଇଲ୍ଡ ଲାଇନ୍‌କୁ ଯୋଗାଯୋଗ କରିବାରୁ ସେମାନେ ଆସି ଶିଶୁପୁତ୍ର ଦ୍ୱୟକୁ ଉଦ୍ଧାର କରି ସର୍ଟ ଷ୍ଟେ ହୋମକୁ ନେଇଥିଲେ। ୨ ହଜାର ଟଙ୍କାରେ ଶିଶୁ ବିକ୍ରି ଅଭିଯୋଗ ହୋଇଥିବାବେଳେ ସୁଶାନ୍ତ ଏହାକୁ ଅସ୍ୱୀକାର କରିଛନ୍ତି । ଅସହାୟତା କାରଣରୁ ସେ ଦୁଇ ଶିଶୁକୁ ଅନ୍ୟ ଦମ୍ପତିକୁ ହସ୍ତାନ୍ତର କରିବାକୁ ଚାହିଁଥିଲେ ବୋଲି କହିଛନ୍ତି। ଏହାକୁ ନେଇ ରେଳବାଇ ଥାନା ଅଧିକାରୀ ଦୁର୍ଗା ପଧାନଙ୍କୁ ପଚାରିବାରୁ ଏନେଇ ଷ୍ଟେଶନ୍ ଡାଏରୀ କରାଯାଇ ତଦନ୍ତ କରାଯାଉଛି ବୋଲି କହିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୫ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୨୩.୦	୧୬.୦
ଚାନ୍ଦବାଲି	୨୬.୨	୧୬.୪
କଟକ	୨୩.୦	୧୬.୨
ପାରାଦ୍ୱୀପ	୨୫.୬	୧୭.୮
ଭୁବନେଶ୍ୱର	୨୫.୬	୧୭.୧
ଗୋପାଳପୁର	୨୭.୦	୧୮.୩
ପୁରୀ	୨୬.୪	୧୭.୮
ଅନୁଗୋଳ	୨୧.୧	୧୩.୬
ବାରିପଦା	୨୩.୮	୧୭.୨
ଝାରସୁଗୁଡ଼ା	୨୪.୨	୧୩.୬
କେନ୍ଦୁଝର	୧୯.୨	୧୪.୨
ସମ୍ବଲପୁର	୨୨.୮	୧୪.୫
ସୁନ୍ଦରଗଡ଼	୨୬.୦	୧୦.୦
ହୀରାକୁଦ	୨୩.୬	୧୫.୫
ତାଲଚେର	୨୪.୬	୧୫.୦
ଭବାନୀପାଟଣା	୧୮.୨	୧୬.୦
ବଲାଙ୍ଗୀର	---	୧୫.୫
କୋରାପୁଟ	୨୩.୬	୧୩.୦
ଫୁଲବାଣୀ	---	---
ଟିଟିଲାଗଡ଼	---	୧୩.୦
ମାଲକାନଗିରି	୨୭.୦	୧୦.୮
ସୋନପୁର	୧୯.୪	୧୪.୪
ଦାରିଙ୍ଗିବାଡ଼ି	୧୬.୦	୧୪.୫
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍

ପ୍ରଧାନମନ୍ତ୍ରୀଙ୍କ ଉପହାର ନିଲାମ

ନୂଆଦିଲ୍ଲୀ: ୨୦୧୪ଠାରୁ ପ୍ରଧାନମନ୍ତ୍ରୀଙ୍କୁ ଉପହାର ସ୍ୱରୂପ ମିଳିଥିବା ପାଖାପାଖି ୧,୮୦୦ ସ୍ମାରକୀ ରବିବାର ନିଲାମ ହୋଇଛି। ସେଗୁଡ଼ିକର ବିକ୍ରିଲବ୍ଧ ଅର୍ଥ 'ନମାମି ଗଙ୍ଗେ ପ୍ରକଳ୍ପ' ପାଇଁ ବ୍ୟୟ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହିସବୁ ସ୍ମାରକୀ ଓ ଉପହାର ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟରେ ସଂରକ୍ଷିତ କରି ରଖାଯାଇଥିଲା। ଦେଶର ବିଭିନ୍ନ କଳା ଓ ସଂସ୍କୃତିର ଛବି ରହିଥିବା ବିଭିନ୍ନ ଦ୍ରବ୍ୟ ମଧ୍ୟରେ ଖଣ୍ଡା, ବାଦ୍ୟଯନ୍ତ୍ର, ପଗଡି, ଶାଲ୍, ଅଙ୍ଗବସ୍ତ୍ର, ପାରମ୍ପରିକ ଜ୍ୟାକେଟ୍, ଧନୁତୀର, ମୁଖା, କାନ୍‌ଭାସ୍, ଐତିହାସିକ ଓ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଫଟୋଚିତ୍ର ଏବଂ ଧାତୁ, ପଥର, କାଠ ଓ ପ୍ଲାଷ୍ଟର ଅଫ୍ ପ୍ୟାରିସରେ ନିର୍ମିତ ବିଭିନ୍ନ କଳାକୃତି ଏଥିରେ ସ୍ଥାନ ପାଇଛି।

ନିଲାମ କାର୍ଯ୍ୟକ୍ରମରେ ଯୋଗଦେଇ ରେଳମନ୍ତ୍ରୀ ପୀୟୂଷ ଗୋୟଲ୍ କହିଲେ, ପ୍ରଧାନମନ୍ତ୍ରୀଙ୍କ ଉପହାର ବିକ୍ରିରୁ ମିଳିଥିବା ଅର୍ଥ ନମାମି ଗଙ୍ଗେ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବ। ନ୍ୟାଶନାଲ୍ ଗ୍ୟାଲେରିରେ ଦୀର୍ଘ ୩ ମାସ ପ୍ରଦର୍ଶନ ପାଇଁ ରଖାଯାଇଥିଲା। କେତେକ ଉପହାରକୁ ଘୂର୍ଣ୍ଣାୟମାନ ପ୍ରଦର୍ଶନ ପାଇଁ ରଖାଯାଇଛି। ଦେଶର ବିଭିନ୍ନ ଭାଗରୁ ୬୦ଜଣ ନିଲାମ ଡକାଳି ସାମଗ୍ରୀ ନେବାପାଇଁ ଭିଡ ଜମାଇଥିଲେ। ୧୮୦୦ ସାମଗ୍ରୀ ମଧ୍ୟରୁ ନିଲାମର ପ୍ରଥମ ଅଧଘଣ୍ଟା ମଧ୍ୟରେ ୧୦୦ରୁ ଅଧିକ ସାମଗ୍ରୀ ବିକ୍ରି ହୋଇଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ପ୍ରତିମୂର୍ତ୍ତି ଏବଂ ଛବି ନେବା ପାଇଁ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିଲା। ଥାଙ୍କା ୱାଲ୍ ହ୍ୟାଙ୍ଗିଙ୍ଗ୍ ସର୍ବାଧିକ ୧୨,୫୦୦ଟଙ୍କାରେ ବିକ୍ରି ହୋଇଥିଲା। ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ମୋଦି ଶ୍ରଦ୍ଧାଞ୍ଜଳି ଦେ

ପୁରସ୍କାର ପ୍ରଦାନ ଉତ୍ସବ

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ 'ଦ ପ୍ରେସ୍ କ୍ଲବ୍ ଓଡ଼ିଶା'ରେ ରବିବାର ପୁରସ୍କୃତ ହୋଇଥିବା 'ଧରିତ୍ରୀ'ର ଡିସେମ୍ବର ମାସର ସେଲ୍‌ଫି କର୍ନର ବିଜେତାମାନେ

ଜଣେ ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଧରିତ୍ରୀ' ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ । ନିକଟରେ ଅଛନ୍ତି 'ଟେକ୍ ଆଙ୍କା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ ଓ 'ଧରିତ୍ରୀ' ସମ୍ପାଦକ ତଥାଗତ ସତପଥୀ

ସ୍ମାର୍ଟଫୋନ୍ ପାଇଲେ ବିଜେତା

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଧରିତ୍ରୀ ପକ୍ଷରୁ ଏହାର 'ସେଲ୍‌ଫି କର୍ନର' ବିଜେତାଙ୍କ ପାଇଁ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିସେମ୍ବର ମାସର ୩୧ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ବାବଦରେ ପ୍ରତି ବିଜେତାଙ୍କୁ 'ଟେକ୍ ଆଙ୍କା' ପକ୍ଷରୁ ଏକ ସ୍ମାର୍ଟ ଫୋନ୍ ପ୍ରଦାନ କରାଯାଇଥିଲା। ଏହା ସହ ଏୟାରଟେଲ ପକ୍ଷରୁ ଏକ ମାସର ଅନ୍‌ଲିମିଟେଡ୍ ଡାଟା ଓ ଅନ୍‌ଲିମିଟେଡ୍ କଲ୍ ଥିବା ଏକ ସିମ୍‌କାର୍ଡ ଦିଆଯାଇଥିଲା। ମଞ୍ଚରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, 'ଟେକ୍ ଆଙ୍କା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ, ଓଡ଼ିଶା-ବିହାର-ଝାଡ଼ଖଣ୍ଡ ବିଜନେସ୍ ହେଡ୍ ସୁମିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଥିଲେ ଯେ, ପ୍ରତିଦିନ ଆମ ପାଖକୁ ବହୁ ସଂଖ୍ୟାରେ ସେଲ୍‌ଫି ଆସୁଛି। ସେଥିମଧ୍ୟରୁ କିଛି ସେଲ୍‌ଫି ଚୟନ କରାଯାଇ ପ୍ରକାଶ ପାଉଛି ଓ ସେଗୁଡ଼ିକ ମଧ୍ୟରୁ ଗୋଟିଏକୁ ବାଛି ବିଜେତା କରାଯାଉଛି। ତେଣୁ ଯେଉଁମାନେ ବିଜେତା ହୋଇଛନ୍ତି ସେମାନେ ଭାଗ୍ୟବାନ। 'ଧରିତ୍ରୀ' ପଢୁଥିବାରୁ ଧନ୍ୟବାଦ। ଏହିଭଳି ଆମ ସହିତ ଯୋଡ଼ି ହୋଇ ରହିଥାନ୍ତୁ ଏବଂ ଆମ ସହିତ ସମ୍ପର୍କ ବଢୁ ବୋଲି ସେ କହିଥିଲେ।

'ଟେକ୍ ଆଙ୍କା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ କହିଥିଲେ, ଧରିତ୍ରୀ ସହ ଆମେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହୋଇଥିବାରୁ ଗର୍ବ ଅନୁଭବ କରୁଛୁ। ଯୁବପିଢ଼ିଙ୍କ ନିକଟରେ ପହଞ୍ଚିବା ଲାଗି ଏହା ଏକ ଭଲ ମାଧ୍ୟମ ହୋଇପାରିଛି। ସେଲ୍‌ଫି କର୍ନର ଦ୍ୱାରା ଆମକୁ ଭଲ ରେସ୍‌ପନ୍ସ ମିଳୁଛି। 'ଟେକ୍ ଆଙ୍କା'ର ବିଜନେସ୍ ହେଡ୍ ସୁମିତ ପଟ୍ଟନାୟକ କହିଥିଲେ, ରାଜ୍ୟରେ ବର୍ତ୍ତମାନ କଟକ, ପୁରୀ ଏବଂ ଭୁବନେଶ୍ୱରରେ ଟେକ୍ ଆଙ୍କାର ୩ଟି ଷ୍ଟୋର ରହିଛି। ଏ ସମସ୍ତ ଜାଗାରେ ଆଉ ୨ଟି ଲେଖାଏ ଷ୍ଟୋର ଖୋଲିବାକୁ ଯୋଜନା କରୁଛୁ। ଅନ୍ୟମାନଙ୍କ ମଧ୍ୟରେ 'ଟେକ୍ ଆଙ୍କା'ର ଏରିଆ ସେଲ୍‌ସ ମ୍ୟାନେଜର ସଞ୍ଜୟ ବେହେରା, ରିଜିଓନାଲ ମାର୍କେଟିଂ ହେଡ୍ ଭରତ ଦାସ, ଏୟାରଟେଲ୍ ଓଡ଼ିଶାର ଏଓ ରିଷିକାନ୍ତ ବିଶ୍ୱାଳ, ଟିଏଲ୍ ଦେବକାନ୍ତ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍ସବକୁ ମନୋରଞ୍ଜନଧର୍ମୀ କରିବା ପାଇଁ ସ୍ୱତନ୍ତ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ କାଜୋଲ ଓ ବିଭୁ ମନଛୁଆଁ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ। ଉପସ୍ଥିତ ଶ୍ରୋତାମାନେ ଗୀତର ତାଳେ ତାଳେ ନାଚିବା ସହ ଭରପୂର ଉପଭୋଗ କରିଥିଲେ। ତେବେ ଏଥର କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ର୍ୟାମ୍ପ୍ ଶୋ' ଆୟୋଜନ କରାଯାଇଥିଲା। ଏଥିରେ ମଡେଲ ଗୋଲ୍ଡି, ରଶ୍ମିତା, ଜସ୍ମିନ, ସନ୍ଧ୍ୟା, ସୌମ୍ୟା ମଞ୍ଚରେ ସେମାନଙ୍କ କମାଲ ଦେଖାଇଥିଲେ। ଡିଜେ ମ୍ୟୁଜିକ୍ ସହ ମଡେଲଙ୍କ କ୍ୟାଟ୍ ୱାକ୍ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା। କାର୍ଯ୍ୟକ୍ରମରେ ଶୋଭନା ମିଶ୍ର ମଞ୍ଚ ସଂଯୋଜନା କରିଥିଲେ।

ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଟେକ୍ ଆଙ୍କା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ

କାର୍ଯ୍ୟକ୍ରମରେ 'ଏକ ନିଃଶ୍ୱାସରେ ସେଲ୍‌ଫି ସେଲ୍‌ଫି କହିବା ପ୍ରତିଯୋଗିତା' ବେଳର ଦୃଶ୍ୟ।

କଣ୍ଠଶିଳ୍ପୀ କାଜୋଲ ଓ ବିଭୁ

ଜଣେ ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଟେକ୍ ଆଙ୍କା'ର ବିଜନେସ୍ ହେଡ୍ ସୁମିତ ପଟ୍ଟନାୟକ

ହୃଦୟଛୁଆଁ ଗୀତର ତାଳେ ତାଳେ ନୃତ୍ୟରତ ସେଲ୍‌ଫି କର୍ନର ବିଜେତା ଓ ସେମାନଙ୍କ ସମ୍ପର୍କୀୟ

କାର୍ଯ୍ୟକ୍ରମରେ ଆୟୋଜିତ ର୍ୟାମ୍ପ ଶୋ'ରେ ରଶ୍ମିତା, ସୌମ୍ୟା, ଜସ୍ମିନ, ସନ୍ଧ୍ୟା ଓ ଗୋଲ୍ଡି

ସଂକ୍ଷେପରେ

ମୋଟର ସାଇକେଲ ଟାରିଫ ଭାରତର ପଦକ୍ଷେପକୁ ଟ୍ରମ୍ପଙ୍କ ପ୍ରଶଂସା

ୱାଶିଂଟନ,୨୭-୧: ଆମେରିକାରେ ତିଆରି ହାର୍ଲେ ଡାଭିଡ୍‌ସନ ମୋଟର ସାଇକେଲର ଆମଦାନୀ ଉପରେ ଟାରିଫକୁ ଭାରତ ଅଧା କରିଦେଇଛି। ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖୁସିବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମାତ୍ର ୨ ମିନିଟ କଥା ହେବା ପରେ ଗତ ବର୍ଷ ଶେଷାର୍ଦ୍ଧରେ ହାର୍ଲେର ଟାରିଫକୁ ଭାରତ ଅଧା କରିଦେଇଛି ବୋଲି ଟ୍ରମ୍ପ ପ୍ରକାଶ କରିଛନ୍ତି। ତେବେ ଆମେରିକା ନିର୍ମିତ ହ୍ୱିସ୍କି ଉପରେ ଏବେ ବି ଭାରତ ଅଧିକ ଟାରିଫ ନେଉଛି ବୋଲି ସେ କହିଛନ୍ତି। ଏହା ଯଥାଶୀଘ୍ର ହ୍ରାସ ପାଇବା ଆବଶ୍ୟକ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଆମେରିକାର ହ୍ୱିସ୍କି ଉପରେ ଭାରତ ୧୫୦ ପ୍ରତିଶତ ଟାରିଫ ଆଦାୟ କରୁଛି, ଅଥଚ ଆମେରିକା ଏଭଳି ଆଦାୟ କରୁନି। ସେହିପରି ଭାରତୀୟ ମୋଟର ସାଇକେଲ ଉପରେ ଆମେରିକା ମାତ୍ର ୨.୪ପ୍ରତିଶତ ଟାରିଫ ଆଦାୟ କରୁଥିବା ବେଳେ ଅଧା କରିବା ସତ୍ତ୍ୱେ ଭାରତ ୫୦ ପ୍ରତିଶତ ଆଦାୟ କରୁଛି। ଏହା ବହୁ ଅଧିକ ବୋଲି ସେ ଉଲ୍ଲେଖ କରିଛନ୍ତି। ହ୍ୱାଇଟ ହାଉସରେ ରେସିପ୍ରୋକାଲ ଟ୍ରେଡ଼ ଉପରେ ନିଜ ବକ୍ତବ୍ୟରେ ଟ୍ରମ୍ପ କହିଛନ୍ତି ଯେ, ଏହାଦ୍ୱାରା ଆମେରିକାର କର୍ମଚାରୀଙ୍କୁ ଫାଇଦା ମିଳିବ।

ଟ୍ରେନ୍ ୧୮ ହେଲା ବନ୍ଦେ ଭାରତ ଏକ୍ସପ୍ରେସ

ନୂଆଦିଲ୍ଲୀ,୨୭-୧: ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଟ୍ରେନ ୧୮କୁ 'ବନ୍ଦେ ଭାରତ ଏକ୍ସପ୍ରେସ' ନାମରେ ନାମିତ କରାଯାଇଛି। ଏହା ବାରାଣସୀ ଏବଂ ନୂଆଦିଲ୍ଲୀ ମଧ୍ୟରେ ଚଳାଚଳ କରିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ରବିବାର ସୂଚନା ଦେଇଛନ୍ତି। ଟ୍ରେନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିବେ। ଟ୍ରେନରେ ୧୬ କୋଚ ରହିଥିବା ବେଳେ ୯୭ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଇଛି। ଏହା ଚେନ୍ନାଇସ୍ଥିତ ସମନ୍ୱିତ କୋଚ୍ ଫ୍ୟାକ୍ଟ୍ରିରେ ନିର୍ମିତ ହୋଇଛି। ଏହା ଚଳାଚଳ ଆରମ୍ଭ କଲେ ୩୦ ବର୍ଷର ଶତାବ୍ଦୀ ଏକ୍ସପ୍ରେସକୁ ବାଦ ଦିଆଯିବ। ଲୋକଙ୍କଠାରୁ ମତାମତ ଗ୍ରହଣ କରିବା ପରେ ସରକାର ଏଭଳି ପଦକ୍ଷେପ ନେଇଥିବା ଗୋୟଲ କହିଛନ୍ତି। ମେକ୍ ଇନ ଇଣ୍ଡିଆରେ ସରକାର ଏଭଳି ଯୋଜନା ହାତକୁ ନେଇଛନ୍ତି। ଟ୍ରେନରେ ସମ୍ପୂର୍ଣ୍ଣ ଏସି ସୁବିଧା ରହିଛି। ଏହା କାନପୁର ଏବଂ ଆଲ୍ଲାହାବାଦଠାରେ ଅଟକିବ। ଏଥିରେ ଦୁଇ ଏଜକେକ୍ୟୁଟିଭ କ୍ଲାସ ଚେୟାର କାର ରହିବ। ସର୍ବୋତ୍ତମ ଗୁଣବତ୍ତା, ଏୟାର ସସ୍‌ପେନଶନ ଏବଂ ସୁଗମ ଯାତ୍ରାକୁ ଧ୍ୟାନରେ ରଖାଯାଇଥିବା ସେ ପ୍ରକାଶ କରିଛନ୍ତି।

'ଟିକସଦାତାଙ୍କ ପ୍ରତି ନମନୀୟ ହୁଅନ୍ତୁ ଆୟକର ଅଧିକାରୀ'

ନୂଆଦିଲ୍ଲୀ,୨୭-୧: ଆୟକର ଅଧିକାରୀମାନେ ଟିକସଦାତାଙ୍କ ପ୍ରତି ନରମ ମନୋଭାବ ପୋଷଣ କରନ୍ତୁ। ସେମାନେ କାମ କରିବା ବେଳେ ଅତି ଉତ୍ସାହରୁ ଦୂରେଇ ରହି ଆଇନ ଅନୁଯାୟୀ ପଦକ୍ଷେପ ନିଅନ୍ତୁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ପରାମର୍ଶ ଦେଇଛନ୍ତି। 'ଇଣ୍ଟରନ୍ୟାଶନାଲ କଷ୍ଟମ୍ସ ଡେ' ପାଳନ ଅବସରରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ଅଧିକାରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଟିକସଦାତାଙ୍କ ପ୍ରତି ଅନୁକୂଳ ପରିବେଶ ସୃଷ୍ଟି ଲାଗି ଆୟକର ବିଭାଗ ପକ୍ଷରୁ କ'ଣ କରାଯାଇପାରିବ, ସେଥିପାଇଁ ସମ୍ପୃକ୍ତ ପକ୍ଷଙ୍କଠାରୁ ତଥ୍ୟ ସଂଗ୍ରହ କରାଯିବା ଆବଶ୍ୟକ। ସେ କହିଛନ୍ତି ଯେ, ଆୟକର ଅଧିକାରୀ ଗ୍ରାହକଙ୍କ ପ୍ରତି ଅନୁକୂଳ ଦୃଷ୍ଟିକୋଣ ଆପଣାଇବା ବେଳେ ବୁଦ୍ଧିମତ୍ତାର ପ୍ରୟୋଗ କରି ସେମାନଙ୍କର ଆସ୍ଥାଭାଜନ ହେବାକୁ ପଡିବ। ସେ କହିଛନ୍ତି ଯେ, ସରକାରଙ୍କ ରାଜସ୍ୱ ଆଦାୟ ଯେପରି ହ୍ରାସ ନ ପାଏ, ତାହା ଦେଖିବା ଲାଗି ଆମେ ସମସ୍ତେ କାମ କରୁଛୁ। ରାଜସ୍ୱ ଆଦାୟ ଅର୍ଥରେ ଦେଶରେ ଗରିବଙ୍କ ଲାଗି ସହାୟତା କାର୍ଯ୍ୟ କରାଯାଏ। ବ୍ୟବସାୟୀମାନେ ନିଜର ବ୍ୟବସାୟକୁ ସ୍ୱଚ୍ଛତାର ସହ କରିବା ଲାଗି ସମୟ ଆସିଯାଇଛି। ଅଧିକ ଟିକସ ଆଦାୟ କରିବାର ଯୁଗ ଶେଷ ହୋଇଛି ବୋଲି ସେ ମତପ୍ରକାଶ କରିଛନ୍ତି।

ଶୀଘ୍ର ଅବସର ନେବାର କୌଣସି ଯୋଜନା ନାହିଁ। ବେଦାନ୍ତକୁ ଏକ ବିଶ୍ୱସ୍ତରୀୟ ରିସୋର୍ସ ସଂସ୍ଥାରେ ପରିଣତ କରିବାର କାର୍ଯ୍ୟଧାରା ଜାରି ରହିବ।
– ଅନିଲ ଅଗ୍ରୱାଲ, ପ୍ରତିଷ୍ଠାତା, ବେଦାନ୍ତ ରିସୋର୍ସେସ

ପ୍ରସାରଣ ଏବଂ କେବୁଲ ସର୍ଭିସ ଲାଗି ଜାରି କରାଯାଇଥିବା ନୂଆ ନିୟମ ପରିସରକୁ ଫେବୃୟାରୀ ପହିଲା ସୁଦ୍ଧା ପ୍ରାୟ ୯୦% ଗ୍ରାହକ ଆସିଯିବେ ବୋଲି ଆଶା।।
–ଆର୍.ଏସ୍. ଶର୍ମା, ଅଧ୍ୟକ୍ଷ, ଟ୍ରାଇ

କୃଷି ପ୍ୟାକେଜକୁ ଆଜି ମିଳିପାରେ ମଞ୍ଜୁରୀ

ନୂଆଦିଲ୍ଲୀ,୨୭-୧

ସାରା ଦେଶରେ କୃଷକଙ୍କ ଲାଗି କେନ୍ଦ୍ର ସରକାର ପ୍ୟାକେଜ ଘୋଷଣା କରିବାର ଯୋଜନା ରଖିଛନ୍ତି। ଏଭଳି ପ୍ରସ୍ତାବକୁ ସୋମବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିପାରେ। କୃଷି କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ଏବଂ କୃଷକଙ୍କ ଆୟ ବୃଦ୍ଧିକୁ ଧ୍ୟାନରେ ରଖି ସରକାର ଏଭଳି ନିଷ୍ପତ୍ତି ସପକ୍ଷରେ ରହିଛନ୍ତି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ଦେଶରେ ସାଧାରଣ ନିର୍ବାଚନ ଆସୁଥିବା ବେଳେ ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ସୋମବାର କେନ୍ଦ୍ର କ୍ୟାବିନେଟର ବୈଠକ ହେବାକୁ ଥିବା ବେଳେ ଏଠାରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଆୟ କ୍ଷେତ୍ରରେ ରହୁଥିବା ବିଭିନ୍ନ ଅସୁବିଧା ପ୍ରସଙ୍ଗ ସ୍ଥାନିତ ହେବ ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି।

କୃଷକଙ୍କ ସମସ୍ୟାକୁ ଆଧାର କରି ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ବିକଳ୍ପ ଉପରେ କୃଷି ମନ୍ତ୍ରଣାଳୟ ସରକାରଙ୍କୁ ବିଭିନ୍ନ ପରାମର୍ଶ ଦେଇଛି। କୃଷି କ୍ଷେତ୍ରରେ ସମସ୍ୟା ସମାଧାନକୁ ପ୍ରସ୍ତାବରେ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନା ଆସିଲେ ଏହାର ରୂପରେଖ କ'ଣ ହେବ, କେତେ ପରିମାଣର ଅର୍ଥ ଏଥିରେ ଖର୍ଚ୍ଚ ହେବ ସେ ସଂକ୍ରାନ୍ତ ବିଷୟ ଉପରେ କ୍ୟାବିନେଟ ନିଷ୍ପତ୍ତି ହେବ ବୋଲି ସେ କହିଛନ୍ତି। ଠିକ୍ ସମୟରେ ଋଣ ପୈଠ କରୁଥିଲେ ଏହା ଉପରେ ଲାଗୁ ହେଉଥିବା ସୁଧ ଛାଡ ଭଳି ବିକଳ୍ପ ଉପରେ ସରକାରଙ୍କୁ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ଏହା ଯଦି ସରକାର ଲାଗୁ କରନ୍ତି ରାଜକୋଷ ଉପରେ ଅତିରିକ୍ତ ୧୫,୦୦୦ କୋଟି ଟଙ୍କାର ବୋଝ ପଡ଼ିବ। ସେହିଭଳି ଫସଲ ବୀମା କ୍ରୟ ବେଳେ କୃଷକମାନେ ପ୍ରଦାନ କରୁଥିବା ପ୍ରିମିୟମ ଛାଡ଼ ମଧ୍ୟ ହୋଇପାରେ।

ତେଲେଙ୍ଗାନା ଏବଂ ଓଡ଼ିଶା ସରକାର ଗ୍ରହଣ କରିଥିବା କୃଷି ଯୋଜନା ଉପରେ ମଧ୍ୟ କେନ୍ଦ୍ର ବିଚାର କରୁଛି। ୨୦୧୯-୨୦ର ବଜେଟରେ କୃଷି କ୍ଷେତ୍ର ଲାଗି ସରକାର ପ୍ୟାକେଜ ଘୋଷଣା କରିବେ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ରାଧା ମୋହନ ସିଂ ପୂର୍ବରୁ ଆଭାସ ଦେଇଥିଲେ। କୌଣସି ନୂଆ ଯୋଜନା ଆରମ୍ଭ କରିବା ଲାଗି କେନ୍ଦ୍ର ନିକଟରେ ଖୁବ୍ ସ୍ୱଳ୍ପ ସମୟ ରହିଥିବା ବଜାର ବିଶେଷଜ୍ଞ କହିଛନ୍ତି। କେବଳ ରାଜନୈତିକ ଫାଇଦା ଦୃଷ୍ଟିକୋଣରୁ ସରକାର ତରବରିଆ ଭାବେ ଏଭଳି ଯୋଜନା ହାତକୁ ନେବେ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ ଭାଜପା ଭଲ ପ୍ରଦର୍ଶନ କରିବାକୁ ସକ୍ଷମ ହୋଇ ନ ଥିବା ବେଳେ ଗ୍ରାମାଞ୍ଚଳରେ କୃଷକଙ୍କ ଅସୁବିଧା ମଧ୍ୟ ରହିଛି। କୃଷିଜାତ ସାମଗ୍ରୀର ମୂଲ୍ୟ ହ୍ରାସ ମଧ୍ୟ କୃଷକଙ୍କ ଚିନ୍ତାକୁ ବଢାଇଛି।

■ ଆଇସିଆଇସିଆଇ ବ୍ୟାଙ୍କ ଋଣ ମାମଲା
ତଦନ୍ତକାରୀ ଅଧିକାରୀଙ୍କୁ ବଦଳି

ନୂଆଦିଲ୍ଲୀ,୨୭-୧

ଭିଡ଼ିଓକନ ଗ୍ରୁପକୁ ବେଆଇନ ଋଣ ପ୍ରଦାନ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ଚନ୍ଦା କୋଚରଙ୍କ ସମ୍ପୃକ୍ତି ନେଇ ତଦନ୍ତ କରୁଥିବା ଅଧିକାରୀ ସୁଧାଂଶୁଧର ମିଶ୍ରଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବଦଳି କରି ଦେଇଛି। ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ଥିବା ଏହି ଅଧିକାରୀ ଜଣଙ୍କ ସର୍ଜ ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଘଟ କରିଥିବାର ସନ୍ଦେହ ଘେରରେ ରହିଛନ୍ତି। ତାଙ୍କୁ ସିବିଆଇ ରାଞ୍ଚିକୁ ବଦଳି କରିଛି। ଜାନୁୟାରୀ ୨୨ରେ ଚନ୍ଦା ତାଙ୍କ ସ୍ୱାମୀ ଦୀପକ କୋଚର ଏବଂ ଭିଡ଼ିଓକନ ଗ୍ରୁପ ଏମ୍‌ଡି ବେଣୁ ଗୋପାଳ ଧୂତଙ୍କ ବିରୋଧରେ ସିବିଆଇରେ ମାମଲା ରୁଜୁ ହେବା ପରେ ତାଙ୍କୁ ବଦଳି କରାଯାଇଛି। ଏହି ଘଟଣାର ତଦନ୍ତଭାର ଏଜେନ୍ସି ମୋହିତ ଗୁପ୍ତା ନାମକ ଜଣେ ନୂଆ ଅଫିସରଙ୍କୁ ଦିଆଯିବା ସହ ବହୁ ସ୍ଥାନରେ ଛାନଭିନ କରାଯାଇଛି।

ସୁଧାଂଶୁଙ୍କ ବଦଳି ନେଇ ସିବିଆଇ ପକ୍ଷ ରଖି କହିଛି ଯେ, ବିନା କୌଣସି କାରଣରେ ଅଧିକାରୀ ଜଣକ ପ୍ରାଥମିକ ତଦନ୍ତକୁ ଚାପି ରଖିଥିଲେ। ଏ ନେଇ ସିବିଆଇ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ବିବୃତି ଜାରି କରାଯାଇ ନାହିଁ। ଆଇସିଆଇସିଆଇ ମାମଲା ଏକ ଗୁରୁତ୍ୱପୂର୍ଣ୍ଣ ମାମଲା ହୋଇଥିବାରୁ ବିନା କୌଣସି କାରଣରେ ଏହା କାହିଁକି ଅଟକି ଥିଲା ବୋଲି ଅନ୍ୟ ଜଣେ ଅଧିକାରୀ କହିଛନ୍ତି। ଏହି ମାମଲାର ତର୍ଜମା ହେବା ପରେ ପ୍ରାଥମିକ ତଦନ୍ତକୁ ତ୍ୱରାନ୍ୱିତ କରାଯିବା ସହ ଏହାକୁ ଏକ ନିୟମିତ ମାମଲାରେ ରୂପାନ୍ତରିତ କରାଯାଇଛି। ମାମଲା ଦାଏର ହେଲା ପରେ ବିଭିନ୍ନ ସ୍ଥାନରେ ଚଢାଉ ହୋଇଛି। ଏହି ମାମଲାରେ ତଦନ୍ତ ସଂକ୍ରାନ୍ତ ସୂଚନା ବାହାରେ ପ୍ରଘଟ ହୋଇଥିବା ସନ୍ଦେହ କରାଯାଉଛି ବୋଲି ଅଧିକାରୀ ଜଣଙ୍କ କହିଛନ୍ତି।

'ଶିଳ୍ପ ଉପଯୋଗୀ ନିୟମ ପ୍ରଣୟନ ଜରୁରୀ'

ଭୁବନେଶ୍ୱର,୨୭-୧

ପରିବର୍ତ୍ତିତ ସ୍ଥିତିରେ ଘରୋଇ ବଜାରର ଶିଳ୍ପଗୁଡ଼ିକ ଲାଗି ଉଦ୍ଦିଷ୍ଟ ପରିବେଶ ସଂକ୍ରାନ୍ତ ନିୟମ କ୍ଷେତ୍ରରେ ବିଭିନ୍ନ ଟେକ୍ନିକାଲ ଚ୍ୟାଲେଞ୍ଜ ରହିଛି। ନିୟମ ପାଳନ ସମୟରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ମଧ୍ୟ ସମାନ ଚ୍ୟାଲେଞ୍ଜ ସାମ୍ନା କରୁଛନ୍ତି। ସଂସ୍ଥାଗୁଡ଼ିକୁ ଏକାଧିକ ନିୟାମକ ଅନୁପାଳନ କରିବାକୁ ପଡୁଛି। ଏହି ଧାରାକୁ ବ୍ୟବସ୍ଥିତ କରିବା ସହ ଶିଳ୍ପଗୁଡ଼ିକ ଲାଗି ଥିବା ପରିବେଶ ନିୟମ ଏବଂ ଆଇନଗୁଡ଼ିକ ଅପଡେଟ କରିବାର ଆବଶ୍ୟକତା ରହିଥିବା ଇଣ୍ଡିଆନ ଚାମ୍ବର ଅଫ କମର୍ସ(ଆଇସିସି) ପକ୍ଷରୁ ଅନୁଷ୍ଠିତ 'ପରିବେଶ ନିୟାମକ ଅନୁପାଳନ' କର୍ମଶାଳାରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଏଭଳି କର୍ମଶାଳା ପରିବେଶ ସୁରକ୍ଷା ସଚେତନତା ଦିଗରେ ସହାୟକ ବୋଲି ଜଙ୍ଗଲ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଦେବୀଦତ୍ତ ବିଶ୍ୱାଳ କାର୍ଯ୍ୟକ୍ରମରେ ମତ ରଖିଛନ୍ତି। ନୂଆ ନିୟମ ନେଇ ଅଂଶୀଦାରଙ୍କୁ ସଚେତନ କରାଇବାର ଆବଶ୍ୟକତା ଉପରେ ଜଙ୍ଗଲ ଏବଂ ପରିବେଶ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଏ.କେ. ଗୁପ୍ତା କହିଛନ୍ତି। ଏ ନେଇ ରାଜ୍ୟ ସରକାର ଆରମ୍ଭ କରିଥିବା 'ଷ୍ଟାର ରେଟିଂ ପ୍ରୋଗ୍ରାମ' ପ୍ରଦୂଷଣ ହ୍ରାସ କରିବା ଦିଗରେ ସହାୟକ ହେବ ବୋଲି ଆଇସିସି ଓଡ଼ିଶା ପରିଷଦ ଅଧ୍ୟକ୍ଷ ଏମ୍.ସି. ଥୋମାସ ସୂଚନା ଦେଇଛନ୍ତି। ଗ୍ରୀନ ହାଉସ ଗ୍ୟାସ ନିଗର୍ମନ ହ୍ରାସ ପାଇଁ ନୂଆ ଟେକ୍ନୋଲୋଜି ସ୍ଥାପନକୁ ସରକାରୀ ପ୍ରୋତ୍ସାହନ ଉପରେ ପରିଷଦର ଉପାଧ୍ୟକ୍ଷ ଜେ.ବି ପାଣି ଗୁରୁତ୍ୱାରୋପ କରିଥିଲେ।

ଫ୍ଲିପକାର୍ଟ-ୱାଲମାର୍ଟ ଡିଲ୍ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୨୭-୧: ଫ୍ଲିପ୍‌କାର୍ଟ-ୱାଲମାର୍ଟ ଡିଲ୍‌କୁ କମ୍ପିଟିଶନ କମିଶନର ମଞ୍ଜୁରୀକୁ ବିରୋଧ କରି ଆଗତ ମାମଲାରେ ରାଷ୍ଟ୍ରୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଏଟି) ରାୟ ସଂରକ୍ଷିତ ରଖିଛନ୍ତି। ଖୁଚୁରା ବ୍ୟବସାୟୀ ପ୍ରତିନିଧି ସଂଗଠନ କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ପକ୍ଷରୁ ଗତ ବର୍ଷ ଅଗଷ୍ଟରେ ମାମଲା ଆଗତ କରାଯାଇଥିଲା। ବିଚାରପତି ଏସ.ଜେ.ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଅପିଲୀୟ ନ୍ୟାୟାଧିକରଣର ଦୁଇ ସଦସ୍ୟବିଶିଷ୍ଟ ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିଥିଲେ।

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ ଗୋୟଲ

ନୂଆଦିଲ୍ଲୀ,୨୭-୧

କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ସୋମବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓଙ୍କୁ ଭେଟିବେ। ଦେଶର ବ୍ୟାଙ୍କିଙ୍ଗ ଶିଳ୍ପର ସ୍ଥିତି କିଭଳି ରହିଛି ତା'ର ସମୀକ୍ଷା ବୈଠକରେ ହେବ। ବ୍ୟାଙ୍କଗୁଡ଼ିକର ସ୍ଥିତିରେ ଉନ୍ନତି ଆଣିବା ନେଇ ବିଭିନ୍ନ ପ୍ରସଙ୍ଗ ବୈଠକରେ ସ୍ଥାନିତ ହେବ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୯-୨୦ ଲାଗି ଉପସ୍ଥାପନ ହେବାକୁ ଥିବା ବଜେଟର ୩ ଦିନ ଆଗରୁ ଏଭଳି ଏକ ବୈଠକ ଅନୁଷ୍ଠିତ ହେଉଛି। ବୈଠକ ସାରା ଦିନ ହେବାକୁ ଥିବାବେଳେ ଏଥିରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଅସୁସ୍ଥତା ଯୋଗୁ ବର୍ତ୍ତମାନ ଗୋୟଲଙ୍କୁ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଭାର ପ୍ରଦାନ କରାଯାଇଛି। ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଧାରା, ଅନାଦାୟ ଋଣ ଭଳି ପ୍ରସଙ୍ଗ ବୈଠକରେ ଆଲୋଚନାର ପରିସରଭୁକ୍ତ ହେବ। ସେହିଭଳି ଏମ୍‌ଏସ୍‌ଏମ୍‌ଇ, କୃଷି ଏବଂ ରିଟେଲ କ୍ଷେତ୍ରକୁ ଋଣ ପ୍ରଦାନ ମଧ୍ୟ ଆଲୋଚ୍ୟ ବସ୍ତୁ ହେବ। ଗତ ୯ ମାସରେ ବ୍ୟାଙ୍କଗୁଡ଼ିକର କାର୍ଯ୍ୟଧାରା କିଭଳି ରହିଛି ତାକୁ ମଧ୍ୟ ବିଚାର କରାଯିବ ବୋଲି ଜଣାଯାଇଛି।

OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH
(District Child Protection Unit)
Odisha State Child Protection Society, W & CD Department,
Govt. of Odisha, Ph: 06622-273343

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁ ଗତ ୨୮।୧୨।୨୦୧୮ରୁ ସୁନ୍ଦରଗଡ଼ର ଏକ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁ ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ. ନଂ.: ୯୯୩୮୧୭୦୪୫୦/ ଅଫିସ୍: ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ: ୯୪୩୭୧୯୬୯୫୦/ ଅଫିସ୍: ୦୬୬୨୨-୨୭୨୨୬୩

କ୍ର.ନଂ.	ଶିଶୁର ନାମ	ଜନ୍ମ ତାରିଖ/ ବୟସ	ଲିଙ୍ଗ	ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ	ଶିଶୁର ଫଟୋ
୧	ରାଜୁ	୦୬।୧୨।୨୦୧୮	ପୁଅ	Cradle Baby Point, ODISHA-SAA, Ashiyana Colony, PO/PS: Bishra, Dist: Sundargarh, Odisha	

Sd./- District Child Protection Officer, Sundargarh

OFFICE OF THE PANCHAYAT SAMITI, GUNUPUR
TENDER CALL NOTICE
No.219/PS, Gunupur Date: 25.01.2019
The Block Development Officer, Gunupur on behalf of Panchayat Samiti, Gunupur invites (%) percentage rate bids in sealed tenders in registered post for the work as detailed in the table here under fromt the class of eligible contractors of equal grade / class registered with the State Governemnt / authorities shall be enclosed along with the bid.
The bidder may submit bids for the work in conformity with detailed tender call notice to be drawn up in State PWD F2 contract form.

Sl. No.	Name of the work	Amount put to tender in rupees	EMD to deposit 1% of the tender amount	Cost of tender documents (non refundable)	Class of contractor	Period of completion
1	2	3	4	5	6	7
1	Construction of road from Abada to Gajapati District boarder UNDER CRITICAL GAP FUND (NRuM)	Rs. 2489920/-	Rs.24899/-	Rs. 6000/-	'C' & 'B'	3 (Three) Clalendar Months
2	Construction of road from Badamasing to Rubudising UNDER CRITICAL GAP FUND (NRuM)	Rs. 1989304/-	Rs. 19893/-	Rs. 6000/-	'C' & 'D'	3 (Three) Calendar Months
3	Construction of road from Karanjasing to Gajapati District boarder UNDER CRITICAL GAP FUND (NRuM)	Rs. 1994355/-	Rs. 19943/-	Rs. 6000/-	'C' & 'D'	3 (Three) Calendar Months

Date of selliing of tener paper :- **28.01.2019 to 04.02.2019 (Office hour 10.00 AM to 4.00 PM) (Except Sunday & Public holidays)**
Dated of receipt of tender paper :- **Upto 05.02.2019 (During Office hour upto 11.00 AM)**
Dated of opening of tender paper :- **05.02.2019 (Time 12.00 AM on wards)**
The tender documents can be downloaded from official District website (www.rayagada.nic.in) and the cost of tender document (Non-refudnable) shall be deposited at the time of receipf of the tender document in shape of b

ଯଥେଷ୍ଟ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ହୋଇସାରିଛି । ଏଥର ଆମ ଦେଶକୁ ସିଙ୍ଗଲ୍ସ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିବ।
–ମହେଶ ଭୂପତି, ଭାରତର ପୂର୍ବତନ ଟେନିସ୍ ଖେଳାଳି

ଇଞ୍ଜୁରୀ ପାଇଁ ଖେଳକୁ ଫେରିବା ଅସମ୍ଭବ ଥିବାବେଳେ ଅଷ୍ଟ୍ରେଲିଆନ ଓପନ୍‌ରେ ରନର୍ସଅପ୍ ମୋ ପାଇଁ ଟାଇଟଲ ବିଜୟ ଭଳି।
–ପେତ୍ରା କ୍ୱିଟୋଭା, ଚେକ୍‌ରିପବ୍ଲିକ ଟେନିସ୍ ଖେଳାଳି

ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ମାଉଣ୍ଟ ମାଉଁଗାନୁଇ, ୨୭।୧(ପି.ଟି.)

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ସୋମବାର ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଆୟୋଜନ ହେବାକୁ ଯାଉଛି ତୃତୀୟ ଦିନିକିଆ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରି ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୦ରେ ଅଗ୍ରଣୀ ହାସଲ କରିଛି। ଫଳରେ ତୃତୀୟ ମ୍ୟାଚ୍ ଜିତି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୩-୦ରେ ଅଗ୍ରଣୀ ହାସଲ କରିବା ସହ ଆଗୁଆ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଏହାପୂର୍ବରୁ ଅଷ୍ଟ୍ରେଲିଆରେ ଭାରତ ଟେଷ୍ଟ ଓ ଦିନିକିଆ ସିରିଜରେ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଥିଲା। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ ସିରିଜର ଅନ୍ତିମ ଦୁଇଟି ମ୍ୟାଚ୍‌ରୁ କୋହଲିଙ୍କୁ ଅନ୍ତିମ ଦୁଇଟି ମ୍ୟାଚ୍ ସହ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି। ଫଳରେ କୋହଲି ନିଜ ନେତୃତ୍ୱରେ ସିରିଜ ଜିତିବା ପାଇଁ ପ୍ରୟାସ କରିବେ। ଏହା ପୂର୍ବରୁ ୨୦୧୪ ଗସ୍ତରେ ଭାରତ ୦-୪ରେ ନ୍ୟୁଜିଲାଣ୍ଡଠାରୁ ସିରିଜ ପରାଜୟ ବରଣ କରିଥିଲା। ତେଣୁ ଭାରତ ଏହି ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏକ ଟିଭି ଶୋ'ରେ ମହିଳାଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟ ଦେଇ ପାଣ୍ଡ୍ୟା ବାସନ୍ଦ ହୋଇଥିଲେ। ଫଳରେ ଗସ୍ତ ଅଧାରୁ ତାଙ୍କୁ ସ୍ୱଦେଶ ଫେରାଇ ଦିଆଯାଇଥିଲା। ତେବେ ତାଙ୍କ ଉପରେ ବାସନ୍ଦ ଉଠାଇ ଦିଆଯାଇଥିବାରୁ ସେ ଦଳରେ ପୁଣି ସାମିଲ ହୋଇଛନ୍ତି। ପାଣ୍ଡ୍ୟ ଫେରିବା ପରେ ଦଳ ସନ୍ତୁଳିତ ହେବା ସହ ଦୃଢ ହେବ। ପାଣ୍ଡ୍ୟାଙ୍କ ବଦଳରେ ତାମିଲନାଡୁ ଅଲରାଉଣ୍ଡର ବିଜୟ ଶଙ୍କର ଖେଳିବାର ସୁଯୋଗ ହାସଲ କରିଥିଲେ। ଦ୍ୱିତୀୟ ଦିନିକିଆରେ ସେ ମାତ୍ର ୨ ଓଭର ବୋଲିଂ କରିବାର ସୁଯୋଗ ପାଇଥିଲେ। ଶଙ୍କର ଏପର୍ଯ୍ୟନ୍ତ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ସେ ପାଣ୍ଡ୍ୟାଙ୍କ ଭଳି ପ୍ରଭାବୀ ପ୍ରଦର୍ଶନ କରି ନ ଥିବା ଲକ୍ଷ୍ୟ କରାଯାଇଛି। ପାଣ୍ଡ୍ୟ ଉଭୟ ବଲ ଓ ବ୍ୟାଟ୍‌ରେ କମାଲ କରିବାର କ୍ଷମତା ରଖନ୍ତି। ଏକଥା ମଧ୍ୟ ସେ ପୂର୍ବରୁ ପ୍ରମାଣ କରିଛନ୍ତି। ଗତ କେତୋଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲେ ମଧ୍ୟ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଦଳର ସନ୍ତୁଳନକୁ ପ୍ରଭାବିତ କରିଥିବା ଲକ୍ଷ୍ୟ କରାଯାଇଛି।

ଅପରପକ୍ଷରେ ଘରୋଇ ଦଳର ଅଧିନାୟକ କେନ୍ ୱିଲିୟମସନ ଫର୍ମରେ ରହିଛନ୍ତି। ପ୍ରଥମ ଦିନିକିଆରେ ସେ ସର୍ବାଧିକ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଦିନିକିଆରେ ମଧ୍ୟ ସେ ତାଙ୍କ ଛୋଟିଆ ଇନିଂସରେ ଦମ୍ ଦେଖାଇଥିଲେ। ସେହିପରି ଡଗ୍ ବ୍ରାସ୍‌ୱେଲ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ଓ ଅନ୍ୟମାନେ ବିଫଳ ହୋଇଥିଲେ। ତେଣୁ ଏହି ମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ସିରିଜ ବଞ୍ଚାଇବାକୁ ଚେଷ୍ଟା କରିବ। ତେବେ ଏଥିପାଇଁ ନ୍ୟୁଜିଲାଣ୍ଡକୁ ଉଭୟ ବୋଲିଂ ଓ ବ୍ୟାଟିଂରେ ଉଚ୍ଚକୋଟୀର ପ୍ରଦର୍ଶନ କରିବାକୁ ପଡିବ।

ତୃତୀୟ ଦିନିକିଆ ଆଜି
ସମୟ: ସକାଳ ୭.୩୦
ସ୍ଥାନ: ବେ ଓଭାଲ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱାର୍କ

ଭାରତୀୟ ଦଳ: ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ଦୀନେଶ କାର୍ତ୍ତିକ, ବିଜୟ ଶଙ୍କର, ଶୁଭମନ ଗିଲ୍, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ମହମ୍ମଦ ସିରାଜ, ଖଲିଲ ଅହମ୍ମଦ, ରବୀନ୍ଦ୍ର ଜାଡେଜା ଓ ହାର୍ଦ୍ଦିକ ପାଣ୍ଡ୍ୟା।

ନ୍ୟୁଜିଲାଣ୍ଡ ଦଳ: କେନ୍ ୱିଲିୟମସନ (ଅଧିନାୟକ), ରସ ଟେଲର, ଟମ୍ ଲାଥମ, ମାର୍ଟିନ ଗୁପ୍ଟିଲ, କଲିନ୍ ଡି ଗ୍ରାଣ୍ଡହୋମ, ଟ୍ରେଣ୍ଟ ବୋଲ୍ଟ, ହେନେରୀ ନିକୋଲ୍ସ, ଡଗ୍ ବ୍ରାସ୍‌ୱେଲ, ଲୋକି ଫର୍ଗୁସନ, ମ୍ୟାନ ହେନେରୀ, କଲିନ୍ ମୁନରୋ, ଇଶ୍ ସୋଧି, ମିଚେଲ ସାଣ୍ଟନର ଓ ଟିମ୍ ସୌଦି।

ଦ୍ୱିତୀୟ ଦିନିକିଆରେ ଭାରତ ବିଜୟୀ

ନ୍ୟୁଜିଲାଣ୍ଡର ଉଇକେଟ୍ ପତନ ପରେ ଖୁସି ମୁହୂର୍ତ୍ତରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ।

ଶନିବାର ବେ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୯୦ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୨୪ ରନ ବୃହତ୍ ସ୍କୋରର ପିଛା କରି ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୨୩୪ ରନ କରି ଅଲଆଉଟ ହୋଇ ଯାଇଥିଲା। ବ୍ୟକ୍ତିଗତ ୮୭ ରନ ସ୍କୋର କରିବାସହ ଭାରତର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିବା ରୋହିତ ଶର୍ମା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ଫଳରେ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀଲାଭ କରିଛି। ସିରିଜର ତୃତୀୟ ମ୍ୟାଚ ସୋମବାର ଏଠାରେ ଅନୁଷ୍ଠିତ ହେବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ରୋହିତଙ୍କ ୮୭(୯୬ ବଲ, ୯ ଚୌକା, ୩ ଛକା), ଶିଖର ଧାୱନଙ୍କ ୬୬(୬୭ ବଲ, ୯ ଚୌକା), ଅଧିନାୟକ ବିରାଟ କୋହଲିଙ୍କ ୪୩(୪୫ ବଲ, ୫ ଚୌକା), ଅମ୍ବାତି ରାୟୁଡୁଙ୍କ ୪୭(୪୯ ବଲ, ୩ ଚୌକା, ୧ ଛକା) ଏବଂ ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ୪୮(୩୩ ବଲ, ୫ ଚୌକା, ୧ ଛକା) ଓ କେଦାର ଯାଦବଙ୍କ ଦ୍ରୁତ ୨୨(୧୦ ବଲ, ୩ ଚୌକା, ୧ ଛକା) ରନର ଇନିଂସ ସହାୟତାରେ ୫୦ ଓଭରରେ ୪ ଉଇକେଟ ହରାଇ ୩୨୪ ରନ କରିଥିଲା। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ ଓ ଲୋକି ଫର୍ଗୁସନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ବଡ଼ ପାର୍ଟନରଶିପ୍ ଅଭାବରୁ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ଦଳ ପକ୍ଷରୁ କେବଳ ଡଗ୍ ବ୍ରାସ୍‌ୱେଲ ୫୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଟମ୍ ଲାଥାମ ୩୪ ଓ କଲିନ ମୁନ୍‌ରୋ ୩୧ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ୪, ଭୁବନେଶ୍ୱର କୁମାର ଓ ଯୁଜବେନ୍ଦ୍ର ଚହଲ ୨ଟି ଲେଖାଏ ଏବଂ ମହମ୍ମଦ ସାମି ଓ କେଦାର ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୩୨୪/୪(ରୋହିତ-୮୭, ଶିଖର-୬୬, ଧୋନୀ-୪୮*, ରାୟୁଡୁ-୪୭, କୋହଲି-୪୩, ବୋଲ୍ଟ-୨/୬୧, ଫର୍ଗୁସନ-୨/୮୧)। ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୨୩୪/ଅଲଆଉଟ(ବ୍ରାସଓ୍ୱେଲ-୫୭, ଲାଥାମ-୩୪, ମୁନ୍‌ରୋ-୩୧, କୁଲଦୀପ-୪/୪୫, ଭୁବନେଶ୍ୱର-୨/୪୨, ଯୁଜବେନ୍ଦ୍ର-୨/୫୨, ସାମି-୧/୪୩, କେଦାର-୧/୩୫)।

ପରାଜୟରୁ ଭାରତୀୟ ମହିଳା ହକି ଦଳର ଅଭିଯାନ

ମୁର୍ସିଆ(ସ୍ପେନ୍),୨୭।୧(ପି.ଟି.)

ସ୍ପେନ୍ ଗସ୍ତରେ ଯାଇଥିବା ଭାରତୀୟ ମହିଳା ହକି ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ଲଢ଼େଇ କରିଥିଲେ ମଧ୍ୟ ଆୟୋଜକ ସ୍ପେନ୍‌ଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଉଦିତା ଦ୍ୱାଦଶ ମିନିଟ୍‌ରେ ପ୍ରଥମ ଓ ଗୁରଜିତ୍ କୌର ୪୮ତମ ମିନିଟ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ସ୍ପେନ ତରଫରୁ ୨୩ତମ ମିନିଟରେ ମାରିଆ ଟୋଷ୍ଟ, ୩୯ତମ ମିନିଟରେ ଲୋଲା ରେଇରା ଓ ୪୦ତମ ମିନିଟରେ ବେଗୋନା ଗାର୍ସିଆ ଗୋଲ ସ୍କୋର କରିଥିଲେ।

ସୌରାଷ୍ଟ୍ର ଫାଇନାଲ ନିକଟତର

କର୍ନାଟକ, ୨୭।୧(ପି.ଟି.)

ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କ ଅପରାଜିତ ଶତକ ବଳରେ ସୌରାଷ୍ଟ୍ର ଟିମ୍ ଚଳିତ ରଣ୍‌ଜୀ ଟ୍ରଫି ଫାଇନାଲର ନିକଟତର ହୋଇଛି। ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଘରୋଇ କର୍ନାଟକ ପକ୍ଷରୁ ଧାର୍ଯ୍ୟ ୨୭୯ ରନର ଟାର୍ଗେଟ୍‌କୁ ପିଛା କରି ସୌରାଷ୍ଟ୍ର ରବିବାର ଷ୍ଟମ୍ପ୍ସ ଅପସାରଣ ସୁଦ୍ଧା ୨ୟ ଇନିଂସରେ ୩ ଉଇକେଟ୍ ହରାଇ ୨୨୪ ରନ ସଂଗ୍ରହ କରିଛି। ପୂଜାରା ୨୧୬ ବଲରୁ ୧୦୮ ରନ (୧୪ ଚୌକା) ଓ ସେଲଡନ୍ ଜ୍ୟାକସନ ୯୦ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ପୂଜାରାଙ୍କ ଏହା ୪୯ତମ ଶତକ ଥିଲା। ଉଭୟ ପୂଜାରା ଓ ଜ୍ୟାକସନଙ୍କ ମଧ୍ୟରେ ଅସମାପ୍ତ ୪ର୍ଥ ଉଇକେଟ୍ ଭାଗୀଦାରିରେ ୨୦୧ ରନ୍ ସଂଗୃହିତ ହୋଇଛି। କର୍ନାଟକ ପକ୍ଷରୁ ଆର୍. ବିନୟ କୁମାର ୨ ଓ ଅଭିମନ୍ୟୁ ମିଥୁନ ଗୋଟିଏ ଉଇକେଟ୍ ଅକ୍ତିଆର କରିଛନ୍ତି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ସୌରାଷ୍ଟ୍ରକୁ ଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ଆଉ ୫୫ ରନ୍ ଆବଶ୍ୟକ ହେଉଛି। ପୂର୍ବରୁ ପ୍ରଥମ ଦଳ ଭାବେ ଡିଫେଣ୍ଡିଂ ଚାମ୍ପିୟନ ବିଦର୍ଭ ଫାଇନାଲରେ ସ୍ଥାନ ସୁରକ୍ଷିତ କରିସାରିଛି।

ରାଜ୍ୟ ଜୁନିୟର କୁସ୍ତି ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ ।

ଜାତୀୟ ଜୁନିୟର କୁସ୍ତି ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି)

ଫେବୃୟାରୀ ୧ରୁ ୪ ପର୍ଯ୍ୟନ୍ତ ଗୁଜରାଟରେ ଜାତୀୟ ଜୁନିୟର କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ କୁସ୍ତି ପ୍ରତିଯୋଗିତା କରାଯାଇ ଓଡ଼ିଶା ଦଳ ମନୋନୟନ କରାଯାଇଛି। ପୁରୁଷ ବିଭାଗରେ ସଦାଶିବ ବାରିକ, ସତ୍ୟପ୍ରକାଶ ବେହେରା, କୃଷ୍ଣଚନ୍ଦ୍ର ଖୁଣ୍ଟିଆ, କରମା ଦାସ, ଲୋକନାଥ ପାଢ଼ୀ, କାହ୍ନୁଚରଣ ସୋରେନ, କାଳୀପ୍ରସାଦ ବେହେରା, ଜ୍ୟୋତିଜୀବନ ଜେନା, ଶିବଶଙ୍କର ପୂଜାପଣ୍ଡା, ଅଭିଷେକ ନାୟକ ଓ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ଏବଂ ମହିଳା ବିଭାଗରେ ରୋଜାଲିନ ପାଲ୍, ଅର୍ଚ୍ଚନା ପଟ୍ଟନାୟକ, ଶିବାନୀ ଜେନା, ବନିତା ପାତ୍ର, ପୂଜା ମହାରଣା, ଚିନ୍ମୟୀ ସାମଲ, ମଧୁସ୍ମିତା ଦେବନାଥ, ବିଉଟି ସାମଲ, ରାଜମହିଣି ମୁଖି ଓ ଶିଳ୍ପା ସାହୁ କୃତିତ୍ୱ ଅର୍ଜନ କରିଛନ୍ତି। ରାଜ୍ୟ ପ୍ରତିଯୋଗିତାକୁ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଶ୍ୟାମସୁନ୍ଦର ମହାପାତ୍ର, କୃଷ୍ଣମୋହନ ପାତ୍ର, ସନ୍ତୋଷ ସାହୁ, ପ୍ରକାଶ ମହାରଣା ପରିଚାଳନା କରିଥିଲେ। ରାଜ୍ୟ କୁସ୍ତି ଆସୋସିଏଶନର ସାଧାରଣ ସମ୍ପାଦକ ବିନୋଦ ଦାସ, ଉପସଭାପତି ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ଦେବେନ୍ଦ୍ର ସାହୁ, କିଶୋର ବେହେରା, ଭାରତ ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଇଣ୍ଡୋନେସିଆ ମାଷ୍ଟର୍ସ: ସାଇନା ଚାମ୍ପିୟନ

ଜାକର୍ତ୍ତା,୨୭।୧(ପି.ଟି.)

ପଦକ ସହ ସାଇନା ନେହ୍ୱାଲ।

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହ୍ୱାଲ ଇଣ୍ଡୋନେସିଆ ମାଷ୍ଟର୍ସ ଟାଇଟଲ ହାସଲ କରିଛନ୍ତି। ଦୀର୍ଘ ଦୁଇବର୍ଷ ପରେ ସେ ତାଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ ଟାଇଟଲ ଜିତିଛନ୍ତି। ରବିବାର ଏଠାରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରୁ ୩ଥର ବିଶ୍ୱଚାମ୍ପିୟନଶିପ୍ ଟାଇଟଲ ତଥା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସ୍ପେନ୍‌ର କାରୋଲିନା ମାରିନ୍ ଗୋଡରେ ଆଘାତ ସମସ୍ୟା କାରଣରୁ ଓହରିଯାଇଥିଲେ। ଫଳରେ ସାଇନା ଚାମ୍ପିୟନ ଘୋଷିତ ହୋଇଥିଲେ। ପୂର୍ବରୁ ୨୦୧୭ରେ ସାଇନା ମାଲେସିଆରେ ଶେଷଥର ପାଇଁ ବିଡବ୍ଲ୍ୟୁଏଫ୍ ଟାଇଟଲ ହାସଲ କରିଥିଲେ। ମାରିନ୍ ଓହରିବା ବେଳକୁ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ପ୍ରଥମ ଗେମ୍‌ରେ ୪-୧୦ରେ ପଛାଇଥିଲେ। ଫାଇନାଲ ମୁକାବିଲାରେ ଭଲ ଆରମ୍ଭ କରିଥିଲେ ମଧ୍ୟ ମାରିନ ଆହତ ହୋଇ ଓହରିଯିବା ଦୁର୍ଭଗ୍ୟଜନକ ବୋଲି ସାଇନା କହିଛନ୍ତି। ଗତବର୍ଷ ମଧ୍ୟ ସାଇନା ଆଘାତ ସମସ୍ୟା ଦେଇ ଗତି କରିଥିଲେ। ତେବେ ଏହା ପରେ ସାଇନା ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାକୁ ସକ୍ଷମ ହୋଇଛନ୍ତି। ଏହି ଟୁର୍ନାମେଣ୍ଟର ସେମିଫାଇନାଲ ଓ ଫାଇନାଲ ଖେଳିପାରିଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। ସାଇନା ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ଏସିଆନ ଗେମ୍ସରେ ସେ ବ୍ରୋଞ୍ଜ୍ ଜିତିଥିଲେ। ଏହା ବ୍ୟତୀତ ସେ ଡେନ୍‌ମାର୍କ, ଇଣ୍ଡୋନେସିଆ ମାଷ୍ଟର୍ସ ଓ ସୟଦ ମୋଦି ଆନ୍ତର୍ଜାତିକ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ।

ଜୋକୋଭିଚ୍‌ଙ୍କୁ ୭ମ ଅଷ୍ଟ୍ରେଲିଆନ ଓପନ ଟାଇଟଲ

ମେଲବୋର୍ନ, ୨୭।୧ (ଏଏଫ୍‌ପି)

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍

ରବିବାର ଫାଇନାଲରେ ରାଫାଲ ନାଡାଲଙ୍କୁ ୬-୩, ୬-୨, ୬-୩ ସେଟ୍‌ରେ ପରାସ୍ତ କରି ନୋଭାକ୍ ଜୋକୋଭିଚ୍ ରେକର୍ଡ ୭ମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ବିଶ୍ୱର ନମ୍ବର ୱାନ ସର୍ବୀୟ ଖେଳାଳିଙ୍କ ଏହା ହେଉଛି ମୋଟ ଉପରେ ୧୫ ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ରୋଜର ଫେଡରର ଓ ରଏ ଇମର୍ସନ ପୂର୍ବରୁ ୬ଥର ଲେଖାଏଁ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିପାରିଛନ୍ତି। ୩୧ବର୍ଷୀୟ ଜୋକୋଭିଚ୍ ତାଙ୍କୁ ଅତିକ୍ରମ କରିଯାଇଛନ୍ତି। ରଡ୍ ଲାଭର ଆରେନାଠାରେ ତ୍ରୁଟିହୀନ ଖେଳ ପ୍ରଦର୍ଶନ ସହ ସେ ଏହି ମ୍ୟାଚକୁ ୨ଘଣ୍ଟା ୪ମିନିଟ୍‌ରେ ଜିତିନେଇଥିଲେ। ୨୦୧୨ରେ ଅଷ୍ଟ୍ରେଲିଆନ ଓପନ ଫାଇନାଲ ୫ ଘଣ୍ଟା ୫୩ ମିନିଟ ଧରି ଚାଲିଥିଲା। ଗ୍ରାଣ୍ଡସ୍ଲାମ ଇତିହାସର ଏହାକୁ ସବୁଠାରୁ ଦୀର୍ଘତମ ମ୍ୟାଚ ବୋଲି ବିବେଚନା କରାଯାଇ ଆସୁଛି। ଏଠାରେ ତାହାର ପୁନରାବୃତ୍ତି ଦେଖିବାକୁ ମିଳି ନ ଥିଲା। ମ୍ୟାଚ ଆରମ୍ଭରେ ନାଡାଲ ନର୍ଭସ ହୋଇ ପଡ଼ିବାରୁ ଜୋକୋଭିଚ୍ ସେଥିରୁ ତୁରନ୍ତ ଫାଇଦା ଉଠାଇଥିଲେ। ମ୍ୟାଚ୍‌ପରେ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହାଥିଲା ମୋ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ ଫାଇନାଲ। ନାଡାଲଙ୍କ ବିପକ୍ଷରେ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲି। ଅନ୍ୟପକ୍ଷରେ ନାଡାଲ କହିଛନ୍ତି ୨୦୧୮ରେ ଆଘାତଜନିତ ସମସ୍ୟା ପରଠାରୁ ମୁଁ ଏପର୍ଯ୍ୟନ୍ତ ମୋର ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନାହିଁ।

ମହିଳା ସିଙ୍ଗଲ୍ସ ଟ୍ରଫି ସହ ନାଓମି ଓସାକା । ପୁରୁଷ ସିଙ୍ଗଲ୍ସ ଫାଇନାଲରେ ରାଫାଲ ନାଡାଲଙ୍କୁ ହରାଇବା ପରେ ନୋଭାକ ଜୋକୋଭିଚ୍ ।

ଓସାକା ନୂଆ ଚାମ୍ପିୟନ

୨୧ ବର୍ଷୀୟା ଜାପାନ ମହିଳା ଟେନିସ୍ ତାରକା ନାଓମି ଓସାକା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆ ଓପନ୍ ଟେନିସ୍ ଟାଇଟଲ ହାସଲ କରିଛନ୍ତି। ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ଚତୁର୍ଥ ସିଡ ମାନ୍ୟତା ପାଇଥିବା ଓସାକା ୭-୬, ୫-୭, ୬-୪ ସେଟ୍‌ରେ ଅଷ୍ଟମ ସିଡ୍ ଚେକ୍ ଗଣରାଜ୍ୟର ପେତ୍ରା କ୍ୱିଟୋଭାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ବିଜୟୀ ହେବା ପାଇଁ ଓସାକାଙ୍କୁ ୨ ଘଣ୍ଟା ୨୭ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଏଥିସହିତ ସେ ପ୍ରଥମ ଏସୀୟ ଖେଳାଳି ଭାବେ କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ୍ ଜିତି ଏକ ବିରଳ ସଫଳତା ହାସଲ କରିଛନ୍ତି। ଏହାପୂର୍ବରୁ ସେ ଗତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ଟାଇଟଲ ଜିତିଥିଲେ। ଏହାପୂର୍ବରୁ ମାର୍ଟିନା ହିଙ୍ଗିସ୍ ୧୯୯୮ରେ ଓ ସର୍ବକନିଷ୍ଠ ଖେଳାଳିଭାବେ କାରୋଲିନ ଓଜନିଆକି ୨୦୧୦ରେ କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ଏଥି ସହିତ ଓସାକା ବିଶ୍ୱ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ର ୧ ନମ୍ବର

ଶ୍ରୀଲଙ୍କା ବିପକ୍ଷରେ ବିପୁଳ ବିଜୟ ଦ୍ୱାରା ଆମେ ପୁନର୍ବାର ଶକ୍ତିଶାଳୀ ଦଳରେ ପରିଣତ ହେବାକୁ ଯାଉଥିବା ସୂଚିତ ହେଉଛି।–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ ଦଳରେ ଅଲରାଉଣ୍ଡର ସ୍ଥାନ ଲାଗି ଏକାଧିକ ଖେଳାଳି ଦାବିଦାର ହେବା ଏକ ଭଲ ଲକ୍ଷଣ।
–କେଦାର ଯାଦବ, ଭାରତୀୟ କ୍ରିକେଟର

ସଂକ୍ଷେପରେ

ବର୍ଣ୍ଣବୈଷମ୍ୟ ଆକ୍ଷେପ: ସର୍ଫରାଜ ୪ ମ୍ୟାଚ୍‌ରୁ ବାସନ୍ଦ

ଦୁବାଇ, ୨୭।୧(ପି.ଟି.):
ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କୁ ୪ଟି ମ୍ୟାଚ୍‌ରୁ ବାସନ୍ଦ କରିଛି। ଡର୍ବାନରେ ଗତ ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ଅବସରରେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଆଣ୍ଡି ଫେଲୁକାଓ୍ୱଙ୍କ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିବାରୁ ଆଇସିସି ଶନିବାର ତାଙ୍କୁ ବାସନ୍ଦ କରିଛି। ସର୍ଫରାଜ ମଧ୍ୟ ଆଇସିସି ବର୍ଣ୍ଣବୈଷମ୍ୟ ଆଚରଣ ବିଧି ଉଲ୍ଲଂଘନ କରିଥିବା ସ୍ୱୀକାର କରିଛନ୍ତି। ୩୧ ବର୍ଷୀୟ ସର୍ଫରାଜ ଏବେ ଚଳିତ ସିରିଜ ଅନ୍ତିମ ଦୁଇଟି ଦିନିକିଆ ଓ ଫେବୃୟାରୀ ୧ ତାରିଖରୁ ଆରମ୍ଭ ହେବାକୁ ଥିବା ଟି୨୦ ସିରିଜର ପ୍ରଥମ ଦୁଇଟି ମ୍ୟାନ ଖେଳିପାରିବେ ନାହିଁ। ବର୍ଣ୍ଣବୈଷମ୍ୟ ନେଇ ଆଇସିସି ତା'ର କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିଛି ଓ ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ ବୋଲି ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ ରିଚାର୍ଡଶନ କହିଛନ୍ତି। ମ୍ୟାଚ୍‌ର ୩୭ ତମ ଓଭରରେ ଉଇକେଟ କିପିଙ୍ଗ୍ କରିବା ବେଳେ ସର୍ଫରାଜ ଫେଲୁକାଓ୍ୱାଙ୍କୁ ଆକ୍ଷେପ କରି କିଛି କହିଥିଲେ ଓ ତାହା ଷ୍ଟମ୍ପରେ ଥିବା ମାଇକ୍ରୋନ ଫୋନ୍‌ରେ ଶୁଣିବାକୁ ମିଳିଥିଲା। ଏହା ପରେ ଅବଶ୍ୟ ସର୍ଫରାଜ ଟୁଇଟ୍ କରି କ୍ଷମା ମାଗିଥିଲେ। ସେ ମଧ୍ୟ ଫେଲୁକାଓ୍ୱାଙ୍କୁ କ୍ଷମା ମାଗିଥିଲେ। ଫେଲୁକାଓ୍ୱା ମଧ୍ୟ ତାଙ୍କୁ କ୍ଷମା କରିଦେଇଥିଲେ। ସର୍ଫରାଜଙ୍କ ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଧ୍ୟ କ୍ଷମା ପ୍ରାର୍ଥନା କରିଥିଲା। ବର୍ଣ୍ଣବୈଷମ୍ୟ ଆଚରଣବିଧି ଅନୁଚ୍ଛେଦ ୭.୩ ଅନୁସାରେ ସର୍ଫରାଜ ଏକ ଶିକ୍ଷାଗତ କାର୍ଯ୍ୟକ୍ରମରେ ସାମିଲ ହେବେ।

ସିଦ୍ଧେଶ୍ୱର ଚାମ୍ପିୟନ

ପୁରୁଣା ଭୁବନେଶ୍ୱର, ୨୭।୧(ଡି.ଏନ.ଏ.)

ବାଙ୍କୁଆଳ ଯୁବକସଂଘ ଓ ଭଗବତୀ ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜଗବନ୍ଧୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ କଟକର ସିଦ୍ଧେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ସ୍ଥାନୀୟ ବାଙ୍କୁଆଳ ଖେଳ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ସିଦ୍ଧେଶ୍ୱର ସ୍ପୋର୍ଟିଂ ୪୧ ରନରେ ଫ୍ରେଣ୍ଡ୍ସ କ୍ଲବକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଦ୍ଧେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ କରିଥିଲା। ଜବାବରେ ଫ୍ରେଣ୍ଡ୍ସ କ୍ଲବ ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୨୭ ରନ କରିବାକୁ ସକ୍ଷମ ହୋଇଥିଲା। ଭାଜପା ନେତା ଅମୀୟ ଦାଶ ଅତିଥିଭାବେ ଯୋଗଦେଇ ଟ୍ରଫି ସହ ଚାମ୍ପିୟନ ଦଳକୁ ୨୦,୦୦୦ ଓ ରନର୍ସଅପ୍ ଦଳକୁ ୧୫,୦୦୦ଟଙ୍କା ପ୍ରଦାନ କରିଥିଲେ। ସିଦ୍ଧେଶ୍ୱର ଦଳର ରସାନନ୍ଦ ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଅମିତ ଦାସ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, କର୍ପୋରେଟର ବିନୋଦିନୀ ଜେନା, ସାମାଜିକ କର୍ମୀ କବିରାଜ ସ୍ୱାଇଁ, ବାବୁ ସିଂ, ଉଗ୍ରସେନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋକ ସାମନ୍ତରାୟ, ସୁନୀଲ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।

ଚାମ୍ପିୟନ ସିଦ୍ଧେଶ୍ୱର ସ୍ପୋର୍ଟିଂ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ରାଜ୍ୟସ୍ତରୀୟ ନେହେରୁ କପ୍ କବାଡ଼ି ଉଦ୍‌ଘାଟିତ

ସେମିରେ ଯାଜପୁର, ଭୁବନେଶ୍ୱର, ଢେଙ୍କାନାଳ, ଓଡିଶା ପୋଲିସ

ରସୁଲପୁର, ୨୭।୧(ଡିଏନଏ)

ଯାଜପୁର ଜିଲା ରସୁଲପୁର ବ୍ଲକର ରସୁଲପୁର ପଞ୍ଚାୟତସ୍ଥିତ ନେହେରୁ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଯୁବନେତା ବିଶ୍ୱଜିତ୍ ପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଡ଼ିଶା କବାଡି ରେଫରି ବୋର୍ଡର ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସତ୍ୟବ୍ରତ ଦାସ, ବରିଷ୍ଠ ନାଗରିକ ନରେନ୍ଦ୍ର ପଣ୍ଡା, ଯୁବନେତା ବିଶ୍ୱଜିତ୍ ସାହୁ, ସନ୍ତୋଷ ସାହୁ, ଭାସ୍କର ମଲିକ, ଜିତେନ୍ଦ୍ର ମଲିକ, ମନସ୍ୱିନୀ ସାହୁ, କୃଷ୍ଣକାନ୍ତ ପଣ୍ଡା, ଅଭୟ ମହାନ୍ତି, ଅନାଦି ସାହୁ, ସାନ୍ତନୁ ମଲିକ, ପ୍ରଦୀପ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, ସୁରେଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଢେଙ୍କାନାଳ, ଓଡ଼ିଶା ପୋଲିସ, କୁଆଖିଆ ସ୍ପୋର୍ଟିଂ, କଟକ, ପିପିଲି, ନେହେରୁ କ୍ଲବ, ପୁରୀ, କିଶୋର କ୍ଲବ–ଭୁବନେଶ୍ୱର, ଯାଜପୁର ଭଳି ୯ଟି କବାଡି ଦଳ ଯୋଗ ଦେଇଛନ୍ତି। ପ୍ରଥମ ଦିବସ ମ୍ୟାଚ୍‌ରେ ଯାଜପୁର, ଓଡ଼ିଶା ପୋଲିସ, କିଶୋର କ୍ଲବ– ଭୁବନେଶ୍ୱର, ସାଇ ହଷ୍ଟେଲ, ଢେଙ୍କାନାଳ ସେମି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏଠାରେ ଯୋଗ ଦେଇଥିବା ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା।

ଖରାଖାଇ ଜିତିଲା ମଞ୍ଜୁଶ୍ରୀ ଦେବୀ କ୍ରିକେଟ

ରାଜନଗର, ୨୭।୧

ରାଜନଗର ବ୍ଲକ ସନ୍ଧପଡ଼ାଠାରେ ଚାଲିଥିବା ମଞ୍ଜୁଶ୍ରୀ ଦେବୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଭୁବନେଶ୍ୱରର କ୍ଷେତ୍ରପାଳ ସ୍ପୋର୍ଟିଂ କ୍ରିକେଟ କ୍ଲବକୁ ୭୦ ରନରେ ହରାଇ ଆଳିର ଖରାଖାଇ କ୍ରିକେଟ ଟିମ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇ ଖରାଖାଇ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୧ ରନ କରିଥିଲା। ଆଜମଲ ଖାନ ୫୩ ଓ ଶ୍ରୀକାନ୍ତ ମହାନ୍ତି ୩୯ ରନ କରିଥିଲେ। କ୍ଷେତ୍ରପାଳ ଟିମ୍‌ର ଚିନ୍ମୟ ପଣ୍ଡା ୩ ଓ ବିଶ୍ୱଭୂଷଣ ୨ଟି ଉଇକେଟ ନେଇଥିଲେ। ୧୭୨ ରନର ବିଜୟ ଲକ୍ଷ୍ୟ ନେଇ କ୍ଷେତ୍ରପାଳ ଟିମ୍ ୧୭.୪ ଓଭରରେ ୧୦୧ ରନ କରି ଅଲଆଉଟ ହୋଇଥିଲା। ଦଳର ବିଶ୍ୱଭୂଷଣ ୪୨ ରନ କରିଥିଲେ। ଆଳିର ସଞ୍ଜୀବ ସାହୁ ୩, ଶ୍ରୀକାନ୍ତ ମହାନ୍ତି ୨ଟି ଉଇକେଟ ଅକ୍ତିଆର କରିଥିଲେ। ଆଜମଲ ଖାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଶ୍ରୀକାନ୍ତଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସତ୍ୟବାଦୀ ଜେନା, ଡ. ପଦ୍ମଚରଣ ରାଉତ, ସେଣ୍ଟ ଜାଭିୟର ହାଇସ୍କୁଲର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମଞ୍ଜୁଶ୍ରୀ ଦେବୀ ଉପଦେଷ୍ଟା କୈଳାସ ଚନ୍ଦ୍ର ମହାନ୍ତି, ଗାଳ୍ପିକ ପ୍ରଦୀପ ନାୟକ, ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ।

ବିଭାଂଶୁଙ୍କ ଶତକ: ବିଜେଇଏମ୍ ଚାମ୍ପିୟନ

ଭୁବନେଶ୍ୱର, ୨୭।୧(ସ୍ପୋର୍ଟ୍ସ ବ୍ୟୁରୋ)

ଦି ଭେଟେରାନ୍ କ୍ରିକେଟ ଆସୋସିଏଶନ (ଭିସିଏଓ)ଆନୁକୂଲ୍ୟରେ ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ବିଜେଇଏମ୍ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ବିଜେଇଏମ୍ ୬୧ ରନରେ କିସ୍‌କୁ ପରାସ୍ତ କରିଛି। ଟସ୍ ଜିତି ବିଜେଇଏମ୍ ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ୍ ହରାଇ ୧୯୪ ରନ କରିଥିଲା। ଦଳ ପକ୍ଷରୁ ବିଭାଂଶୁ ଶେଖର ରାୟ ୧୧୦ ରନର ଶତକୀୟ ଇନିଂସ ଖେଳିଥିଲେ। କିସ ପକ୍ଷରୁ ରମେଶ ମେଲକା ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ କିସ୍ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା। ଚାମ୍ପିୟନ ଦଳର ସାଇପ୍ରସାଦଙ୍କୁ ୩ଟି ଉଇକେଟ୍ ମିଳିଥିଲା।

ଉଦ୍‌ଯାପନୀ ଉତ୍ସବରେ ବିଜେବି କଲେଜର ପ୍ରିନ୍ସିପାଲ ପ୍ରସନ୍ନ କୁମାର ମହାନ୍ତି, ବି. ରାଜଶେଖର ସୁବୁଦ୍ଧି ଓ ପଲ୍ଲବୀ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିସିଏଓର ସଭାପତି ଅଶୋକାନନ୍ଦ ଜେନା, ଉପସଭାପତି ବଳଭଦ୍ର ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଭୁପେନ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଚାମ୍ପିୟନ ବିଜେଇଏମ୍ ସ୍କୁଲକୁ ଟ୍ରଫି ସହ ୮ ହଜାର ଟଙ୍କା ଏବଂ ରନର୍ସଅପ୍ କିସ୍‌କୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ଟାଇଟଲ ବିଜୟୀ ବିଜେଇଏମ୍ ସ୍କୁଲ୍ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

DADLS-257

ଓଡ଼ିଶା : ପ୍ରଗତିର ନୂଆ ପରିଭାଷା

ଓଡ଼ିଶା ସରକାର

- ରାଜ୍ୟର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ତଥା ଭୂମିହୀନ କୃଷି ଶ୍ରମିକଙ୍କ ପାଇଁ ନୂଆ ଯୁଗାନ୍ତକାରୀ 'କାଳିଆ' ଯୋଜନା ।
- ବିଗତ ୪ ବର୍ଷରେ ୮ ଲକ୍ଷ ହେକ୍ଟର ଅଧିକ ଜମିକୁ ଜଳସେଚନ ସୁବିଧା । ଏପ୍ରିଲ ୨୦୧୯ ସୁଦ୍ଧା ହାସଲ ହେବ ୧୦ ଲକ୍ଷ ହେକ୍ଟର ଅଧିକ ଜମିକୁ ଜଳସେଚନ ଲକ୍ଷ୍ୟ ।
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ' ଯୋଜନାରେ ପରିବାର ପାଇଁ ବାର୍ଷିକ ୫ଲକ୍ଷ ଟଙ୍କା ଏବଂ ପରିବାରର ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା । ସମସ୍ତଙ୍କ ପାଇଁ ସବୁଠି ସମୁଚିତ ସ୍ୱାସ୍ଥ୍ୟସେବା ।
- 'ମମତା' ଯୋଜନାରେ ଉପକୃତ ହେଲେଣି ୩୪ ଲକ୍ଷ ମା' ।
- ମିଶନ ଶକ୍ତି ଜରିଆରେ ୭ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କ ଆର୍ଥିକ ସଶକ୍ତିକରଣ । ୩ ଲକ୍ଷ ନୂଆ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ମୂଳଧନ । ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଡିଜିଟାଲ ସଶକ୍ତିକରଣ ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ।
- ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ରାଜ୍ୟର ୨୫ ଲକ୍ଷ ହିତାଧିକାରୀଙ୍କୁ ନିଜସ୍ୱ ପାଣ୍ଠିରୁ 'ନିଜ ଖାଦ୍ୟ ସୁରକ୍ଷା' ଯୋଜନାରେ ସାମିଲ ।
- ରାତ୍ରିକାଳୀନ ଆହାର ବ୍ୟବସ୍ଥାର ଶୁଭାରମ୍ଭ ।
- ମଧୁବାବୁ ପେନ୍‌ସନ୍ ଯୋଜନାରେ ୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ସମିଲ । ଉପକୃତ ହେଉଥିବା ୪୮ ଲକ୍ଷ ହିତାଧିକାରୀଙ୍କ ଭତ୍ତା ପରିମାଣ ୩୦୦ ରୁ ୫୦୦ ଟଙ୍କା ଓ ୫୦୦ ରୁ ୭୦୦ ଟଙ୍କାକୁ ବୃଦ୍ଧି ।
- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ରାଜ୍ୟର ୫୦ ହଜାର କଳାକାରଙ୍କୁ ମାସିକ ୧୨ଶହ ଟଙ୍କା ଆର୍ଥିକ ସହାୟତା ।
- 'ଆମ ଗାଁ ଆମ ବିକାଶ' ଯୋଜନାରେ ରାଜ୍ୟର ୩୧୪ ବ୍ଲକର ୬୭୯୮ଟି ଗ୍ରାମ ପଞ୍ଚାୟତ ନିମନ୍ତେ ୬୨,୮୫୭ ମୌଳିକ ଭିତ୍ତିଭୂମି ବିକାଶ ପ୍ରକଳ୍ପ ପାଇଁ ୧୫୫୪ କୋଟି ଟଙ୍କା ମଞ୍ଜୁର ।
- ପିଠା : ସଶକ୍ତିକରଣ ଓ ସଚେତନତା– ରାଜ୍ୟର ୩୧୪ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ପ୍ରତିମାସ ୧୫ ରୁ ୨୦ ତାରିଖ ମଧ୍ୟରେ ସ୍ୱତନ୍ତ୍ର ଭାବେ 'ପିଠା କ୍ୟାମ୍ପ' ଜରିଆରେ ହିତାଧିକାରୀମାନଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ମିଶନ ଶକ୍ତି ଗୋଷ୍ଠୀଙ୍କୁ ସହାୟତା, ଚିକିତ୍ସା ଓ ଶିକ୍ଷା ସହାୟତା, ଏଲଇଡ଼ିବଲ୍, ବିଦ୍ୟୁତିକରଣ ଭଳି ବିବିଧ ଆବଶ୍ୟକୀୟ ସୁବିଧା ପ୍ରଦାନ ।
- ରାଜ୍ୟର ସହରାଞ୍ଚଳର ୩ ହଜାର ବସ୍ତିର ୧୮ ଲକ୍ଷ ବାସିନ୍ଦାଙ୍କ ପାଇଁ ବିଶ୍ୱର ସର୍ବବୃହତ୍ ବସ୍ତିବାସିନ୍ଦା ଭୂମି ଅଧିକାର ପ୍ରକଳ୍ପ 'ଜାଗା' କାର୍ଯ୍ୟକାରୀ ।
- ରାଜ୍ୟର ଜନଜାତି ସମ୍ପ୍ରଦାୟଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟରେ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ।
- ମାଲକାନଗିରି ଜିଲ୍ଲାର ୧୫୧ଟି ଅଗମ୍ୟ ଗ୍ରାମର ୩୦ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦାଙ୍କ ଜୀବନରେଖା ଐତିହାସିକ 'ଗୁରୁପ୍ରିୟା ସେତୁ' କାର୍ଯ୍ୟକ୍ଷମ । ସ୍ୱାଭିମାନ ଅଞ୍ଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୧୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ।
- ଗ୍ରାମାଞ୍ଚଳର ୯୫ ଲକ୍ଷରୁ ଊର୍ଦ୍ଧ୍ୱ ଘରକୁ ବିଦ୍ୟୁତ୍ ଶକ୍ତି ଯୋଗାଣ ।
- ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବସତିଗୁଡିକୁ ପର୍ଯ୍ୟାପ୍ତ ନିରାପଦ ପାନୀୟଜଳ ଯୋଗାଇଦେବା ଲକ୍ଷ୍ୟରେ 'ବସୁଧା' ଯୋଜନା ।
- ରାଜ୍ୟରେ ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍–୨୦୧୮ ସଫଳତାର ସହିତ ଆୟୋଜିତ । ଏହାଦ୍ୱାରା ୪.୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଓ ପ୍ରାୟ ୬ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ।
- ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଜରିଆରେ ବିଗତ ୫ ବର୍ଷ ମଧ୍ୟରେ ରାଜ୍ୟର ୯ ଲକ୍ଷରୁ ଊର୍ଦ୍ଧ୍ୱ ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ ।
- ୨୦୨୦ ମସିହା ସୁଦ୍ଧା ରାଜ୍ୟରେ ୧୦୦୦ ଟି ଷ୍ଟାର୍ଟ–ଅପ୍‌ର ଲକ୍ଷ୍ୟ ।
  ବିଶ୍ୱ ବଜାର ନିମନ୍ତେ ଦକ୍ଷମାନବ ସମ୍ବଳ ସୃଷ୍ଟି ଲକ୍ଷ୍ୟରେ ଭୁବନେଶ୍ୱରଠାରେ 'ବିଶ୍ୱ ଦକ୍ଷତା କେନ୍ଦ୍ର' ନିର୍ମାଣ ।
- ସତ୍ୟବାଦୀଠାରେ ଓଡିଆ ବିଶ୍ୱ ବିଦ୍ୟାଳୟର ଶୁଭାରମ୍ଭ ।
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଉଚ୍ଚ ପ୍ରଶଂସିତ ଏବଂ ଅନୁକରଣୀୟ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0560/1819

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜାନୁୟାରୀ ୨୮/୨୦୧୯ Sambalpur, Monday, January 28/ 2019

ସଂକ୍ଷେପରେ

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବେଲପାହାଡ଼,୨୭।୧(ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଗୁମାଡେରା ଖଲଗୁଡ଼ା ବସ୍ତିର ସତ୍ୟମ ଦୀପ (୨୮)ଙ୍କ ଝୁଲନ୍ତା ମୃତଦେହ ଶନିବାର ରାତିରେ ଉଦ୍ଧାର କରାଯାଇଛି। ସତ୍ୟମ ଶୋଇଥିବା କୋଠରିରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ଏହି ସମୟରେ ସତ୍ୟମଙ୍କ ସ୍ତ୍ରୀ ପିଙ୍କି, ମା' ମୁକ୍ତା ଓ ଦୁଇ ଶିଶୁସନ୍ତାନ କୋଠରିରେ ଉପସ୍ଥିତ ଥିଲେ ମଧ୍ୟ କେହି କିଛି ଜାଣିପାରିଲେ ନାହିଁ କେମିତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସତ୍ୟମ ଜଣେ ଡ୍ରାଇଭର ଭାବେ କାମ କରୁଥିଲେ। ପାରିବାରିକ ଅଶାନ୍ତି ଯୋଗୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ରବିବାର ପୋଲିସ ଏକ ଅପମୃତ୍ୟୁ ମାମଲା ରଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଦୁର୍ଘଟଣାରେ ୨ ଛାତ୍ର ମୃତ, ଉତ୍ତେଜନା

୨ ଛାତ୍ରଙ୍କ ମୃତ୍ୟୁ ପରେ ଫର୍ଟିଲାଇଜର ମଙ୍ଗଳା ଛକରେ ରାସ୍ତାରୋକୋ କରାଯାଇଛି।

- କ୍ଷତିପୂରଣ, ଡ୍ରାଇଭରଙ୍କ ଗିରଫ ଦାବିରେ ରାସ୍ତାରୋକୋ
- ମର୍ଗ ହାଉସରେ ପଡ଼ିରହିଛି ମୃତଦେହ

ଦୁର୍ଘଟଣାରେ ମୃତ ୨ ଛାତ୍ର। (ଫାଇଲ ଫଟୋ)

ରାଉରକେଲା ଅଫିସ,୨୭।୧

ଟାଙ୍ଗରପାଲି ଥାନା ଅନ୍ତର୍ଗତ ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ଶନିବାର ଅପରାହ୍ନରେ ଦୁର୍ଘଟଣା ଘଟି ୨ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ସୌମ୍ୟରଞ୍ଜନ ପାତ୍ର ଓ ହରିଶ ମୁର୍ମୁ। ଇସ୍ପାତ ମିନି ଷ୍ଟାଡିୟମରେ ପରେଡ୍ ଶେଷ ପରେ ଦୁହେଁ ଚାଲି ଚାଲି ପାଖ ଫୁଡ୍ କୋର୍ଟକୁ ଆସୁଥିଲେ। ଏହି ସମୟରେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ନମ୍ବର ବିହୀନ ଟାଟା ଏସିଇ ପିକ୍‌ଅପ୍ ଭ୍ୟାନ୍ ମଙ୍ଗଳା ଛକ କମ୍ୟୁନିଟି ସେଣ୍ଟର ସମ୍ମୁଖରେ ଏମାନଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ମେଡିକାଲ ନେବା ରାସ୍ତାରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭରଙ୍କୁ ଗିରଫ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମେଡିକାଲ ଛକରେ ନିଆଁ ଜାଳି ରାସ୍ତାରୋକୋ କରିଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକୋ ଜାରି ରହିଥିଲା। ପରେ ଆନ୍ଦୋଳନକାରୀମାନେ ଥାନାକୁ ଯାଇ ପୋଲିସ ସହ ଆଲୋଚନା କରିଥିଲେ। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ କୌଣସି ସମାଧାନ ବାଟ ବାହାରି ପାରି ନ ଥିଲା। ଦୁଇ ମୃତଦେହ ଆଇଜିଏଚ୍ ମର୍ଗ ହାଉସରେ ପଡ଼ି ରହିଥିଲା। ପୁନଶ୍ଚ ରବିବାର ସକାଳୁ ଲୋକେ ମଙ୍ଗଳା ଛକଠାରେ ରାସ୍ତା ଅବରୋଧ କରିଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଓ ଟାଙ୍ଗରପାଲି ଥାନା ଅଧିକାରୀ ପଦ୍ମାସିନୀ ମେହେର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ତେବେ ଡ୍ରାଇଭରଙ୍କୁ ଗିରଫ କରିବାକୁ ପୋଲିସ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ପ୍ରାୟ ୭ଟାରେ ରାସ୍ତା ଅବରୋଧ ହଟିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ମୃତଦେହ ମର୍ଗ ହାଉସରେ ପଡ଼ିରହିଛି।

■ ସର୍ବଭାରତୀୟ ଲାଲମନି କ୍ରିକେଟ୍

ସେମିରେ ବ୍ଲୁ ଡାଇମଣ୍ଡ ବରଗଡ଼

ସୋନପୁର,୨୭।୧(ନି.ପ୍ର.)

ପ୍ରବୀଣ ଲୁହାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

ସୋନପୁର ଗାନ୍ଧୀ ପଡିଆରେ ଶନିବାରଠାରୁ ଆରମ୍ଭ ହୋଇଛି ମର୍ଯାଦାଜନକ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ। ଚଳିତ ୩୩ତମ ସଂସ୍କରଣର ରବିବାର ଦ୍ୱିତୀୟ ଦିବସର ମ୍ୟାଚ୍ ବ୍ଲୁ ଡାଇମଣ୍ଡ ବରଗଡ ଓ ବିଳାସପୁର ଫାଉଣ୍ଡେସନ କ୍ରିକେଟ୍ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରତିକୂଳ ପାଗ ହେତୁ ୧୫ଓଭର ବିଶିଷ୍ଟ ମ୍ୟାଚ୍ ଖେଳା ଯାଇଥିଲା। ବ୍ଲୁ ଡାଇମଣ୍ଡ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୬ ଉଇକେଟ୍ ବିନିମୟରେ ୧୫୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୟଦ ହାରୁଦ ୩୪ବଲରୁ ୫୭ ରନ ଓ ବାଦଲ ଭୋଳ ୯ ବଲରୁ ଦୃତ ୨୦ ରନ ସଂଗ୍ରହ କରିଥିଲେ। ବିଳାସପୁର ପକ୍ଷରୁ ଆଗମ ହୁରା ୨ଟି, ଶେଖର ସିହ୍ନା, ଲବ୍ୟମ ରାଜପୁତ ଓ ସନ୍ନି ଦାସ ପ୍ରତ୍ୟେକ ୧ଟି ଲେଖାଏ ଉଇକେଟ ଅକ୍ରିୟାର କରିଥିଲେ। ଯବାବରେ ବିଳାସପୁର ଦଳ ୧୫୬ରନ ବିଜୟ ଲକ୍ଷ୍ୟର ପିଛା କରି ସନ୍ନି ଥାଣ୍ଡେଙ୍କ ୨୨ବଲରୁ ୩୪ ରନ, କ୍ରିଷ୍ଣ କୁମାରଙ୍କ ୩୫ ବଲରୁ ୫୪ ରନ ଓ ପ୍ରତୀକ ଯାଦବଙ୍କ ୬ ବଲରୁ ୧୫ ରନ ଏବଂ ସୁଶାନ୍ତ ଶୁକ୍ଳାଙ୍କ ୧୦ ବଲରୁ ୨୦ ରନ ସତ୍ତ୍ୱେ ଦଳର ସ୍କୋର ୧୪୫ ରନରେ ସୀମିତ ରହିଥିଲା। ବ୍ଲୁ ଡାଇମଣ୍ଡ ବରଗଡ ୧୦ ରନରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବରଗଡର ରାହୁଲ ବିଶ୍ୱକର୍ମା ୧୫ରନ ବିନିମୟରେ ୩ଟି ଉଇକେଟ ଓ ଅର. କେ. ସିଂହ ୨ଟି ଉଇକେଟ ଅକ୍ରିୟାର କରିଥିଲେ। ରାହୁଲ ବିଶ୍ୱକର୍ମାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ସୋନପୁର ଜିଲା କ୍ରିକେଟ ସଂଘର ସଭାପତି ପଠାନ କୁମାର ପଣ୍ଡା। ଏହି ମ୍ୟାଚ ପରିଚାଳନା କରିଥିଲେ ସତ୍ୟ ପ୍ରକାଶ ରଥ ଓ ପୃଥ୍ୱୀରାଜ ମିଶ୍ର । ସେହିପରି ଶନିବାର ଉଦ୍‌ଘାଟନୀ ମ୍ୟାଚ୍ ବ୍ଲୁ ଡାଇମଣ୍ଡ ବରଗଡ ଓ ସୋନପୁର ଜିଲା କ୍ରିକେଟ୍ ସଂଘ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସୋନପୁର ଦଳ ଟସ୍ ଜିତି ପ୍ରଥମେ ବରଗଡ ଦଳକୁ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲା । ଦଳ ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ୍ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ସୋନପୁର ଦଳ ରାହୁଲ ସାହୁଙ୍କ ୩୬ ବଲରୁ ୪୯ ରନ, ନିରଞ୍ଜନ ପଣ୍ଡାଙ୍କ ୨୫ ବଲରୁ ୧୬ ରନ, ସତ୍ତ୍ୱେ ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୧୨୪ ରନ କରି ପାରିଥିଲା। ଟି/୧୦ ମ୍ୟାଚ୍‌ରେ ବରଗଡ ଦଳର ୮୧ ରନର ପ୍ରତ୍ୟୁତ୍ତରରେ ସୋନପୁର ଦଳ ମାତ୍ର ୫୬ ରନ ସଂଗ୍ରହ କରି ପାରିଥିଲା । ଉଭୟ ମ୍ୟାଚ୍‌ର ଫଳାଫଳ ଅନୁଯାୟୀ ବରଗଡ ଦଳ ୨୫ ରନରେ ବିଜୟୀ ହୋଇଥିଲା। ବରଗଡର ପ୍ରବୀଣ ଲୁହାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସୋନପୁର ଦଳର ପ୍ରୟୋଜକ ତଥା ଏଲଆଇସିର ଇନସ୍ୟୁରାନ୍ସ ଆଡଭାଇଜର କେ. ବର୍ଷାଦେବୀ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଓସିଏର ସ୍ୱୀକୃତିପ୍ରାପ୍ତ ଅମ୍ପାୟର ସତ୍ୟପ୍ରକାଶ ରଥ ଓ ବିଶ୍ୱଜିତ ପୁରୋହିତ। ସ୍କୋରର ଥିଲେ ରାଜେଶ ଅଗ୍ରୱାଲା। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶନୀ, ଅଚ୍ୟୁତ ମିଶ୍ର ଓ ବି.ଏସ. ରାଓ । ସୋମବାର ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଓ ସ୍କୁଲ ଅଫ କ୍ରିକେଟ୍ ଜାମସେଦପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଟ୍ରଫି ସହ ଚାମ୍ପିୟନ ଏଏଫସିସି ବଲାଙ୍ଗୀର ଦଳ।

■ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ

ସମ୍ବଲପୁରକୁ ହରାଇ ବଲାଙ୍ଗୀର ଚାମ୍ପିୟନ

ରେଢ଼ାଖୋଲ/ଅମରପାଲି, ୨୭।୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ରେଙ୍ଗାଲିଠାରେ ଚାଲିଥିବା ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ଚେତନା କ୍ରିକେଟ କ୍ଲବ ସମ୍ବଲପୁରକୁ ହରାଇ ଏଏଫସିସି ବଲାଙ୍ଗୀର ଚାମ୍ପିୟନ ହୋଇଛି । ମାରୁତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ରାଜାଗୌରୀ ଖେଳ ପଡିଆରେ ମ୍ୟାଚ ଫାଇନାଲ ଖେଳ ଟି-୧୦ ଓ ୫-୫ ଓଭର ଫର୍ମାଟରେ ହୋଇଥିଲା। ବଲାଙ୍ଗୀର ଦଳ ଟସ୍ ଜିଣି ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୩ଉଇକେଟ ହରାଇ ୧୪୩ ରନ କରିଥିଲା। ଦଳ ପକ୍ଷରୁ ଜିତେଶ ୨୮ ବଲରୁ ୫୯ ରନ, ରାଜା ୨୯ ଓ ସଞ୍ଜିବ ୨୬ ରନ କରିଥିଲେ । ବିପକ୍ଷ ଦେବାଶିଷ, ଅବିନାଶ ନନ୍ଦ ଓ ରାଜେଶ୍ୱର ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଯବାବରେ ସମ୍ବଲପୁର ଦଳ ନିର୍ଦ୍ଧାରିତ ୧୦ଓଭରରେ ଗୋଟିଏ ଉଇକେଟ ହରାଇ ୧୩୪ ରନ କରିଥିଲା। ଦଳ ପକ୍ଷରୁ ଅନୁପ ୬୭ ରନ ଓ ଅବିନାଶ ନନ୍ଦ ୩୦ ରନ କରିଥିଲେ। ବଲାଙ୍ଗୀରର ପଦ୍ମନାଭ ଗୋଟିଏ ଉଇକେଟ ନେଇଥିଲେ । ପରେ ଖେଳାଯାଇଥିବା ୫-୫ ଓଭର ଫର୍ମାଟରେ ବଲାଙ୍ଗୀର ସଞ୍ଜିବଙ୍କ ୫୨ ଓ ଜିତେଶଙ୍କ ୨୮ ରନ ସହାୟତାରେ ନିର୍ଦ୍ଧାରିତ ୫ ଓଭରରେ ଗୋଟିଏ ଉଇକେଟ ହରାଇ ୮୬ ରନ କରିଥିଲା। ଯବାବରେ ସମ୍ବଲପୁର ଦଳ ନିର୍ଦ୍ଧାରିତ ୫ ଓଭରରେ ୪ ଉଇକେଟ ହରାଇ ୪୪ ରନ କରିଥିଲା। ଫଳରେ ବଲାଙ୍ଗୀର ଦଳ ୨-୦ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ତରୁଣ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା ପରିଷଦ ପ୍ରଦୀପ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସସ୍ମିତର ମଲ୍ଲିକ, ବର୍ତମାନ ସରପଞ୍ଚ ଷଡାନନ ପ୍ରଧାନ, ରେଢ଼ାଖୋଲ ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ସାମାଜିକ ସଂଗଠନ ପ୍ରୟାସ ପରିବର୍ତ୍ତନର ସଭାପତି ଡ. ଲଲାଟେନ୍ଦୁ ନାୟକ, ବହଲପଦର ସମିତି ସଭ୍ୟ ପିତାମ୍ବର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ବଲାଙ୍ଗୀର ଜ୍ୟୋତିଶଙ୍କୁ ଶ୍ରେଷ୍ଠ ବୋଲର, ଜିତେଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ସଞ୍ଜିବଙ୍କ ମ୍ୟାନ ଅଫ୍ ଦି ସିରିଜ, ସମ୍ବଲପୁରର ଅନୁପଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ପୁରସ୍କୃତ କରିଥିଲେ। ଚାମ୍ପିୟନ ବଲାଙ୍ଗୀର ଦଳକୁ ନଗଦ ୮ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ ସମ୍ବଲପୁର ଦଳକୁ ନଗଦ ୭ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଫାଇନାଲ ଖେଳକୁ ରତନ ସେଟୀ ଓ ପ୍ରଭୂଦତ୍ତ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଆଶିଷ ସେଠୀ ସ୍କୋରିଂ ଏବଂ ତରୁଣ ନାୟକ ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ରାତ୍ର ଖୁଣ୍ଟୁଲି, ବିଜୟ ଜେନା, ବିଶ୍ୱାମିତ୍ର ନାଏକ, ଦେବରାଜ ସେଠୀ, ବିବେକା ନନ୍ଦ ପ୍ରଧାନ, ବିକାଶ ନାଏକ ପ୍ରମୁଖ ସହଯୋଗ କରିଥିଲେ।

■ ମାଟ୍ରିକରୁ ସ୍ନାତକୋତ୍ତର ପାସ୍ ପାଇଁ ଲାଗିଥିଲା ୧୬ ବର୍ଷ

ମୋଦି ପେସାରେ ଚା' ବିକାଳି ନ ଥିଲେ

ବଲାଙ୍ଗୀର ଅଫିସ, ୨୭।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ସମଗ୍ର ଦେଶରେ ବିଭିନ୍ନ ସମୟରେ ବହୁ ଆଲୋଚନା ହେଉଛି । ମୋଦିଙ୍କ ଏ ସମ୍ପର୍କୀୟ ବ୍ୟକ୍ତିଗତ ଜୀବନର ସବିଶେଷ ତଥ୍ୟ ଇତିମଧ୍ୟରେ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କ ହସ୍ତଗତ ହୋଇଛି । ଉତ୍ତର ପ୍ରଦେଶର ବାରାଣସୀ ଜିଲା ନିର୍ବାଚନ ଅଧିକାରୀଙ୍କ ପାଖରେ ମୋଦି ନିଜେ ଦାଖଲ କରିଥିବା ସତ୍ୟପାଠର ନକଲ ପଣ୍ଡାଙ୍କୁ ସୂଚନା ଅଧିକାର ଆଇନ ବଳରେ ପ୍ରଦାନ କରାଯିବା ପରେ ବହୁ ରୋଚକ ତଥ୍ୟ ଜଣାପଡିଛି। ପତ୍ର ସଂଖ୍ୟା ୧୦୪୩/ନିର୍ବାଚନ-୨୦୧୮ ତା ୮ ଡିସେମ୍ବର ୨୦୧୮ ଯୋଗେ ବାରାଣସୀ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏହି ତଥ୍ୟ ପ୍ରଦାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୯୬୭ ମସିହାରେ ଗୁଜରାଟ ବୋର୍ଡ ଏସ୍‌ଏସ୍‌ସିରୁ ମାଟ୍ରିକ ପାସ୍ କରିଥିବାବେଳେ ୧୯୭୮ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ କଳା ବିଭାଗରେ ସ୍ନାତକ ଓ ଗୁଜରାଟ ବିଶ୍ୱବିଦ୍ୟାଳୟରୁ ୧୯୮୩ରେ କଳାରେ ସ୍ନାତକୋତ୍ତର ଯୋଗ୍ୟତା ହାସଲ କରିଥିବା ଏହି ତଥ୍ୟରୁ ଜଣାଯାଇଛି । ମାଟ୍ରିକରୁ ସ୍ନାତକୋତ୍ତର ଯୋଗ୍ୟତା ହାସଲ ପାଇଁ ମୋଦିଙ୍କୁ ଦୀର୍ଘ ୧୬ ବର୍ଷ ଲାଗିଥିଲା। ହାଇସ୍କୁଲ ସାର୍ଟିଫିକେଟ ତଥା ମାଟ୍ରିକରୁ ସ୍ନାତକ ଯୋଗ୍ୟତା ପାଇଁ ତାଙ୍କୁ ଦୀର୍ଘ ୧୧ ବର୍ଷ ଲାଗିଥିବାବେଳେ ସ୍ନାତକ ଶ୍ରେଣୀରୁ ସ୍ନାତକୋତ୍ତର ଯୋଗ୍ୟତା ପାଇଁ ୫ବର୍ଷ ଲାଗିଥିଲା । ମୋଦି ତାଙ୍କ ନିଜ ପେସା ବା ବ୍ୟବସାୟ ରାଜନୈତିକ କାର୍ଯ୍ୟ ଏବଂ

ଆରଟିଆଇ ତଥ୍ୟ

ସାର୍ବଜନୀନ ଜୀବନ ବୋଲି ଉଲ୍ଲେଖ କରିଥିବା ଜଣାଯାଇଛି। ଚା' ବିକିବା ସମ୍ପର୍କରେ ଏହି ସତ୍ୟପାଠରେ ସେ ଉଲ୍ଲେଖ କରି ନ ଥିବା ଜଣାଯାଇଛି। ତାଙ୍କ ସ୍ତ୍ରୀ ଯଶୋଦା ବେନଙ୍କ ପେଶା, ବ୍ୟବସାୟ, ଆୟକର ସମ୍ପର୍କୀୟ କୌଣସି ତଥ୍ୟ ମୋଦି ଜାଣନ୍ତି ନାହିଁ ବୋଲି ଏହି ତଥ୍ୟରୁ ଜଣାପଡିଥିବା ସୂଚନା କର୍ମୀ ପଣ୍ଡା ଜଣାଇଛନ୍ତି । ଏହି ତଥ୍ୟ ମୋଦିଙ୍କ ବ୍ୟକ୍ତିଗତ ଜୀବନର ଅବ୍ୟବସ୍ଥିତ ଅଂଶକୁ ପ୍ରଦର୍ଶିତ କରୁଛି ବୋଲି ସୂଚନା କର୍ମୀ ହେମନ୍ତ ପଣ୍ଡା ପ୍ରକାଶ କରିଛନ୍ତି ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍ ।
- ଦୟାନନ୍ଦ ସରସ୍ୱତୀ

ସଂକ୍ଷେପରେ

ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଭଟଲି,୨୭।୧(ଡି.ଏନ.ଏ.): ବରଗଡ଼ ଜିଲା ଭଟଲି ଥାନା ବରଗଡ଼-ଭଟଲି ମୁଖ୍ୟ ରାସ୍ତାର ବାଉଲସିଂହା ଛକ ନିକଟରେ ଶନିବାର ରାତିରେ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ବୃଦ୍ଧଙ୍କ ବୟସ ପାଖାପାଖି ୭୦ ବର୍ଷ ହେବ । ତେବେ ତାଙ୍କ ପରିଚୟ ମିଳିନାହିଁ। ରବିବାର ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ଶବାଗାରରେ ରଖାଯାଇଛି । କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ପୋଲିସ ପ୍ରକାଶ କରିଛି । ସହିତ କେଉଁ ଗାଡ଼ି ଧକ୍କାରେ ଏଭଳି ହୋଇଛି ତାହା ସିସି ଟିଭି ଫୁଟେଜ ଦେଖି ତଦନ୍ତ କରାଯାଉଥିବା କହିଛି । ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୧୩/୧୯) ରୁଜୁ ହୋଇଛି ।

ବୋଡ଼ାସମ୍ବର ଧନୁଯାତ୍ରାର ତୃତୀୟ ରଜନୀ

ଗାଇସିଲେଟ,୨୭।୧(ଡି.ଏନ.ଏ): ଗାଇସିଲେଟ ଥାନା ଅନ୍ତଗତ ତାଲପାଲିରେ ଚାଲିଥିବା ବୋଡାସମ୍ବର ଧନୁଯାତ୍ରାର ରବିବାର ଥିଲା ତୃତୀୟ ରଜନୀ । ତୃତୀୟ ରଜନୀ ନାଟ୍ୟାଭିନୟରେ ଦେବକୀଙ୍କ ଅଷ୍ଟମ ସନ୍ତାନକୁ ମାରିବା ପାଇଁ କଂସଙ୍କ ପ୍ରସ୍ତୁତି, ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁର ଯାତ୍ରା, ବିଜୁଳି କନ୍ୟାଙ୍କ ଶୂନ୍ୟବାଣୀ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା । ଗାଇସିଲେଟ ଥାନା ଆଇଆଇସି ଠାକୁର ଦାସ ମୁର୍ମୁ ରାଜଦରବାରରେ ଅତିଥି ଭାବେ ଉପସ୍ଥିତ ଥିଲେ ।

୪ରେ ଶିବଙ୍କୁ ପଣା ଅଭିଷେକ

ଅମ୍ବାଭୋନା, ୨୭।୧ (ଡି.ଏନ.ଏ): ଅମ୍ବାଭୋନା ସ୍ଥିତ ଚୈତନ୍ୟ ବିହାର ରାଧାମାଧବ ଆଶ୍ରମ ଆନୁକୂଲ୍ୟରେ ଫେବୃୟାରୀ ୪ ତାରିଖରେ କେଦାରନାଥ ମନ୍ଦିରରେ ଶିବଙ୍କୁ ଆଖୁରସ (ପଣା)ରେ ଅଭିଷେକ କରାଯିବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସାମାଜିକ କର୍ମୀ ବେଣୁଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କେଦାରନାଥ ବାବାଙ୍କୁ ଦିବା ୧୦ ଘଟିକାରେ ପଣା ଅଭିଷେକ କରାଯିବାକୁ ଲଗ୍ନ ଧାର୍ଯ୍ୟ ହୋଇଛି । ଏହି ଅବସରରେ ମଠ ପରିସରରେ ୨୪ ପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମ ରହିଥିବା ମଠ ମହାଧୀଶ ନରସିଂହ ଦାଶ ସୂଚନା ଦେଇଛନ୍ତି ।

ଗୁହିଲାମାଳ ହାଇସ୍କୁଲର ବାର୍ଷିକୋତ୍ସବ

ବିଜେପୁର, ୨୭।୧ (ଡି.ଏନ.ଏ): ବିଜେପୁର ବ୍ଲକ ଗୁହିଲାମାଳ ପଞ୍ଚାୟତ ହାଇସ୍କୁଲର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଶାରୀରିକ ନିରୀକ୍ଷକ ତ୍ରୈଲୋକ୍ୟ ନାୟକ, କିଶୋର ଦେବତା, ସରପଞ୍ଚ ପୂର୍ଣ୍ଣବାସୀ ଡନସନା, ସମିତି ସଭ୍ୟ ତୁଳସୀରାମ ଡନସନା ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଧାନଶିକ୍ଷକ ବିଜେନ୍ଦ୍ର କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧୀରେନ କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ । ଉମାକାନ୍ତ ଡନସନା, ଅଶ୍ୱିନୀ ପ୍ରଧାନଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଗଣତନ୍ତ୍ର ଦିବସରେ କ୍ରୀଡା ପ୍ରତିଯୋଗିତା

ଝାରବନ୍ଧ, ୨୭।୧ (ଡି.ଏନ.ଏ): ଝାରବନ୍ଧ ବ୍ଲକ ଅନ୍ତର୍ଗତ କନ୍ଦାଡଙ୍ଗର ସ୍କୁଲ ପରିସରରେ ଗ୍ରାମପଞ୍ଚାୟତସ୍ତରୀୟ ଖେଳ, କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ଲାଲେଶ୍ୱରୀ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝାରବନ୍ଧ ଥାନା ଅଧିକାରୀ ତରୁଣ କୁମାର କେରକେଟା ଯୋଗଦାନ କରି ପୋଲିସ ସହିତ ଜନସମ୍ପର୍କ ରଖିବା ପାଇଁ ଅନୁରୋଧ କରିଥିଲେ । ସମ୍ମାନୀତ ଅତିଥି ଭାବେ ଏଏସଆଇ କୁନୁ ସାହୁ, ଏସଏମ ରାଓ, ଦେବେନ୍ଦ୍ର ସାହୁ ଯୋଗଦାନ କରି କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସୁଶାନ୍ତ ପଟେଲ ମଞ୍ଚ ପରିଚାଳନା ଓ ପ୍ରଧାନଶିକ୍ଷକ ତ୍ରିଲୋଚନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

ରବିବାର ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବରଗଡ଼ ଜିଲା ଭେଡ଼େନର ନବରାତ୍ର ରାମଲୀଳାକୁ ଉଦ୍‌ଘାଟନ କରୁଛନ୍ତି ।

ରାମଲୀଳା ଅବସରରେ ଅଖଣ୍ଡ ଶ୍ରୀହରି ନାମଜପ ପାଇଁ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

ନବରାତ୍ର ରାମଲୀଳା ମହୋତ୍ସବ ଆରମ୍ଭ

ଭେଡ଼େନ, ୨୭।୧ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନର ନବରାତ୍ର ରାମଲୀଳା ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଥାନା ଅଧିକାରୀ ତାରା ଜସ୍ମିନ ଚୁଡ଼ିଆ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ଏମ୍‌ପି ପ୍ରତିନିଧି ତୁଷବନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନାଟ୍ୟାଭିନୟରେ ରାବଣ କୁମ୍ଭକର୍ଣ୍ଣ ଓ ବିଭିଷଣଙ୍କ ତପସ୍ୟା, କୁବେରକୁ ପରାସ୍ତ କରି ଲଙ୍କା ଅଧିକାର, ରାବଣଙ୍କ ରାଜାଭିଷେକ ଏବଂ ଅଯୋଧ୍ୟା ଦରବାରରେ ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞ, ରାମ, ଲକ୍ଷ୍ମଣ, ଭରତଙ୍କ ନଗର ଭ୍ରମଣ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା । ଚଳିତ ବର୍ଷ ଦେଓଗାଁର ପ୍ରସିଦ୍ଧ ଅଭିନେତା ଜଗଦାନନ୍ଦ ମିଶ୍ର ରାବଣ ଭୂମିକାରେ ଅଭିନୟ କରୁଛନ୍ତି। ଅନ୍ୟ ଭୂମିକାରେ ମନ୍ତ୍ରୀ ଦୁର୍ଯ୍ୟୋଧନ ପଣ୍ଡା, ବଳବନ୍ତ ଭୋଇ, ଦିଲୀପ କୁମାର ପୋଡ଼, କୁବେର ରାଜ କୁମାର ନାଏକ, ବିଭୀଷଣ ପ୍ରଦୀପ ବଡ଼ପଣ୍ଡା, କୁମ୍ଭକର୍ଣ୍ଣ ସୁବାସ ମହାରଣା, ଦଶରଥ ସେବାନନ୍ଦ ନାୟକ ପ୍ରମୁଖ ଅଭିନୟ କରୁଛନ୍ତି । ସେହିପରି ଶିଶୁ ରାମ ଆଦର୍ଶ ଦାଶ, ଲକ୍ଷ୍ମଣ ସ୍ୱନ୍ଦନ କୁମାର ପଣ୍ଡା, ଭରତ ସଙ୍କେତ ସାହୁ, ଶତ୍ରୁଘ୍ନ ସ୍ୱସ୍ତିକ ସାହୁ ପ୍ରମୁଖ ଅଭିନୟ କରିଛନ୍ତି। ଏହା ପୂର୍ବରୁ ମଧ୍ୟାହ୍ନରେ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନବଦିନ ଧରି ହେବାକୁ ଥିବା ଅଖଣ୍ଡ ଶ୍ରୀହରି ନାମଜପ ଆରମ୍ଭ ହୋଇଛି। ଏଥିରେ ଦିଲୀପ ରଥ ଓ ମମତା ରଥ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ପ୍ରେମ ପ୍ରକାଶ ପୁରୋହିତ ପୂଜାକାର୍ଯ୍ୟ କରୁଛନ୍ତି । ରବିବାର ସୌମ୍ୟରଞ୍ଜନ ବେହେରା ଅନ୍ନପ୍ରସାଦ ପ୍ରଦାନ କରିଥିଲେ । ଏହାପୂର୍ବରୁ ନବରାତ୍ର ରାମଲୀଳା ମହୋତ୍ସବ ପାଇଁ ଶନିବାର ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ମହାଜଳଶାୟୀ ହୋଇଥିଲା । ଏଥିରେ ଗୋପୀକୃଷ୍ଣ ରଥ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହାପରେ ବରଗଡ଼ ଜୀରାକୁଳ ଆଶ୍ରମର ବାବା ହରିଚରଣ ଦାଶଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଦନ୍ତା ନଦୀରୁ ଶୋଭାଯାତ୍ରାରେ ଶତାଧିକ କଳସ ଆଣି ନାମଜପସ୍ଥଳରେ ସ୍ଥାପନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସତଲମାର ଘଣ୍ଟପାର୍ଟି, ରେଶମର ସମ୍ପ୍ରଦା, ପିପିଲିପାଲି ସମେତ ଭେଡ଼େନର ଧରିତ୍ରୀ, କଲ୍ୟାଣୀ, ରଞ୍ଜନ, ତଲିପଡ଼ାର ଭୈରବ ସାହୁ, ମଧ୍ୟପଡ଼ାର ସମଲେଶ୍ୱରୀ ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ । ସନ୍ଧ୍ୟାରେ ବିଜୟ ମଣ୍ଡପଠାରେ ହରିହର ଭେଟ କାର୍ଯ୍ୟକ୍ରମ ହୋଇଥିଲା। ମହାଦେବ ମନ୍ଦିରରୁ ଶିବ ପାର୍ବତୀ ଏବଂ ଜଗନ୍ନାଥ ମନ୍ଦିରରୁ ମଦନମୋହନଙ୍କ ବିଗ୍ରହ ଶୋଭାଯାତ୍ରାରେ ଆଣି ହରିହର ଭେଟ କରାଯାଇଥିଲା ।

ରାମଲୀଳା ମହୋତ୍ସବର ପ୍ରଥମ ରଜନୀରେ ଅଭିନୀତ ଦୃଶ୍ୟ ।

ଭେଡ଼େନ ବ୍ଲକ

- ରାବଣ ଭୂମିକାରେ ଅଭିନେତା ଜଗଦାନନ୍ଦ ମିଶ୍ର
- ସିଦ୍ଧେଶ୍ୱର ମନ୍ଦିରରେ ଅଖଣ୍ଡ ଶ୍ରୀହରି ନାମଜପ ଆରମ୍ଭ
- ମହାଦେବ ମନ୍ଦିରରେ ହେଲା ମହାଜଳଶାୟୀ

ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ଅତାବିରା, ୨୭।୧ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା ମହାବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ପ୍ରଥମ ଦିବସରେ ଗୋଡଭଗା ମାଁ ସମଲେଶ୍ୱରୀ ମନ୍ଦିରରୁ ମଶାଲ ଧରି ଛାତ୍ରୀଛାତ୍ରମାନେ କଲେଜରେ ପହଞ୍ଚିଥିଲେ । ଏହାପରେ କଲେଜ ଅଧ୍ୟକ୍ଷ ଗଙ୍ଗାଧର ଚୌହାନ ଏହାକୁ ଉଦ୍‌ଘାଟନ କରିଥିଲେ । ଉଦଯାପନୀ ଦିବସରେ ସୁନ୍ଦରମଣୀ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅଶୋକ ପଣ୍ଡାଙ୍କୁ ଖେଳରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ବାଳକ ବିଭାଗରୁ ଜିତେନ୍ଦ୍ରିୟ ପ୍ରଧାନ ଓ ବାଳିକା ବିଭାଗରେ ଜ୍ୟୋତି ମିର୍ଦ୍ଧା ଚାମ୍ପିୟନ ହୋଇଥିଲେ। କଳ୍ପନା ଗର୍ଡିଆ, ସ୍ୱପ୍ନା ଥନାପତି, ପରମବ୍ରହ୍ମ ମେହେର, ତପନ ମାହାର ପ୍ରମୁଖ ପ୍ରତିଯୋଗୀଙ୍କୁ ସମ୍ମାନୀତ କରାଯାଇଥିଲା। ହରିଶ ପାତ୍ର, ପ୍ରଫେସର ପ୍ରମୋଦ ଭୋଇ, ଡ. ଅଜିତ ନାଥ, ଅଧ୍ୟାପକ ପୁଷ୍ପ କୁମାର ମେହେର, ଅଧ୍ୟାପକ ପବିତ୍ର ମାହାନା, ସରୋଜ କର୍ମୀ, ଚିତ୍ତରଞ୍ଜନ ଛନ୍ଦ, ଭୁବନେଶ୍ୱର ମହାକୁର, ଅତୁଲ୍ୟ ମାହାଣା ପ୍ରମୁଖ ସହଯୋଗ କରିଥିଲେ । ପ୍ରମୋଦ ସେଠ ବିବରଣୀ ପାଠ କରିଥିଲେ ।

ସାଧାରଣତନ୍ତ୍ର ଦିବସରେ ମଦମୁକ୍ତ ରାଜ୍ୟକୁ ଗୁରୁତ୍ୱ

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଛାତ୍ରୀ

ବରଗଡ଼ ଅଫିସ୍,୨୭।୧

ଶନିବାର ସବୁଠି ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ତ୍ରିରଙ୍ଗା ଉଡିଛି । ତେବେ ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ତୁମୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ସାଧାରଣତନ୍ତ୍ର ଦିବସରେ ସ୍କୁଲ କ୍ୟାବିନେଟ୍‌ର କୁନି ମୁଖ୍ୟମନ୍ତ୍ରୀ ଝରଣା ଗିଙ୍ଗିରାଙ୍କ ଉଦବୋଧନ ସଭିଙ୍କୁ ଅଭିଭୂତ କରିଥିଲା । ଉଦ୍‌ବୋଧନ ଦେଇ ଝରଣା କହିଥିଲେ, ଓଡ଼ିଶାକୁ ମଦମୁକ୍ତ କରିବାର ଆବଶ୍ୟକତା ଓ ଅନେକ କାରଣ ରହିଛି । ମଦ ପିଇବା ଯୋଗୁ ଗୁରୁତର ଅସୁସ୍ଥ ହୋଇ ଗତ କିଛିମାସ ତଳେ ତାଙ୍କ ବାପା ଜଳିନ୍ଦ୍ରଙ୍କ ଦେହାନ୍ତ ହୋଇଥିଲା। ଅନ୍ୟ ପରିବାରରେ ମଧ୍ୟ ସେଭଳି ଘଟୁଥିବ । ତେବେ ତାଙ୍କ ପରିବାରରେ ବାପାଙ୍କ ଯେଭଳି ଦେହାନ୍ତ ହେଲା ଏବଂ ଏହାପରେ ପରିବାରକୁ ଦୁର୍ବିସହ ଜୀବନ ବିତାଇବାକୁ ପଡୁଛି, ସେଭଳି ପରିସ୍ଥିତି ଅନ୍ୟ ପରିବାରରେ ଦେଖା ନ ଯାଉ ବୋଲି ଝରଣା କହିଥିଲେ । ସେ ଆହୁରି କହିଥିଲେ, ମଦ ଯୋଗୁ

ଝରଣା ଗିଙ୍ଗିରା

ରାଜକୋଷକୁ ଅନେକ ଟଙ୍କା ଆସୁଛି, ମାତ୍ର ଜୀବନକୁ ବାଜି ଲଗାଇ ମଦ ବ୍ୟବସାୟରୁ ଟଙ୍କା ଉପାର୍ଜନ ଆଦୌ ଠିକ୍ ନୁହେଁ । ଏଥିପାଇଁ ରାଜ୍ୟକୁ ମଦମୁକ୍ତ କରିବା ପାଇଁ ସେ ସ୍କୁଲ କ୍ୟାବିନେଟ୍‌ର କୁନି ମୁଖ୍ୟମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ଝରଣା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍କୁଲ କ୍ୟାବିନେଟ୍ ଆକାଉଣ୍ଟ ଟୁଇଟର୍ ଯୋଗେ ଏକ ଚିଠି ମଧ୍ୟ ପଠାଇଛନ୍ତି । ଉଲ୍ଲେଖନୀୟ, ଅନ୍ୟ ସ୍କୁଲ ଭଳି ତୁମୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ କ୍ୟାବିନେଟ୍ ଗଠନ କରାଯାଇଛି । ଏହି ସ୍କୁଲ କ୍ୟାବିନେଟ୍‌ରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଝରଣା କୁନି ମୁଖ୍ୟମନ୍ତ୍ରୀ ରହିଛନ୍ତି ।

ଏନଟିସିଇରେ ବିକାଶ ଛାତ୍ରଙ୍କ ସଫଳତା

ବରଗଡ଼ ଅଫିସ୍,୨୭।୧

ରାଜ୍ୟସ୍ତରୀୟ ଏନ୍‌ଟିସିଇ ୨୦୧୮-୧୯ର ପ୍ରଥମ ଲେଭଲ୍‌ରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଦଶମ ଶ୍ରେଣୀର ଦୁଇଜଣ ଛାତ୍ର ଆଦର୍ଶ କୁମାର ତରିଆ ଏବଂ ତୁଷାର ସାହୁ କୃତିତ୍ୱ ଅର୍ଜନ କରିଛନ୍ତି । ଆଦର୍ଶ ୧୩୭ ଏବଂ ତୁଷାର ୧୨୯ ମାର୍କ ସହିତ ଦ୍ୱିତୀୟ ଲେଭଲକୁ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ତାଲିକାରେ ବରଗଡ଼ ଜିଲାର ସୁନାମ ଆଣିଛନ୍ତି । ଛାତ୍ରଦ୍ୱୟଙ୍କ ଏହି କୃତିତ୍ୱ ଯୋଗୁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ବିକାଶରେ ଚାଲିଥିବା ଆଇଆଇଟି-ଅଲିମ୍ପିଆଡ଼ ଏକାଡ଼େମୀର ପ୍ରୟାସ ତଥା ଏନଟିସିଇର ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା ପାଇଁ ସ୍କୁଲର ସେକେଣ୍ଡାରୀ ବିଭାଗର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରଦ୍ୱୟଙ୍କୁ ପ୍ରଶଂସା କରିଛନ୍ତି। ବିକାଶ

ଆଦର୍ଶ ତରିଆ

ତୁଷାର ସାହୁ

ଗ୍ରୁପର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକାଡ଼େମିକ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଏଭଳି ସଫଳତା ଆଗାମୀ ଦିନରେ ବିକାଶର ଏନଟିଏସଇ ଏବଂ ଅଲିମ୍ପିଆଡ଼ କୋଚିଂ ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ଆଶା ପ୍ରକଟ କରିଛନ୍ତି । ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଏବଂ ମନୋରଞ୍ଜନ ପତି କୃତୀ ଛାତ୍ରଙ୍କୁ ପ୍ରଶଂସା କରିଛନ୍ତି ।

ଗୋଷ୍ଠୀସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

ଝାରବନ୍ଧ, ୨୭।୧ (ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଗୋଷ୍ଠୀସ୍ତରୀୟ ଆଶା ଏବଂ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମଧୁମିତା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ପଦ୍ମପୁର ବିଧାୟକ ପ୍ରଦୀପ କୁମାର ପୁରୋହିତ, ସମ୍ମାନୀତ ଅତିଥି ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହ, ବିଧାୟକ ପ୍ରତିନିଧି ହରିହର ସାହୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅରୁଣ କୁମାର ଭୋଇ, ଗୋଷ୍ଠୀ କାର୍ଯ୍ୟକ୍ରମ ସଞ୍ଚାଳକ ଜୟପ୍ରକାଶ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ । ବ୍ଲକରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶକ୍ତି ଗାଁ କଲ୍ୟାଣ ସମିତି, ମହଗାଁ ଗାଁ କଲ୍ୟାଣ ସମିତିର ଆଶାକର୍ମୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସୁପରଭାଇଜର ସୁଦାମ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ ।

ସବୁଠି ଉଡ଼ିଲା ତ୍ରିରଙ୍ଗା ପତାକା

ବରଗଡ଼ ଅଫିସ୍,୨୭।୧

ବରଗଡ଼ ପଞ୍ଚାୟତ କଲେଜ ପଡ଼ିଆ ପରିସରରେ ଶନିବାର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏଠାରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଜିଲପାଳ ତପିରାମ ମାଝିଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ସ୍କୁଲ, କଲେଜର ସ୍କାଉଟ୍, ଗାଇଡ୍, ଏନସିସି କ୍ୟାଡ଼େଟ୍ ପରେଡ୍ ପ୍ରଦର୍ଶନ କରିଥିଲେ । ସିମେଣ୍ଟନଗର ବିକାଶ ସ୍କୁଲରେ ଏସିସି ପ୍ଲାଣ୍ଟହେଡ୍ (ଅପରେଶନ) ରାଜ ମାଲହୋତ୍ରା ପତାକା ଉତ୍ତୋଳନ କରିଥିବାବେଳେ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ଆଇନ ପରାମର୍ଶଦାତା ପି. କେ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ଅବସରପ୍ରାପ୍ତ ଜିଲା ଶିକ୍ଷା ନିରୀକ୍ଷକ ଅକ୍ଷୟ କୁମାର ଭୋଇ ପତାକା ଉତ୍ତୋଳନ କରିଥିଲେ । ବରଗଡ଼ସ୍ଥିତ ଡଃ ଆମ୍ବେଦକର ଯୁବାସଂଘରେ ସଂଘ ସଭାପତି ସୁରେନ୍ଦ୍ର କୁମାର ତାଣ୍ଡି ଏବଂ ସହର ଉପକଣ୍ଠ ପାଣିଛତ୍ର ସାଇ ସେବା ସଙ୍ଗଠନରେ ସାମାଜିକ କର୍ମୀ ଜୟଲାଲ ବାଗ ପତାକା ଉତ୍ତୋଳନ କରିଥିଲେ ।

ଅମ୍ବାଭୋନା, (ଡି.ଏନ.ଏ): ଅମ୍ବାଭୋନା ବ୍ଲକରେ ୭୦ତମ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି । ଅମ୍ବାଭୋନା ବ୍ଲକ ଅଫିସ୍‌ରେ ଅଧ୍ୟକ୍ଷା ନୀଳ କୁମାରୀ ନାୟକ ପତାକା ଉତ୍ତୋଳନ କରିଥିଲେ । ବିଡିଓ ଆଲଫ୍ରାନସ ବିଲୁଙ୍ଗ ଗଣତନ୍ତ୍ର ଦିବସର ମହାନୀୟତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

ସଂକ୍ଷେପରେ

ନିଆଁରେ ପୋଡି ବୃଦ୍ଧା ଗୁରୁତର

ମନମୁଣ୍ଡା, ୨୭।୧ (ଡି.ଏନ.ଏ); ମନମୁଣ୍ଡା ଥାନା ବିଳାସପୁରଠାରେ ରବିବାର ନିଆଁରେ ପୋଡି ନୁରା ଗାଇଗୌରିଆ (୮୫) ନାମକ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି । ବୃଦ୍ଧାଙ୍କ ୯୦ ପ୍ରତିଶତ ଶରୀର ପୋଡି ଯାଇଛି । ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସୋନପୁର ଡାକ୍ତରଖାନା ଦେଇ ସେଠାରେ ଚିକିତ୍ସା କରାଯାଉଛି । ସକାଳୁ ବୃଦ୍ଧା ଜଣକ ନିଆଁ ପୋଇଁଥିଲେ । ଏହି ସମୟରେ ତାଙ୍କ ଶାଢ଼ୀ ନିଆଁରେ ଲାଗିଯିବାରୁ ସେ ପୋଡି ହୋଇଯାଇଥିଲେ ।

ଭୈରବୀ ମନ୍ଦିରରୁ ଅଳଙ୍କାର ଚୋରି

ପୁରୁଣାକଟକ,୨୭।୧(ଡି.ଏନ.ଏ): ବୌଦ୍ଧ ଜିଲାର ପ୍ରସିଦ୍ଧ ଭୈରବୀ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ରୂପା ଅଳଙ୍କାର ଚୋରି ହୋଇଥିବା ନେଇ ପୁରୁଣାକଟକ ଥାନାରେ ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ମନ୍ଦିର ପଛପଟ ଗ୍ରୀଲ ତାଲାକୁ ଗ୍ୟାସ୍ କଟର ସାହାଯ୍ୟରେ କାଟି ମନ୍ଦିର ଭିତରେ ପଶି ଏକ ବାକ୍ସରେ ଥିବା ୫ଟି ରୂପା ମୁକୁଟ ଓ ୪ଟି ରୂପା ଛତ୍ର ଚୋରି କରିନେଇଛି । ଚୋରି ରୂପା ଅଳଙ୍କାରର ଓଜନ ପ୍ରାୟ ୨ କେଜି ହେବ ବୋଲି ଜଣାପଡିଛି । ଚୋରି ସମ୍ପର୍କରେ ଭୈରବୀ ମନ୍ଦିର ପରିଚାଳନା କମିଟି ସଭାପତି ସଲିଳ କୁମାର ଦେହୁରୀ ପୁରୁଣାକଟକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ପୁଷ୍ପ ପ୍ରଦର୍ଶନୀ ମେଳା

ବୌଦ୍ଧ,୨୭।୧(ସ୍ୱ.ପ୍ର): ସାଧାରଣତନ୍ତ୍ର ଦିବସ ଅବସରରେ ବୌଦ୍ଧ ଟାଉନ୍ ହଲ୍‌ର ଭିକାରୀ କଳା ମଣ୍ଡପରେ ଏକ ପୁଷ୍ପ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଉଦ୍ୟାନ ବିଭାଗ ଅଧିକାରୀ ସୂର୍ଯ୍ୟମଣି ମହାରଣା ଓ ପୁଷ୍ପ ପ୍ରେମୀ ସଂଘ ସଭାପତି ତଥା ଅଧ୍ୟାପକ ପ୍ରବୀର କୁମାର ଦାସଙ୍କ ପ୍ରଚେଷ୍ଟାରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ମେଳାରେ ବିଭିନ୍ନ କିସମର ଗେଣ୍ଡୁ, ଗୋଲାପ, ଡାଲିଆ, ମନ୍ଦାର ଆଦି ଫୁଲ ସହ ସୁନ୍ଦର ଗଛ ଓ ହଲ ପରିସରରେ ଫୁଲ ଦ୍ୱାରା ସୁନ୍ଦର ଝୋଟି କରାଯାଇଥିଲା । ଏହି ମେଳା ଅପରାହ୍ନରୁ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚାଲିଥିଲା । ଏହି ମେଳାରେ ଭଲ ପ୍ରଦର୍ଶନ କରିଥିବା ଲୋକଙ୍କୁ ପୁରସ୍କୃତ କରାଯାଇଥିଲା ।

■ ବୌଦ୍ଧରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ହିଂସା ରାଷ୍ଟ୍ର ପ୍ରଗତିର ପରିପନ୍ଥୀ

ବୌଦ୍ଧ,୨୭।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ସଦର ମହକୁମାର କଚେରୀ ପଡିଆ ଠାରେ ଗତ ଶନିବାର ୭୦ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ମହାରୋହରେ ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଉଦ୍‌ବୋଧନ ଦେଇଥିଲେ। ହିଂସା ପଥରେ ଗଲେ ରାଷ୍ଟ୍ରର ଉନ୍ନତି ଅସମ୍ଭବ । ହିଂସା ଦ୍ୱାରା କାହାର ଲାଭ ହୁଏ ନାହିଁ ବୋଲି ସେ ମତପ୍ରକାଶ କରିଥିଲେ। ପରେଡରେ ୪୦ଟି ଦଳ ଅଂଶଗ୍ରହଣ କରିଥିଲେ । ପୋଲିସ ଆର୍‌ଆଇ ରାଜୀବ ଲୋଚନ ସେଠ ଓ ଡିଏସ୍‌ଆଇ କିସମିସ ସିଂ ବିହାର ଦଳେଇ ପରେଡ ପରିଚାଳନା କରିଥିଲେ । ଏଥିରେ ଶ୍ରେଷ୍ଠ ବିବେଚିତ ପରେଡ ଦଳକୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟ, ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ କୌତୁକ ପୋଷାକ ପ୍ରତିଯୋଗିତା ହୋଇଥିଲା। ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ମଧ୍ୟ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ପ୍ରଚାର କରାଯାଇଥିଲା। ମୁଖ୍ୟ ଅତିଥି ସହରରେ ଥବବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେଡ ପରେ ମୁଖ୍ୟ ଅତିଥି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ସ୍ୱତନ୍ତ୍ର ଉପକାରାଗାରରେ ବନ୍ଦୀଙ୍କୁ ଫଳ ବଣ୍ଟନ କରିଥିଲେ । ସନ୍ଧ୍ୟାରେ ଟାଉନ ହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିପରି କୋର୍ଟ ପରିସରରେ ଜିଲା ଦୌରାଜଜ୍ ଅରବିନ୍ଦ କୁମାର ଗୁରୁ, ଜିଲା ଓକିଲ ସଂଘ ପରିସରରେ ସଂଘର ପୂର୍ବତନ ସଭାପତି ନବ କୁମାର ମିଶ୍ର, ଜିଲା ସାମ୍ବାଦିକ ସଂଘ ପରିସରରେ ଉପସଭାପତି ରବିନ୍ଦ୍ର କୁମାର ରାଉତ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ମଧ୍ୟ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସୂଚନା ଲୋକସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ମନମୁଣ୍ଡା,(ଡି.ଏନ.ଏ.): ମନମୁଣ୍ଡା ସହର ଓ ଆଖପାଖ ବିଦ୍ୟାଳୟ, ମହାବିଦ୍ୟାଳୟ, କ୍ଲବରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ମନମୁଣ୍ଡା ଲୋପାମୁଦ୍ରା ମହାବିଦ୍ୟାଳୟରେ ଅଧ୍ୟକ୍ଷ ସମ୍ପଦ ଭୁକ୍ତା, ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିନୋଦ ସାବତ, ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟତ୍ରୀ ରଞ୍ଜିତା ମିଶ୍ର, ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଅଶୋକ ବଡମାଳି, ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ଏମ୍‌ଡି ମଙ୍ଗଳମୟ ରଥ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ଅନ୍ୟ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା ।

ଘଣ୍ଟାପଡା,(ଡି.ଏନ.ଏ.): କଣ୍ଟାମାଳ ବ୍ଲକ ଆମ୍ବଗାଁ ଜନତା ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ମାନେ ପରେଡରେ ଭାଗ ନେଇଥିଲେ। ପରେ କଣ୍ଟାମାଳ ବିଡିଓ ରବିନ୍ଦ୍ର ନାଥ କଅଁରଙ୍କ ପତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗଣତନ୍ତ୍ର ଦିବସରେ କଣ୍ଟାମାଳ ବିଧାୟକ ମହିଧର ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ପଦ୍ମିନୀ ରଣା, ଶିକ୍ଷାବିତ୍ କାର୍ତ୍ତିକେଶ୍ୱର ବେହେରା, ଲକ୍ଷ୍ମୀପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ସିଆରସିସି ନୀଳାଞ୍ଚଳ ଭୋଇ ମଞ୍ଚ ପରିଚାଳନା କରିଥିଲେ । ଖେଳ ଶିକ୍ଷକ ଆଦିନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଅନ୍ୟ ଅନୁଷ୍ଠାନମାନଙ୍କରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଦେଶ ସାରା ଏହି ଦିବସ ପାଳିତ ହୋଇଥିବା ବେଳେ କଣ୍ଟାମାଳ ବ୍ଲକର ଘଣ୍ଟାପଡା ୟୁନିଟି ବ୍ୟାଙ୍କ ଏବଂ ଖୁଣ୍ଟିଗୋରା ପଞ୍ଚାୟତର ମସିଣାଗୋରା ସ୍ଥିତ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇପାରିନାହିଁ ।



ବୌଦ୍ଧ ଜିଲାପାଳଙ୍କୁ ଅଭିବାଦନ ଦିଆଯାଉଛି ।

ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: ବିଚାର ବିଭାଗୀୟ ବିଜୟୀ

ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ପାଇଁ ଖେଳାଳିମାନେ ପଡିଆରେ ଉପସ୍ଥିତ ।

ବୌଦ୍ଧ,୨୭।୧(ସ୍ୱ.ପ୍ର)

ବୌଦ୍ଧ ବିଚାର ବିଭାଗୀୟ ଓ ଓକିଲ ସଂଘ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ରବିବାର କଚେରୀ ପଡିଆରେ ଅନୁଷ୍ଠିତ ହୋଇଛି । ମ୍ୟାଚରେ ପ୍ରଥମେ ବିଚାର ବିଭାଗୀୟ ଟସ୍ ଜିଣି ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୧୫ ଓଭର ଖେଳରେ ବିଚାର ବିଭାଗୀୟ ୫ ଉଇକେଟ ବିନିମୟରେ ୧୨୩ ରନ ହାସଲ କରିଥିଲା । ଖେଳରେ ରେଜିଷ୍ଟ୍ରାର ତଥା ସ୍ପେଶାଲ ଟ୍ରାକ୍ କୋର୍ଟ ବିଚାରପତି ଦେବାଶିଷ ମହାନ୍ତି ୫୦ ରନ କରିଥିବା ବେଳେ କୋର୍ଟ କର୍ମଚାରୀ ସୁଶାନ୍ତ ବେରିହା ୫୨ ରନ କରିଥିଲେ। ଓକିଲ ସଂଘ ୫ ଉଇକେଟ ହରାଇ ୧୦୭ ରନ କରିଥିଲା। ସରକାରୀ ଓକିଲ ଜୁଲିୟସ ମହାଲୁଲ ୪୨ ରନ କରିବା ସହ ୫ଟି ଉଇକେଟ ହାସଲ କରିଥିଲେ । ଖେଳରେ ବିଚାର ବିଭାଗୀୟ ୧୬ରନରେ ବିଜୟୀ ହୋଇଥିଲା । ବିଚାର ବିଭାଗୀୟ ପକ୍ଷରୁ ଏସଡିଜେଏମ ସୂର୍ଯ୍ୟ ଦାସଙ୍କ ସମେତ କୋର୍ଟ କର୍ମଚାରୀ ଖେଳୁଥିବା ବେଳେ ଓକିଲ ସଂଘ ପକ୍ଷରୁ ସରକାରୀ ଓକିଲ ଦେବରଞ୍ଜନ ବିଶି, ଜ୍ଞାନରଞ୍ଜନ ପଟ୍ଟନାୟକ ଓ ଓକିଲ ସଂଘର କର୍ମକର୍ତ୍ତା ଖେଳୁଥିଲେ। ଅମ୍ପାୟର ସନ୍ତୋଷ କୁମାର ମିଶ୍ର ଖେଳ ପରିଚାଳନା କରିଥିଲେ ।

ଦକ୍ଷତା ବୃଦ୍ଧି, ଶିକ୍ଷଣ କାର୍ଯ୍ୟକ୍ରମ

ଘଣ୍ଟାପଡା,୨୭।୧(ଡି.ଏନ.ଏ.)

କଣ୍ଟାମାଳ ବ୍ଲକ ଘଣ୍ଟାପଡା କେନ୍ଦ୍ରପତ୍ର ଫଡିରେ ଭାରପ୍ରାପ୍ତ ଅଧିକାରୀ ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଦକ୍ଷତା ବୃଦ୍ଧି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ଡିଏଫ୍‌ଓ ଦିଲୀପ କୁମାର ସ୍ୱାଇଁ ମୁଖ୍ୟଅତିଥି, ଏସ୍‌ଡିଏଫ୍‌ଓ ବିବସ୍ସ ବେସନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫରେଷ୍ଟର ସୁଧିର ମହାନନ୍ଦିଆ ଅତିଥି ପରିଚୟ ପ୍ରଦାନ ଓ ପ୍ରତ୍ୟୁଷ ରଞ୍ଜନ ବେହେରା ସଭା ପରିଚାଳନା କରିଥିଲେ। ମହେନ୍ଦ୍ର ଘଣ୍ଟୁଆଳ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ଫରେଷ୍ଟର, ଗାର୍ଡ, ଚେକର, ମୁନ୍‌ସି ପ୍ରମୁଖ ଉପସ୍ଥିତ ଥିଲେ ।

ଜୀବନ ବିକାଶ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବୌଦ୍ଧ/ମନମୁଣ୍ଡା,୨୭।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ଦହ୍ୟା ସ୍ଥିତ ଜୀବନ ବିକାଶ ମହାବିଦ୍ୟାଳୟରେ ଶନିବାର ୭୦ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ସଭାପତି କିଶୋର କୁମାର ମେହର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଯୁକ୍ତ ଦୁଇ ଓ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା । କଲେଜ ସଭାପତି ମେହରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଣ୍ଟାମାଳ କୋର୍ଟର ଅତିରିକ୍ତ ସରକାରୀ ଓକିଲ ଯୋଗେଶ ଚନ୍ଦ୍ର ଗାଇଗୌରିଆ ମୁଖ୍ୟଅତିଥି, ଜିଲା ରେଡକ୍ରସର ସମ୍ପାଦକ ତଥା ଅଧ୍ୟାପକ ପ୍ରବୀର ଦାସ ମୁଖ୍ୟବକ୍ତା, ରକ୍ସା ସେବା ସମବାୟ ସମିତି ସଭାପତି ଶିବଶଙ୍କର କର୍ଣ୍ଣ, ଆଇନଜୀବୀ ନରୋତ୍ତମ ମେହେର, ମହାବିଦ୍ୟାଳୟ ଉପସଭାପତି ଭାଗୀରଥି ମଲିକ, ସମ୍ପାଦକ ଝସକେତନ ସାହୁ, ଡିଗ୍ରୀ ମହାବିଦ୍ୟାଳୟ ଅଧ ନରେନ୍ଦ୍ର ଲୁହା ଓ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ କୁନମୁନ ହାତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

କ୍ରିକେଟ: ପଲସାଗୋରା ଚାମ୍ପିୟନ

ମନମୁଣ୍ଡା, ୨୭।୧ (ଡି.ଏନ.ଏ)

କଣ୍ଟାମାଳ ଭାଜପା ଯୁକ ମୋର୍ଚ୍ଚା ତରଫରୁ ଆୟୋଜିତ କମଳ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଶିମିଳିପଦର ପଞ୍ଚାୟତ ଡୁଲସିକଟାଠାରେ ଅନୁଷ୍ଠିତ ଫାଇନାଲ ଖେଳ ପଲସାଗୋରା ଏବଂ ଝାରମୁଣ୍ଡା ମଧ୍ୟରେ ହୋଇଥିଲା । ୧୨ ଓଭର ମ୍ୟାଚ୍ ବିଶିଷ୍ଟ ଏହି ଖେଳରେ ଝାରମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୬୪ ରନ କରିଥିଲା । ପଲସାଗୁଡା ୯.୩ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ଝାରମୁଣ୍ଡାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପଲସାଗୁଡାର ସଚିନ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଚିନ୍ମୟ ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ । ଫାଇନାଲ ମ୍ୟାଚରେ ଚିତ୍ତରଞ୍ଜନ ସାହୁ ଓ ରାଜେନ୍ଦ୍ର ଲୁହା ଅମ୍ପାୟାର, ସୁଶାନ୍ତ ସୁନା ସ୍କୋରର ଓ ଦୀପକ ପ୍ରଧାନ ଧାରା ବିବରଣୀ ପ୍ରଦାନ ଦାୟିତ୍ୱ ନିର୍ବାହ କରିଥିଲେ। ୧୬ଟି ଦଳକୁ ନେଇ ଖେଳା ଯାଇଥିବା ଏହି ଟୁର୍ନାମେଣ୍ଟକୁ କଣ୍ଟାମାଳ ଭାଜପା ଯୁବ ମୋର୍ଚ୍ଚା ସଭାପତି ଅନଙ୍ଗ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କନ୍ଧମାଳ ଭାଜପା ବରିଷ୍ଠ ନେତା କମଳାକାନ୍ତ ପାଣ୍ଡେ ମୁଖ୍ୟଅତିଥି, ସୁକାନ୍ତ ପାଣିଗ୍ରାହୀ ସମ୍ମାନୀତ ଅତିଥି, ବରିଷ୍ଠ ନେତା ଡା. ସୁବ୍ରତ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଓମ ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ପ୍ରାର୍ଥୀ ସୁଧାଂଶୁ ଡାଙ୍ଗ, ପୂର୍ବତନ ଜିଲା ଯୁବ ମୋର୍ଚ୍ଚା ସଭାପତି ନାରାୟଣ କର୍ମୀ, ଯୁବନେତା ଦେବାର୍ଚ୍ଚନ ନାଏକ ସହଯୋଗ କରିଥିଲେ ।

ରେଳପ୍ରକଳ୍ପ କ୍ଷତିଗ୍ରସ୍ତ ପ୍ରଜା ସଂଗ୍ରାମ ସମିତି ସମାବେଶ

ପୁରୁଣାକଟକ, ୨୭।୧(ଡି.ଏନ.ଏ)

ଖୋର୍ଦ୍ଧା-ବଲାଙ୍ଗୀର ଓସାରିଆ ରେଳ ପ୍ରକଳ୍ପ ବୌଦ୍ଧ ଜିଲା କ୍ଷତିଗ୍ରସ୍ତ ପ୍ରଜା ସଂଗ୍ରାମ ସମିତିର ଜିଲାସ୍ତରୀୟ ସମାବେଶ ଶନିବାର ପୁରୁଣାକଟକ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ସଲୀଳ କୁମାର ଭୋକ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ସମିତିର ଆବାହକ ପ୍ରଦୋଷ କୁମାର ମିଶ୍ର, ସାଧାରଣ ସମ୍ପାଦକ ଜନ୍ମେଜୟ ପ୍ରଧାନ, କୋଷାଧ୍ୟକ୍ଷ ଭାଗିରଥି ଦାଶଙ୍କ ସମେତ ଜିଲାର ୯୯ଟି ଗ୍ରାମର ୧ ହଜାରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ପ୍ରଜା ଯୋଗ ଦେଇଥିଲେ । ଏହି ସମାବେଶରେ ଜିଲାର ସମସ୍ତ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନେଇ ଏକ ସଞ୍ଚାଳନ କମିଟି ଗଠନ କରାଯାଇଥିଲା। ଆବାହକ ପ୍ରଦୋଷ କୁମାର ମିଶ୍ର ଖୋର୍ଦ୍ଧ-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ବୌଦ୍ଧରେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇ ଜମିର ବର୍ତ୍ତମାନର ବଜାର ମୂଲ୍ୟାଙ୍କନ ଠିକ ଆଧାରରେ କରାଯାଉ ନ ଥିବା ନେଇ ମତ ରଖିଥିଲେ। ବର୍ତ୍ତମାନ ବଜାର ଦର ଅନୁସାରେ କ୍ଷତିର ଆକଳନ କରି ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି । ଆସନ୍ତା ଫେବୃୟାରୀ ୬ ତାରିଖରେ ବୌଦ୍ଧ ରାମେଶ୍ୱର ମନ୍ଦିର ଠାରୁ ଜିଲାର ସମସ୍ତ କ୍ଷତିଗ୍ରସ୍ତ ପ୍ରଜା ହୋଇ ଏକ ରାଲିରେ ବାହାରି ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପ

ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

ସଂକ୍ଷେପରେ

ସ୍ୱାସ୍ଥ୍ୟ ଶିବିର, ୪୯୦ରୋଗୀ ଚିକିତ୍ସିତ

ଡୁଙ୍ଗୁରିପାଲି, ୨୭।୧(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡାକ୍ତରଖାନା ପରିସରରେ ରବିବାର ସ୍ଥାନୀୟ ବଣିକ ସଂଘ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୯୦ଜଣ ବିଭିନ୍ନ ବିଭାଗରେ ଚିକିତ୍ସିତ ହୋଇଥିଲେ। ମୁଖ୍ୟ ଅତିଥିଭାବେ ଏଡିଏମ୍ଓ ଦତ୍ୟନାରାୟଣ ପାଢ଼ା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ବିକାଶ ମଲ୍‌ଟିସ୍ପେଶାଲିଷ୍ଟ ହସପିଟାଲରୁ ଆସିଥିବା ଡ. ଆମୁଲ ଅଶୋକ ଆଚାର୍ଯ୍ୟ, ଇଏନ୍‌ଟି ବିଶେଷଜ୍ଞ ଡ. ତାପସ କୁମାର ବୈକାର, ଶିଶୁ ରୋଗ ବିଶେଷଜ୍ଞ, ଡା. ନିଶାନ୍ତ ଦେବ୍‌ତା ମେଡିସିନ ସ୍ପେସିଆଲିଷ୍ଟ ଓ ଡ. ସୁଜିତ କୁମାର ଲାକ୍ରା ଅସ୍ଥି ରୋଗ ବିଶେଷଜ୍ଞ ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିଥିଲେ।

ସୁନ୍ଦରୀକୁ ଜଗିବେ ମହେନ୍ଦ୍ର, ରାଜକୁମାର

ବାରିପଦା ଅଫିସ,୨୭।୧:
ସାତକୋଶିଆ ଅଭୟାରଣ୍ୟରେ ଥିବା ବାଘୁଣୀ ସୁନ୍ଦରୀକୁ ଜଗିବା ପାଇଁ ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟରୁ ମହେନ୍ଦ୍ର ଓ ରାଜକୁମାର ନାମକ ଦୁଇ ହାତୀଙ୍କୁ ରବିବାର ସ୍ଥାନାନ୍ତରିତ କରାଯାଇଛି। ଏହି ଦୁଇ ହାତୀଙ୍କ ସହ ୪ଜଣ ମାହୁନ୍ତ, ଏବଂ ଦୁଇ ଜଣ ଡାକ୍ତରଙ୍କୁ ପଠାଯାଇଛି। ହାତୀ ସ୍ଥାନାନ୍ତରଣକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପୂର୍ବରୁ ବିରୋଧ କରିଆସୁଥିଲେ। ବିରୋଧାଭାଷ ସତ୍ତ୍ୱେ ସ୍ଥାନାନ୍ତରଣ ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୦୦୧ରେ ସୁଦୂର କର୍ନାଟକରୁ ବନ ବିଭାଗ ଦ୍ୱାରା ଶିମଳିପାଳ ଅଭୟାରଣ୍ୟକୁ ବିଶେଷ ଅତିଥି ଭାବେ ମହେନ୍ଦ୍ର ଓ ରାଜକୁମାରଙ୍କୁ ଅଣାଯାଇଥିଲା। ମହେନ୍ଦ୍ରର ବୟସ ୫୭ ହୋଇଥିବାବେଳେ ରାଜକୁମାର ୧୬ ବର୍ଷୀୟ ଅଟେ। ଶିମିଳିପାଳ ଅଭୟାରଣ୍ୟରେ ଏହି ଦୁଇ ହାତୀ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ବୁଲି ନିରୀକ୍ଷଣ କରିବା ସହ ଅନ୍ୟ ଜୀବଜନ୍ତୁଙ୍କ ସହିତ ଶିକାରୀମାନଙ୍କ ଉପରେ ମଧ୍ୟ ନଜର ରଖୁଥିଲେ। ଅନ୍ୟପକ୍ଷରେ ଅନୁଗୋଳ ଜିଲା ସାତକୋଶିଆ ଜଙ୍ଗଲକୁ ଗତ ବର୍ଷ ମେ' ମାସରେ ମଧ୍ୟପ୍ରଦେଶର କାହ୍ନାରୁ ବାଘୁଣୀ ସୁନ୍ଦରୀକୁ ଅଣାଯାଇ ରଖାଯାଇଥିଲା। ତେବେ ମୟୂରଭଞ୍ଜର ଶିମିଳିପାଳର ଏହି ଦୁଇ ହାତୀଙ୍କ ନିକଟରେ ଉତ୍ତମ ଦକ୍ଷତା ଥିବାରୁ ଏ ଦୁହେଁ ସୁନ୍ଦରୀ ପାଖେ ପାଖେ ରହି ତାର ଚାଲିଚଳନ ଓ ଗତିବିଧି ନିରୀକ୍ଷଣ କରିପାରିବେ ବୋଲି ବନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସୁନ୍ଦରୀକୁ ନଜର ରଖିବା ଉଦ୍ଦେଶ୍ୟରେ ଶିଳିପାଳରୁ ସାତକୋଶିଆ ଜଙ୍ଗଲକୁ ପଠାଇବା ପାଇଁ ପୂର୍ବରୁ ଦୁଇ ଥର ଉଦ୍ୟମ କରି ଫେଲ ମାରିଥିଲା। ଶେଷରେ ଏହି ଘଟଣା ଉପରେ ଗତ ଶନିବାର ଯବନିକା ପଡ଼ିଛି। ଏନେଇ ଡିଡି ଏସ୍‌ଡିଆର (ଡେପୁଟି ଡାଇରେକ୍ଟର ଅଫ ଶିମିଳିପାଳ ଟାଇଗର୍ ରିଜର୍ଭ) ଯକ୍ଷଦତ୍ତ ପତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମହେନ୍ଦ୍ର ଓ ରାଜକୁମାରଙ୍କୁ ଯଶୀପୁରଠାରୁ ଏକ ଟ୍ରକ ଯୋଗେ ଅନୁଗୋଳ ଜିଲା ସାତକୋଶିଆ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନଙ୍କୁ ଛାଡିବା ପାଇଁ ପୂର୍ବରୁ ଯେଉଁ ବିରୋଧ ହେଉଥିଲା ତାହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା ମଧ୍ୟ କରାଯାଇଥିଲା। ଏହା ସହ ଉକ୍ତ ହାତୀ ଦ୍ୱୟଙ୍କୁ ଶୀଘ୍ର ଶିମିଳିପାଳକୁ ଫେରାଇ ଅଣାଯିବ ବୋଲି ମଧ୍ୟ କହିଛନ୍ତି।

ଅଟୋ ଓଲଟି ଚାଳକଙ୍କ ମୃତ୍ୟୁ

ବାସୁଦେବପୁର, ୨୭।୧ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁରର ମନ୍ଦାରା-ରୁତାମଣି ରାସ୍ତାର ରାୟସାହି ପୋଲ ନିକଟରେ ଏକ ଅଟୋ ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଗୋଲପୁର ଗ୍ରାମର ଅର୍ଜୁନ ଲେଙ୍କା(୩୩)। ଏକ ଭଡ଼ାରେ ସେ ଅଟୋ ନେଇ ବାସୁଦେବପୁର ଅଞ୍ଚଳକୁ ଆସିଥିବା ବେଳେ ରାୟସାହି ପୋଲ ନିକଟରେ ଗାଡ଼ିରାସ୍ତା ତଳକୁ ଓଲଟିପଡ଼ିଥିଲା ରୁଡ଼ାମଣି ସାମୁଦ୍ରିକ ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ସାମଗ୍ରିକ ବିକାଶ ହିଁ ପ୍ରକୃତ ଗଣତନ୍ତ୍ର

ସୋନପୁର,୨୭।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସଦର ମହକୁମା ସୋନପୁର ଷ୍ଟାଡିୟମ୍‌ରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଶନିବାର ପାଳିତ ହୋଇଯାଇଛି। ସମାରୋହରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଦେଶର ସମ୍ବିଧାନକୁ ସମ୍ମାନ ଦେବା ଓ ସାମଗ୍ରିକ ବିକାଶ ହିଁ ପ୍ରକୃତ ଗଣତନ୍ତ୍ର ବୋଲି କହିଥିଲେ । ତେଣୁ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ସୁବର୍ଣ୍ଣପୁରକୁ ଏକ ଅଗ୍ରଣୀ ଜିଲା ଭାବରେ ଗଢି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳର ବିକାଶ ସାଧିତ ହେବ ବୋଲି ଜିଲାପାଳ ମିଶ୍ର ଆଶାବ୍ୟକ୍ତ କରିଥିଲେ । ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ଗାନ କରାଯାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋଟ ୪୭ଟି ଦଳ ପରେଡରେ ଭାଗ ନେଇଥିଲେ। ପରେଡ ପ୍ରତିଯୋଗିତାର ସିଭିଲିଆନ ସିନିଅର ଡିଭିଜନରେ ସୋନପୁର ସୁକାନ୍ତି ଏକାଡେମୀର ବାଳକ ବିଭାଗ ପ୍ରଥମ, ସୋନପୁର କଲେଜ ଏନସିସି ସିନିୟର ଡିଭିଜନ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ମୁଖ୍ୟ ଅତିଥି ଏହି ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ଚାଷୀ, ଶ୍ରେଷ୍ଠ କୃଷକ ସାଥୀ, ସାମାଜିକକର୍ମୀ ଶ୍ରୀବସ ମଲ୍ଲିକ, ଗ୍ରାମାଞ୍ଚଳ ଖବରଦାତା କିଷନ ଅଗ୍ରୱାଲା, ଶ୍ରେଷ୍ଠ ବିଦ୍ୟାଳୟ, ଶ୍ରେଷ୍ଠ ବିବେଚିତ ପ୍ରଜ୍ଞାପନ ମେଢ, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ର ଓ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଟାଉନ ହଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲାପାଳ ମୁଖ୍ୟ ଅତିଥି ଓ ଡିଆଇପିଆରଓ ଅଶୋକ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ସେହିପରି ପତଞ୍ଜଳି ଯୋଗ ସମିତି କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଭାରତ ସ୍ୱାଭିମାନ ପ୍ରଭାରୀ ଗୋରେଖନାଥ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

ଜିଲାପାଳ ମଧୁସୂଦନ ମିଶ୍ର ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି ।

ଗ୍ରାମାଞ୍ଚଳ ଫୁଟବଲ

ଘୁଚିପାଲି ଚାମ୍ପିୟନ

ଦେଓଗାଁ,୨୭।୧(ଡି.ଏନ.ଏ.)

ଦେଓଗାଁ ବ୍ଲକ ଉତାର ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲରେ ଚାଲିଥିବା ଷଷ୍ଠବର୍ଷ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ସ୍ଥାନୀୟ ଜୟ ଜଗନ୍ନାଥ ଫୁଟବଲ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ଘୁଚିପାଲି ଓ ନାଇକେନସିରା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଟାଇବ୍ରେକର ୪-୩ଗୋଲରେ ଘୁଚିପାଲି ଦଳ ବିଜୟୀ ହୋଇଥିଲା। ମଣି ଧରୁଆ, ସୁରେନ୍ଦ୍ର ଭୋଇ ଓ ଭୂବନେ ଭୋଇ ଖେଳ ପରିଚାଳନା କରିଥିଲେ। ବୀରେନ୍ଦ୍ର କୁମାର ପୋଡଙ୍କ ସଭାପତିତ୍ୱ ତଥା ସୁରେନ୍ଦ୍ର ସିଂଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୁରେଶ କୁମାର ମେହେର,ସମ୍ମାନିତ ଅତିଥିଭାବେ ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ବହିଦାର, ଫୁଟବଲ ଖେଳାଳି ସୁନ୍ଦରମଣୀ ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ ।

ନୂତନ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ପ୍ରସଙ୍ଗ

ହାଇକୋର୍ଟ ବିଚାରପତିଙ୍କୁ ଭେଟିଲା ଓକିଲ ସଂଘ

ବୀରମହାରାଜପୁର, ୨୭।୧ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାରେ ବିଚାର ବିଭାଗୀୟ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ପ୍ରସଙ୍ଗକୁ ନେଇ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ହାଇକୋର୍ଟ କୋଠାବାଡି ନିର୍ମାଣ ସଂକ୍ରାନ୍ତୀୟ କମିଟି ଅଧ୍ୟକ୍ଷଙ୍କ ସହ ଆଲୋଚନା କରାଯାଇଛି। ଓଡିଶା ହାଇକୋର୍ଟଙ୍କ ଏ ସଂକ୍ରାନ୍ତୀୟ ଗାଇଡ୍‌ଲାଇନ୍ ଆଧାରରେ ଏଠାରେ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ସକାଶେ ଜିଲାପାଳ ବୀରମହାରାଜପୁର ଉପକଣ୍ଠ ଉଫୁଲା ମୈଜାର ମୁଖ୍ୟରାସ୍ତା ପାର୍ଶ୍ୱରେ ତିନି ଏକର ସରକାରୀ ଜମି ଯୋଗାଇଦେଇ ସାରିଛନ୍ତି। ପ୍ରସ୍ତାବିତ କମ୍ପ୍ଲେକ୍ସ ନିର୍ମାଣ ପାଇଁ ରାଜ୍ୟ ସରକାର ୫.୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିବା ମଧ୍ୟ ଜଣାପଡିଛି। ତେବେ ପ୍ରାୟ ବର୍ଷକ ପରେ ସୁଦ୍ଧା ଏହାର ଅଗ୍ରଗତିରେ ଶିଥିଳତା ଦେଖା ଦେଇଥିବାରୁ ଏ ସମ୍ପର୍କରେ ହାଇକୋର୍ଟ କୋଠାବାଡି କମିଟି ଅଧ୍ୟକ୍ଷ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବୀରମହାରାଜପୁର ଓକିଲ ସଂଘର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ଏଠାରେ ସାକ୍ଷାତ କରି ସବିଶେଷ ଆଲୋଚନା କରିଥିଲେ। ପ୍ରତିନିଧି ମଣ୍ଡଳୀରେ ଆଡ୍‌ଭୋକେଟ୍ ବିଷ୍ଣୁଚରଣ ପଣ୍ଡା, ପ୍ରଦୀପ କୁମାର ମିଶ୍ର ଓ ଜତିନ କୁମାର ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ। ପ୍ରସ୍ତାବିତ କୋଠାବାଡି ନିର୍ମାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସମୁଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଷ୍ଟିସ୍ ଦାଶ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଆଲୋଚନା ସମୟରେ ସୁବର୍ଣ୍ଣପୁର ଜିଲା ଦୌରାଜଜ୍ ରାଜକୁମାର ସାହୁଙ୍କ ସହିତ ସ୍ଥାନୀୟ ବରିଷ୍ଠ ଦେୱାନୀ ଜଜ୍ ମାନସ ରନ ରଥ ଏବଂ ଏସ୍‌ଡିଜେଏମ୍ ଅବକାଶ ଚୌଧୁରୀ ଉପସ୍ଥିତ ଥିଲେ।

ପଞ୍ଚାୟତସ୍ତରୀୟ କ୍ରୀଡ଼ା ପୁରସ୍କାର ବିତରଣୀ ଉତ୍ସବ

ଲୋଇସିଂହା,୨୭।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତସ୍ତରୀୟ ସ୍କୁଲ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଆନନ୍ଦ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅନ୍ତର୍ଜାତୀୟ ଚେସ ଖେଳାଳି ପ୍ରାଚୁର୍ଯ୍ୟ କୁମାର ପଧାନମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ ବିଶ୍ୱାନାଥ ସାହୁ ମୁଖ୍ୟବକ୍ତା, ସିଆରସି ଜୟଦେବ ମହାକୁର, ଅଧ୍ୟାପକ ରବିନାରାୟଣ ପଧାନ, ରୂପାଧର ସାହୁ, ହେମନ୍ କୁମାର ବାରିକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ପ୍ରାଥମିକଠାରୁ କଲେଜ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାର ଚମ୍ପିୟନ ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ହାଇସ୍କୁଲ ଖେଳପଡିଆଠାରେ ଗତ ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତା ପ୍ରାଥମିକଠାରୁ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ୧୫୦ପ୍ରତିଯୋଗୀଙ୍କୁ ନେଇ ଜୁନିୟର ଓ ସିନିୟର ବିଭାଗରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ମ୍ୟୁଜିକ ଚେୟାର, ଫୁଚି ଖେଳ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା।

ଉପଖଣ୍ଡସ୍ତରୀୟ ଜନରାଜ୍ୟ ଦିବସ ସମାରୋହରେ ଆହ୍ୱାନ

ଜନସହଯୋଗରେ ତ୍ୱରାନ୍ୱିତ ହେବ ବିକାଶ ଧାରା

ବୀରମହାରାଜପୁର, ୨୭।୧ (ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହକୁମା ସହିତ ଏହାର ପୁରପଲ୍ଲୀରେ ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମଠାରେ ଆୟୋଜିତ ଉପଖଣ୍ଡସ୍ତରୀୟ ସମାରୋହରେ ଉପଜିଲାପାଳ ସୁବ୍ରତ କୁମାର ବେହେରା ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଉପଖଣ୍ଡବାସୀଙ୍କୁ ଉଦ୍‌ବୋଧନ ଦେଇ ସେ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ସହ ଜନସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥର ପରେଡ୍‌ରେ ଏନ୍‌ସିସି ଓ ସ୍କାଉଟ ସମେତ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ପରେଡ୍ ପ୍ରଦର୍ଶନ ପାଇଁ ସିନିୟର ଗ୍ରୁପ୍‌ରେ ବୀରମହାରାଜପୁର କଲେଜ ଏନ୍‌ସିସି ଓ ଜୁନିୟର ଗ୍ରୁପ୍‌ରେ କମଳପୁର ଉପ୍ରା ସ୍କୁଲର ବାଳିକା ସିଭିଲିଏନ୍ ଦଳ ଏବଂ ଶୃଙ୍ଖଳିତ ଦଳ ଭାବେ ଓଡିଶା ଆଦର୍ଶ ବିଦ୍ୟାଳୟର ବାଳିକା ଗ୍ରୁପ୍ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ଲାଭ କରିଥିଲେ। ଏହାବାଦ, ଗତବର୍ଷ ସାଧାରଣତନ୍ତ୍ର ଦିବସ ଦିଲ୍ଲୀ ଲାଲ୍‌କିଲ୍ଲା ପରେଡ୍ ସମାରୋହରେ ଅଂଶଗ୍ରହଣ କରିଥିବା ଦୁଇ ଏନ୍‌ସିସି କ୍ୟାଡେଟ୍ ଦୟାସାଗର ଟାଲି ଓ ସଞ୍ଜୀବ କୁମାର ବେହେରା ମଧ୍ୟ ଏଠାରେ ସମ୍ବର୍ଦ୍ଧିତ ହୋଇଥିଲେ। ଜେନେରାଲ କମାଣ୍ଡର ଭାବେ ହାବିଲଦାର ମଧୁସୂଦନ ସାହୁଙ୍କ ସହ ଏନ୍‌ସିସି ଅଣ୍ଡର ଅଫିସର ଶିବ ବେହେରା ଜାତୀୟ ଦିବସର ପରେଡ୍ ପରିଚାଳନା କରିଥିଲେ। ଷ୍ଟାଡିୟମ ପରିସରସ୍ଥ ମାଲେଶ୍ରୀ ମଣ୍ଡପଠାରେ ଆୟୋଜିତ ଉକ୍ତ ଉତ୍ସବ ଅବସରରେ ଜନରାଜ୍ୟ ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଉପଖଣ୍ଡର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହିକ୍ରମରେ ଉପଖଣ୍ଡର ଶ୍ରେଷ୍ଠ ଖବରଦାତା ଭାବେ ପୀତାମ୍ବର ସାହୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମ୍ମାନିତ ହୋଇଥିଲେ। ଏସବୁ କାର୍ଯ୍ୟକ୍ରମ ଭିତରେ ୫ଟି ବିଦ୍ୟାଳୟର କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ୍ ପଡିଆରେ ଦେଶାତ୍ମବୋଧକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ସୂଚନା ଅଧିକାରୀ ବିଦ୍ୟାପତି ପଣ୍ଡା,ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ଓ ପିଇଟି ନରେନ୍ଦ୍ର ଚାନ୍ଦ ସମଗ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସମାରୋହରେ ଏସ୍‌ଡିପିଓ ଧିରୋଜ ଚପୋଦାର, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ ଏବଂ ଉଲୁଣ୍ଡା ତହସିଲଦାର ଶରତ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

ଅତିଥିମାନେ ମିଳିତ ପରେଡର ଅଭିବାଦନ ଗ୍ରହଣ କରୁଛନ୍ତି।

ଏକାଗ୍ରତା ହିଁ ସଫଳତାର ଚାବିକାଠି

ସୋନପୁର,୨୭।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଧର୍ମଶାଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗୋପାଳ ମିଶ୍ରଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ପର୍ବ ଅନୁଷ୍ଠିତ ହୋଇଥିଲା। ଗବେଷକ ଗୋରେଖନାଥ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଏକାଗ୍ରତା ବିନା ସଫଳତା ଅସମ୍ଭବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହାହିଁ ସ୍ୱାମୀ ବିବେକାନନ୍ଦଙ୍କୁ ଜ୍ଞାନୀ ଓ ସ୍ୱାଭିମାନୀ କରି ବିଶ୍ୱବନ୍ଦିତ କରି ପାରିଥିଲା । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବ୍ରଜମୋହନ ଦାନୀ ଯୋଗଦେଇ ସୁବର୍ଣ୍ଣପୁରର ଗରିମାକୁ ବର୍ଣ୍ଣନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ସାହୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ପ୍ରାଧାପକ ପୁରୁଷୋତ୍ତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ଗୋବିନ୍ଦ ପଧାନ ଧନ୍ୟବାଦ ଅର

ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।
- ଚାର୍ଲସ ଫ୍ରହମ୍ୟାନ୍

ସଂକ୍ଷେପରେ

କେନ୍ଦୁଉଡାର ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଟିକ୍ରାପଡା, ୨୭।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ କେନ୍ଦୁଉଡାରସ୍ଥିତ ଅଖିଳ ଭାରତୀୟ ଆଦିବାସୀ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ବାଳକ ବିଭାଗରେ କମଳ ମିର୍ଦ୍ଧା, ବାଳିକା ବିଭାଗରେ ରୀତା ନାଏକ ଚାମ୍ପିୟନ ହୋଇଥିଲେ । ସଞ୍ଜୟ ପଧାନ, ତ୍ରିଲୋଚନ ବେହେରା, ଗୁନନିଧି ପଧାନ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷକ ସ୍ୱାଧିନ ବୁଡେକଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନିୟ ସରପଞ୍ଚ ବଜରଙ୍ଗଲାଲ ଜୈନ, ପରିଚାଳନା କମିଟି ସଭାପତି ସୀତାରାମ ମାଝି, ସିଆରସିସି ଯୁଗ ବଗର୍ତ୍ତୀ, ସମିତି ସଭ୍ୟ ଅନନ୍ତ କାଲସାଏ, ଶିକ୍ଷାବିତ ସିଦ୍ଧେଶ୍ୱର ପ୍ରଧାନି, ମାଟୁ ବଗର୍ତ୍ତୀ, ଶଙ୍କର ବଗର୍ତ୍ତୀ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

ସାଧରଣତନ୍ତ୍ର ଦିବସ ଦିବସ ପାଳିତ

ଟିକ୍ରାପଡା, ୨୭।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡା ଅଞ୍ଚଳରେ ସାଧରଣତନ୍ତ୍ର ଦିବସ ସମାରୋହରେ ପାଳିତ ହୋଇଯାଇଛି । ଟିକ୍ରାପଡାସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ, ପିଏଲ କଲେଜରେ ଅଧକ୍ଷ ପରାଶର ସାହୁ, ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଭାରତୀ ରାଜପଲିଆ, ଫାଣ୍ଡି ପରିସରରେ ଫାଣ୍ଡି ଅଧିକାରୀ ଆଦିତ୍ୟ ପ୍ରସାଦ ସାହୁ ଜାତୀୟ ପତାକା ଉତୋଳନ କରିଥିଲେ। ଜୁରାବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କେତକି ଅମାତ, ଧୁମାଭଟା ବାଣାପାଣି ଯୁକ୍ତଦୁଇ କଲେଜରେ ଅଧକ୍ଷ ଦେବାର୍ଚ୍ଚନ ନାଗ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

ଓଷ୍ଟା ବ୍ଲକଗ୍ରାଣ୍ଟ ହାଇସ୍କୁଲ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ବୈଠକ

ଦେଓଗାଁ,୨୭।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଆବାସିକ ବାଳକ ହାଇସ୍କୁଲ ପରିସରରେ ଶନିବାର ଓଷ୍ଟା ବ୍ଲକଗ୍ରାଣ୍ଟ ହାଇସ୍କୁଲ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ କୁମାର ଷାଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ଜିଲା ଓଷ୍ଟା ସମ୍ପାଦକ କୁଶଧ୍ୱଜ ସାହୁ, ଆଗଲପୁର ବ୍ଲକ ସମ୍ପାଦକ ତାରାକାନ୍ତ ମିଶ୍ର, ପାଟଣାଗଡ ବ୍ଲକ ସମ୍ପାଦକ ସଞ୍ଜୀବ ହୋତା, ଦେଓଗାଁ ବ୍ଲକ ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏଥିସହ ଆସନ୍ତା ଫେବୃୟାରୀ ୨ତାରିଖରେ ବ୍ଲକର ସମସ୍ତ ବ୍ଲକଗ୍ରାଣ୍ଟ ହାଇସ୍କୁଲର ଚତୁର୍ଥଶ୍ରେଣୀ କର୍ମଚାରୀମାନଙ୍କୁ ନେଇ ଜିଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ପୁନଶ୍ଚ ଫେବୃୟାରୀ ମାସ ୯ତାରିଖରେ ବାଳିକା ହାଇସ୍କୁଲ ପରିସରରେ ଏକ ବ୍ଲକସ୍ତରୀୟ ବୈଠକ ଆୟୋଜନ ପାଇଁ ସ୍ଥିରୀକୃତ କରାଯାଇଥିଲା । ଏଥିରେ ବ୍ଲକର ସମସ୍ତ ମାଧ୍ୟମିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ତଥା ସମସ୍ତ କର୍ମଚାରୀ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଥିଲା । ବୈଠକକୁ ଭୂକାନ୍ତ ସାହୁ, ପବିତ୍ର ମୋହନ ବୁଡେକ, ଶ୍ରୀକାନ୍ତ ସାହୁ, ପ୍ରମୋଦ ନାଏକ, ସୁଜିତ ପଧାନ, ସୁଧୀର ବାରିକ, ରାମଚନ୍ଦ୍ର ପଧାନ,ବିପ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ ।

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

'ଭାରତକୁ ଏକ ଜାଗ୍ରତ ରାଷ୍ଟ୍ର ଭାବେ ଗଢ଼ିବାକୁ ହେବ'

ବଲାଙ୍ଗୀର ଅଫିସ, ୨୭।୧

ବଲାଙ୍ଗୀର ଜିଲାପାଲ ଅରିନ୍ଦମ ଡାକୁଆ ଓ ଏସପି କେ ଶିବା ସୁବ୍ରମଣି ଅଭିବାଦନ ଗ୍ରହଣ କରୁଛନ୍ତି ।

ବଲାଙ୍ଗୀର ଜିଲା ସଦର ମହକୁମା ଠାରେ ଜିଲାସ୍ତରୀୟ ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ପ୍ରତ୍ୟୁଷରୁ ରାମଧୁନ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେଙ୍କ ପ୍ରଭାତଫେରି ଶୋଭାଯାତ୍ରା କରି ଗାନ୍ଧୀନଗରପଡା ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି, କଚେରୀଛକସ୍ଥିତ ଡ. ବି.ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଓ ଜିଲାପାଳଙ୍କ ବାସଭବନ ସମ୍ମୁଖସ୍ଥ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସକାଳ ୭ ଟାରୁ ୭.୩୦ ମଧ୍ୟରେ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତକା ଉତ୍ତୋଳନ କରାଯାଇଥିଲା । ପୂର୍ବାହ୍ନ ସାଢ଼େ ୮ରେ ମନୋହରପୁର ପୋଲିସ ପଡିଆ ଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଡାକୁଆ ତାଙ୍କ ବକ୍ତବ୍ୟରେ ଦେଶର ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀ ଏବଂ ଭାରତ ବର୍ଷର ସମ୍ବିଧାନ ପ୍ରଣେତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ । ସମ୍ବିଧାନ ପ୍ରଣେତାଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସମ୍ବିଧାନ ପ୍ରତି ସମ୍ମାନ ଓ ଏକ ଜାଗ୍ରତ ରାଷ୍ଟ୍ରର ଗଢ଼ି ତୋଳିବାକୁ ସମସ୍ତେ ଉଦ୍ୟମ କରିବାକୁ ଆହ୍ୱାନ କରିଥିଲେ । ପରେଡରେ ଏପିଆର, ହୋମଗାର୍ଡ, ପୋଲିସ ବ୍ୟାଣ୍ଡ ପାର୍ଟି, ଏନସିସି, ସ୍କାଉଡ, ଗାଇଡ୍, ରେଡକ୍ରସ୍ ଓ ସିଭିଲିଆନ୍ ଦଳକୁ ମିଶାଇ ମୋଟ ୩୮ଟି ଦଳ ଅଂଶଗ୍ରହଣ କରିଥିଲେ। ରିର୍ଜଭ ଇନ୍ସପେକ୍ଟର ଅତିଶ କୁମାର ସାହୁ ପ୍ୟାରେଡ ପରିଚାଳନା କରିଥିଲେ । ଏଥିରେ ସିନିୟର ଡିଭିଜନ ଏନ୍‌ସିସିରେ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ଜୁନିୟର ଡିଭିଜନ ଏନସିସିରେ ପ୍ରଥମ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ, ଦ୍ୱିତୀୟ ପିଆର ହାଇସ୍କୁଲ, ଶେଷ୍ଠ ଏନସିସି ଟର୍ଣ୍ଣ ଆଉଟ ଦଳ ଭାବେ ପିପି ଏକାଡେମୀ, ସ୍କାଉଡ୍, ଗାଇଡ୍, ରେଡକ୍ରସ ଦଳ ମଧ୍ୟରେ ପ୍ରଥମ ପିଆର ହାଇସ୍କୁଲ ରେଡକ୍ରସ୍ ଦ୍ୱିତୀୟ ସରସ୍ୱତୀ ବିଦ୍ୟାମନ୍ଦିର କଲେଜ ଛକ ଗାଇଡ, ସିନିୟର ସିଭିଲିଆନରେ ପ୍ରଥମ ଜେଏସଏମ ମହାବିଦ୍ୟାଳୟ, ଜୁନିୟର ସିଭିଲିଆନରେ ପ୍ରଥମ ସରସ୍ୱତୀ ବିଦ୍ୟା ଜ୍ଞାନ ମନ୍ଦିର କଦମ୍ପଡା, ଦ୍ୱିତୀୟ ବିଶ୍ୱାତ୍ମା ବିଦ୍ୟାମନ୍ଦିର ଏବଂ ସବଜୁନିୟର ସିଭିଲିଆନରେ ଏକାଡେମୀ ହାଇଟ ପବ୍ଲିକ ସ୍କୁଲ ଶ୍ରେଷ୍ଠ ବିବେଚିତ ହୋଇ ମୁଖ୍ୟଅତିଥିଙ୍କ ଠାରୁ ସିଲଡ୍ ଓ ମାନପତ୍ର ଗ୍ରହଣ କରିଥିଲେ । ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ସ୍ୱାଧୀନତା ସଂଗ୍ରାମୀ ବେଶ, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ, ଓଡିଆ ଇଂରାଜୀ ପ୍ରବନ୍ଧ, ବକୃତା ଓ ହିନ୍ଦି ବକୃତା ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର, ମାନପତ୍ର ଓ ମେଡାଲ ପ୍ରଦାନ କରିଥିଲେ । ଏତ୍ତ ବ୍ୟତିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଜିଲାର ୧୫ଜଣ ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷଙ୍କୁ ପ୍ୟାରେଡ ଉତ୍ସବରେ ସମ୍ମାନିତ କରାଯାଇଥିଲା । ଏତ୍ତ ବ୍ୟତୀତ ବଲାଙ୍ଗୀର ଜିଲାର ସମସ୍ତ ବ୍ଲକ ଅନ୍ତର୍ଗତ ଗ୍ରାମ ପଞ୍ଚାୟତ ଗୁଡିକରେ ଅନୁଷ୍ଠିତ ହୋଇଥିବା ପିଠା କାର୍ଯ୍ୟକ୍ରମରେ ସଫଳତାର ସହ ଆୟୋଜନ ଓ ପରିଚାଳନା କରିଥିବା କରିଥିବା ନିମନ୍ତେ ବ୍ଲକ ୱାରି ଶ୍ରେଷ୍ଠ ବିବେଚିତ ଗ୍ରାମପଞ୍ଚାୟତ ଗୁଡିକୁ ମୁଖ୍ୟଅତିଥି ୫ ଲକ୍ଷ ଟଙ୍କାର ଚେକ୍ ଓ ମାନପତ୍ର ପ୍ରଦାନ କରିଥିଲେ ।

ପଞ୍ଚାୟତସ୍ତରୀୟ କ୍ରୀଡ଼ା ପୁରସ୍କାର ବିତରଣୀ ଉତ୍ସବ

ଲୋଇସିଂହା,୨୭।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତସ୍ତରୀୟ ସ୍କୁଲ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଆନନ୍ଦ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅନ୍ତର୍ଜାତୀୟ ଚେସ ଖେଳାଳି ପ୍ରାଚୁର୍ଯ୍ୟ କୁମାର ପଧାନମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଶିକ୍ଷାବିତ ବିଶ୍ୱାନାଥ ସାହୁ ମୁଖ୍ୟବକ୍ତା, ସିଆରସି ଜୟଦେବ ମହାକୁର, ଅଧ୍ୟାପକ ରବିନାରାୟଣ ପଧାନ, ରୂପାଧର ସାହୁ, ହେମନ୍ କୁମାର ବାରିକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ପ୍ରାଥମିକଠାରୁ କଲେଜ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାର ଚାମ୍ପିୟନ ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ହାଇସ୍କୁଲ ଖେଳପଡିଆଠାରେ ଗତ ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତା ପ୍ରାଥମିକଠାରୁ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ୧୫୦ପ୍ରତିଯୋଗୀଙ୍କୁ ନେଇ ଜୁନିୟର ଓ ସିନିୟର ବିଭାଗରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ପୁଟିଙ୍ଗ ଦି ସଟ୍, ବାଲାନ୍ସ ରେସ, ହାଣ୍ଡି ପିଟା, ମ୍ୟୁଜିକ ଚେୟାର, ପୁଚି ଖେଳ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା ।

■ ଗ୍ରାମାଞ୍ଚଳ ଫୁଟବଲ

ଘୁଟିପାଲି ଚାମ୍ପିୟନ

ଦେଓଗାଁ,୨୭।୧(ଡି.ଏନ.ଏ.)

ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲରେ ଚାଲିଥିବା ଷଷ୍ଠବର୍ଷ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଜୟ ଜଗନ୍ନାଥ ଫୁଟବଲ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ଘୁଟିପାଲି ଓ ନାଇକେନସିରା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଟାଇବ୍ରେକର ୪-୩ଗୋଲରେ ଘୁଟିପାଲି ଦଳ ବିଜୟୀ ହୋଇଥିଲା। ମଣି ଧରୁଆ, ସୁରେନ୍ଦ୍ର ଭୋଇ ଓ ଭୂବନେ ଭୋଇ ଖେଳ ପରିଚାଳନା କରିଥିଲେ। ବୀରେନ୍ଦ୍ର କୁମାର ପୋଡଙ୍କ ସଭାପତିତ୍ୱ ତଥା ସୁରେନ୍ଦ୍ର ସିଂଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୁରେଶ କୁମାର ମେହେର,ସମ୍ମାନିତ ଅତିଥିଭାବେ ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ବହିଦାର, ଫୁଟବଲ ଖେଳାଳି ସୁନ୍ଦରମଣୀ ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ ।

ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

ଡାକ୍ତରଖାନାରେ କପଡା ବିଶୋଧନ ବେଳେ ଅଘଟଣ, କର୍ମଚାରୀ ଆହତ

ଲୋଇସିଂହା,୨୭।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ପରିବାର ନିୟୋଜନ କ୍ୟାମ୍ପ ହେବା କାର୍ଯ୍ୟକ୍ରମ ରହିଛି। ଏଥିପୂର୍ବରୁ ଅସ୍ତ୍ରୋପଚାର କକ୍ଷ ସଫେଇ ଓ ସାମଗ୍ରୀ ବିଶୋଧନ ପାଇଁ ଜଣେ ଷ୍ଟାଫନର୍ସ, ଫାମାଶିଷ୍ଟ ଓ ଜଣେ ଚତୁର୍ଥ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅସ୍ତ୍ରୋପଚାର କକ୍ଷରେ ବ୍ୟାଣ୍ଡେଜ କପଡା ବିଶୋଧନ କରାଯାଉଥିଲା । ଏହି ସମୟରେ କାମରେ ନିୟୋଜିତ ଅସ୍ଥାୟୀ କର୍ମଚାରୀ ଷଡାନନ ପଧାନଙ୍କ ଅସାବଧାନତା ଯୋଗୁ ଗ୍ୟସା ଲିକ୍ ହୋଇଯାଇଥିଲା। ଏଥିରେ ସେ ଆଘାତ ହୋଇଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା ସ୍ମିତା ଶତପଥୀଙ୍କୁ ପଚାରିବାରୁ କର୍ମଚାରୀଙ୍କ ଅସାବଧାନତାରୁ ଏହି ଅଘଟଣ ଘଟିଛି। ତେବେ ଆହତ କର୍ମଚାରୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ସେ କହିଛନ୍ତି।

ପୋଲିସ ଏନ୍‌କାଉଣ୍ଟର, ଦୁର୍ଦ୍ଦାନ୍ତ ବବ୍‌ଲୁ ମହାନନ୍ଦ ଆହତ

ବଲାଙ୍ଗୀର ଅଫିସ/ ଟିପଲିମା/ଟିଟିଲାଗଡ/ ସଇଁନ୍ତଳା, ୨୭।୧ (ଡି.ଏନ.ଏ)

ବହୁ ଅପରାଧିକ ଘଟଣାରେ ସମ୍ପୃକ୍ତ ତଥା ପୋଲିସର ମୋଷ୍ଟୱାଣ୍ଟେଡ ବବ୍‌ଲୁ ମହାନନ୍ଦ ପୋଲିସ ଏନ୍‌କାଉଣ୍ଟରରେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ପୋଲିସ ଉପରକୁ ଗୁଳିଚାଳନା କରି ଫେରାର ମାରିବାକୁ ଉଦ୍ୟମ କରୁଥିବା ବବ୍‌ଲୁ ମହାନନ୍ଦ ଉପରକୁ ପୋଲିସ ଦୁଇ ରାଉଣ୍ଡ ଗୁଳିଚାଳନା କରିଥିବା ଜଣାପଡିଛି। ଶନିବାର ସନ୍ଧ୍ୟାରେ ସଂଘଟିତ ଏହି ଏନ୍‌କାଉଣ୍ଟରରେ ଆହତ ବବ୍‌ଲୁ ମହାନନ୍ଦକୁ ଏବେ ବୁର୍ଲା ଭିମ୍‌ସାର ମେଡିକାଲ ହସ୍‌ପିଟାଲରେ ରଖାଯାଇଛି। ସେ ବିପଦମୁକ୍ତ ଥିବା ଜଣାପଡିଛି। ବଲାଙ୍ଗୀର ଜିଲାରେ ଦିନକୁ ଦିନ ଅପରାଧ ସାମ୍ରାଜ୍ୟ ବିସ୍ତାର କରୁଥିବା ବବ୍‌ଲୁକୁ ଦୀର୍ଘଦିନରୁ ପୋଲିସ ଖୋଜୁଥିଲା। ବଲାଙ୍ଗୀର-ଟିଟିଲାଗଡ ଜିତୁଢ଼ାବା ନିକଟରେ ସଂଘଠିତ ଗୁଳିକାଣ୍ଡ ଘଟଣା ପରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବବ୍‌ଲୁଙ୍କୁ ସଦର ଥାନା ପୋଲିସ ଦୀର୍ଘଦିନରୁ ଖୋଜୁଥିଲା । ଗତ ୨୦ ତାରିଖରେ ସଇଁନ୍ତଳା ଥାନା ଅନ୍ତର୍ଗତ ବିବିନା ଭାଟି ମ୍ୟାନେଜରଙ୍କ ଠାରୁ ୩ ଲକ୍ଷ ଟଙ୍କା ଲୁଟ ଘଟଣା ପରେ ଏହି ଲୁଟ୍ ଘଟଣାରେ ବବ୍‌ଲୁ ମହାନନ୍ଦଙ୍କ ଭୂମିକା ରହିଥିବା ପୋଲିସ ତଦନ୍ତରୁ ଜାଣି ପାରିଥିଲା। ଏହା ପରେ ଏସ୍‌ପି କେ. ଶିବା ସୁବ୍ରମଣିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବବ୍‌ଲୁକୁ ଘେରିବାକୁ ପୋଲିସ ଯୋଜନା କରିଥିଲା । ଶନିବାର ସନ୍ଧ୍ୟାରେ ସଇଁନ୍ତଳା ଥାନା ଅନ୍ତର୍ଗତ ଗୋଏଲଭାଡି ଛକ ନିକଟରେ ଦୁର୍ଦ୍ଦାନ୍ତ ବବ୍‌ଲୁ ମହାନନ୍ଦ ଏକ ବାଇକ୍‌ରେ ଯାଉଥିବା ଖବର ପୋଲିସ ପାଇଥିଲା। ପରେ ସଇଁନ୍ତଳା ଥାନା ଅଧିକାରୀ ଅବନୀ ସାହୁଙ୍କ ନେତୃତ୍ୱରେ ପୋଲିସ ବଡମାଳ ରାସ୍ତାରେ ସତର୍କ ରହିଥିଲା। ତେବେ ପୋଲିସର ଯୋଜନା ସମ୍ପର୍କରେ ସୂଚନା ପାଇ କୌଶଳକ୍ରମେ ସେଠାରୁ ଫେରାର୍ ମାରିବାକୁ ବବଲୁ ଉଦ୍ୟମ କରିଥିଲା। ଗୋଏଲଭାଡି ଛକ ନିକଟରେ ଜଙ୍ଗଲ ରାସ୍ତାରେ ରେଲବାଇ ଅଣ୍ଡରବ୍ରିଜ ଦେଇ ଖସିଯିବାକୁ ଉଦ୍ୟମ କରିବାବେଳେ ବବଲୁଙ୍କ ବାଇକଟି ତଳେ ପଡିଯାଇଥିଲା। ପୋଲିସ ତାକୁ ଧରିବାକୁ ଉଦ୍ୟମ କରିବା ବେଳେ ଏକ ଦେଶୀ ପିସ୍ତଲରୁ ବବଲୁ ପୋଲିସ ଉପରକୁ ଗୁଳି ଫୁଟାଇଥିଲା। ଏହାରି ଜବାବ୍‌ରେ ପୋଲିସ ମଧ୍ୟ ଦୁଇ ରାଉଣ୍ଡ ଗୁଳିଚାଳନା କରିଥିଲା। ଗୁଳିମାଡରେ ବବଲୁ ମହାନନ୍ଦ ଆହତ ହୋଇପଡିଯାଇଥିଲେ। ସେଠାରୁ ପୋଲିସ ଆହତ ବବଲୁଙ୍କୁ ପ୍ରଥମେ ସଇଁନ୍ତଳା, ପରେ ବଲାଙ୍ଗୀର ମେଡିକାଲକୁ ନେଇଥିଲେ। ତେବେ ଗୁରୁତର ଆହତ ହେବାରୁ ରାତାରାତି ତାଙ୍କୁ ବୁର୍ଲା ମେଡିକାଲକୁ ନିଆଯାଇଥିଲା। ରବିବାର ଅସ୍ତ୍ରୋପଚାର ହେବା ପରେ ବବଲୁ ଅବସ୍ଥା ସ୍ଥିର ରହିଥିବା ଜଣାପଡିଛି । ଦୀର୍ଘଦିନ ହେଲା ଦୁର୍ଦ୍ଦାନ୍ତ ବବଲୁ ପୋଲିସ ଆଖିରେ ଧୂଳି ଦେଇଆସୁଥିଲା ।

ବୁର୍ଲା ମେଡିକାଲ ହସପିଟାଲରେ ଅସ୍ତ୍ରୋପଚାର ପରେ ଦୁର୍ଦ୍ଦାନ୍ତ ବବଲୁ ମହାନନ୍ଦ ।

ଏମବିକେ ଓ ସିଆରପି ସଂଘ ପକ୍ଷରୁ ୬ଦଫା ଦାବିପତ୍ର ପ୍ରଦାନ

୨୮ରୁ ଆମରଣ ଅନଶନ ନିଷ୍ପତ୍ତି

ମୁରିବାହାଲ, ୨୭।୧ (ଡି.ଏନ.ଏ)

ବଲାଙ୍ଗିର ଜିଲା ମୁରିବାହାଲ ବ୍ଲକ ଓଡିଶା ଜୀବିକା ମିଶନରେ କାର୍ଯ୍ୟରତ ଏମବିକେ ଓ ସିଆରପି ସଂଘ ପକ୍ଷରୁ ଦିଆଯାଇଥିବା ଡାକରାକୁ ସମର୍ଥନ କରି ଶନିବାର ମୁଖ୍ୟମନ୍ତ୍ରୀଙ୍କର ଉଦ୍ଦେଶ୍ୟରେ ୬ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଓଡିଶା ଜୀବିକା ମିଶନର କମ୍ୟୁନିଟି ଭିତ୍ତିକ ସଙ୍ଗଠନରେ କାର୍ଯ୍ୟରତ ମୁରିବାହାଲ ବ୍ଲକର ୨୨ଟି ଗ୍ରାମ ପଞ୍ଚାୟତର ୨୦୬ ଜଣ ଏମବିକେ ଓ ସିଆରପି ଶନିବାର ଏକତ୍ରିତ ହୋଇ ମଥାମଣୀ ହରପାଇଙ୍କର ନେତୃତ୍ୱରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ୨୦୦୯ ମସିହାଠାରୁ ତ୍ରିପାତୀ ପ୍ରକଳ୍ପ ମାଧ୍ୟମରେ ୨୦୧୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟକରି ଆସୁଥିବା ବେଳେ ମହିଳା ସଶକ୍ତିକ

କାୟ, ମନ, ବଚନରେ କାହାରିକୁ ପୀଡ଼ା ଦେବନାହିଁ, ନିଜ ମାତାପିତା ଓ ବଡ଼ ଭାଇଙ୍କର ଆଜ୍ଞାକାରୀ ହେବ।
- ମହର୍ଷି ନାରଦ

ସଂକ୍ଷେପରେ

ଖଡିଆଳ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ମନୋନୟନ

ଖଡିଆଳ,୨୭।୧(ଡି.ଏନ.ଏ.) ନୂଆପଡା ଜିଲା ଖଡିଆଳ ବ୍ୟବସାୟୀ ସଂଘର ଏକ ବାର୍ଷିକ ସଞ୍ଜିଳନୀ ଶନିବାର ପାତଳଗଙ୍ଗାଠାରେ ମୂଳଚନ୍ଦ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଂଘର ବିଭିନ୍ନ ସମସ୍ୟା ସହ ସାଙ୍ଗଠନିକ ବ୍ୟବସ୍ଥା ଉପରେ ଆଲୋଚନା ହେବା ସହ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ରଶ୍ମିରଞ୍ଜନ ଚଲାନ, ସମ୍ପିତ ପଣ୍ଡା ସମ୍ପାଦକ, କୌଶିକ ସରାଫ, ଶିବ ଅଗ୍ରୱାଲ, ଇଶ୍ୱର ଅଗ୍ରୱାଲ ଓ ବଣ୍ଟି ଶୁକ୍ଳା ଉପସଭାପତି, ରାଜୁ ବଂଶଲ କୋଷାଧକ୍ଷ ଏବଂ ଯୁଗ୍ମ ସମ୍ପାଦକ ଭାବରେ ବିକାଶ ଅଗ୍ରୱାଲ, ରୋହିତ ଗର୍ଗ ଏବଂ ଦୀପକ ବଂଶଲଙ୍କୁ ମନୋନୀତ କରାଯାଇଥିଲା । ସେହିପରି ପରାମର୍ଶଦାତା ସଦସ୍ୟ ଭାବେ ଜୟନ୍ତ କୁମାର ଚଲାନ, ବାଳକିଶନ ଅଗ୍ରୱାଲ, ରମେଶ ଅଗ୍ରୱାଲ, ଘୁନୁ ପଟ୍ଟନାୟକ, କୁଳବନ୍ତ ସିଂ, ପ୍ରଦୀପ ପଟ୍ଟନାୟକ, ରାଜୁ ମହାପାତ୍ର ଏବଂ ମୂଳଚନ୍ଦ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଥିଲା । ଉକ୍ତ ବୈଠକରେ ଖଡିଆଳ ସହର ସମସ୍ତ ବ୍ୟବସାୟୀମାନେ ଉପସ୍ଥିତ ଥିଲେ ।

ଜିଲାସ୍ତରୀୟ ସ୍ୱାଧୀନତା ଦିବସ

ନୂଆପଡ଼ାର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ନୂଆପଡା ଅଫିସ,୨୭।୧

ନୂଆପଡା ଭଳି ଉପାନ୍ତ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ସରକରା ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି । ଏଠିକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦିର ଉନ୍ନତି ସକାଶେ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ଏସବୁ ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ଜିଲାବାସୀଙ୍କୁ ସଚେତନ ହେବାକୁ ପଡିବ ବୋଲି ନଗର ଉନ୍ନୟନ ତଥା ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ନୂଆପଡାଠାରେ ଆୟୋଜିତ ଜିଲାସ୍ତରୀୟ ସାଧାରଣ ତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଜିଲାବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ମନ୍ତ୍ରୀ ଏହା କହିଥିଲେ । ଶନିବାର ପୂର୍ବାହ୍ନ ୯ଟାରେ ଜିଲାପାଳ ଡା. ପୋମା ଗୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପୂଜାରୀ ମୁଖ୍ୟଅତିଥି, ଏସପି ସ୍ମିତ ପରମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପତାକା ଉତୋଳନ କରିବା ପରେ ସାମୁହିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠିତ ବିଭିନ୍ନ ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହିକ୍ରମରେ ଦେଶାତ୍ମବୋଧକ ସଙ୍ଗୀତରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ଯଥାକ୍ରମେ ଦେଶାତ୍ମ ବୋଧ ସଙ୍ଗୀତରେ ନନ୍ଦିନୀ ଖୁଣ୍ଟିଆ, ଦିବ୍ୟାଂଶି ମିଶ୍ର, ଯଶବିନ୍ଦର ସିଂ ଏବଂ ତେଜସ୍ୱିତା ଶବର ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ଓଡିଆ ବକ୍ତୃତାରେ ବିଦ୍ୟାଶ୍ରୀ ଭାରତୀ, ଏ.ଏମ.ଇପସିତା କର, ଭୂମିସୂତା ଭୋଇ, ଅଲୀଭା ମେହେର ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସେହିଭଳି ଇଂରାଜୀ ବକ୍ତୃତାରେ ପ୍ରାଥମିକ ବିଦ୍ୟାଳୟସ୍ତରରେ ଅମ୍ରିତା ସାହୁ, ଉଚ୍ଚ ବିଦ୍ୟାଳୟସ୍ତରରେ ଆଦ୍ୟାଶା ମିଶ୍ର, ମହାବିଦ୍ୟାଳୟସ୍ତରରେ ସଙ୍ଗୀତା ମାଝି ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୁଇଜ ପ୍ରତିଯୋଗିତାରେ ପ୍ରାଥମିକ ବିଦ୍ୟାଳୟସ୍ତରରେ ଅଭିଜ୍ଞାନ ମହାପାତ୍ର, ଉଚ୍ଚ ବିଦ୍ୟାଳୟସ୍ତରରେ ନିଗମାନନ୍ଦ ଯୋଷୀ ଏବଂ ପାର୍ଥନର ଆଦିତ୍ୟ କୁମାର ମିଶ୍ର, ମହାବିଦ୍ୟାଳୟସ୍ତରରେ ଜବାହାର ନବୋଦୟ ବିଦ୍ୟାଳୟର ଶନିଦେବ ସିଂ ଏବଂ ଶମ୍ଭୁନାଥ ମେହେର ପ୍ରଥମ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଥିଲେ। ପ୍ରଜ୍ଞାପନ ମେଢରେ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ନୂଆପଡା, ପରେଡରେ ସିନିୟର ଗ୍ରୁପରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ, ଜୁନିୟର ଗ୍ରୁପରେ ନ୍ୟାସନାଲ ହାଇସ୍କୁଲ (ଆର୍ମା) ଏବଂ ସବଜୁନିୟର ଗ୍ରୁପରେ ଡିପିଏସ ଖରିଆରରୋଡ ପ୍ରଥମ ସ୍ଥାନ ରଖି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ସୀମାଞ୍ଚଳ ମହାପାତ୍ର, ବିଭୁ ମିଶ୍ର, ରାଜୁ ବହିଦାର ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରେସ ଏବଂ ପୋଲିସ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ପ୍ରଦର୍ଶନ ହୋଇଥିଲା । ଏଥିରେ ପ୍ରେସ ଏକାଦଶ ୬ ଉଇକେଟରେ ବିଜୟୀ ହୋଇଥିଲା ।

ମୁଖ୍ୟଅତିଥି ମନ୍ତ୍ରୀ ନିରଞ୍ଜନ ପୂଜାରୀ ପତାକା ଉତ୍ତୋଳନ କରି ଜାତୀୟ ସଙ୍ଗୀତ ଗାନ କରୁଛନ୍ତି ।

ଖଡିଆଳ,୨୭।୧(ଡି.ଏନ.ଏ.)

ଖଡିଆଳ ସହରର ବିଭିନ୍ନ ସରକାରୀ ବେସରକାରୀ ଅଫିସ, ସ୍କୁଲ, କଲେଜ, ବ୍ୟବସାୟିକ ଅନୁଷ୍ଠାନ, ବ୍ୟାଙ୍କ ଆଦି ସ୍ଥାନରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଖଡିଆଳ ତହସିଲ ଅଫିସରେ ତହସିଲଦାର ସିନ୍ଧୁସୂତା ପାତ୍ର, ଖଡିଆଳ ଥାନାରେ ଆଇଆଇସି ସଦାନନ୍ଦ ପୂଜାହାରୀ, ଏନଏସି କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁ, ବ୍ଲକରେ ବିଡିଓ ଉତ୍ତମ କୁମାର ବାଗ, ସ୍ୱୟଂଶାସିତ କଲେଜରେ ଅଧ୍ୟକ୍ଷ ହରେନ୍ଦ୍ର କୁମାର ପଣ୍ଡା, ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନକୁଳ ଶବର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଡିଓ ଉତ୍ତମ କୁମାର ବାଗ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସ୍କୁଲ ଓ କଲେଜ ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱର ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ଖଡିଆଳ ବସ ମାଲିକ ସଂଘ, ଜର୍ଣ୍ଣାଲିଷ୍ଟ ଆସୋସିଏଶନ୍ ଅଫ୍ ନୂଆପଡାର ଖଡିଆଳସ୍ଥିତ ଜାନ ଭବନ, କଂଗ୍ରେସ ଭବନ, ବିଜେଡିପାର୍ଟି ଅଫିସ, ଅମ୍ବେଡ଼କର ଚୌକ, ଆଜାଦ ଚୌକ ଆଦି ସ୍ଥାନରେ ମଧ୍ୟ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।

ବାଲ୍ୟ ବିବାହ, ମଦ ବିରୋଧୀ ଅଭିଯାନ

କିଶୋରୀ ମହାସଂଘ ଅଣ୍ଟା ଭିଡିଲା

ନୂଆପଡା ଅଫିସ,୨୭।୧:

ନୂଆପଡା ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ମଦ, ଜୁଆ, ବାଲ୍ୟ ବିବାହ ଆଦି କୁପ୍ରଥା ଖୋଲା ଖୋଲି ହେଉଥିବା ବେଳେ ପ୍ରଶାସନ ସେତେଟା ଅଙ୍କୁଶ ଲଗାଇପାରିନାହିଁ। ଏହା ବିରୋଧରେ ଶେଷରେ କିଶୋରୀମାନେ ଏଥିରେ ରୋକ ଲଗାଇବାକୁ ଅଣ୍ଟା ଭିଡିଛନ୍ତି। ରବିବାର ସଦର ବ୍ଲକ ବିରୋମାଲ ଅଞ୍ଚଳରେ କିଶୋରୀ ମହାସଂଘମାନେ ମିଶି ଅଭିଯାନ ଚଳାଇଥିଲେ । ପୂର୍ବାହ୍ନ ୧୦ଟାରେ ବିରୋମାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସ୍ଥାନୀୟ ସରପଞ୍ଚ ଅମରଚନ୍ଦ ଚନ୍ଦ୍ରକାର ଏହାକୁ ଶୁଭାରମ୍ଭ କରିଥିଲେ। ଏହାକୁ ଶିବାନୀ କିଶୋରୀ ମହାସଂଘ ଏବଂ ଅନନ୍ୟା ମହାସଂଘ ପରିଚାଳନା କରିଥିଲେ। ଶୋଭାଯାତ୍ରା ପଞ୍ଚାୟତର ସମସ୍ତ ଗ୍ରାମ ଯଥା ବିରୋମାଲ, ଦର୍ଲି ନୂଆପଡା, ଜାମଲି, ଭାଲୁକୋନା, ଟେଟେନପଡା, ନୂଆଁଡିହି, ସରେଇପଡା, ଭୁତକା ପଡା ଆଦି ଗାଁକୁ ପରିକ୍ରମା କରିଥିଲେ। ସମସ୍ତଙ୍କ ମୁହଁରେ ନିଶା ଛାଡ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସ୍ଲୋଗାନ ଦେଇଥିଲେ। ସ୍ଥାନେ ସ୍ଥାନେ ବାଲ୍ୟ ବିବାହ, ନିଶା ନିବାରଣ, ଭ୍ରୂଣ ହତ୍ୟା, କିଶୋରୀ ସ୍ୱାସ୍ଥ୍ୟ, କିଶୋରୀ ଶିକ୍ଷା ଉପରେ ସଚେତନତା ବାର୍ତ୍ତା ଦେଉଥିଲେ। ଶେଷରେ ବିରୋମାଲ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକତ୍ର ହୋଇଥିଲେ। ଏଠାରେ ଆୟୋଜିତ ସଭାରେ ଅନନ୍ୟା କିଶୋରୀ ମହାସଂଘ ସଭାନେତ୍ରୀ ଶାଳିନୀ ସାହୁ ସଭାପତିତ୍ୱ କରିଥିବାବେଳେ ସରପଞ୍ଚ ଚନ୍ଦ୍ରକାର ମୁଖ୍ୟଅତିଥି, ଶିବାନୀ କିଶୋରୀ ମହାସଂଘର କବିତା ସାହୁ, ଲକ୍ଷ୍ମୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟାରେ ସ୍ୱଂୟ ସହାୟକ ଦଳର ମହିଳାମାନେ ଯୋଗଦେଇଥିବାବେଳେ ସ୍ଥାନୀୟ ଲୋକେ ଯୋଗଦେଇଥିଲେ। ଏଥିରେ ହିମେଶ୍ୱରୀ ସାହୁ, ଲୋକେଶ୍ୱରୀ , କାନ୍ତା, କିର୍ତୀ, ଶୁଶୀଲା, ବେବତୀ, ସୁପ୍ରିୟା, ହେମଲତା, ସାବେତ୍ରୀ, ରୂପଲତା ଦୁଲେଶ୍ୱରୀ, ପଦ୍ମନୀ, କଳାବତୀ, ପ୍ରେମଶୀଳା, ବେଦବାଇ, କମଲେଶ୍ୱରୀ, ଯଶୋଦା, ମନିକା ପ୍ରମୁଖ ଯୋଗଦେଇଥିଲେ।

କିଶୋରୀମାନେ ସଚେତନତା ଶୋଭାଯାତ୍ରାରେ ଗାଁ ପରିକ୍ରମା କରୁଛନ୍ତି ।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆମ୍ବ ଗଛ ତିନି କେନା,
କୁଣିଆଁ ପଡ଼ିଲେ ବୋଲି ଏବେ କଲୁ
ଭାତ ଚାଉଳିଆ ସିନା ।

ଲୋକ ସଂଖ୍ୟା ଦେଖି ଖାଦ୍ୟ ରନ୍ଧାଯାଇଥାଏ। ଅଳ୍ପ ବଦଳରେ ବେଶି କୁଣିଆଁ ଆସି ପହଞ୍ଚିଗଲେ ଖାଦ୍ୟ ନିଅଣ୍ଟ ପଡ଼ିବା ସମ୍ଭାବନା ବଢ଼ିଯାଏ। ଫଳରେ କୁଣିଆ ଚର୍ଚ୍ଚା କିପରି କରାଯିବ ସେନେଇ ବ୍ୟସ୍ତତା ବୃଦ୍ଧିପାଏ। ଏପରିସ୍ଥଳେ ଭାତ ଚାଉଳିଆ କରି ଗାଳିଲେ ବେଶି ଖାଇହେବନି। ମୁହଁ ଲାଜରେ ବି କହିବେନି ଓ ସେତିକି ଚାଉଳର ଭାତରେ କାମ ଚଳି ହୋଇଯିବ ବୋଲି ମନରେ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଆଲୋ ବୋଉ,
ଖୁଦ ଜାଉ ସଙ୍ଗେ ସିଝା ଓଉ ।

ଗରିବ ଘରେ ସବୁବେଳେ ଅଭାବ ଅନଟନ ଲାଗିରହିଥାଏ। ଭଲରେ ଖାଇବା ପିଇବା ପିନ୍ଧିବା ତାଙ୍କ ପାଇଁ ସାତସପନ ପାଲଟି ଯାଇଥାଏ। କେବେ ଭାତ ତରକାରି ବଦଳରେ ଖୁଦ ଜାଉ ଓ ସିଝା ଓଉରେ ପେଟ ଭରିବାକୁ ପଡ଼ିଥାଏ ଓ କେବେ ପାଣି ପିଇ ଦିନ ବିତାଇବାକୁ ପଡ଼ିଥାଏ। ଗରିବ ଘରର ବୋହୂ ତା' ଶାଶୁଘରର ଦାରିଦ୍ର୍ୟ କଥା ଚିନ୍ତାକରି ନିଜ ବୋଉକୁ ମନେପକେଇ ମନ କଷ୍ଟ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଭାରତ ବନ୍ଦକୁ ସଫଳ କରିବା ପାଇଁ ମାଓବାଦୀ ସଙ୍ଗଠନର ଆହ୍ୱାନ, ଅଡିଓ ଟେପ୍ ଜାରି

ଖଡିଆଳ,୨୭।୧(ଡି.ଏନ.ଏ.)

ଆସନ୍ତା ୩୧ ତାରିଖକୁ ମାଓବାଦୀ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦର ଡାକରାକୁ ସଫଳ କରିବା ସହ ଏଥିରେ ସାମିଲ ହେବା ପାଇଁ ମାଓବାଦୀ ସଙ୍ଗଠନ ପକ୍ଷରୁ ଏକ ଅଡିଓ ଟେପ ଜାରି କରାଯାଇଛି। ବଲାଙ୍ଗୀର-ବରଗଡ-ମହାସମୁନ୍ଦ ଡିଭିଜିନାଲ କମିଟି ସିପିଆଇ ମାଓବାଦୀ ସିଚବ ବସନ୍ତ କୁମାରଙ୍କ ପକ୍ଷରୁ ପ୍ରାୟ ୨ ମିନିଟର ଜାରି କରିଥିବା ଏହି ଅଡିଓ ଟେପରେ ନିରୀହ ଜନସାଧାରଣ ଓ କ୍ରାନ୍ତିକାରୀ ଆନ୍ଦୋଳନ ବିରୋଧରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଫାସିବନ୍ଦ ଦମନ ଅଭିଯାନ ଅପରେସନ ସମାଧାନକୁ ନେଇ ଆସନ୍ତା ଜାନୁୟାରୀ ୩୧ ତାରିଖ ବନ୍ଦ ଡାକରା ଦିଆଯାଇଛି । ଏହି ବନ୍ଦକୁ ସଫଳ କରିବା ସହ ଏଥିରେ ସାମିଲ ହେବା ପାଇଁ ଅଡିଓ ଟେପ ଜରିଆରେ ଆହ୍ୱାନ କରାଯାଇଛି । ଜାନୁୟାରୀ ୨୫ ରୁ ୩୦ ପର୍ଯ୍ୟନ୍ତ ପ୍ରତିବାଦ ସପ୍ତାହ ପାଳନ କରିବା ସହ ୩୧ରେ ଦିଆଯାଇଥିବା ଭାରତ ବନ୍ଦରେ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଥିବା କୁହାଯାଇଛି ।

ବାକା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଖରିଆଳକୁ ହରାଇ ବଲାଙ୍ଗୀର ଚାମ୍ପିୟନ

ତରବୋଡ,୨୭।୧(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଭେଲାଠାରେ ଚାଲିଥିବା ୩୭ତମ ବାକା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମିନିଷ୍ଟାଡିୟମରେ ବୁଢାରଜା ଆଥ୍‌ଲେଟିକ୍ସ ଆଣ୍ଡ କଲ୍ଚରାଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ରବିବାର ଖରିଆଳ ଗାନ୍ଧୀ ଓ ବଲାଙ୍ଗୀର ରକ୍‌ଷ୍ଟାର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ୧୧.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୧ରନ କରିଥିଲା । ଏହାର ପିଛା କରି ଖରିଆଳ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୫୬ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ବଲାଙ୍ଗୀର ଦଳ ଚାମ୍ପିୟନ ହୋଇଛି । ଉଦ୍‌ଯାପନୀ ସଭାରେ ଓଡିଶା କ୍ରିକେଟ ଆସୋସିଏଶନ ସଭାପତି ସରୋଜ କୁମାର ସାହୁ ମୁଖ୍ୟଅତିଥି, ଜିଲା ବିଜେଡି ସଭାପତି ତଥା ପୂର୍ବ ବିଧାୟକ ରାଜେନ୍ଦ୍ର ଢୋଲକିଆ, ଅବନି ରଞ୍ଜନ ଯୋଷୀ, ବିଜୁ ଯୁବଜନତା ଦଳ ନୂଆପଡା ନିର୍ବାଚନ ମଣ୍ଡଳୀ ସଭାପତି ସୁଧୀର କୁମାର ମିଶ୍ର, କ୍ରୀଡାଶିକ୍ଷକ ବିଶିକେଶନ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ । ମଦନ ବାଗ ଓ ସ୍ୱପ୍ନେଶ୍ୱର ଯୋଷୀ ଖେଳ ପରିଚାଳନା କରିଥିବା ବେଳେ ମୁକେଶ ଦଣ୍ଡସେନା ଧାରାବିବରଣୀ ଓ ଦେବରାଜ କୈବର୍ତ୍ତ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ଅନୁଷ୍ଠାନର ନଟ ଆଡବଙ୍ଗ, ବିମଳ କିଶୋର ନିଆଲ, କିର୍ତନ ବାଗ, ରଥୁ ବଘେଲ, ନିକୁ ଶବର, ମନୁ ଦୁରିଆ, ବିଦ୍ୟା କୁମ୍ଭାର, ଚିନ୍ମୟ କୁମ୍ଭାର, ହେତୁ ଶବର, ପ୍ରମାନନ୍ଦ ଦାସ, ଅମନ ଛତ୍ରିଆ, ନବୀନ ନିଆଲ, ମୋହନ ରଣା ପ୍ରମୁଖ ସହଯୋଗ କରିଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE 7 କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ଫ୍ରାଙ୍କଲିନ୍

ସଂକ୍ଷେପରେ

ବିଜେଡି ୱାର୍ଡ କର୍ମୀ ସମ୍ମିଳନୀ

ଭବାନୀପାଟଣା,୨୭।୧(ଡି.ଏନ.ଏ.) ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ କର୍ଲାପଡା ଓ କଲମଠାରେ ବିଜୁ ଜନତା ଦଳ ପକ୍ଷରୁ ଶନିବାର ୱାର୍ଡ କମିଟି ସଭ୍ୟମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଭବାନୀପାଟଣା ବିଧାୟକ ଅନାମ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ପ୍ରଦୀପ କୁମାର ଭୋଇ, ବିଜେଡି ବ୍ଲକ ମହିଳା ସଭାନେତ୍ରୀ ପ୍ରଗତି ନାଏକ, ନଗର ସଭାପତି ଧବଳେଶ୍ୱର ମହାପାତ୍ର, ଜିତୁ ମହାନ୍ତି, ଛେଲିଆମାଲ ସରପଞ୍ଚ ସୁରେନ୍ଦ୍ର କୁମାର ପ୍ରଧାନ, କଲମ ସରପଞ୍ଚ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ସର୍ବସାଧାରଣଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ଆଲୋଚନା କରିବା ସହ ଆଗାମୀ ସାଧାରଣ ନିର୍ବାଚନ ସମ୍ପର୍କରେ କର୍ମୀମାନଙ୍କୁ ଦଳୀୟ ପ୍ରଶିକ୍ଷଣ ଦିଆଯାଇଥିଲା।

ଚିଚିଆ ଗ୍ରାମରେ ଧନୁଯାତ୍ରା ଉଦ୍‌ଘାଟିତ

ଗୋଲାମୁଣ୍ଡା,୨୭।୧(ଡି.ଏନ.ଏ.) ଚିଚିଆ ମା' ସେମଲିଏନ ଧନୁଯାତ୍ରା କମିଟି ପକ୍ଷରୁ ଧନୁଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ଏହି ଯାତ୍ରାରେ ସଭାପତି ରମେଶ ଚନ୍ଦ୍ର ଠାକୁର, ଉପସଭାପତି ଶଙ୍କର ମଙ୍ଗରାଜ, ସମ୍ପାଦକ କୁମୁଦ ସରାଫ, ସହ ସମ୍ପାଦକ ସୁରେନ୍ଦ୍ର ସରାଫ, ମଞ୍ଚ ପରିଚାଳନା ମାର୍କଣ୍ଡ ସତନାମୀ କରୁଥିବା ବେଳେ କମିଟିର ବିକି ମଙ୍ଗରାଜ, ସଞ୍ଜୀବ ନିଆଲ, ଜଗାନନ ସତନାମି, ତପନଜିତ ବାଗ,ସୁରେନ୍ଦ୍ର ସତନାମି, ମଣ୍ଟୁ ସତନାମି, ରିଖିରାମ ଅଘରିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସହଯୋଗ କରୁଛନ୍ତି। ମହାରାଜ କଂସ ଭୂମିକାରେ ଲାଠୋର ଗ୍ରାମର ଆର୍ତ୍ତତ୍ରାଣ ସୁନାନୀ ଅଭିନୟ କରୁଥିବା ବେଳେ ତାଙ୍କର ଜିବନ୍ତ ଅଭିନୟ ଦେଖିବାକୁ ଦୈନିକ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ ଜମୁଛି । ମୀନା ବଜାର ସହିତ ଜିଲା ଓ ଜିଲା ବାହାରର ଷ୍ଟାଲ ମୁଖ୍ୟ ଆକର୍ଷଣ ପାଲଟିଥିବା ବେଳେ ସୁସ୍ୱାଦୁ ଚଟପଟ ଖାଦ୍ୟ ଆକର୍ଷଣ କରୁଛି । ପ୍ରତ୍ୟେକ ଦିନ ମଞ୍ଚ କାର୍ଯ୍ୟକ୍ରମରେ ଅନେକ ରାଜନେତା, ସାମାଜିକ କର୍ମୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରୁଛନ୍ତି । ଭିଡକୁ ଦୃଷ୍ଟିରଖି ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

କାଉଡୋଳା ଶିଶୁମନ୍ଦିରରେ ମାତୃପିତୃ ସମ୍ମିଳନୀ

କୋକସରା,୨୭।୧(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ଶିଶୁମନ୍ଦିର ପକ୍ଷରୁ କେନ୍ଦୁଗୁଡାସ୍ଥିତ ଝାରବନ୍ଧ କାଳେଶ୍ୱର ଶିବ ମନ୍ଦିର ପରିସରରେ ରବିବାର ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶିଶୁମନ୍ଦିର ସମ୍ପାଦକ ଗିରିଶ ଚନ୍ଦ୍ର ସରାବୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କାଉଡୋଳା ସରପଞ୍ଚ ଜମ୍ବୁବତୀ ସାହୁ, ମୁଖ୍ୟବକ୍ତା ଶିକ୍ଷାବିତ ସୀତାକାନ୍ତ ପଣ୍ଡା, ସମ୍ମାନିତ ଅତିଥି ଶିଶୁମନ୍ଦିର ଚେୟାରମ୍ୟାନ କପୁରଚନ ରାଉତ, କାଳେଶ୍ୱର ମନ୍ଦିର ଟ୍ରଷ୍ଟ ସଭାପତି ଆଦିତ୍ୟ ପଣ୍ଡା, ସମିତି ସଭ୍ୟ ସାଧୁ ବେମାଲ, ନାଏବ ସରପଞ୍ଚ ଦେବାସିଂ ତାଣ୍ଡି ପ୍ରମୁଖ ଉପସ୍ଥିତଥିଲେ। ଏହି ଅବସରରେ ମାତାପିତାମାନଙ୍କୁ ଛାତ୍ରୀଛାତ୍ରମାନେ ଉଚିତ ମାର୍ଗଦର୍ଶନ ଦେବା ପାଇଁ ବକ୍ତାମାନେ ଉପଦେଶ ଦେଇଥିଲେ। କାଉଡୋଳା ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅମିତ କୁମାର ଯୋଷୀ, ଆଚାର୍ଯ୍ୟ ରଣଜିତ ବାଗ, ଲକ୍ଷ୍ମଣ ଅଧିକାରୀ, ଭୁଷଣ ମାଝି, ଗୁରୁମା ବୈବସୂତା ବଗର୍ତ୍ତି, ସରସ୍ୱତୀ ବେମାଲ, ସୁଶ୍ରୀ ମିନାକ୍ଷୀ ସାହୁ, ସୁଶ୍ରୀ ବୀଣା ନାଏକ, ଶୁଭଶ୍ରୀ ସରାବୁ ପ୍ରମୁଖ ସହଯୋଗ କରିଥିଲେ।

ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

ସଂଗ୍ରାମୀଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବା ଜରୁରୀ

ଭବାନୀପାଟଣା,୨୭।୧(ଡି.ଏନ.ଏ.)

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମନ୍ତ୍ରୀ ପ୍ରତାପ ଜେନା ଅଭିବାଦନ ଗ୍ରହଣ କରୁଛନ୍ତି (ବାମ)। କର୍ଲାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ଓ କିଡ୍‌ୱାର୍ଲଡର ଭାଇ ଭଉଣୀମାନେ ମହାପୁରୁଷମାନଙ୍କ ବେଷରେ ସଜ୍ଜିତ ହୋଇଛନ୍ତି।

- **ଜାତୀୟ ପତାକା ଛିଣ୍ଡି ତଳେ ପଡିଲା**
- **ଜିଲାସ୍ତରର ଶ୍ରେଷ୍ଠ ପଞ୍ଚାୟତ, ଶ୍ରେଷ୍ଠ ଗ୍ରାମକୁ ପୁରସ୍କାର**

ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଶନିବାର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଶନିବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ୍ ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ବେଳେ ଜାତୀୟ ପତାକା ଛିଣ୍ଡି ତଳେ ପଡିଯାଇଥିଲା। ପରେ ପୋଲିସ କର୍ମଚାରୀମାନେ ଜାତୀୟ ପତାକାକୁ ପୁଣି ଥରେ ଦଉଡିରେ ବାନ୍ଧିବା ପରେ ଉତ୍ତୋଳନ କରାଯାଇଥିଲା। ଜିଲାରେ ପ୍ରଥମ ଥର ପାଇଁ ସାଧାରଣତନ୍ତ୍ର ଦିବସରେ ଏଭଳି ଘଟଣା ଘଟିବା ଉପସ୍ଥିତ ଦର୍ଶକଙ୍କ ମନରେ ଦୁଃଖ ଦେଇଥିଲା। ମନ୍ତ୍ରୀଙ୍କ ସହ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଓ ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ବି. ଗଙ୍ଗାଧର ମଧ୍ୟ ଉପସ୍ଥିତ ଥିଲେ। ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଜେନା କହିଥିଲେ ଯେ, ରାଜ୍ୟ ସରକାର ଜନସାଧାରଣଙ୍କ ଉନ୍ନତି ଓ କଲ୍ୟାଣ ନିମନ୍ତେ କରିଥିବା ବହୁ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସମ୍ପ୍ରତି ରାଜ୍ୟ ଉନ୍ନତି ପଥରେ ଅଗ୍ରସର ହେଉଥିବା ପ୍ରକାଶ କରିଥିଲେ। ସଂଗ୍ରାମୀଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବା ଜରୁରି ବୋଲି ଅତିଥିମାନେ କହିଥିଲେ । ପରେଡ୍ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଶ୍ରେଷ୍ଠ ହୋଇଥିବା ଦଳ ଓ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଜିଲାସ୍ତରର ଶ୍ରେଷ୍ଠ ପଞ୍ଚାୟତ ଭାବେ ମଦନପୁର ରାମପୁର ବ୍ଲକ ଡିକେଖୁଣ୍ଟା, କଲମପୁର ବ୍ଲକ ବନ୍ଦକନା, ଜୁନାଗଡ ବ୍ଲକ ମଇଚଲା, ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର, ଧର୍ମଗଡ ବ୍ଲକର ଡୁମେରଗୁଡା ଗ୍ରାମପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ଭାବରେ ଏକଲକ୍ଷ ଟଙ୍କା ଚେକ ଆକାରରେ ପ୍ରଦାନ କରିଥିଲେ। ସେହିଭଳି ଜିଲା ଶ୍ରେଷ୍ଠ ଗ୍ରାମ ଭାବେ ନର୍ଲା ବ୍ଲକ ଅନ୍ତର୍ଗତ ବେହେରାପାର୍ଟି, ଧର୍ମଗଡ ବ୍ଲକ ଅନ୍ତର୍ଗତ ଝାରକୁଣ୍ଡାମାଲ, ଥୁ. ରାମପୁର ବ୍ଲକ ବିରିକୋର୍ଟ, କଲମପୁର ବ୍ଲକ କୋଟାଗାଁ, କେସିଙ୍ଗା ବ୍ଲକ ଗୁରଜିମୁଣ୍ଡା, କୋକସରାର ମାଝିପଡା, ମଦନପୁରର ହରଲଙ୍ଗା, ଜୁନାଗଡର ଚିଚିଗୁଡା, ଗୋଲାମୁଣ୍ଡାର ସଙ୍କରିପାଲି, କର୍ଲାମୁଣ୍ଡାର ଟର୍ଚ୍ଚାପଲା, ଭବାନୀପାଟଣାର ଡୁମରିଆ ଏବଂ ଲାଞ୍ଜିଗଡ ବ୍ଲକର ଗୋପୀନାଥପୁର ଗ୍ରାମକୁ ମଧ୍ୟ ସୁସ୍ଥ ଗ୍ରାମ ହିସାବରେ ଏକଲକ୍ଷ ଟଙ୍କା ଚେକ ଆକାରରେ ପ୍ରଦାନ କରାଯାଇଥିଲା। ପତାକା ଉତ୍ତୋଳନ ସରିବା ପରେ ମନ୍ତ୍ରୀ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ୱାର୍ଡରେ ଥିବା ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ସନ୍ଧ୍ୟା ୬ଟାରେ ସ୍ଥାନୀୟ ଲାଲବାହାଦୂର ଷ୍ଟାଡିୟମ୍‌ଠାରେ ଜିଲା ସଂସ୍କୃତି ପରିଷଦ ଏବଂ ସୂଚନା ଲୋକ ସମ୍ପର୍କ ବିଭାଗ ମିଳିତ ଉଦ୍ୟମରେ ଦେଶାତ୍ମବୋଧ ନୃତ୍ୟ ସଙ୍ଗୀତ ପରିବେଷଣ ଦର୍ଶକମାନଙ୍କୁ ବିଲମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସେହିପରି ଭବାନୀପାଟଣାସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଗାନ୍ଧୀଚୌକସ୍ଥିତ ଲକ୍ଷ୍ମୀ ବଜାର କମିଟି, ଘରୋଇ ବସ୍ ମାଲିକ ଆସୋସିଏଶନ୍, ଲଘୁଯାନ ଚାଳକ ସଂଘ, ବିଭିନ୍ନ ସରକାରୀ ଅଫିସ, ସ୍କୁଲ, କଲେଜ, ବେସରକାରୀ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ସ୍ଥାନୀୟ ମଦରସା ହବିବୁଲ୍ ମଦାରିସଠାରେ ମଧ୍ୟ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମଦରସାର, ମୋହତମିମ୍ ହାଜି, ମହମ୍ମଦ ଅଖିଲ ହବିବି ସମସ୍ତ ସଭ୍ୟ ଉପଦେଷ୍ଟା କମିଟି ସଦସ୍ୟ ଶିକ୍ଷକ ତଥା ଛାତ୍ରବୃନ୍ଦଙ୍କ ଉପସ୍ଥିତିରେ ଭବାନୀପାଟଣାର ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ।

ଜୁନାଗଡ,(ଡି.ଏନ.ଏ.) ଜୁନାଗଡ ହାଇସ୍କୁଲ ପଡିଆଠାରେ ଶନିବାର ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜୁନାଗଡ ସାଧାରଣତନ୍ତ୍ର ଦିବସ ପାଳନ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ କରିଥିଲେ। ସମ୍ମାନିତ ଅତିଥି ଜୁନାଗଡ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ପୂର୍ବତନ ଏନଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ଜୁନାଗଡ ଅଗ୍ନିଶମ ଅଧିକାରୀ ଶିଶିରକାନ୍ତ ସିଂହ, ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ, ସୀତାଦେବୀ ମାଝି, ଅବସର ସେନାବାହିନୀ ଦିପ୍ତି ଲୋଚନ ମୁଣ୍ଡ, ଏନସିସି କମାଣ୍ଡର ପ୍ରଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ବିଦ୍ୟାଳୟ, ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଆଉ କିଛି ମାସ ପରେ ଅବସର ନେବାକୁ ଥିବା ଜୁନାଗଡ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱରୀ ପୂଝାରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ସହ ଉତ୍ତମ କାର୍ଯ୍ୟ ପରିଚାଳନା ପାଇଁ ଜୁନାଗଡ ଅଗ୍ନିଶମ ଅଧିକାରୀ ଶିଶିରକାନ୍ତ ସିଂହ, ଅବସରପ୍ରାପ୍ତ ନର୍ସ ପୀତାମ୍ବରୀ ନାୟକଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା।

କର୍ଲାମୁଣ୍ଡା,(ଡି.ଏନ.ଏ.) କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟଠାରେ ବିଡିଓ କିଶୋର କୁମାର ପଣ୍ଡା, ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ହିମାଂଶୁ ଶେଖର ସାହୁ, ଆଇସିଡିଏସ କାର୍ଯ୍ୟାଳୟରେ କୁସୁମ ପଣ୍ଡା, କର୍ଲାମୁଣ୍ଡା ଫାଣ୍ଡିରେ ଫାଣ୍ଡି ଅଧିକାରୀ ଅଧିଶ ଚନ୍ଦ୍ର ବିଶ୍ୱାସ, କର୍ଲାମୁଣ୍ଡା ଯୁକ୍ତ ଦୁଇ ମହାବିଦ୍ୟାଳୟ ସମ୍ପାଦକ ଶିଶିଭୂଷଣ ଭୋଇ, ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ଅବନିକାନ୍ତ ସାହୁ, ପଞ୍ଚାୟତ ସମିତି ହାଇସ୍କୁଲଠାରେ ପ୍ରଧାନ ଶିକ୍ଷକ ପ୍ରଶନ୍ନ କୁମାର ପଧାନ, ସରସ୍ୱତୀ ଶିଶୁ ମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ବିଜୁ କୁମାର ସାହୁ, ରିଞ୍ଚା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ ଭୋଜବନ୍ତି ସାହୁ ପ୍ରମୁଖ ପତାକା ଉତ୍ତୋଳନ କରି ପରେଡ ପଡିଆଠାରେ ବିଡିଓ କିଶୋର କୁମାର ପଣ୍ଡା ପତାକା ଉତ୍ତୋଳନ ସହ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ତହସିଲଦାର ଉପେନ୍ଦ୍ର ଲୁହା ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ କରିଥିଲେ। ବ୍ଲକ ସଦର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ପ୍ୟରେଡ ପ୍ରତିଯୋଗିତା ହୋଇଥିଲା।

ପଲମ,(ଡି.ଏନ.ଏ.) ନର୍ଲା ବ୍ଲକ୍ ଅଧୀନସ୍ଥ ପଲମ ପଞ୍ଚାୟତସ୍ଥିତ ପଲମ ରାଜିବଗାନ୍ଧୀ ସେବା କେନ୍ଦ୍ରଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ସାବେତ୍ରୀ ମାଝି ପତାକା ଉତ୍ତୋଳନ ହୋଇଥିଲା । ପଞ୍ଚାୟତ ସମିତି ସଭ୍ୟ, ନାଏବ ସରପଞ୍ଚ ଓ ୱାର୍ଡମେମ୍ବରମାନେ ଯୋଗଦାନ ଦେଇଥିଲେ। ପଲମ ଉଚ୍ଚ ବିଦ୍ୟାଳୟର ସହ ଶିକ୍ଷକ ଗୌରଚନ୍ଦ୍ର ଗହୀର ସାଧାରଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ ଏବଂ ପଲମ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ମାମିନା ସାହୁ ଶିଶାଖାଲ ସାଧାରଣତନ୍ତ୍ର ଦିବସରେ ଭାଷଣ ପ୍ରଦାନ କରିଥିଲେ। ପଲମ ଫାଣ୍ଡି, ସ୍ୱାସ୍ଥ୍ୟ କେନ୍ଦ୍ର, ରାଜସ୍ୱ କାର୍ଯ୍ୟାଳୟ, ପଶୁ ଚିକିତ୍ସାଳୟ, ସେବା ସମବାୟ ସମିତି, ବ୍ରିଗେଡ ସ୍କୁଲ ପ୍ରଭୃତି ସରକାରୀ ତଥା ବେସରକାରୀ ସଂସ୍ଥାରେ ପତାକା ଉତ୍ତୋଳନ କରାଯାଇଥିଲା। ଟକର୍ଲା ପଞ୍ଚାୟତସ୍ଥିତ ରାଜିବଗାନ୍ଧୀ ସେବା କେନ୍ଦ୍ରଠାରେ ସରପଞ୍ଚ ସୁଶିଳା ମାଝି ପତାକା ଉତ୍ତୋଳନ କରିଥିଲେ। ପଞ୍ଚାୟତ ପିଇଓ ଟିକେରାମ ଛତ୍ରୀଆ ଏହି କାର୍ଯ୍ୟରେ ଯୋଗଦାନ ଦେଇଥିଲେ।

କେସିଙ୍ଗା,(ଡି.ଏନ.ଏ.) କେସିଙ୍ଗା ଏନଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ କେସିଙ୍ଗା ବିଦ୍ୟାପୀଠ ଖେଳ ପଡିଆଠାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଳାହାଣ୍ଡି ଉପଜିଲାପାଳ ମିର୍ଜା ଟପ୍ପୋ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏହି ଉତ୍ସବରେ ଏନଏସିର ବିଭିନ୍ନ ଶିକ୍ଷାନୁଷ୍ଠାନର ୨୭ ଗ୍ରୁପ ଅଂଶ ଗ୍ରହଣ କରିଥିଲେ । ଏଥିରେ ଉପଜିଲାପାଳଙ୍କ ସ୍ତ୍ରୀ ସୁଶିଳା ଟପ୍ପୋ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଏସଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ବାସୁଦେବ ଛତ୍ରିଆ ମଞ୍ଚାସୀନ ଥିଲେ। ସେହିପରି କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ମଧ୍ୟ ସମସ୍ତ ସ୍କୁଲ, କଲେଜ, ବ୍ଲକ, ଏନଏସି, ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି ।

କୋକସରା,(ଡି.ଏନ.ଏ.) କୋକସରା ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ଗୁଡହାଣ୍ଡି ମଞ୍ଚ ପଡିଆଠାରେ ପାଳିତ ହୋଇଯାଇଛି । କୋକସରା ବିଡିଓ ବସନ୍ତ କୁମାର ସେଠୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସବ୍ୟାରାଣୀ ବାଗ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ, କୋସରା ତହସିଲଦାର ମୌସୁମୀ ନାଏକ, ବିଜେଡି ବ୍ଲକ ସଭାନେତ୍ରୀ ଅଶୋକା ନାଏକ, କୋକସରା ସମିତିସଭ୍ୟ ତ୍ରିଭୁବନ ନାଏକ, ବିଜେଡି ବ୍ଲକ ସଭାପତି ସୁଶାନ୍ତ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ପ୍ରଧାନୀ, ଅତୁଲ୍ୟ ପ୍ରଧାନୀ, କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ମଲ୍ଲିକ, ଜବାହର ଉଚ୍ଚବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି ପରେଡ ଦାୟିତ୍ୱ ତୁଲାଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ସାଧାରଣତନ୍ତ୍ର ଦିବସର ରୂପରେଖ ପ୍ରସ୍ତୁତ କରିଥିବା ବେଳେ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଦିବଙ୍ଗତ ଖବରତାଦା କୁମୁଦ ଚନ୍ଦ୍ର ନାଏକଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ମରୋଣତ୍ତର ମାନପତ୍ର ତାଙ୍କ ସହଧର୍ମିଣୀ ଶାନ୍ତି ନାଏକଙ୍କୁ ବ୍ଲକ ପ୍ରଶାସନ ତରଫରୁ ପ୍ରଦାନ କରାଯାଇଥିଲା ।

ଗୋଲାମୁଣ୍ଡା,(ଡି.ଏନ.ଏ.) ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଗୋଲାମୁଣ୍ଡା ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ ଓ ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ତହସିଲ ଅଫିସ, ପୋଲିସ ଷ୍ଟେଶନ, ସର୍ବମଙ୍ଗଳା କଲେଜ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରକ୍ମଣୀ ମଙ୍ଗରାଜ ପତାକା ଉତ୍ତୋଳନ କରିଥିଲେ। କେଗାଁ ଅଞ୍ଚଳିକ ଉଚ୍ଚ ବିଦ୍ୟାଳୟ, କେଗାଁ ରାଜସ୍ୱ ବିଭାଗ ଅଫିସ, ଥାନା, ବନ ବିଭାଗ

ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ, ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍‌ଫୁସିୟସ

ସଂକ୍ଷେପରେ

ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା
ମିଳିଲା ମହିଳାଙ୍କ ପରିଚୟ

ଝାରସୁଗୁଡ଼ା ଅଫିସ,୨୭।୧- ଝାରସୁଗୁଡ଼ା ବଡ଼ମାଲ ଥାନା ତେଲିପଡ଼ା ପୋଖରୀ ନିକଟରେ ଶୁକ୍ରବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଥିଲା। ରବିବାର ତାଙ୍କ ପରିଚୟ ମିଳିଛି। ସେ ହେଲେ ପତ୍ରାପାଲିର ପ୍ରମୋଦ ଭୋଇଙ୍କ ସ୍ତ୍ରୀ ପଦ୍ମିନୀ(୩୬)। ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିବା କହି ଗୁରୁବାର ପଦ୍ମିନୀ ଘରୁ ବହାରିଥିଲେ। ହେଲେ ସମ୍ପର୍କୀୟଙ୍କ ଘରକୁ ନ ଯାଇ ତେଲିପଡ଼ା ପୋଖରୀ ନିକଟରେ ଏକ ମହୁଲ ଗଛରେ ଝୁଲି ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

ମାଲିମୁଣ୍ଡା କ୍ରିକେଟ ଟୁର୍ନାମେଣ୍ଟ
ଜେଣ୍ଟଲମେନ୍ ଏକାଦଶ ଚାମ୍ପିୟନ

କିର୍ମିରା,୨୭।୧(ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲା ମାଲିମୁଣ୍ଡା ଗ୍ରାମରେ ସାଧାରଣତନ୍ତ୍ର ଦିବସ ଅବସରରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ରାଧେଶ୍ୟାମ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଜେଣ୍ଟଲମେନ୍ ଏକାଦଶ ଏବଂ ରାଇଜିଂ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେଣ୍ଟଲମେନ ଏକାଦଶ ଚାମ୍ପିୟନ ହୋଇଛି। ଲଲିତ ମୋହନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଭଜନ ଭୋଇ, ଅଜୟ ନେଟୀ ମ୍ୟାଚ୍ ପରିଚାଳନା କରିଥିଲେ।

ଦେଶର ଅଖଣ୍ଡତାକୁ ବଜାୟ ରଖିବାକୁ ଆହ୍ୱାନ

ଝାରସୁଗୁଡ଼ା ଅଫିସ,୨୭।୧

ଝାରସୁଗୁଡ଼ା ମନମୋହନ ସ୍କୁଲ ପଡ଼ିଆରେ ଶନିବାର ଜିଲାସ୍ତରୀୟ ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦେଶର ଏକତା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ବଜାୟ ରଖିବା ଏବଂ ମହାପୁରୁଷଙ୍କ ଆଦର୍ଶ ଏବଂ ଗୁଣାବଳୀକୁ ଅନୁସରଣ କରିବାକୁ ଜିଲାପାଳ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଏଥିରେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝି, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର ସୁନାଶିର କିଷାନ, ଆଲୋମଣି ସେଠୀ, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ଝାରସୁଗୁଡ଼ା ଜିଲା ଗଠନର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି କ୍ଷେତ୍ରରେ ପ୍ରମୁଖ ଭୂମିକ ନିର୍ବାହ କରିଥିବା ୬୪ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମିଳିତ ପରେଡ୍‌ରେ ଜିଲାର ବିଭିନ୍ନ ପୋଲିସ ବିଭାଗ, ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନର ମୋଟ ୩୮ ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲାର ଶ୍ରେଷ୍ଠ ଚାଷୀ ଦୀପକ କିଷାନ, ଶ୍ରେଷ୍ଠ କ୍ରୀଡ଼ାବିତ ତପସ୍ୱିନୀ ନାୟକ, ବିକି ଓରାମ, ନବୀନ ସୁନା ଓ ଟଙ୍କଧର ବାଗ, ଶ୍ରେଷ୍ଠ ଆଶାକର୍ମୀ ସୌଭାଗିନୀ ମୁଣ୍ଡା, ପୁଷ୍ପାଞ୍ଜଳି ବାଗ, ସବ୍ୟା ଧୁରୁଆ, ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ମା' ଗଜଲକ୍ଷ୍ମୀ ଏସ୍‌ଏଚ୍‌ଜିକୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ପିଣ୍ଟୁ ପାଢ଼ୀ, ନରେନ୍ଦ୍ର ପଣ୍ଡା, ଗଣେଶ ନାଏକ, ପ୍ରିୟଙ୍କା ଶତପଥୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଜିଲାପାଳ ଓ ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି।

ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ସମାସିଂହା କ୍ରିକେଟ ଟୁର୍ନାମେଣ୍ଟ
ଚିଚିଣ୍ଡା ଚାମ୍ପିୟନ

କୋଲାବିରା,୨୭।୧(ଡି.ଏନ୍.ଏ.)

ସମାସିଂହା ଚମ୍ପିୟନ୍ସ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ରଘୁନାଥପାଲି ଏବଂ ଚିଚିଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଚିଚିଣ୍ଡା ଚାମ୍ପିୟନ ହୋଇଛି। ରଘୁନାଥପାଲି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭୫ ରନ କରିଥିଲା। ଏହାର ଜବାବରେ ଚିଚିଣ୍ଡା ଦଳ ୭୬ ରନ କରି ବିଜୟୀ ହୋଇଥିଲା। ରଞ୍ଜିତ ପଟେଲ, ଅଜିତ ସେନାପତି, ସୁଧୀର ସେନାପତି, ଭୁବନ ପାଣ୍ଡେ, ଅର୍ଜୁନ କିଷାନ, ବଗାର ପଟେଲ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ଟିମ୍‌ର ସୁରଜ ପଟେଲ, ଆଶିଷ ନାଏକ,ତପନ, ଗଗନ, ରାଜା, ସୁନୀଲ, ନିରଜ, ମହେନ୍ଦ୍ର, ଡୋଲାମଣି, ମିଲନ, ପପ୍ପୁ, ଅଶୋକ ପ୍ରମୁଖ ସହଯୋଗ କରିଥିଲେ।

ସପ୍ତମ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ
ଝାରସୁଗୁଡ଼ା ଭିଏସ୍‌ଏସ୍ ଚାମ୍ପିୟନ

ବେଲପାହାଡ଼,୨୭।୧ (ଡି.ଏନ୍.ଏ.)

ସାଧାରଣତନ୍ତ୍ର ଦିବସ ଅବସରରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଯୁବା କ୍ଲବ ପକ୍ଷରୁ ସପ୍ତମ ରାଜ୍ୟସ୍ତରୀୟ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ବେଲପାହାଡ଼ ଟିଆର୍‌ଏଲ୍ କ୍ରୋସାକି, ଛତିଶଗଡ଼, ଝାରଗାଁ, ତିଲେଇମାଲ, ଝାରସୁଗୁଡ଼ା ଭିଏସ୍‌ଏସ୍ ଓ ସମରବଗା ଆଦି ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଝାରସୁଗୁଡ଼ା ଭିଏସ୍‌ଏସ୍ ଓ ସମରବଗା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଝାରସୁଗୁଡ଼ା ଭିଏସ୍‌ଏସ୍ ଚାମ୍ପିୟନ ହୋଇଛି। ସୁଶାନ୍ତ ପଟେଲ, ତୁଷାରକାନ୍ତ ପ୍ରଧାନ ଓ ଜେନାମଣି ସେଠ୍ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଯୁବା କ୍ଲବ ସଭାପତି ସତ୍ୟପ୍ରକାଶ ମହାନ୍ତି ଅତିଥି ପରିଚୟ ପ୍ରଦାନ ଏବଂ ସମ୍ପାଦକ ବିଜୟ ପତି ଧନ୍ୟବାଦ ଅର୍ପଣ କରିଥିଲେ।

ନବଙ୍କ ପରେ ମଞ୍ଜୁଙ୍କ ଦଳ ପରିବର୍ତ୍ତନ ଚର୍ଚ୍ଚା

ସମ୍ବଲପୁର,୨୭।୧ (ବ୍ୟୁରୋ)

- ବିଜେଡି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ
- ପିସିସି ସାଧାରଣ ସମ୍ପାଦକ ଅଛନ୍ତି
- ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଅଛନ୍ତି
- କଂଗ୍ରେସରେ ନାହିଁ ବୋଲି କହିଲେ

ଝାରସୁଗୁଡା ବିଧାୟକ ନବ କିଶୋର ଦାସ କଂଗ୍ରେସ ହାତ ଛାଡି ନିକଟରେ ଶଙ୍ଖ ଫୁଙ୍କିଛନ୍ତି। ଏବେ ତାଙ୍କ ଭାଇ ରାଜକିଶୋର ଦାସ (ମଞ୍ଜୁ) ମଧ୍ୟ ହାତ ଛାଡି ଶଙ୍ଖ ଫୁଙ୍କିବାକୁ ବାହାରିଥିବା ଚର୍ଚ୍ଚା ସୃଷ୍ଟି ହୋଇଛି। ଗତ ୨୪ ତାରିଖ ଝାରସୁଗୁଡାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିବା ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହାକୁ ନେଇ ରାଜନୀତି ମହଲରେ ଚର୍ଚ୍ଚା ଜୋର ଧରିଛି। ଭାଇ ନବଙ୍କ ଭଳି ମଞ୍ଜୁ ମଧ୍ୟ ଖୁବ ଶିଘ୍ର ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ମଞ୍ଜୁ ପିସିସିର ସାଧାରଣ ସମ୍ପାଦକ ଓ ବରଗଡ ଲୋକସଭା ନିର୍ବାଚନ ମଣ୍ଡଳୀର ଦାୟିତ୍ୱରେ ରହିଛନ୍ତି। ତେବେ ମଞ୍ଜୁ ଠିକ୍ କରି ନାହାନ୍ତି ବୋଲି ଅନେକ କଂଗ୍ରେସ କର୍ମୀ କହୁଛନ୍ତି। ଭାଇ ନବଙ୍କ ବାଟରେ ଯାଇ ମଞ୍ଜୁ କଂଗ୍ରେସ ଦଳ ଛାଡିବା ଆଶଙ୍କା ରହୁଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ମଞ୍ଜୁଙ୍କୁ ପଚାରିବାରୁ ସେ ବିଜେଡି ସଭାରେ ଯୋଗ ଦେଇଥିବା ସ୍ୱୀକାର କରି ଆଉ କଂଗ୍ରେସ ଦଳରେ ନାହାନ୍ତି। ଇସ୍ତଫା ପତ୍ର ଦେଇ ଦେଇଛନ୍ତି। ଖୁବଶୀଘ୍ର ବିକଳ୍ପ ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ସମ୍ବଲପୁର ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁଙ୍କୁ ପଚାରିବାରୁ ଏ ନେଇ ଦଳ ପାଖରେ କିଛି ଖବର ନାହିଁ । ଯଦି ସେମିତି ହୋଇଥାଏ ତାହା ହେଲେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି କହିଥିଲେ।

ପଞ୍ଚଗାଁରେ ଜିଲାସ୍ତରୀୟ ଚାଷୀ ସମାବେଶ
କୃଷିଋଣ ଛାଡ଼ ନ କରି ଚାଷୀଙ୍କୁ ଋଣମୁକ୍ତ କରାଯାଉ

ଲଖନପୁର,୨୭।୧(ଡି.ଏନ୍.ଏ.)

ଓଡ଼ିଶାରେ ମହାନଦୀ ସମେତ ଅନେକ ଛୋଟବଡ଼ ନଦୀ ରହିଛି। ଏହି ନଦୀଜଳକୁ ସଂରକ୍ଷିତ କରି ଏହାକୁ ଚାଷ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉ। ପଶ୍ଚିମ ଓଡ଼ିଶାର ସୀମାନ୍ତବର୍ତ୍ତୀ ଝାରସୁଗୁଡ଼ା ଜିଲାରେ ରହିଛି ବୃହତ ହୀରାକୁଦ ଜଳଭଣ୍ଡାର। ଏହି ଅଥଳ ଜଳରାଶିକୁ ଲୋକେ ଆଖି ଆଗରେ ଦେଖୁଛନ୍ତି ସତ କିନ୍ତୁ ଚାଷ ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରିପାରୁନାହାନ୍ତି। ଏଥିପାଇଁ ସରକାରଙ୍କ କଟକଣା ରହିଛି। କିନ୍ତୁ ଏହି ଜଳକୁ ଶିଳ୍ପାନୁଷ୍ଠାନଗୁଡ଼ିକ ବେଆଇନ ଭାବେ ଶୋଷି ନେଉଛନ୍ତି। ଏହା ରାଜ୍ୟ ସରକାରଙ୍କ ଶିଳ୍ପପ୍ରୀତି। ରାଜ୍ୟରେ କୃଷିଋଣ ଛାଡ଼ କରା ନ ଯାଇ ମଧ୍ୟ ଚାଷୀଙ୍କୁ ଋଣମୁକ୍ତ କରାଯାଇ ପାରିବ। ଚାଷୀଙ୍କ ଅର୍ଥିକ ମାନଦଣ୍ଡ ସୁଦୃଢ଼ କରାଯାଉ ଯେମିତି ଚାଷୀ ଋଣ ପରିଶୋଧ କରିପାରିବେ ଓ ଭବିଷ୍ୟତରେ ଆଉ ଋଣ କରିବାର ଆବଶ୍ୟକତା ପଡ଼ିବ ନାହିଁ। ୧୩ଦଫା ଦାବିନେଇ ଲଖନପୁର ବ୍ଲକ କୃଷକ ସଙ୍ଗଠନ ପକ୍ଷରୁ ପଞ୍ଚଗାଁ ରେଙ୍ଗାଲି ସାପ୍ତାହିକ ବଜାର ପ୍ରାଙ୍ଗଣରେ ଶନିବାର ଜିଲାସ୍ତରୀୟ ଚାଷୀ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟସ୍ତରୀୟ ସାମାଜିକ କର୍ମୀ ତଥା ଜଳପୁରୁଷ ଡ. ରାଜେନ୍ଦ୍ର ସିଂହ ମତବ୍ୟକ୍ତ କରିଛନ୍ତି। ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ସାରା ଦେଶରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି ଆନ୍ଦୋଳନ ଚମ୍ପାରଣରୁ ଆରମ୍ଭ ହୋଇ ପଞ୍ଚଗାଁରେ ପହଞ୍ଚିଛି। ଏହାକୁ ଆଗାମୀ ଦିନରେ ତୀବ୍ରତର କରାଯିବ ବୋଲି ସିଂହ ଚେତାବନୀ ଦେଇଛନ୍ତି। ଏଥିପାଇଁ ଚାଷୀଙ୍କୁ ସଙ୍ଗଠିତ ହୋଇ ଲଢ଼େଇ କରିବାକୁ ପଡ଼ିବ ବୋଲି ସେ ଆହ୍ୱାନ କରିଛନ୍ତି। ଚାଷୀ ସମସ୍ୟାକୁ ନେଇ ସିଂହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏଥିରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହାକ ଲିଙ୍ଗରାଜ ପ୍ରଧାନ, ଅଶୋକ ପ୍ରଧାନ, ସରୋଜ ମହାନ୍ତି, ଛନ୍ଦାଚରଣ ଖମାରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁରେଶ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଲଖନପୁର ବ୍ଲକ କୃଷକ ସଙ୍ଗଠନ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛିଷ ଲଖନପୁର ବ୍ଲକ ଅଞ୍ଚଳର କେତେକ ଉଜୁଡ଼ା ଜଙ୍ଗଲକୁ ସଂରକ୍ଷିତ କରି ଘଞ୍ଚ ଜଙ୍ଗଲରେ ପରିଣତ କରିଥିବା ବାଘମୁଣ୍ଡା, ଅଇଁଲାପାଲି, କିରାରମା, ଝାରଗାଁ ଆଦି ଗ୍ରାମବାସୀଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଝିପିଝିପି ବର୍ଷା ସତ୍ତ୍ୱେ ଏହି ଚାଷୀ ସମାବେଶରେ ୨ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଚାଷୀନେତା ପଞ୍ଚାନନ ପ୍ରଧାନ, ବିରଞ୍ଚି ସାହୁ, ବେଣୁଧର ଭୋଇ, ବାସୁଦେବ ଭୋଇ, ଗୋପୀନାଥ ମାଝି, ସୁରେନ୍ଦ୍ର ସାହୁ, ଫକୀର ସାହୁ, ବିଜୟ ଦାସ, ବୀରେନ୍ଦ୍ର ସାହୁ, ହିମାଂଶୁ ଭୂଷଣ ପ୍ରଧାନ, ଗିରୀଶ ଖମାରୀ ପ୍ରମୁଖ ସହଯୋଗ କରିଥିଲେ। ଦିଲୀପ ବଢ଼େଇ ଧନ୍ୟବାଦ ପ୍ରଦାନ କରିଥିଲେ।

ଚାଷୀ ସମାବେଶରେ ଜଳପୁରୁଷ ଡ. ରାଜେନ୍ଦ୍ର ସିଂହ ଉଦ୍‌ବୋଧନ ଦେଉଛନ୍ତି।

ଫଟୋରେ ଖବର

ଝାରସୁଗୁଡ଼ା ଜିଲା ଗଠନରେ ବିଶେଷ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଜିଲାସ୍ତରୀୟ ୭୦ତମ ସାଧାରଣତନ୍ତ୍ର ଦିବସ ତଥା ଜିଲା ଗଠନର ୨୫ ବର୍ଷ ପୂର୍ତ୍ତି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି।

ଝାରସୁଗୁଡ଼ା ଇକୋପାର୍କଠାରେ ରବିବାର ବିଧାୟକ ନବକିଶୋର ଦାସ ଏବଂ ଅନ୍ୟମାନେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

ଲଇକେରାରେ ସାଧାରଣତନ୍ତ୍ର ଦିବସ

ଲଇକେରା,୨୭।୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ମିନି ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଝାରସୁଗୁଡ଼ା ବିଧାୟକ ନବ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ବିଇଓ ହିମସାଗର ବାଗ, ଏବିଇଓ ବିଦେଶୀ ବେହେରା, ସନ୍ତୋଷ କୁମାର କିଷାନ, କଲେଜ ଅଧ୍ୟକ୍ଷ ଦିଲୀପ କୁମାର ପଟେଲ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ମୁଣ୍ଡକୁ ପଥରରେ ଛେଚି ହତ୍ୟା

ଝାରସୁଗୁଡ଼ା ଅଫିସ,୨୭।୧

ଝାରସୁଗୁଡ଼ା ବଡ଼ମାଲ ଥାନା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ସେ ହେଲେ ବୁରୋମାଲର ଅକ୍ଷୟ ସାହୁ (୪୩)। ଅକ୍ଷୟଙ୍କ ମୁଣ୍ଡକୁ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପୂର୍ବଶତ୍ରୁତାରୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି। ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ଇନ୍ସପେକ୍ଟର ଅମିତାଭ ପଣ୍ଡା ଏବଂ ସାବିତ୍ରୀ ବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ କୌଣସି କାମରେ ଘରୁ ବାହାରିଥିଲେ ଅକ୍ଷୟ। ହେଲେ ବିଳମ୍ବିତ ରାତି ଯାଏ ସେ ଘରକୁ ଫେରି ନ ଥିଲେ। ଏହାକୁ ନେଇ ତାଙ୍କ ପରିବାର ଲୋକେ ସନ୍ଦିହାନ ରହିଥିବା ବେଳେ ବଡ଼ମାଲ ଥାନା ବେହେରାପାଲି ନିକଟରେ ଜଣେ ବ୍ୟକ୍ତିଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ କହିବା ମୁତାବକ ଅକ୍ଷୟଙ୍କ ମୁହଁ ଏବଂ ମୁଣ୍ଡକୁ ଅତି ନିର୍ମମ ଭାବେ ପଥରରେ ଛେଚି ହତ୍ୟା କରାଯାଇଥିବାରୁ ତାଙ୍କୁ ଚିହ୍ନିବା କଷ୍ଟକର ହୋଇଥିଲା। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।

ସାଧାରଣତନ୍ତ୍ର ଦିବସରେ ଉଡ଼ିଲା ତ୍ରିରଙ୍ଗା

କୋଲାବିରା,୨୭।୧ (ଡି.ଏନ୍.ଏ.)

କୋଲାବିରା ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। କୋଲାବିରା ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ବାହୁକ ପତାକା ଉତ୍ତୋଳନ କରିଥିଲେ। ବିଡିଓ ବିଜୟ କୁମାର ସଏ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁ, ସିଡିପିଓ ପୁଣ୍ୟବତୀ ହେଲେନ ଖେସ୍ ପ୍ରମୁଖ ଉପସ୍ଥିତ ଥିଲେ। ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିହ ହୋଇଛି। ସଂସଦ ସଭାପତି ଶୋଭାଚନ୍ଦ୍ର ନାଏକ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର, ଗୌରୀଶଙ୍କର ନାଏକ, ମାନଭଞ୍ଜନ ସିଂ, ଅନୀଲ ବେହେରା, ସଜିନ୍ଦ୍ର ପଟେଲ, ରାହାସ ବିହାରୀ ସାହୁ, ଭୀଷ୍ମଦେବ ପଟେଲ, ପ୍ରକାଶ ସାହୁ, ହରିବଂଶ ପ୍ରଧାନ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତୁଲାରାମ ସେନାପତି ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ମଦନ ମୋହନ ପଟେଲ, ଗୁରୁଚରଣ ସାହୁ, ଗୌରୀଶଙ୍କର ନାଏକ, କୁଳଦୀପ ନେଟୀ. କରୁଣାକର ସେଠ, ଓଁକାରମଲ ସାହୁ, ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ, ଅଞ୍ଜଳି ପଟେଲ, ରଶ୍ମି ପଟେଲ, ସୁପ୍ରଭା ସହୁ, ପୁଷ୍ପାଞ୍ଜଳି ପୂଜାରୀ, ସନ୍ଧ୍ୟାରାଣୀ ଚୌଧୁରୀ, ମଞ୍ଜୁ ସାହୁ, ଆଶାମଞ୍ଜରୀ ଚୌଧୁରୀ, ମନୋଜ ମିର୍ଦ୍ଧା, ରୀନା କିଷାନ ଏବଂ ପ୍ରଶ୍ନ ବଗାର ପ୍ରମୁଖ ଅତିଥି ରୁପେ ଯୋଗଦେଇଥିଲେ। ସିଂହିବାହାଲ ଅମ୍ବିକା ହାଇସ୍କୁଲ ଓ ଜେବିଆର୍‌ଏନ୍ ଉଚ୍ଚ ପ୍ରଥମିକ ବିଦ୍ୟାଳୟରେ ମଧ୍ୟ ପତାକା ଉତ୍ତୋଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶୋଭାଚନ୍ଦ୍ର ନାଏକ ଯୋଗଦେଇଥିଲେ। ପ୍

ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ତ ତୁଳସୀ ଦାସ

ବିଭିନ୍ନ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ

ରାଉରକେଲା ଅଫିସ,୨୭।୧

ଷ୍ଟିଲ ସିଟିର ବିଭିନ୍ନ ଅନୁଷ୍ଠାନରେ ଶନିବାର ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ସିଇଓ ଅଶ୍ୱିନୀ କୁମାର ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ୫୫ ଦଳ ଦ୍ୱାରା ପ୍ରଦର୍ଶିତ ପରେଡ୍‌ରେ ସେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସିଇଓ କୁମାର କହିଥିଲେ, ଯଦି ଦେଶର ସ୍ୱାଧୀନତା ସଂଗ୍ରାମ ଏକ ନିଃସ୍ୱାର୍ଥପର ବଳିଦାନର ଗାଥା ହୁଏ ତେବେ ବିଶ୍ୱ ଶକ୍ତିରୂପେ ଭାରତବର୍ଷର ଅଭ୍ୟୁଦୟ ମଧ୍ୟ କମ୍ ଉଲ୍ଲେଖନୀୟ ନୁହେଁ। ଦେଶ ଗଠନରେ ଆର୍‌ଏସ୍‌ପି ସାମୁଦାୟିକଙ୍କ ପ୍ରମୁଖ ଭୂମିକା ରହିଛି। କାରଖାନାର ସଫଳତା ନିମନ୍ତେ ସମସ୍ତ ପଣଧାରୀଙ୍କୁ ସେ ଅଭିନନ୍ଦନ ଜଣାଇ କହିଥିଲେ, ଆର୍‌ଏସ୍‌ପି ଦେଶର ଇସ୍ପାତ ନିର୍ମାତାଙ୍କ ମଧ୍ୟରେ ଏକ ଗୌରବମୟ ସ୍ଥାନ ଅଧିକାର କରିଛି। ଏହା ଦେଶର ଶ୍ରେଷ୍ଠ ୫ କାରଖାନା ମଧ୍ୟରେ ସ୍ଥାନ ପାଇଛି। ଏହାକୁ ବଜାୟ ରଖିବାକୁ କୁମାର ଆହ୍ୱାନ ଦେଇଥିଲେ। ସେହିଭଳି ସେକ୍ଟର-୨୨ ଇସ୍ପାତ ମିନି ଷ୍ଟାଡିୟମରେ ସିଇଓ କୁମାର ଜାତୀୟ ପତାକା ଉତ୍ତୋଳନ କରି ପରେଡ୍ ପରିଦର୍ଶନ କରିଥିଲେ। ଏଥିରେ ୫୨ ଦଳ ଭାଗ ନେଇଥିଲେ। ପରେ ଦୀପିକା ମହିଳା ସଂଘତି ଅଧ୍ୟକ୍ଷା ସବିତା କୁମାରୀ, ଉପାଧ୍ୟକ୍ଷା ରେଖା ଅଗ୍ରୱାଲ, ସୁମନ ଲତା, ଅନୁରାଧା ବାନାର୍ଜୀ, ମିନାକ୍ଷୀ ମହାପାତ୍ର ଇସ୍ପାତ ଜେନେରାଲ ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଡାକ୍ତର ଏସ୍.ଏସ୍. ପତି ଓ ଆର୍.କେ. ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେକ୍ଟର-୨୦ାରେ ରାଉରକେଲା ହକର୍ସ ଆସୋସିଏଶନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏଥିରେ ଅତିଥି ରୂପେ ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ କବି କୁଞ୍ଜବିହାରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ ପଟ୍ଟନାୟକ, ଶରତ ପଣ୍ଡା. ଅଶେଷ ବିଶ୍ୱାଳ, ନବୀନ ମାଝି, ସୁଖେନ୍ଦୁ ପାତ୍ର, ପ୍ରଦୀପ କଂସାରୀ, ସମୀର ମଲ୍ଲ, ଆନନ୍ଦ ବାରିକ, ଗୋପାଳ ସିଂ, ବ୍ରଜ ନାୟକ, ସନାତନ ମହାନନ୍ଦ, ଶ୍ୟାମ ମାଛଖଣ୍ଡ, କେଶବ ଜେନା, ଗୋବିନ୍ଦ ପ୍ରଧାନ, ଶିବଦତ୍ତ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

ବାସନ୍ତୀ କଲୋନୀସ୍ଥିତ ବାସନ୍ତୀ ପାଠାଗାର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଅନୁଷ୍ଠାନ ସଭାପତି ପ୍ରତାପ ରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରେ ଏକ ସାହିତ୍ୟ ଆସର ଆୟୋଜନ କରାଯାଇଥିଲା। ଆଲୋଚକ ରୂପେ ଡ. ଅଶ୍ୱିନୀ ରାୟ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭବେଶ ସାହୁ ଓ କାର୍ଯ୍ୟକର୍ତ୍ତା ବିକ୍ରମ ଆଚାର୍ଯ୍ୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ମହାନ୍ତି, ଡ. କିଶୋରୀ ଦାସ, କିଶୋରୀ ମୋହନ କର, କୁଞ୍ଜବିହାରୀ ରାଉତ, ତ୍ରିଲୋଚନ ସ୍ୱାଇଁ, ପ୍ରକାଶ ସେଠୀ, ଅବଦୁଲ ହାଫିଜ ଓ ବିଭୁଦତ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଜିଲା ଭାଜପା କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ବର୍ଷିଆନ ନେତା କିଶନ ସାହୁ, ପୂର୍ବତନ ଜିଲା ସଭାପତି ଖଗେନ୍ଦ୍ର ପ୍ରଧାନ, ଜିଲା ସଭାପତି ଜଗବନ୍ଧୁ ବେହେରା, ପୂର୍ବତନ ନଗରପାଳ ନିହାର ରାୟ, ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ପୂର୍ଣ୍ଣିମା କେର୍କେଟା, ଦିଲୀପ ଦାସ, ରଘୁ ବଳ, ତପନ ସ୍ୱାଇଁ, ପ୍ରମିଳା ଦାସ, ପରେଶ ମିଶ୍ର, ଭବାନୀ କବି, କେଦାର ମହାନ୍ତି, ଲତିକା ପଟ୍ଟନାୟକ, ଅଙ୍କୁଶ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଧାମରା ସଂଘ ପକ୍ଷରୁ ଆୟୋଜିତ ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ବରିଷ୍ଠ କର୍ମକର୍ତ୍ତା ନିତ୍ୟାନନ୍ଦ ଦାସ ପତାକା ଉତ୍ତୋଳନ କରିଥିଲେ। ସାଂସ୍କୃତିକ ସମ୍ପାଦକ ଭଗବାନ ରାଉତ, ଆଲୋକ ବେହେରା, ଅମୂଲ୍ୟ ସେଠୀ, ବାଳକୃଷ୍ଣ ସ୍ୱାଇଁ ଓ କୁଳମଣି ଓଝା ପ୍ରମୁଖ ଉପସ୍ଥିତ ଥିଲେ।

ସେବାଧର୍ମୀ ଅନୁଷ୍ଠାନ ଗୁଣ୍ଡୁଚି ପକ୍ଷରୁ ସଭାପତି ଜେ.କେ. ରାଓ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଫେସର ସୁଧୀର ମିଶ୍ର ଓ ଗୋପବନ୍ଧୁ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ଭଗବାନ ରାଉତ, ସତ୍ୟଜିତ ସୂତାର, ରାଜୀବ ବେହେରା, ଯଯାତି ଜେନା, ଅମୂଲ୍ୟ ମିଶ୍ର, ଅମିୟ ଶତପଥୀ, ରଞ୍ଜନ ରାଉତରାୟ, ମୃତ୍ୟୁଞ୍ଜୟ ଜେନା, କାଳୀଚରଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ଗୃହସ୍ଥି ଉଦ୍ୟୋଗ ପକ୍ଷରୁ ୭୦ତମ ଗଣତନ୍ତ୍ର ଦିବସ ପାଳିତ ହୋଇଛି। ସିଏମ୍‌ଡି ଗଣେଶ ବାଗାଡ଼ିଆ, ଡାଇରେକ୍ଟର ମଞ୍ଜୁ ଅଗ୍ରୱାଲ, ଏମ୍‌ଡି ଗୋକୁଳ ଆନନ୍ଦ ବାଗାଡ଼ିଆଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ଉଦ୍ୟୋଗର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।



ଆର୍‌ଏସ୍‌ପି ଆନୁକୂଲ୍ୟରେ ଆୟୋଜିତ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ସେକ୍ଟର-୨୨ାରେ ସିଇଓ ଅଶ୍ୱିନୀ କୁମାରଙ୍କ ଅଭିବାଦନ ଗ୍ରହଣ।

ସଂକ୍ଷେପରେ

ହୋଟେଲରୁ ମିଳିଲା ସୁରକ୍ଷାକର୍ମୀଙ୍କ ମୃତଦେହ

ରାଉରକେଲା ଅଫିସ,୨୭।୧- ରାଉରକେଲା ରେଳ ଷ୍ଟେଶନ ସମ୍ମୁଖ ଏକ ହୋଟେଲରୁ ରବିବାର ଜଣେ ସୁରକ୍ଷାକର୍ମୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାଁ ବକିଲ ଦାସ। ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବକିଲ ଗତ କିଛିଦିନ ହେବ ନିଜ ବନ୍ଧୁ ମହାଦେବ ମହାତୋଙ୍କ ସହ ହୋଟେଲ ରୁମ୍‌ରେ ରହୁଥିଲେ। ରବିବାର ମହାଦେବ ଡ୍ୟୁଟି ସାରି ରୁମ୍‌କୁ ଫେରିବା ପରେ କବାଟ ବାଡ଼େଇଥିଲେ। ବକିଲ ଜବାବ ନ ଦେବାରୁ ତାଙ୍କର ସନ୍ଦେହ ହୋଇଥିଲା। ଖବର ପାଇ ପ୍ଲାଣ୍ଟସାଇଟ ଥାନା ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ତଦନ୍ତ ଆରମ୍ଭ କରିଛି।

ମୁଣ୍ଡକୁ ପଥରରେ ଛେଚି ହତ୍ୟା

ଝାରସୁଗୁଡ଼ା ଅଫିସ,୨୭।୧- ଝାରସୁଗୁଡ଼ା ବଡ଼ମାଲ ଥାନା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ସେ ହେଲେ ବୁରୋମାଲର ଅକ୍ଷୟ ସାହୁ (୪୩)। ଅକ୍ଷୟଙ୍କ ମୁଣ୍ଡକୁ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପୂର୍ବଶତ୍ରୁତାରୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି। ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ଇନ୍ସପେକ୍ଟର ଅମିତାଭ ପଣ୍ଡା ଏବଂ ସାବିତ୍ରୀ ବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ସୂତ୍ରେ ମୃତାବକ, ଶନିବାର ସନ୍ଧ୍ୟାରେ କୌଣସି କାମରେ ଘରୁ ବାହାରିଥିଲେ ଅକ୍ଷୟ। ହେଲେ ବିଳମ୍ବିତ ରାତି ଯାଏ ସେ ଘରକୁ ଫେରି ନ ଥିଲେ। ଏହାକୁ ନେଇ ତାଙ୍କ ପରିବାର ଲୋକେ ସନ୍ଦିହାନ ରହିଥିବା ବେଳେ ବଡ଼ମାଲ ଥାନା ବେହେରାପାଲି ନିକଟରେ ଜଣେ ବ୍ୟକ୍ତିଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ କହିବା ମୃତାବକ ଅକ୍ଷୟଙ୍କ ମୁହଁ ଏବଂ ମୁଣ୍ଡକୁ ଅତି ନିର୍ମମ ଭାବେ ପଥରରେ ଛେଚି ହତ୍ୟା କରାଯାଇଥିବାରୁ ତାଙ୍କୁ ଚିହ୍ନିବା କଷ୍ଟକର ହୋଇଥିଲା। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।

ଫଟୋରେ ଖବର

ଉଦିତନଗର ପରେଡ୍ ପଡ଼ିଆରେ ଆୟୋଜିତ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର କ୍ରୀଡ଼ାକୌଶଳ ପ୍ରଦର୍ଶନ କରୁଛନ୍ତି।

ଭାଜପା ଯୁବମୋର୍ଚ୍ଚାର ତ୍ରିରଙ୍ଗା ପଦଯାତ୍ରା

ରାଉରକେଲା ଅଫିସ,୨୭।୧

ଦ୍ୱିତୀୟ ବ୍ରାହ୍ମଣୀ ସେତୁ ପାଇଁ ଜମି ଅଧିଗ୍ରହଣରେ ଲାଗି ରହିଥିବା ବିଳମ୍ବକୁ ଲୋକଲୋଚନକୁ ଆଣିବା ପାଇଁ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ରାଉରକେଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୁନ୍ଦରଗଡ଼ ଜିଲାପାଳଙ୍କୁ ଭେଟିବାକୁ ଏକ ତ୍ରିରଙ୍ଗା ପଦଯାତ୍ରା ଆୟୋଜନ କରାଯାଇଛି। ରାଜ୍ୟ ସରକରାଙ୍କ ଅବହେଳା ତଥା ଚକ୍ରାନ୍ତ ଯୋଗୁ ଜମି ଅଧିଗ୍ରହଣ କରାଯାଇ ପାରୁନାହିଁ ବୋଲି ଯୁବମୋର୍ଚ୍ଚା ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଅନୁଷାରେ ଦ୍ୱିତୀୟ ସେତୁ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ପ୍ରଶାସନିକ ଅସହଯୋଗ ଏଥିରେ ବାଧକ ସାଜିଛି। ନଦୀରେ ଗୋଟିଏ ପଟୁ କାର୍ଯ୍ୟାରମ୍ଭ କରାଯାଇଥିବା ବେଳେ କାହିଁକି ଅନ୍ୟ ପଟରୁ ଜମି ଅଧିଗ୍ରହଣରେ ବାଧା ସୃଷ୍ଟି କରାଯାଉଛି ବୋଲି ଯୁବମୋର୍ଚ୍ଚା ପ୍ରଶ୍ନ ଉଠାଇଛି। ପୂର୍ବରୁ ଜଙ୍ଗଲ ଜମି ହସ୍ତାନ୍ତର ପାଇଁ ରାଜ୍ୟ ସରକାରଙ୍କୁ ୮ମାସ ସମୟ ଲାଗିଥିଲା। ପୁନଶ୍ଚ ଅପରପକ୍ଷ ଜମି ହସ୍ତାନ୍ତର ପାଇଁ ଠିକାଦାର ୬୦କୋଟି ଟଙ୍କା ଜମା କରିଥିବାବେଳେ ଏହା ସମ୍ଭବ ହୋଇନାହିଁ। ପ୍ରଶାସନିକ ସ୍ଥାଣୁତା ଏଥିରେ ଅନ୍ତରାୟ ସାଜିଛି। ନିର୍ବାଚନରେ ଭାଜପାକୁ ଯେନତେନ ଅପଦସ୍ତ କରିବାକୁ ଏହା ରାଜ୍ୟ ସରକାରଙ୍କ ରାଜନୈତିକ କୌଶଳ ବୋଲି ଯୁବମୋର୍ଚ୍ଚା ଅଭିଯୋଗ କରିଛି। ଏଣୁ ଦ୍ୱିତୀୟ ସେତୁ ନେଇ ରାଜ୍ୟ ସରକାରଙ୍କ ଆନ୍ତରିକତା ନ ଥିବା ସ୍ପଷ୍ଟ ହୋଇଛି ବୋଲି ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଜିଲାପାଳଙ୍କୁ ଏ ନେଇ ଅବଗତ କରାଇ ତ୍ୱରିତ ପଦକ୍ଷେପ ନେବାକୁ ଯୁବମୋର୍ଚ୍ଚା ପକ୍ଷରୁ ଏହି ପଦଯାତ୍ରା କରାଯାଇଛି। ଏଥିରେ ୧୫ ଜଣିଆ ପ୍ରତିନିଧି ଦଳ ସାମିଲ ହୋଇଛନ୍ତି। ଯୁବନେତା ଅଙ୍କୁଶ ବର୍ମାଙ୍କ ନେତୃତ୍ୱରେ ଶନିବାର ମଧ୍ୟାହ୍ନରେ ରାଉରକେଲାରୁ ପଦଯାତ୍ରା ସୁନ୍ଦରଗଡ଼ ଅଭିମୁଖେ ବାହାରିଛି। ଏମାନେ ଆସନ୍ତା ୨୯ରେ ସୁନ୍ଦରଗଡ଼ ପହଞ୍ଚି ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବେ ବୋଲି କୁହାଯାଇଛି। ଏହି ପଦଯାତ୍ରାରେ ପ୍ରତାପ ପାଢ଼ୀ, ଅଭିଷେକ ବାରିକ, ମନୋଜ ସୁନା, ସଞ୍ଜୀବ ମାଇତି, ଅବିନାଶ ଜେନା, ବିଶାଳ ସୁନାନୀ, ପୂର୍ଣ୍ଣ ପଟ୍ଟନାୟକ, ସୋନୁ କଂସାରୀ, ଆକାଶ ନାୟକ, ସର୍ଦ୍ଦାର ସିଂ, ଦେବାଶିଷ ଆନନ୍ଦ, ସୌଭାଗ୍ୟ ନାୟକ ଓ ରାହୁଲ ନାୟକ ପ୍ରମୁଖ ସାମିଲ ହୋଇଛନ୍ତି। ତେବେ ପଦଯାତ୍ରା ରାଜଗାଙ୍ଗପୁରରେ ପହଞ୍ଚିବା ପରେ ୫ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଦଳ ପକ୍ଷରୁ ମୁଖପାତ୍ର ଭଗବାନ ରାଉତ ସୂଚନା ଦେଇଛନ୍ତି।

ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ପାଇଁ ଜମି ଅଧିଗ୍ରହଣରେ ଲାଗି ରହିଥିବା ବିଳମ୍ବକୁ ବିରୋଧ କରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା।

ନବଙ୍କ ପରେ ମଞ୍ଜୁଙ୍କ ଦଳ ପରିବର୍ତ୍ତନ ଚର୍ଚ୍ଚା

ସମ୍ବଲପୁର,୨୭।୧ (ବ୍ୟୁରୋ)

- ବିଜେଡି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ
- ପିସିସି ସାଧାରଣ ସମ୍ପାଦକ ଅଛନ୍ତି
- ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଅଛନ୍ତି
- କଂଗ୍ରେସରେ ନାହିଁ ବୋଲି କହିଲେ

ଝାରସୁଗୁଡା ବିଧାୟକ ନବ କିଶୋର ଦାସ କଂଗ୍ରେସ ହାତ ଛାଡି ନିକଟ ଶଙ୍ଖ ଫୁଙ୍କିଛନ୍ତି। ଏବେ ତାଙ୍କ ଭାଇ ରାଜକିଶୋର ଦାସ (ମଞ୍ଜୁ) ମଧ୍ୟ ହାତ ଛାଡି ଶଙ୍ଖ ଫୁଙ୍କିବାକୁ ବାହାରିଥିବା ଚର୍ଚ୍ଚା ସୃଷ୍ଟି ହୋଇଛି। ଗତ ୨୪ ତାରିଖ ଝାରସୁଗୁଡାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିବା ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହାକୁ ନେଇ ରାଜନୀତି ମହଲରେ ଚର୍ଚ୍ଚା ଜୋର ଧରିଛି। ଭାଇ ନବଙ୍କ ଭଳି ମଞ୍ଜୁ ମଧ୍ୟ ଖୁବ ଶିଘ୍ର ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ମଞ୍ଜୁ ପିସିସିର ସାଧାରଣ ସମ୍ପାଦକ ଓ ବରଗଡ ଲୋକସଭା ନିର୍ବାଚନ ମଣ୍ଡଳୀର ଦାୟିତ୍ୱରେ ରହିଛନ୍ତି। ତେବେ ମଞ୍ଜୁ ଠିକ୍ କରି ନାହାନ୍ତି ବୋଲି ଅନେକ କଂଗ୍ରେସ କର୍ମୀ କହୁଛନ୍ତି। ଭାଇ ନବଙ୍କ ବାଟରେ ଯାଇ ମଞ୍ଜୁ କଂଗ୍ରେସ ଦଳ ଛାଡିବା ଆଶଙ୍କା ରହୁଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ମଞ୍ଜୁଙ୍କୁ ପଚାରିବାରୁ ସେ ବିଜେଡି ସଭାରେ ଯୋଗ ଦେଇଥିବା ସ୍ୱୀକାର କରି ଆଉ କଂଗ୍ରେସ ଦଳରେ ନାହାନ୍ତି। ଇସ୍ତଫା ପତ୍ର ଦେଇ ଦେଇଛନ୍ତି। ଖୁବ ଶିଘ୍ର ବିକଳ୍ପ ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ସମ୍ବଲପୁର ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁଙ୍କୁ ପଚାରିବାରୁ ଏ ନେଇ ଦଳ ପାଖରେ କିଛି ଖବର ନାହିଁ । ଯଦି ସେମିତି ହୋଇଥାଏ ତାହା ହେଲେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି କହିଥିଲେ।

ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ରାଉରକେଲା ଅଫିସ,୨୭।୧

କଳଚରାଲ ଏକାଡେମୀ ପକ୍ଷରୁ ବିଦ୍ୟାଳୟସ୍ତରୀୟ ୪୭ତମ ଶିଳ୍ପୀଗୁରୁ ବିମ୍ବାଧର ବର୍ମା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅସନ୍ତା ଏପ୍ରିଲରେ ଏକାଡେମୀର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କୁହାଯାଇଛି। ପ୍ରଭାତ ମଲ୍ଲିକ, ଅକ୍ଷୟ ସାମଲ, କାଶୀନାଥ ପାତ୍ର, ଗୋକୁଳାନନ୍ଦ ଦାସ, ପୂର୍ଣ୍ଣଚନ୍ଦ୍ର ମହାତୋ, ସୀମାଞ୍ଚଳ ପଣ୍ଡା, ରିନୁ ପ୍ରଧାନ, ନଗେନ ଦାସ, ଶ୍ରୀକାନ୍ତ ମହାନ୍ତି, ଅକ୍ଷୟ ପଣ୍ଡା ଓ କୃପାସିନ୍ଧୁ ନାୟକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

ନାଳରୁ ଆର୍‌ଏସ୍‌ପି କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ରାଉରକେଲା ଅଫିସ, ୨୭।୧

ଛେଣ୍ଡ କଲୋନୀ ଏଲ୍‌ସିଆର୍ ବ୍ଲକ ଅଞ୍ଚଳର ଏକ ନାଳରୁ ଶନିବାର ଜଣେ ଆର୍‌ଏସ୍‌ପି କର୍ମଚାରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାଁ ସଞ୍ଜୟ ମହାନ୍ତି (୪୩)। ସେ ସେକ୍ଟର-୭ ବାସିନ୍ଦା। ଶୁକ୍ରବାର ରାତିରେ ମହାନ୍ତି ଛେଣ୍ଡ ଅଞ୍ଚଳକୁ ଏକ ବରଯାତ୍ରୀ ଦଳ ସହ ଆସିଥିଲେ। କେତେବେଳେ, କେଉଁ କାରଣରୁ ସଞ୍ଜୟ ନାଳ ପାଖକୁ ଆସିଥିଲେ ଓ କେଉଁ ପରିସ୍ଥିତିରେ ନାଳରେ ଖସିପଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ଛେଣ୍ଡ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଜାରି ରହିଛି।

ନାଳରେ ପଡ଼ିଥିବା ମୃତଦେହ ନିକଟରେ ଲୋକଙ୍କ ଭିଡ଼।

ବନ୍ଧୁମିଳନ ଆଳରେ ଶକ୍ତି ପ୍ରଦର୍ଶନ କଲେ ଯୁବନେତା

ରାଉରକେଲା ଅଫିସ,୨୭।୧

ବିଜେଡି ଯୁବନେତା ତଥା ସାମାଜିକ ସଂଗଠନ ମାନବିକତାର ଅଧ୍ୟକ୍ଷ ପ୍ରଶାନ୍ତ ସେଠୀ ରବିବାର ସେକ୍ଟର-୫ ଭଞ୍ଜ ଭବନଠାରେ ଏକ ବନ୍ଧୁମିଳନ ଆୟୋଜନ କରି ନିଜ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏଥିରେ ସମଗ୍ର ରଘୁନାଥପାଲି ନିର୍ବାଚନ ମଣ୍ଡଳୀରୁ ତାଙ୍କର ପ୍ରାୟ ୨ହଜାରରୁ ଅଧିକ ସମର୍ଥକ ଯୋଗଦେଇଥିଲେ। ପ୍ରଶାନ୍ତ ରଘୁନାଥପାଲି ପାଇଁ ବିଜେଡିର ଅନ୍ୟତମ ଟିକେଟ ଦାବିଦାର ବୋଲି କିଛିଦିନ ହେବ ଚର୍ଚ୍ଚା ଚାଲିଛି। ମାନବିକତା ସଂଗଠନ ଗଢ଼ି ସେ ଦୀର୍ଘଦିନ ହେବ ସହରବାସୀଙ୍କ ଦୁଃଖ ସୁଖରେ ସାମିଲ ଅଛନ୍ତି। ଅନ୍ୟପଟେ ବିଜେଡି ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସମ୍ପାଦକ ରୂପେ ସେ କାର୍ଯ୍ୟ କରୁଥିବାବେଳେ ବହୁ ଅଣସଂଗଠିତ ଶ୍ରମିକଙ୍କୁ ନ୍ୟାୟ ଦେଇ ପାରିଛନ୍ତି। ବିଭିନ୍ନ ସମୟରେ କର୍ମଶାଳା ଆୟୋଜନ କରି ରାଜ୍ୟ ସରକାରଙ୍କ ଯୋଜନା ଓ ଏହାର ସଫଳତାର ପ୍ରଚାର ଜାରି ରଖିଛନ୍ତି। ଗତ କିଛି ମାସ ହେବ ସେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତ କରି ଜନସମ୍ପର୍କ ବୃଦ୍ଧି କରିବାରେ ଲାଗିଛନ୍ତି। ଭଞ୍ଜଭବନ ସମାବେଶ ପଛରେ ରାଜନୈତିକ ପଡିଆରା ଜାହିର କରିବା ତାଙ୍କର ମୂଳ ଉଦ୍ଦେଶ୍ୟ ବୋଲି ଆଲୋଚନା ହେଉଛି। ତେବେ ପ୍ରଶାନ୍ତ ଏହାକୁ କେବଳ ବନ୍ଧୁମିଳନ ଆଖ୍ୟା ଦେଇଥିବାବେଳେ ବିରୋଧୀ ସହଜରେ ବିଶ୍ୱାସ କରିବାକୁ ନାରାଜ। କାରଣ ଯେଉଁ ଢଙ୍ଗରେ ସମାବେଶ ଆୟୋଜନ କରାଯାଇଥିଲା ଓ ଏଥିରେ ଯେଉଁ ବର୍ଗର ଲୋକେ ଏକତ୍ରିତ ହୋଇଥିଲେ, ତାକୁ ଦେଖିଲେ ଏହା ନିଶ୍ଚିତ ଭାବେ ଏକ ପ୍

ଅନ୍ୟକୁ ଘୃଣା କରିବା ଅର୍ଥ ମୃଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ

୨ ଶିଶୁ କନ୍ୟାଙ୍କ ସଲିଲ ସମାଧି

ସୋର/ବସ୍ତା, ୨୭।୧ (ଡି.ଏନ.ଏ./ସ୍ୱ.ପ୍ର.): ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ପାଣିରେ ବୁଡି ୨ ଶିଶୁକନ୍ୟା ପ୍ରାଣ ହରାଇଛନ୍ତି। ଜଣେ ହେଲେ ସୋର ଥାନା ଟେଣ୍ଟେଇ ଗ୍ରାମର ଆର୍ଯ୍ୟଭଟ ବିଶ୍ୱାଳଙ୍କ ଝିଅ ଲିଜା ଓ ଅନ୍ୟଜଣେ ସିଂଲା ଥାନା ବାଲିସାହି ଗ୍ରାମର ଗୌରାଙ୍ଗ ପ୍ରମାଣିକଙ୍କ ଝିଅ ଅର୍ଚ୍ଚିତା। ଉଭୟଙ୍କ ବୟସ ୩ ବର୍ଷ। ଲିଜା ଘର ନିକଟରେ ଖେଳୁଥିବା ବେଳେ ରାଉତାଣୀ ପୋଖରୀରେ ପଡ଼ିଯାଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅର୍ଚ୍ଚିତା ଘର ଅଗଣାରେ ଖେଳୁଥିବା ବେଳେ ପରିବାର ଲୋକଙ୍କ ଅଜାଣତରେ ପୋଖରୀକୁ ଚାଲିଯାଇଥିଲେ। ପରିବାର ଲୋକେ ସନ୍ଦେହରେ ଖୋଜାଖୋଜି କରିବା ପରେ ପୋଖରୀରୁ ଶିଶୁକନ୍ୟାକୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନେଇ ଆସିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ. ୭/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

ପରିଶ୍ରମର ଫଳ ମିଳିଛି: ଦୈତାରି

■ ପାହାଡ଼ କାଟି ଜମିକୁ ଆଣିଥିଲେ ପାଣି

କେନ୍ଦୁଝର, ୨୭।୧(ସ୍ୱ.ପ୍ର.)

ପାହାଡ଼ କାଟି କେନାଲ ଖୋଳି ଚାଷ ଜମିକୁ ପାଣି ଆଣି ଦୃଷ୍ଟାନ୍ତ ସାଜିଥିବା ଚାଷୀ ଦୈତାରି ନାଏକ(୭୦)ଙ୍କୁ ମିଳିବ ପଦ୍ମଶ୍ରୀ ପୁରସ୍କାର। ଏହି ପୁରସ୍କାର ପ୍ରଦାନ ନେଇ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବ ସନ୍ଧ୍ୟା ଶୁକ୍ରବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏ ନେଇ ସମଗ୍ର କେନ୍ଦୁଝର ଜିଲାରେ ଖୁସିର ଲହରି ଖେଳି ଯାଇଛି। ଏହି ଖବର ପ୍ରଚାର ପରେ ଶୁଭେଚ୍ଛା ବାର୍ତ୍ତା ଓ ସମ୍ବର୍ଦ୍ଧନା ଜଣାଇବାକୁ ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ଉପରବୈତରଣୀ ଗ୍ରାମରେ ଥିବା ଦୈତାରୀଙ୍କ ଘରେ ରାଜନୈତିକ ନେତାଙ୍କ ସୁଅ ଛୁଟିଥିଲା। ଏହି ପୁରସ୍କାର ପାଇଁ ପୂର୍ବତନ କ୍ରିକେଟିୟର ଭିଭିଏସ୍ ଲକ୍ଷ୍ମଣ ଟୁଇଟ୍ କରି ପ୍ରଶଂସା କରିଥିବା ଜଣାଯାଇଛି। ଏ ନେଇ ଦୈତାରି କହିଛନ୍ତି ଯେ, ଏଭଳି ସର୍ବୋଚ୍ଚ ନାଗରିକ ପୁରସ୍କାର ମିଳୁଥିବାରୁ ସେ ଓ ତାଙ୍କ ପରିବାର ଲୋକେ ବେଶ୍ ଖୁସି ଅଛନ୍ତି। ଜଣେ ସାଧାରଣ ଲୋକକୁ ଏଭଳି ପୁରସ୍କାର ପ୍ରଦାନ କରାଯାଉଥିବାରୁ ସରକାରଙ୍କୁ ଧନ୍ୟବାଦ। ଗ୍ରାମ ଓ ଆଖପାଖ

ଗ୍ରାମବାସୀଙ୍କ ସହ ଦୈତାରି।

ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ସୁଦୃଢ ହୋଇ ପାରିଲେ ଅଧିକ ଖୁସି ଲାଗିବ।

ଦୈତାରୀ ଦୀର୍ଘ ୩ କି.ମି. କେନାଲ ଖୋଳି ଗ୍ରାମଠାରୁ ବହୁ ଦୂରରେ ବୋହି ଯାଉଥିବା ଝରଣା ପାଣିକୁ ଚାଷ ଜମିକୁ ଆଣିବାରେ ସକ୍ଷମ ହୋଇଥିଲେ। ଏଥିପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡିଥିଲା। ପରିବାର ସଦସ୍ୟଙ୍କ ସହ ମିଶି କେନାଲ ଖୋଳି ଜମିକୁ ପାଣି ମଡାଇ ଚାଷ କରି ଦୈତାରି ୨୦୧୮ରେ ଚର୍ଚ୍ଚାର ପରିଧିକୁ ଆସିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ସଂସ୍ଥା ଓ ସଙ୍ଗଠନରୁ ସେ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଛନ୍ତି। ଚାଷ ହେଉଛି ଆମର ଜୀବନଜୀବିକା। ଏଥିରେ ଘର ଓ ପରିବାର ଚଳୁଛି। ପାଣି ଅଭାବରୁ ଚାଷ କାର୍ଯ୍ୟ ହୋଇପାରୁନାହିଁ। ପାଣି ଆଣି ଚାଷ କଲେ ପରିବାର ଚଳିବ ବୋଲି ଭାବୁଥିଲି। ଗ୍ରାମଠାରୁ ବହୁ ଦୂରରେ ଝରଣା ଥିଲେ ହେଁ ଜମିକୁ ପାଣି ଆସିବାର ସୁବିଧା ନ ଥିଲା। ଜମିକୁ କିପରି ପାଣି ପହଞ୍ଚିବ ସେ ନେଇ ଉଦ୍ୟମ ଆରମ୍ଭ କରିଥିଲି। ଏ ନେଇ ଗ୍ରାମବାସୀଙ୍କ ସହାୟତା ଲୋଡିଥିଲି। ପାଣି ଆସିଲେ ବାଇଗଣ, କୋବି, ଶାଗ, ଆଳୁ, ଧାନ ଆଦି ଚାଷ କରିପାରିବା ବୋଲି ଗ୍ରାମବାସୀଙ୍କୁ କହିଥିଲି। ଏତେ ଦୂରରୁ କ'ଣ ପାଣି ଆଣିବା ଓ ଚାଷ କରି ଭାତ ଖାଇବା ବୋଲି ଓଲଟା ପ୍ରଶ୍ନ ଗ୍ରାମବାସୀ କରିଥିଲେ। ଛୁଆପିଲାଙ୍କ ପାଇଁ କିଛି କରିବାକୁ ପଡିବ ବୋଲି ଭାବି ନିରାଶ ନ ହୋଇ କେନାଲ ଖୋଳିବା ଆରମ୍ଭ କରିଥିଲି। ଶେଷରେ ପରିଶ୍ରମର ସୁଫଳ ମିଳିଛି। ପାଣି ଗାଁ ପାଖକୁ ଆସିଲାବେଳେ ଗ୍ରାମବାସୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ବୋଲି ଦୈତାରୀ କହିଛନ୍ତି। ପାହାଡିଆ ଅଞ୍ଚଳରେ ଜଳସେଚନ ଅଭାବରୁ ଚାଷ ହୋଇପାରୁନି। ପାଣି ସମସ୍ୟା ଲାଗି ରହିଛି। ଚାଷର ବିକାଶ କଲେ ଲୋକଙ୍କ ବିକାଶ ହୋଇପାରିବ। ଦୃଢ଼ ଇଚ୍ଛାଶକ୍ତି କେବେ ବୃଥା ହୁଏନି। ଦୈତାରିଙ୍କ ଉଦ୍ୟମ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ହେବ। ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆମ୍ବ ଗଛ ତିନି କେନା,
କୁଣିଆଁ ପଡ଼ିଲେ ବୋଲି ଏବେ କଲୁ
ଭାତ ଚାଉଳିଆ ସିନା ।

ଲୋକ ସଂଖ୍ୟା ଦେଖି ଖାଦ୍ୟ ରନ୍ଧାଯାଇଥାଏ। ଅଳ୍ପ ବଦଳରେ ବେଶି କୁଣିଆଁ ଆସି ପହଞ୍ଚିଗଲେ ଖାଦ୍ୟ ନିଅଣ୍ଟ ପଡ଼ିବା ସମ୍ଭାବନା ବଢ଼ିଯାଏ। ଫଳରେ କୁଣିଆ ଚର୍ଚ୍ଚା କିପରି କରାଯିବ ସେନେଇ ବ୍ୟସ୍ତତା ବୃଦ୍ଧିପାଏ। ଏପରିସ୍ଥଳେ ଭାତ ଚାଉଳିଆ କରି ଗାଳିଲେ ବେଶି ଖାଇହେବନି। ମୁହଁ ଲାଜରେ ବି କହିବେନି ଓ ସେତିକି ଚାଉଳର ଭାତରେ କାମ ଚଳି ହୋଇଯିବ ବୋଲି ମନରେ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଆଲୋ ବୋଉ,
ଖୁଦ ଜାଉ ସଙ୍ଗେ ସିଝା ଓଉ ।

ଗରିବ ଘରେ ସବୁବେଳେ ଅଭାବ ଅନଟନ ଲାଗିରହିଥାଏ। ଭଲରେ ଖାଇବା ପିଇବା ପିନ୍ଧିବା ତାଙ୍କ ପାଇଁ ସାତସପନ ପାଲଟି ଯାଇଥାଏ। କେବେ ଭାତ ତରକାରି ବଦଳରେ ଖୁଦ ଜାଉ ଓ ସିଝା ଓଉରେ ପେଟ ଭରିବାକୁ ପଡ଼ିଥାଏ ଓ କେବେ ପାଣି ପିଇ ଦିନ ବିତାଇବାକୁ ପଡ଼ିଥାଏ। ଗରିବ ଘରର ବୋହୂ ତା' ଶାଶୁଘରର ଦାରିଦ୍ର୍ୟ କଥା ଚିନ୍ତାକରି ନିଜ ବୋଉକୁ ମନେପକେଇ ମନ କଷ୍ଟ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଭଟଲି,୨୭।୧(ଡି.ଏନ.ଏ.)]

ବରଗଡ଼ ଜିଲା ଭଟଲି ଥାନା ବରଗଡ଼-ଭଟଲି ମୁଖ୍ୟ ରାସ୍ତାର ବାଉଲସିଂହା ଛକ ନିକଟରେ ଶନିବାର ରାତିରେ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ବୃଦ୍ଧଙ୍କ ବୟସ ପାଖାପାଖି ୭୦ ବର୍ଷ ହେବ। ତେବେ ତାଙ୍କ ପରିଚୟ ମିଳିନାହିଁ। ରବିବାର ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ଶବାଗାରରେ ରଖାଯାଇଛି । କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ପୋଲିସ ପ୍ରକାଶ କରିଛି । ସହିତ କେଉଁ ଗାଡ଼ି ଧକ୍କାରେ ଏଭଳି ହୋଇଛି ତାହା ସିସି ଟିଭି ଫୁଟେଜ ଦେଖି ତଦନ୍ତ କରାଯାଉଥିବା କହିଛି । ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୧୩/୧୯) ରୁଜୁ ହୋଇଛି ।

ସୁନ୍ଦରୀକୁ ଜଗିବେ ମହେନ୍ଦ୍ର, ରାଜକୁମାର

ବାରିପଦା ଅଫିସ,୨୭।୧

ସାତକୋଶିଆ ଅଭୟାରଣ୍ୟରେ ଥିବା ବାଘୁଣୀ ସୁନ୍ଦରୀକୁ ଜଗିବା ପାଇଁ ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟରୁ ମହେନ୍ଦ୍ର ଓ ରାଜକୁମାର ନାମକ ଦୁଇ ହାତୀଙ୍କୁ ରବିବାର ସ୍ଥାନାନ୍ତରିତ କରାଯାଇଛି। ଏହି ଦୁଇ ହାତୀଙ୍କ ସହ ୪ଜଣ ମାହୁନ୍ତ, ଏବଂ ଦୁଇ ଜଣ ଡାକ୍ତରଙ୍କୁ ପଠାଯାଇଛି। ହାତୀ ସ୍ଥାନାନ୍ତରଣକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପୂର୍ବରୁ ବିରୋଧ କରିଆସୁଥିଲେ। ବିରୋଧାଭାଷ ସତ୍ତ୍ୱେ ସ୍ଥାନାନ୍ତରଣ ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୦୦୧ରେ ସୁଦୂର କର୍ନାଟକରୁ ବନ ବିଭାଗ ଦ୍ୱାରା ଶିମଳିପାଳ ଅଭୟାରଣ୍ୟକୁ ବିଶେଷ ଅତିଥି ଭାବେ ମହେନ୍ଦ୍ର ଓ ରାଜକୁମାରଙ୍କୁ ଅଣାଯାଇଥିଲା। ମହେନ୍ଦ୍ରର ବୟସ ୫୭ ହୋଇଥିବାବେଳେ ରାଜକୁମାର ୧୬ ବର୍ଷୀୟ ଅଟେ। ଶିମିଳିପାଳ ଅଭୟାରଣ୍ୟରେ ଏହି ଦୁଇ ହାତୀ ଜଙ୍ଗଲ

ଶିମିଳିପାଳରୁ ଗଲେ ସାତକୋଶିଆ

ମଧ୍ୟରେ ବିଭିନ୍ନ ସ୍ଥାନରେ ବୁଲି ନିରୀକ୍ଷଣ କରିବା ସହ ଅନ୍ୟ ଜୀବଜନ୍ତୁଙ୍କ ସହିତ ଶିକାରୀମାନଙ୍କ ଉପରେ ମଧ୍ୟ ନଜର ରଖୁଥିଲେ। ଅନ୍ୟପକ୍ଷରେ ଅନୁଗୋଳ ଜିଲା ସାତକୋଶିଆ ଜଙ୍ଗଲକୁ ଗତ ବର୍ଷ ମେ' ମାସରେ ମଧ୍ୟପ୍ରଦେଶର କାହ୍ନାରୁ ବାଘୁଣୀ ସୁନ୍ଦରୀକୁ ଅଣାଯାଇ ରଖାଯାଇଥିଲା। ତେବେ ମୟୂରଭଞ୍ଜର ଶିମିଳିପାଳର ଏହି ଦୁଇ ହାତୀଙ୍କ ନିକଟରେ ଉତ୍ତମ ଦକ୍ଷତା ଥିବାରୁ ଏ ଦୁହେଁ ସୁନ୍ଦରୀ ପାଖେ ପାଖେ ରହି ତାର ଚାଲିଚଳନ ଓ ଗତିବିଧି ନିରୀକ୍ଷଣ କରିପାରିବେ ବୋଲି ବନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସୁନ୍ଦରୀକୁ ନଜର ରଖିବା ଉଦ୍ଦେଶ୍ୟରେ ଶିଳିପାଳରୁ ସାତକୋଶିଆ ଜଙ୍ଗଲକୁ ପଠାଇବା ପାଇଁ ପୂର୍ବରୁ ଦୁଇ ଥର ଉଦ୍ୟମ କରି ଫେଲ ମାରିଥିଲା। ଶେଷରେ ଏହି ଘଟଣା ଉପରେ ଗତ ଶନିବାର ଯବନିକା ପଡ଼ିଛି। ଏନେଇ ଡିଡି ଏସ୍‌ଟିଆର (ଡେପୁଟି ଡାଇରେକ୍ଟର ଅଫ ଶିମିଳିପାଳ ଟାଇଗର୍ ରିଜର୍ଭ) ଯଜ୍ଞଦତ୍ତ ପତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମହେନ୍ଦ୍ର ଓ ରାଜକୁମାରଙ୍କୁ ଯଶୀପୁରଠାରୁ ଏକ ଟ୍ରକ ଯୋଗେ ଅନୁଗୋଳ ଜିଲା ସାତକୋଶିଆ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନଙ୍କୁ ଛାଡିବା ପାଇଁ ପୂର୍ବରୁ ଯେଉଁ ବିରୋଧ ହେଉଥିଲା ତାହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା ମଧ୍ୟ କରାଯାଇଥିଲା। ଏହା ସହ ଉକ୍ତ ହାତୀ ଦ୍ୱୟଙ୍କୁ ଶୀଘ୍ର ଶିମିଳିପାଳକୁ ଫେରାଇ ଅଣାଯିବ ବୋଲି ମଧ୍ୟ କହିଛନ୍ତି।

ପୁଣି ଧସିଲା ୨୦୦ ଫୁଟ୍ ଲମ୍ବର ପଥରପ୍ୟାକିଂ

ଆରଡ଼ି, ୨୭।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଓଳଗ ପଞ୍ଚାୟତର ଷାଠିବାଙ୍କୁଡ଼ା ଛନ୍ଦାକୂଳ ନିକଟରେ ରବିବାର ଅପରାହ୍ନରେ ବୈତରଣୀ ନଦୀବନ୍ଧରେ ପ୍ରାୟ ୨୦୦ ଫୁଟ ଲମ୍ବର ମାଟି ଅତଡ଼ା ସହ ପଥରପ୍ୟାକିଂ ନଦୀଗର୍ଭକୁ ଧସିଯାଇଛି। ଧସିଥିବା ସ୍ଥାନରେ କିଛି ମାସ ତଳେ ନୂତନ ଭାବେ ନଦୀବନ୍ଧ ଓ ପଥରପ୍ୟାକିଂ କାମ ହୋଇଥିଲା। ଯାଜପୁର ଜଳସେଚନ ବିଭାଗ ପକ୍ଷରୁ ୩ କି.ମି. ବ୍ୟାପି ଏହି ନଦୀବନ୍ଧରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କାର କାମ ହେଉଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ବାରମ୍ବାର ଏଭଳି ନଦୀବନ୍ଧ ଧସିବା ସ୍ଥିତି ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଗତ ବନ୍ୟା ସମୟରେ ୨୦ ନମ୍ବର ଜାତୀୟ ରାଜପଥରେ ଫାଟ ସୃଷ୍ଟି ହୋଇଥିବା ସ୍ଥାନ ଅଦ୍ୟାବଧି ମରାମତି ହୋଇ ନ ଥିବାବେଳେ ଜଳସେଚନ ବିଭାଗର ତ୍ରୁଟି ପୁଣି ନଜରକୁ ଆସିଛି। ଷାଠିବାଙ୍କୁଡ଼ା ଓ ବୋଡକ ମଧ୍ୟରେ ନଦୀବନ୍ଧରେ ପଥରପ୍ୟାକିଂ କାମରେ ତ୍ରୁଟି ହେଉଥିବା ସମ୍ପର୍କରେ

ଷାଠିବାଙ୍କୁଡ଼ା ନିକଟରେ ନଦୀବନ୍ଧରେ ମାଟି ଅତଡ଼ା ସହ ପଥର ପ୍ୟାକିଂ ଧସିଯାଇଛି।

ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଧସିଥିବା ସ୍ଥାନରେ ପୁଣି ବନ୍ଧରେ ମାଟି ପକାଯିବା ସହ ପଥରପ୍ୟାକିଂ କାମ ତ୍ୱରାନ୍ୱିତ କରାଯିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଦଇତାପତି ନିଯୋଗ ନିର୍ବାଚନ ଆଜି

ପୁରୀ ଅଫିସ, ୨୭।୧

- ■ ୧୫ ପଦବୀରେ ୨୪ ପ୍ରାର୍ଥୀ
- ■ ସକାଳ ୯ରୁ ଭୋଟଦାନ, ୪ଟାରେ ଗଣତି
- ■ ଅଧିକ ସଂଖ୍ୟାରେ ଯୁବ ପ୍ରାର୍ଥୀ

ଶ୍ରୀମନ୍ଦିର ଦଇତାପତି ନିଯୋଗର ନିର୍ବାଚନ ସୋମବାର ଅନୁଷ୍ଠିତ ହେବ। ଦକ୍ଷିଣ ଦ୍ୱାର ଶୀତତାପ ପ୍ରକୋଷ୍ଠରେ ହେବାକୁ ଥିବା ଏହି ନିର୍ବାଚନରେ ୧୨୦ ଜଣ ସଦସ୍ୟ ୨୪ ପ୍ରାର୍ଥୀଙ୍କ ମଧ୍ୟରୁ ୧୫ ଜଣଙ୍କୁ ନିର୍ବାଚିତ କରିବେ। ନିର୍ବାଚିତ ୧୫ ଜଣଙ୍କ ମଧ୍ୟରୁ ସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ରହିବେ।

ପ୍ରକାଶ ଯେ, ସକାଳ ୯ଟାଠାରୁ ନିର୍ବାଚନ ଆରମ୍ଭ ହୋଇ ଅପରାହ୍ନ ୩ଟା ପଯର୍ୟନ୍ତ ଚାଲିବ। ଅପରାହ୍ନ ୪ଟାରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ କରାଯିବ। ତେବେ ଆରମ୍ଭରୁ ଦଇତାପତି ନିଯୋଗ ନିର୍ବାଚନ ଚର୍ଚ୍ଚାରେ ରହିଥିଲା। ଗୋଟିଏ ଗୋଷ୍ଠୀ ନିର୍ବାଚନ ସପକ୍ଷରେ ଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ନିର୍ବାଚନ ନ ହେଉ ବୋଲି କହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଭୟପକ୍ଷ ନିର୍ବାଚନ ଲଢିବା ଲାଗି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମୋଟ ୩୨ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୨ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଥିଲା। ୬ ଜଣ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଥିଲେ। ବରିଷ୍ଠ ଦଇତାପତି ସେବକ ପ୍ରେମାନନ୍ଦ ଦାସ ମହାପାତ୍ର, ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର ନିର୍ବାଚନ ଲଢିବା ନେଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ ବି ଶେଷ ମୁହୂର୍ତ୍ତରେ ପ୍ରତ୍ୟାହାର କରି ନେଇଥିଲେ। ତେବେ ଏମାନଙ୍କ ପ୍ରତ୍ୟାହାରର କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଏବେ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ କରିବାରେ ଲାଗିପଡିଛନ୍ତି। ନିଯୋଗର ଦୁଇପକ୍ଷର ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ବରିଷ୍ଠ ଦଇତାସେବକଙ୍କ ପାଖରେ ପହଞ୍ଚି ସେମାନଙ୍କ ସପକ୍ଷରେ ଭୋଟ ଦେବା ପାଇଁ କହୁଛନ୍ତି। ସୂଚନାଥାଉ କି, ଏଥର ଅଧିକ ସଂଖ୍ୟକ ଯୁବ ଦଇତାପତି ପ୍ରାର୍ଥୀ ହୋଇଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U65900107
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି,

ଯେଉଁମାନେ କମ୍ କାମ କରନ୍ତି, ସେମାନେ ବେଶି କଥା କୁହନ୍ତି।
- ମହାତ୍ମା ଗାନ୍ଧୀ

ସବୁଠି ଉଡ଼ିଲା ତ୍ରିରଙ୍ଗା

୭୦ତମ ସାଧାରଣତନ୍ତ୍ର ଦିବସରେ ଜିଲାର କୋଣ ଅନୁକୋଣରେ ତ୍ରିରଙ୍ଗା ପତାକା ଉଡିଛି । ଦେଶାତ୍ମବୋଧକ ଗୀତରେ ଗାଁରୁ ସହର ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇଛି । ଶିଶୁରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ହାତରେ ତ୍ରିରଙ୍ଗା ପତାକା ନେଇ ଆନନ୍ଦିତ ହୋଇଛନ୍ତି । ବିଭିନ୍ନ ସ୍ଥାନରେ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଛନ୍ତି। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ପୁରସ୍କୃତ ହୋଇଛନ୍ତି ।

କିସିଣ୍ଡାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ସଭାରେ ମଞ୍ଚାସୀନ ଅତିଥି ।

ନାକଟିଦେଉଳ,୨୭।୧ (ଡି.ଏନ.ଏ)

ସ୍ଥାନୀୟ କଲେଜ ଖେଳପଡ଼ିଆରେ ନାକଟିଦେଉଳ ବ୍ଲକସ୍ତରୀୟ ୭୦ତମ ପବିତ୍ର ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ବିଡ଼ିଓ ମେଥୋଡ଼ିଅସ ଲାକ୍ରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ରୀ ମେହେର, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । କିସିଣ୍ଡା ହାଇସ୍କୁଲ ଖେଳପଡ଼ିଆରେ କିସିଣ୍ଡା ଥାନା ଅଧିକାରୀ ସୁବନ କିସାନ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସମାରୋହରେ କିସିଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ଦର୍ଶନୀ ଷଣ୍ଢ ସଭାପତିତ୍ୱ କରିଥିଲେ । ରଘୁନାଥ ପ୍ରଧାନ, ସରପଞ୍ଚ ଅହଲ୍ୟା ସାମଲ, ସମିତି ସଭ୍ୟା ତପସ୍ୱିନୀ ବେହେରା ଯୋଗ ଦେଇଥିଲେ ।

କୁଚିଣ୍ଡା,(ଡି.ଏନ.ଏ.)–କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମ ପରିସରରେ ଉପଖଣ୍ଡସ୍ତରୀୟ ୭୦ତମ ସାଧାରଣତନ୍ତ୍ର ଦିବସରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏସଡିପିଓ ନୃପଚରଣ ଦଣ୍ଡସେନା, ସହକାରୀ ଉପଜିଲାପାଳ କପିଳ ପ୍ରସାଦ ରଣା, ଆଇଆଇସି ପ୍ରକାଶ କୁମାର କର୍ଣ୍ଣ, ବିଡିଓ ନିଶିପୁନମ ମିଞ୍ଜ, ଫାୟାର ଅଫିସର ସୀତାକାନ୍ତ ମହନ୍ତ, କୁଚିଣ୍ଡା ଜେଲ ସୁପରିଣ୍ଟେଣ୍ଡେଣ୍ଟ ଯୋସେଫ ବାରିକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ଉପସ୍ଥିତ ଥିଲେ । ସଞ୍ଜିତ କୁମାର ନାୟକ ପରେଡ ପରିଚାଳନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଘୋଷ ବାଦ୍ୟ ପରିବେଷଣ କରିଥିଲେ ।

ବାମରା,(ସ୍ୱ.ପ୍ର.)–ବାମରା ଉଚ୍ଚ ବିଦ୍ୟାଳୟରେ ଖେଳ ପଡିଆଠାରେ ତହସିଲଦାର ଅନୀଲ କୁଲୁ ପତାକା ଉତ୍ତୋଳନ କରିଥିଲେ। ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ ରଣା ଓ ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର ଯୋଗ ଦେଇଥିଲେ । ତେବେ ବର୍ଷା ଯୋଗୁ ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଥବଲା। କେଶାଇବାହାଲ ବିଜିଡି କଲେଜରେ ସଜନ ଖଣ୍ଡେଲୱାଲ, କଲେଜ ଅଧକ୍ଷ ଦୟାସାଗର ପ୍ରଧାନ, ମଧୁସୂଦନ ପ୍ରଧାନ, ଜିତେନ୍ଦ୍ରୀୟ ନାଏକ, ଉମାଶଙ୍କର ସାହୁ, ରବୀନ୍ଦ୍ର ଦାସ, ଶ୍ୟାମସୁନ୍ଦର ସାହୁ ଓ ହରେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ହୀରାକୁଦ,(ଡି.ଏନ.ଏ.)– ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାମଚନ୍ଦ୍ର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଶତପଥୀ, ଈଶ୍ୱର ଚନ୍ଦ୍ର ବାରିକ, ବୀରେନ୍ଦ୍ର କୁମାର ପାଣିଗ୍ରାହୀ, ଅଭୟ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ହୀରାଖଣ୍ଡ ପ୍ରାଥମିକ ବିଦ୍ୟାଳୟର ପ୍ରାଙ୍ଗଣରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ବୁର୍ଲା ବ୍ଲଡ ବ୍ୟାଙ୍କର କର୍ମଚାରୀ ୫୪ ପ୍ୟାକେଟ ରକ୍ତ ସଂଗ୍ରହ କରିଥିଲେ । କରୁଣାକର ବିଶ୍ୱାଳ, ପ୍ରଦୀପ କୁମାର ମାହାନା, ଅମିତ କୁମାର ଆଚାର୍ଯ୍ୟ, କେ. ସାଇପ୍ରସାଦ ରାଓ, ଭିକାରୀ ଚରଣ ନାୟକ, ଦୀପ୍ତିରଞ୍ଜନ ବାରିକ ଓ ଗଗନ ବିହାରୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡା. ସତ୍ୟବତ୍ର ପାଟଯୋଶୀ, ମଣ୍ଟୁ ପ୍ରଧାନ, ଦିଲୀପ ସାହୁ, ଦେବାଶିଷ ମିଶ୍ର, ସୁବାଶିଷ ସାହୁ, ଜନକ ବେହେରା, ଉମାକାନ୍ତ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ପୁଷ୍ପାଞ୍ଜଳି ରାଉତ, କୃଷ୍ଣ କୁମାରୀ ଖୁଣ୍ଟିଆ, ପ୍ରତିମା ପ୍ରଧାନ, ରିତୁ ରାଣି ମହାନ୍ତି, ଜଗଦୀଶ ପ୍ରସାଦ ମିଶ୍ର ସକ୍ରିୟ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

ଚିପିଲିମା,(ଡି.ଏନ.ଏ)–ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପ, କୃଷି ଓ ଉଦ୍ୟାନ ମହାବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ସିସିବି ଫାର୍ମ, ଏସଏଲବି ଫାର୍ମ, ଗୋଶାଳା ନବୋଦୟ ବିଦ୍ୟାଳୟ, ସିଆରପିଏଫ ଗ୍ରୁପ ସେଣ୍ଟର, ପୋଲିସ ଟ୍ରେନିଂ ସେଣ୍ଟର, ଓମଫେଡ ପ୍ରମୁଖ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବୁର୍ଲା ସହରର ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବୀହାର କନିଷ୍ଠ ମହାବିଦ୍ୟାଳୟ, ଭୀମସାର, ହୀରାକୁଦ, ଜଳବିଦ୍ୟୁତ ପ୍ରକଳ୍ପ, ପିଡବୁଡି, ଭିସୁଟ, ଏମସିଏଲ, ବିଜେଡି, ଭାଜପା, କଂଗ୍ରେସ କାର୍ଯ୍ୟାଳୟ ସହ ସମସ୍ତ ବେସରକାରୀ କାର୍ଯ୍ୟାଳୟ, କ୍ଲବ, ଯୁବକ ସଂଘରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭିସୁଟରେ କୁଳପତି (ଇନଚାର୍ଜ) ପ୍ରଫେସର ବିଭୁତିଭୂଷଣ ପତି, ରେଜିଷ୍ଟ୍ରାର ପ୍ରଫେସର ମାନସରଞ୍ଜନ କବାଟ, ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଡ. ଅନୀଲ କୁମାର କର, ଡ. ଆଶିଷ କୁମାର ଶର୍ମା, ଡ. ବିଦ୍ୟାଧର ରାଉତ, ଡ. ଦେବବ୍ରତ ଗିରି, ପ୍ରତାପ କୁମାର ପ୍ରଧାନ, ପ୍ରତାପ ରାଉତ, ହରିଚନ୍ଦନ ମହାନ୍ତି, ଅଂଶୁମାନ ପଣ୍ଡା, ସ୍ନେହାଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ରେଢାଖୋଲ,(ଡି.ଏନ.ଏ)–ସ୍ଥାନୀୟ କଦମ୍ବ ପଡ଼ିଆରେ ଉପଖଣ୍ଡ ସ୍ଥରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ଏଥିରେ ରେଢଖୋଲ ଉପଜିଲାପାଳ ବିଶିକେଶନ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ୍‌ରେ ଅବିଭାଦନ ଗ୍ରହଣ କରିଛନ୍ତି । ଛାତ୍ରୀଛାତ୍ର ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ପ୍ରଶାସନ ଏବଂ ଭେଟରାନ୍ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ମିନିଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା । ଅନ୍ୟପକ୍ଷେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଛି । ଜେଲ୍ ଅନ୍ତେବାସୀ ଓ ଡାକ୍ତରଖାନାରେ ରୋଗୀଙ୍କୁ ପ୍ରଶାସନ ପକ୍ଷରୁ ଫଳ ଓ ମିଷ୍ଟାନ ବଣ୍ଟନ କରାଯାଇଛି । ସ୍ଥାନୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହାରାଧନ ମେଣ୍ଡୁଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବାମରାରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି ।

ସଂକ୍ଷେପରେ

ଦିନଦ୍ରିପହରରେ ଝରକା ଭାଙ୍ଗି ଚୋରି

ରେଙ୍ଗାଲି, ୨୭।୧ (ଡି.ଏନ.ଏ) ରେଙ୍ଗାଲି ଥାନା ରଞ୍ଜେଲାକ୍ୟାମ୍ପର ଡୋଳାମଣି ଭୋଇଙ୍କ ଘରେ ଝରକା ଭାଙ୍ଗି ଦୁର୍ବୃତ୍ତ ଚୋରି କରିଛନ୍ତି। ରେଙ୍ଗାଲି ଥାନାରୁ ମାତ୍ର ୫୦୦ ମିଟର ଦୂରରେ ଏହି ଘଟଣା ଘଟିଛି। ଆଲମାରି ଭାଙ୍ଗି ୮ ହଜାର ଟଙ୍କା, ସୁନା କାନଫୁଲ ଏବଂ ରୂପା ପାୟଲ ଚୋରି ହୋଇଯାଇଛି । ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତରିଆ ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଅଭିନେତ୍ରୀ ସିମ୍ରନ ମୃତ୍ୟୁ ଘଟଣା

ଝାରସୁଗୁଡାରୁ ସମ୍ବଲପୁର ଜେଲକୁ ଆସିଲେ ପୁରୁଷ ବନ୍ଧୁ

ସମ୍ବଲପୁର,୨୭।୧(ବ୍ୟୁରୋ)-ସମ୍ବଲପୁରୀ ଆଲବମ ଅଭିନେତ୍ରୀ ତଥା ସେଲଫି ବେବୋ ଭାବେ ଜଣାଶୁଣା ଅଭିନେତ୍ରୀ ସିମ୍ରନ ମୋର୍ଯ୍ୟଙ୍କ ମୃତ୍ୟୁ ଘଟଣାର ପୋଲିସ ପର୍ଦାଫାସ କରିପାରୁନାହିଁ । ଅଧିକ ପଚରାଉଚୁରା ପାଇଁ ସିମ୍ରନଙ୍କ ପୁରୁଷ ବନ୍ଧୁ ଧ୍ରୁବରାଜ ସୁନାଙ୍କୁ ବୁର୍ଲା ପୋଲିସ ସୋମବାର ରିମାଣ୍ଡରେ ନେବା ଏହି ଘଟଣାରେ ଗିରଫ ହୋଇ ଧ୍ରୁବରାଜ ଜାନୁୟାରୀ ୪ ତାରିଖଠାରୁ ଝାରସୁଗୁଡା ଜେଲରେ ରହିଥିଲେ। ରବିବାର ସେ ସମ୍ବଲପୁର ମଣ୍ଡଳ କାରାଗାରରେ ଅଛନ୍ତି । ଧ୍ରୁବରାଜଙ୍କୁ ରିମାଣ୍ଡରେ ନେବାକୁ ବୁର୍ଲା ଥାନା ପୋଲିସ ସମ୍ବଲପୁର ଏସ୍‌ଡିଜିଏମଙ୍କ କୋର୍ଟରେ ଆବେଦନ କରଥିଲା। ପରେ ସମ୍ବଲପୁର ଏସ୍‌ଡିଜିଏମ ଝାରସୁଗୁଡା ଏଡିଜେଙ୍କୁ ଆବେଦନ କରିଥିଲେ। ଶେଷରେ ଧ୍ରୁବରାଜଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ ଝାରସୁଗୁଡା ଏଡିଜେ ଅନୁମତି ଦେଇଛନ୍ତି। ଜାନୁୟାରୀ ୨୫ ତାରିଖଠାରୁ ୨୯ ତାରିଖ ଅବଧି ରହିଛି । ହେଲେ ଅନୁମତି ଦେବାକୁ ଇତି ମଧ୍ୟରେ ୨ ଦିନ ବିତିଯାଇଛି । ରବିବାର ଝାରସୁଗୁଡାରୁ ଆସି ସେ ସମ୍ବଲପୁରରେ ଜେଲରେ ପହଞ୍ଚିଛନ୍ତି। ସୋମବାର ଓ ମଙ୍ଗଳବାର ୨ ଦିନରେ ପଚରା ଉଚୁରା କରିପାରିବାକୁ ନେଇ ସନ୍ଦେହ ରହୁଛି। ସୂଚନାଯୋଗ୍ୟ ଯେ, ଜାନୁୟାରୀ ୩ ତାରିଖ ବୁର୍ଲା ମହାନଦୀ ବ୍ରିଜ ତଳୁ ସିମ୍ରନଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ଅନ୍ୟପଟେ ଝାରସୁଗୁଡା ଥାନାରେ ପୂର୍ବରୁ ସିମ୍ରନଙ୍କୁ ଅପହରଣ ହୋଇଥିବା ମାମଲା ଓ ନାବାଳିକା ହୋଇଥିବାରୁ ବଳାତ୍କାର ମାମଲା ରୁଜୁ ହୋଇ ଅଭିଯୁକ୍ତ ଧ୍ରୁବରାଜଙ୍କୁ ପୋଲିସ ଗିରଫ କରିଥିଲା । ସିମ୍ରନଙ୍କ ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ବୁର୍ଲା ଥାନାରେ ହୋଇଥିବା ଅପମୃତ୍ୟୁ ମାମଲା ପରେ ହତ୍ୟା ମାମଲାରେ ପରିବର୍ତ୍ତନ ହୋଇଛି।

ହୋଟେଲରୁ ମିଳିଲା ସୁରକ୍ଷାକର୍ମୀଙ୍କ ମୃତଦେହ

ରାଉରକେଲା ଅଫିସ,୨୭।୧

ରାଉରକେଲା ରେଳ ଷ୍ଟେଶନ ସମ୍ମୁଖ ଏକ ହୋଟେଲରୁ ରବିବାର ଜଣେ ସୁରକ୍ଷାକର୍ମୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାଁ ବକିଲ ଦାସ। ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବକିଲ ଗତ କିଛିଦିନ ହେବ ନିଜ ବନ୍ଧୁ ମହାଦେବ ମହାତୋଙ୍କ ସହ ହୋଟେଲ ରୁମ୍‌ରେ ରହୁଥିଲେ। ରବିବାର ମହାଦେବ ଡ୍ୟୁଟି ସାରି ରୁମ୍‌କୁ ଫେରିବା ପରେ କବାଟ ବାଡ଼େଇଥିଲେ। ବକିଲ ଜବାବ ନ ଦେବାରୁ ତାଙ୍କର ସନ୍ଦେହ ହୋଇଥିଲା। ଖବର ପାଇ ସ୍ଟାଣ୍ଟସାଇଟ ଥାନା ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ତଦନ୍ତ ଆରମ୍ଭ କରିଛି।

କମ୍ପାନୀ ସାମଗ୍ରୀ ଚୋରି ଅଭିଯୋଗରେ ଯୁବକ ଗିରଫ

ସମ୍ବଲପୁର,୨୭ । ୧(ବ୍ୟୁରୋ)– ସମ୍ବଲପୁର ଅଇଁଠାପାଲି ଥାନା ବରେଇପାଲି ନୂଆଁପଡା ଅଞ୍ଚଳରୁ କମ୍ପାନୀ ସାମଗ୍ରୀ ଚୋରି ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ କ୍ଷେତରାଜପୁର ଥାନା ମିଲପଡାର ରାମ ଦିପ (୨୩) । ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକଚର କମ୍ପାନୀର ଅଧିକାରୀ ଅମୂଲ୍ୟ କୁମାର ଜେନା ଗତ ଡିସେମ୍ବର ୧୫ ତାରିଖ ଅଭିଯୋଗ କରିଥିଲେ ଯେ, କେତେକ ଯୁବକ ତାଙ୍କୁ ଭୁଜାଲି ଦେଖାଇ ଏକ ବସ୍ତାରେ ଥିବା ହାର୍ଡୱେର ସାମଗ୍ରୀ ଲୁଟି ନେଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪୮୮/୧୯) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ଡିସେମ୍ବର ୧୬ ତାରିଖ ମିଲ୍‌ପଡାର ବସୁଦେବ ତାଣ୍ଡି ଓ ୨୪ ତାରିଖ ଗଗନ ନାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ବରପଦା ଇଞ୍ଜିନିୟରିଂ କଲେଜ ଅର୍ଥ ହଡ଼ପ ଅଭିଯୋଗ

୪ରୁ ବିଧାନସଭା ସମ୍ମୁଖରେ ଧାରଣା ଚେତାବନୀ

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଭଦ୍ରକ ବରପଦାଠାରେ ପ୍ରାୟ ୧୦୦ ଏକର ସରକାରୀ ଜମିରେ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ୧୯୮୨ରେ ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ବିଏସ୍‌ଇଟି) ପ୍ରତିଷ୍ଠା ହୋଇଥିଲା । କଲେଜକୁ ଆସୁଥିବା ଅର୍ଥକୁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ନିଜ ପାରିବାରିକ ଖର୍ଚ୍ଚରେ ବିନିଯୋଗ କରି ହଡପ କରୁଥିବା ଭଦ୍ରକ ଗଣତାନ୍ତ୍ରିକ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ରବିବାର ଭୁବନେଶ୍ୱର ନେହେରୁ ଯୁବ କେନ୍ଦ୍ରଠାରେ ଏକ ଖବରଦାତା ସମ୍ମିଳନୀ କରି ମଞ୍ଚ ସଭାପତି ନିରାକାର ଜେନା ଅଭିଯୋଗ କରିଛନ୍ତି। ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ଅନୁଷ୍ଠାନକୁ ଆସିଥିବା ସମସ୍ତ ଅର୍ଥର ହିସାବ କରାଯିବା, ଅର୍ଥ ହଡ଼ପର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଆଦି ୭ ଦଫା ଦାବି ଉପସ୍ଥାପନ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୪ ତାରିଖରୁ ମଞ୍ଚ ପକ୍ଷରୁ ବିଧାନସଭା ଆଗରେ ଧାରଣା ଦିଆଯିବ ବୋଲି ଜେନା ଚେତାବନୀ ଦେଇଛନ୍ତି।

ଜେନା ଅଭିଯୋଗ କରିଛନ୍ତି ଯେ, ୧୯୯୩ରେ ଗଠିତ ବିଏସ୍‌ଇଟି ସୋସାଇଟିରେ ସ୍ଥାନୀୟ ବିଧାୟକ ସଭାପତି ହେବା ପାଇଁ ନିୟମ ରହିଥିବା ବେଳେ ପ୍ରଫୁଲ୍ଲ ସାମଲ ବିଧାୟକ ନ ଥାଇ ସଭାପତି ହୋଇଥିଲେ। ପରେ ସେ ନିଜ ପୁଅ ପ୍ରୟାସକାନ୍ତି ସାମଲ(ଲୁଲୁ)ଙ୍କୁ ବିଏସ୍‌ଇଟି ସୋସାଇଟିର ସଭାପତି କରିଥିଲେ। ଏହାପରେ ନିଜ ପରିବାର ସଦସ୍ୟ ଏବଂ ଅନ୍ୟ ସମ୍ପର୍କୀୟମାନଙ୍କୁ ଚାକିରି ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଭଦ୍ରକ ଏଡିଏମ୍, କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ, ସିବିଆଇ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ମଞ୍ଚ ସମ୍ପାଦକ ବିକାଶ ଜେନାଙ୍କ ସମେତ ବିଏସ୍‌ଇଟିର କେତେଜଣ କର୍ମଚାରୀ ଉପସ୍ଥିତ ଥିଲେ।

ଉପରୋକ୍ତ ଅଭିଯୋଗ ସମ୍ପର୍କରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ତାଙ୍କ ମୋବାଇଲ ନମ୍ବର(୯୪୩୭୦୦୬୮୦୨)କୁ ରବିବାର ରାତି ୭ଟା ୫୮ରେ ଏବଂ ତାଙ୍କ ପୁଅ ପ୍ରୟାସକାନ୍ତିଙ୍କୁ ତାଙ୍କ ମୋବାଇଲ ନମ୍ବର(୯୯୩୭୦୦୬୮୦୨)କୁରାତି୭ଟା ୩୬ରେ ଯୋଗାଯୋଗ କରାଯାଇଥିଲା। କିନ୍ତୁଉଭୟେ ଫୋନ କଲ୍ ଉଠାଇ ନଥିଲେ।

■ ରାଜ୍ୟସ୍ତରୀୟ ପରେଡ୍‌ରେ ଢିଲା ସୁରକ୍ଷା

ସନ୍ଦିଗ୍ଧ ଯୁବତୀଙ୍କ ହାତରେ ଏକେ-୪୭

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ମୁହଁରେ କଳା କନା ବାନ୍ଧିଥିଲେ। ହାତରେ ଧରିଥିଲେ ଏକେ-୪୭। ସାଧାରଣତନ୍ତ୍ର ଦିବସରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍‌ସ୍ଥଳରେ ଏଭଳି ବେଶରେ ନଜର ଆସିଥିଲେ ଜଣେ ସନ୍ଦିଗ୍ଧ ଯୁବତୀ। ଯୁବତୀ ଜଣକ ବନ୍ଧୁକ ଧରି ଟ୍ରିଗର ଉପରେ ଅଙ୍ଗୁଳି ରଖି ଚାରିଆଡ଼କୁ ବୁଲାଉଥିଲେ, ଯାହାକୁ ଦେଖି ନିକଟରେ ଉପସ୍ଥିତ ଲୋକେ ଭୟଭୀତ ହୋଇପଡ଼ିଥିଲେ। ପ୍ରାୟ ୧୦ ମିନିଟ ପରେ ଜଣେ ସୁରକ୍ଷାକର୍ମୀ ପହଞ୍ଚି ଯୁବତୀଙ୍କ ହାତରୁ ବନ୍ଧୁକ ନେଇ ଚାଲିଯାଇଥିଲେ। ଶେଷରେ ଜଣାପଡ଼ିଥିଲା ଉକ୍ତ ବନ୍ଧୁକଟି ସେହି ସୁରକ୍ଷାକର୍ମୀଙ୍କର। ଏହି ଘଟଣା ବେଶ୍ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ସୁରକ୍ଷାରେ ଅବହେଳା ପାଇଁ ସମ୍ପୃକ୍ତ ସୁରକ୍ଷାକର୍ମୀ ଓଏସ୍‌ଏପି ହାବିଲଦାର ଭାଗ୍ୟଧର ନାୟକଙ୍କୁ ନିଲମ୍ବନ କରାଯାଇଛି।

ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟା ହେବ। ଭୁବନେଶ୍ୱର ଗାନ୍ଧୀମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍‌ରେ ରାଜ୍ୟପାଳ ଗଣେଶୀ ଲାଲ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟପାଳ ଚାଲିଯିବା ପରେ ପରେଡ ସ୍ଥଳରେ ପୋଲିସର ଢିଲା ସୁରକ୍ଷା ପଦାରେ ପଡିଥିଲା। ସନ୍ଦିଗ୍ଧ ଯୁବତୀଙ୍କ ହାତରେ ଏକେ-୪୭ ଦେଖି ଲୋକେ ଡରିଯାଇଥିଲେ। ମୁହଁରେ କଳା କନା ବାନ୍ଧିଥିବା ସେହି ଯୁବତୀ ଜଣକ କିଏ ଏବଂ ତାଙ୍କ ନିକଟକୁ କିପରି ବନ୍ଧୁକ ଆସିଲା ତାହାକୁ ନେଇ ସାଧାରଣ ଲୋକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଥିଲା।

ପୋଲିସ ସର୍ଭିସ କୋଡ୍ ଅଫ କଣ୍ଡକ୍ଟରେ ନିୟମ ରହିଛି ଯେ, ଜଣେ ସୁରକ୍ଷାକର୍ମୀ ଡ୍ୟୁଟିରେ ଥିବା ସମୟରେ ନିଜର ବନ୍ଧୁକ ଅନ୍ୟ କାହାକୁ ଦେବେନାହିଁ। କିନ୍ତୁ ଏଠାରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ପରେଡ୍‌ସ୍ଥଳରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିବାବେଳେ ଯଦି ସେଠାରେ କୌଣସି ଅପ୍ରୀତିକର ଘଟଣା ଘଟିଥାନ୍ତା ସେଥିପାଇଁ କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତେବେ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ଏହି ଦୃଶ୍ୟ

ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।
- ଚାର୍ଲସ ଫ୍ରହମ୍ୟାନ୍

ସଂକ୍ଷେପରେ

କମ୍ପାନୀ ସାମଗ୍ରୀ ଚୋରି ଅଭିଯୋଗରେ ଯୁବକ ଗିରଫ

ସମ୍ବଲପୁର,୨୭ । ୧(ବ୍ୟୁରୋ)– ସମ୍ବଲପୁର ଅଇଁଠାପାଲି ଥାନା ବରେଇପାଲି ନୂଆଁପଡା ଅଞ୍ଚଳରୁ କମ୍ପାନୀ ସାମଗ୍ରୀ ଚୋରି ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ କ୍ଷେତରାଜପୁର ଥାନା ମିଲପଡାର ରାମ ଦିପ (୨୩) । ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକଚର କମ୍ପାନୀର ଅଧିକାରୀ ଅମୂଲ୍ୟ କୁମାର ଜେନା ଗତ ଡିସେମ୍ବର ୧୫ ତାରିଖ ଅଭିଯୋଗ କରିଥିଲେ ଯେ, କେତେକ ଯୁବକ ତାଙ୍କୁ ଭୁଜାଲି ଦେଖାଇ ଏକ ବସ୍ତାରେ ଥିବା ହାର୍ଡୱେର ସାମଗ୍ରୀ ଲୁଟି ନେଇଥିଲେ । ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪୮୮/୧୯) ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଏହି ଘଟଣାରେ ପୋଲିସ ଡିସେମ୍ବର ୧୬ ତାରିଖ ମିଲ୍‌ପଡାର ବସୁଦେବ ତାଣ୍ଡି ଓ ୨୪ ତାରିଖ ଗଗନ ନାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ପ୍ରତିକୂଳ ପାଗ ମଧ୍ୟରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ପ୍ରଗତିଶୀଳ ରାଷ୍ଟ୍ର ଗଠନ ଲାଗି ଆହ୍ୱାନ

ସୁନ୍ଦରଗଡ. ୨୭।୧ (ଡି.ଏନ୍.ଏ)

କୋହଲା ପାଗ, ତୁହାକୁ ତୁହା ଝିପିଝିପି ବର୍ଷାର ପ୍ରତିକୂଳ ପାଗ ମଧ୍ୟରେ ସୁନ୍ଦରଗଡରେ ଜିଲାସ୍ତରୀୟ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ସୁନ୍ଦରଗଡ ଷ୍ଟାଡିୟମରେ ଆୟୋଜିତ ଏହି ସମାରୋହରେ ରାଜ୍ୟ ହସ୍ତତନ୍ତ ବୟନଶିଳ୍ପ ଓ ହସ୍ତଶିଳ୍ପ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଦେଶର ସ୍ୱାଧୀନତା ଆନ୍ଦୋଳନରରେ ମହାମନିଷୀଙ୍କ ଅବଦାନ ଓ ସମ୍ବିଧାନ ପ୍ରଣେତା ବିଆର ଆମ୍ବେଦକରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନ ଦିଗରେ ନିଜର ନୈତିକ ଦାୟିତ୍ୱ ଓ ସହଭାଗୀତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ତଥା ଦେଶର ଏବଂ ଅଞ୍ଚଳ, ସମାଜର ବିକାଶ ପାଇଁ



ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଉଦ୍‌ବୋଧନ ଦେଉଛନ୍ତି।

ଆମକୁ ସ୍ୱାର୍ଥତ୍ୟାଗ କରି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ବର୍ଷାରେ ଭିଜିଭିଜି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆୟୋଜିତ ପରେଡରେ ଶ୍ରେଷ୍ଠ ଦଳ ଭାବେ ସିନିୟର ଏନସିସି ଭାବେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ, ଜୁନିୟର ଏନସିସିରେ ସେଣ୍ଟମେରୀ ବାଳିକା ଉଚ୍ଚବିଦ୍ୟାଳୟ, ସ୍କାଉଟ ଗାଇଡ ଓ ରେଡକ୍ରସ ବିଭାଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ସୁନ୍ଦରଗଡ ପବ୍ଲିକ ସ୍କୁଲ ଦ୍ୱିତୀୟ, ସିଭିଲିୟାନ ସ୍ତରରେ ଏକଲବ୍ୟ ମଡେଲ ସ୍କୁଲପ୍ରଥମ, ସେଣ୍ଟ ଥେରେସା ଇଂରାଜୀ ମାଧ୍ୟମ ସ୍କୁଲ ଦ୍ୱିତୀୟ ଓ ଧର୍ମଶାଳା ଉଚ୍ଚବିଦ୍ୟାଳୟ ତୃତୀୟ ଭାବେ ପୁରସ୍କୃତ ହୋଇଥିଲେ। ଏତଦ୍‌ବ୍ୟତୀତ ଜିଲାରେ ସ୍ୱଚ୍ଛ ଭାରତ ମିଶନ ଅଭିଯାନକୁ ସଫଳତାର ସହ ସମ୍ପାଦକ କରିଥିବାରୁ କୁଆଁରମୁଣ୍ଡା, ଗୁରୁଣ୍ଡିଆ, ବିଶ୍ରା, ନୁଆଁଗାଁ, ଲେଫ୍ରିପଡା ଓ ବାଲିଶଙ୍କରା ବ୍ଲକକୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଶ୍ରେଷ୍ଠ ଶିଶୁ ବୈଜ୍ଞାନିକ ଭାବେ ସୁନ୍ଦରଗଡ ପବ୍ଲିକ ସ୍କୁଲର ରୁଦ୍ରାକ୍ଷୀ ନନ୍ଦ, ରାଜଗାଙ୍ଗପୁର ଡାଲମିଆ ବିଦ୍ୟା ମନ୍ଦିରର ଶ୍ରୁତି ପଟ୍ଟନାୟକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ଅଭିଭାବକଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସୁରେନ୍ଦ୍ର କୁମାର ମୀନା,ଏସ.ପି ସୌମ୍ୟା ମିଶ୍ରା ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଲୋକସମ୍ପର୍କ ଓ ସୂଚନା ଅଧିକାରୀ ଗୋପୀନାଥ ସାହୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ପରେ ମୁଖ୍ୟ ଅତିଥି ଜିଲା ହସ୍‌ପିଟାଲରେ ରୋଗୀଙ୍କୁ, ଜିଲା କାରାଗାର ଅନ୍ତେବାସୀ ଓ ବନ୍ଧପାଲିସ୍ଥିତ ସାର୍ଥକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିଥିଲେ। ବର୍ଷା ଯୋଗୁ ଏହି ଅବସରରେ ହେବାକୁ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା।

ଏନ୍‌ଟିପିସି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ହେମଗିର, ୨୭।୧ (ଡି.ଏନ.ଏ.)

ହେମଗିର ବ୍ଲକର ସମସ୍ତ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏନଟିପିସି ତୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ଓ ସୈନିକ ମାଇନିଂ ପକ୍ଷରୁ ମଧ୍ୟ ଏହାକୁ ପାଳନ କରାଯାଇଥିଲା। ଏଥିରେ ଏନଟିପିସିର ଗ୍ରୁପ ଜେନେରାଲ ମ୍ୟାନେଜର ଚିତ୍ତରଞ୍ଜନ ବାଇକ ଯୋଗଦେଇ ସାଇଡ ଅଫିସ ତଥା ଆରଏଣ୍ଡଆର କଲୋନୀରେ ପତାକା ଉତ୍ତୋଳନ କରିଥିବା ବେଳେ ସୈନିକ ମାଇନିଂରେ ଭାଇସ ପ୍ରେସିଡେଣ୍ଟ ଏସକେ ସିଂ କୋଇଲା ଖଣି ପରିସରରେ ପତାକା ଉତ୍ତୋଳନ କରିଥିଲେ । ଏଥିରେ ଏନଟିପିସି ଜିଏମ ଏସକେ ରାୟ, ଡିଜିଏମ ଆଲୋକ ରନବିର,ଡିଜିଏମ ଅଶ୍ୱିନୀ କୁମାର ମିଶ୍ର, ସିନିୟର ମ୍ୟାନେଜର ଅମରେଶ ରାଉଳ, ସୈନିକ ମାଇନିଂର ଜିଏମ ୟୁକେ ସିଂ, ଜିଏମ ପ୍ରିୟଦର୍ଶୀ, ଏଚଆର ଆରକେ ସୋନୀ,ଜିଏମ ଆରଆର ପାଠକ (ଖଣି) ଜିଏମ ଏମଏଲରାୟ (ସିଏଚପି) ମନିଷ କୁମାର, ଆନନ୍ଦ ସହାୟ, ସଞ୍ଜୟ ଶର୍ମା ତଥା ଉଭୟ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ସମାବେଶକୁ ଯାଇ ଭୋକିଲା ଫେରିଲେ ଚାଷୀ

ନୂଆଗାଁ, ୨୭।୧ (ଡି.ଏନ.ଏ)

- ଖାଇବାକୁ ମାଗିଲେ ମିଳିଲା ଦୁର୍ବ୍ୟବହାର
- ବିସ୍କୁଟ ଖାଇ ପାଣି ପିଇବାକୁ ମିଳିଲା ପରାମର୍ଶ
- ବାହାଘରକୁ ଆସିଛୁକି ବୋଲି ଚାଷୀଙ୍କୁ ପ୍ରଶ୍ନ

ଚାଷୀ ମାନଙ୍କୁ ନେଇ ଆୟୋଜନ କରାଯାଇଥିଲା ଚାଷୀ ସମାବେଶ । ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀଠାରେ ଥିଲା ଏହି କାର୍ଯ୍ୟ । ଏଥିପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକରୁ ଚାଷୀଙ୍କୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରାଯାଇଥିଲା । ସୁନ୍ଦରଗଡ ଜିଲାର ଆଦିବାସୀ ତଥା କୃଷି ବହୁଳ ଅଞ୍ଚଳ ଭାବରେ ପରିଚିତ ନୂଆଗାଁ ବ୍ଲକ ଚାଷୀଙ୍କୁ ମଧ୍ୟ ସ୍ୱତନ୍ତ୍ର ବସ ଯୋଗେ ଏହି କାର୍ଯ୍ୟକ୍ରମକୁ ଯିବାକୁ ଆମନ୍ତ୍ରଣ କରାଯାଇଥିଲା। ୨୦୦ ଚାଷୀ ୪ଟି ବସରେ ୨୪ ତାରିଖ ରାତି ୯ଟା ବେଳେ ନୂଆଗାଁରୁ ପୁରୀ ଅଭିମୁଖ୍ୟ ବାହାରିଥିଲେ । ଗତ ୨୫ ତାରିଖ ପୁରୀରେ ଆୟୋଜିତ ଚାଷୀ ସମାବେଶରେ ନୂଆଗାଁ ଅଞ୍ଚଳରୁ ଯାଇଥିବା କୌଣସି ବସ କାର୍ଯ୍ୟକ୍ରମ ସମୟରେ ପହଞ୍ଚି ନ ଥିଲା । ତେବେ ଏଥିପାଇଁ ରାସ୍ତାଜାମକୁ ଦାୟୀ କରାଯାଇଥିଲା । ଦୁର୍ଭାଗ୍ୟର କଥା ସରକାର ଚାଷୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଚାଷୀ ସମାବେଶ କରିଥିଲେ ହେଁ ସେମାନଙ୍କୁ ଭୋକିଲା ରଖାଯାଇଥିଲା । ଖାଇବାକୁ ମାଗିଲେ ମିଳିଲା ଦୁର୍ବ୍ୟବହାର । କଣ ବାହାଘର ଆସିଛ କି ବୋଲି ମିଳିଲା ଉତ୍ତର । ଏତିକି ନୁହେଁ, ବିସ୍କୁଟ ଖାଇ ପାଣି ପିଇବାକୁ ପରାମର୍ଶ ଦିଆଯାଇଥିଲା । ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ନୂଆଗାଁ ବ୍ଲକ କୋକେରମା ପଞ୍ଚାୟତର ଚାଷୀ ବିଦ୍ୟାଧର ଗଞ୍ଜୁ, ଘାସିରାମ ଗଞ୍ଜୁ, ମାଙ୍ଗରା କୁଜୁର, ଶଙ୍କର ସିଂ, ମଙ୍ଗଲିନାଥ ସିଂ ପ୍ରମୁଖ। ସେମାନେ ଅଭିଯୋଗ ହେଲା ବ୍ଲକ ପ୍ରଶାସନ ଯେଉଁମାନଙ୍କୁ ବସରେ ଦାୟୀତ୍ୱ ଦେଇ ପଠାଇଥିଲେ ସେମାନେ ଉକ୍ତ ବସରେ ଯାଇଥିବା ପ୍ରାୟ ୫୦ଜଣ ଚାଷୀଙ୍କୁ ଏଭଳି ଦୁର୍ବ୍ୟବହାର କରିଛନ୍ତି। କେବଳ କେତେକ ମହିଳା ଚାଷୀଙ୍କୁ ଖୁଆଇବା ପାଇଁ ହୋଟେଲକୁ ନିଆଯାଇଥିବା କୁହାଯାଉଛି। ତେବେ ସେମାନେ ଆହୁରି କହିଛନ୍ତି ଆମ୍ଭେ ସରକାରଙ୍କୁ ଦୋଷ ଦେଉନାହୁଁ। ସରକାର ଆମ୍ଭ ଚାଷୀମାନଙ୍କ ପାଇଁ ବ୍ୟବସ୍ଥା କରିଥିଲେ ହେଲେ ଯେଉଁମାନେ ଆମ୍ଭ ଦାୟୀତ୍ୱ ନେଇ ଯାଇଥିଲେ ସେମାନେ ଚାଷୀ ଟଙ୍କାକୁ ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି। ଏନେଇ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କାଙ୍କୁ ପଚାରିବାରେ ସେ କହିଲେ, ମୋତେ କିଛି ମହିଳା ଆସି କହିଥିଲେ ଯେ, ଆମ୍ଭକୁ ଠିକ ଭାବେ ଖାନାପନା ଦେଇ ନ ଥିଲେ। ତେବେ ଏ ସମ୍ପର୍କରେ ସେ ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି। ଏନେଇ ନୂଆଗାଁ ବିଡିଓଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ଯୋଗାଯୋଗ ହୋଇ ନ ଥିଲା । ଏହାର ତଦନ୍ତ କରାଯାଇ ଉଚ୍ଚ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି ।

ଦିନଦ୍ୱିପହରରେ ଝରକା ଭାଙ୍ଗି ଚୋରି

ରେଙ୍ଗାଲି, ୨୭।୧ (ଡି.ଏନ.ଏ)

ରେଙ୍ଗାଲି ଥାନା ରମ୍ପେଲାକ୍ୟାମ୍ପର ଡୋଲାମଣି ଭୋଇଙ୍କ ଘରେ ଝରକା ଭାଙ୍ଗି ଦୁର୍ବୃତ୍ତ ଚୋରି କରିଛନ୍ତି। ରେଙ୍ଗାଲି ଥାନାରୁ ମାତ୍ର ୫୦୦ ମିଟର ଦୂରରେ ଏହି ଘଟଣା ଘଟିଛି। ଆଲମାରି ଭାଙ୍ଗି ୮ ହଜାର ଟଙ୍କା, ସୁନା କାନଫୁଲ ଏବଂ ରୂପା ପାୟଲ ଚୋରି ହୋଇଯାଇଛି । ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତରିଆ ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଜିଲା ସାଂସ୍କୃତିକ ମହୋତ୍ସବ ଯତ୍‌ରା ଉଦ୍‌ଘାଟିତ

ସୁନ୍ଦରଗଡ଼, ୨୭।୧ (ଡି.ଏନ୍.ଏ) –ଜିଲା ସଂସ୍କୃତି ପରିଷଦ, ଓରମାସ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ଭବାନୀ ଭବନ ପଡିଆ ମୁକ୍ତାକାଶ ରଙ୍ଗମଞ୍ଚରେ ସୁନ୍ଦରଗଡ ଜିଲା ସାଂସ୍କୃତିକ ମହୋତ୍ସବ ଯତରା –୨୦୧୯ ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି। ସୁନ୍ଦରଗଡ ଜିଲାର ଲୁକ୍କାୟିତ କଳା ସଂସ୍କୃତିର ପ୍ରଚାର ପ୍ରସାର ସାଙ୍ଗକୁ ରାଜ୍ୟ ତଥା ରାଜ୍ୟ ବାହାର ଲୋକକଳା, ସଂସ୍କୃତି ଏବଂ ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ରାଜ୍ୟ ତଥା ଜିଲାର ହସ୍ତଶିଳ୍ପ କଳା କାରିଗରୀ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଧାରା ସୃଷ୍ଟି କରିବାରେ ଏହି ଯତରା ମହୋତ୍ସବ ଏକ ସଫଳ ପ୍ରୟାସ ବୋଲି କେନ୍ଦ୍ରମନ୍ତ୍ରୀ ଓରାମ ପ୍ରକାଶ କରିବା ସହ ଆୟୋଜକ ଜିଲା ପ୍ରଶାସନ ଓ ସଂସ୍କୃତି ପରିଷଦକୁ

ସାଂସ୍କୃତିକ ମହୋତ୍ସବ ଯତରାର ଉଦ୍‌ଘାଟନୀ ମୁହୂର୍ତ୍ତ (ବାମ) । ଯୋଗଦେଇଥିବା ମହାରାଷ୍ଟ୍ର କଳାକାର ।

ଧନ୍ୟବାଦ ଦେଇଥିଲେ । ତଳସରା ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି, ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରୋ ସଭାରେ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଅଧକାରୀ ଅନୀଲ କୁମାର କେରକେଟା ସଭା ସଞ୍ଚାଳନ ଓ ସଦର ଉପଜିଲାପାଳ ବୀରସେନ ପଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡାବିତ କେଦାରନାଥ ପଟେଲ ଓ ଉଷୁ ଖେଳାଳୀ ଲିପସା ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧତ କରାଯାଇଥିଲା। ରାରରକେଲା ମ୍ୟୁଜିକ ସର୍କଲର କଳାକାରମାନଙ୍କ ଦ୍ୱାରା ଜୟ ଜଗନାଥ ସ୍ୱାମୀ ସଙ୍ଗୀତର ତାଳରେ ପରିବେଷିତ ଓଡିଶୀ ନୃତ୍ୟରେ ଶୁଭାରମ୍ଭ ହୋଇଥିଲା ଯତରା ମହୋତ୍ସବର ପ୍ରଥମ ସନ୍ଧ୍ୟା। .ଦକ୍ଷିଣ କେନ୍ଦ୍ରାଞ୍ଚଳର ସାଂସ୍କୃତିକ କେନ୍ଦ୍ର, ମହାରାଷ୍ଟ୍ର କଳାକାରମାନଙ୍କ ଦ୍ୱାରା ପରିବେଷିତ ନୋଳିଆ ସମ୍ପ୍ରଦାୟର କୋଲି ନୃତ୍ୟ, ମଧ୍ୟପ୍ରଦେଶର କଳାକାରଙ୍କ ଗାଙ୍ଗୋର ନୃତ୍ୟ, ପୁରୀର ପାରମ୍ପରିକ ସାହିନୃତ୍ୟ, ବଲାଙ୍ଗୀର ଜିଲା ସଂସ୍କୃତିକ ପରିଷଦ କଳାକାରଙ୍କ ଦ୍ୱାରା ପରିବେଷିତ ଛୁଡୁକୀ ନୃତ୍ୟ, ଟିଟିଲାଗଡ ଏକତାରା କଳା କେନ୍ଦ୍ର କଳାକାରଙ୍କ ଢାପ ନୃତ୍ୟ, ସମ୍ବଲପୁର ଜବାନ କ୍ଲବର ସମ୍ବଲପୁରୀ ନୃତ୍ୟ ଓ ସୁନ୍ଦରଗଡର ଓରାମ ଆଦିବାସୀ ନୃତ୍ୟ,ବ୍ରହ୍ମପୁରର ଯୋଡି ଶଙ୍ଖ, ରଣପା ପରିବେଷିତ ହୋଇଥିଲା।

ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

ଉଷ୍ରା ୟୁଜିଏମଇ ସ୍କୁଲରେ ବିଜେଡ଼ି ବ୍ଲକ ସଭାପତି ରାଜେନ୍ଦ୍ର କୁଜୁର ଜଣେ ଛାତ୍ରୀଙ୍କୁ ପୁରସ୍କାର ଦେଉଛନ୍ତି (ବାମ) । ବୀରମିତ୍ରପୁର ବିଆରଆଇ କ୍ଲବ ପଡିଆରେ ପୌରପରିଷଦସ୍ତରୀୟ ଗଣତନ୍ତ୍ର ଦିବସରେ ବିଜୟୀ ଟିମ୍‌କୁ ପୁରସ୍କୃତ କରାଯାଉଛି (ମଝି)। ଲହୁଣୀପଡାରେ ଛାତ୍ରୀଙ୍କ ପରେଡ୍ ।

କୁଆଁରମୁଣ୍ଡା, ୨୭।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗଣତନ୍ତ୍ର ଦିବସ ଶନିବାର ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। କୁଆଁରମୁଣ୍ଡା ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି, କୁଆଁରମୁଣ୍ଡା ପଞ୍ଚାୟତରେ ନିର୍ବାହୀ ଅଧିକାରୀ ମାରିୟାନୁସ ଏକ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, ଡୁମେରଯୋର ପଞ୍ଚାୟତର ଉଷ୍ରା ୟୁଜିଏମଇ ସ୍କୁଲରେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ପରିଚାଳନା ସଭାପତି ଶୈଳେଶ ତିୱାରୀ, କୁମଝରିଆ ୟୁଜି ହାଇସ୍କୁଲରେ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ, କଚାରୁ ୟୁଜି ହାଇସ୍କୁଲରେ ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଫୁଲ କେର୍କେଟା, କୁଆଁରମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡସ୍ତରୀୟ ୱେସ୍କୋ କାର୍ଯ୍ୟାଳୟରେ ଏସ୍‌ଡିଓ ଇଂ.ଶୁଭାଶିଷ ମହାନ୍ତି, କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମ ଓ ପ୍ରାଣୀ ଚିକିତ୍ସାଳୟରେ ଡା ମୁକ୍ତିକାନ୍ତ ଭୂୟାଁ, ବନ ରେଞ୍ଜ କାର୍ଯ୍ୟାଳୟରେ ରେଂଜର ସୁଧାଂଶୁ ଚନ୍ଦ୍ର ସାହାଣୀ, କୁଆଁରମୁଣ୍ଡା ତହସିଲ ଓ ନଇ ଦିଶା କ୍ଲବ ଦ୍ୱାରା ରାହାସ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଚାନ୍ଦନୀ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ସେହିପରି ବୀରମିତ୍ରପୁର ବିଆରଆଇ କ୍ଲବ ପଡିଆରେ ଚଳିତବର୍ଷ ପ୍ରଥମ କରି ପୌରପରିଷଦସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବୀରମିତ୍ରପୁର ଏସଡିପିଓ ପ୍ରକାଶ କୁମାର ପାତ୍ର ଓ ଆଇଆଇସି ଆନନ୍ଦ ଚନ୍ଦ୍ର ମାଝିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ତହସିଲଦାର ଅଂଶୁମାନ ଦାଶ ଯୋଗଦାନ କରି ପରେଡ଼ ଅଭିବାଦନ ଗ୍ରହଣ କରିଥିଲେ। ଏହି ପରେଡରେ ବୀରମିତ୍ରପୁର ଉପଖଣ୍ଡସ୍ତରୀୟ ପୋଲିସ କର୍ମଚାରୀ, ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ।

ରାଜଗାଙ୍ଗପୁର, (ଡି.ଏନ.ଏ)

ସ୍ଥାନୀୟ ବୀର ବିର୍ସା ଷ୍ଟାଡିୟମଠାରେ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ ରାଜଗାଙ୍ଗପୁର ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ଏହି ଅବସରରେ ଡାଲମିଆ ସିମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀଲ କୁମାର ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଡାଲମିଆ କମ୍ପାନୀ ତରଫରୁ ସୁନ୍ଦରଗଡ ଜିଲାରୁ ଭାରତୀୟ ମହିଳା ହକି ଟିବର ପ୍ରତିନିଧିତ୍ୱ କରୁଥିବା ଲିଲିମା ମିଞ୍ଜ, ନମିତା ଟପ୍ପୋ, ଅନୁପମା ବାରଲା ତଥା ବାଲୁକା ଶିଳ୍ପୀ ରାଜୁ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଡାଲମିଆ ଭାରତ କମ୍ପାନୀର ବୟୋଜ୍ୟେଷ୍ଠ କର୍ମଚାରୀ ଦିଲୀପ ସିଂ, ତ୍ରିଲୋଚନ ନାୟକ ଏବଂ କେଏନ ରାଓଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଡାଲମିଆ ବିଦ୍ୟାମନ୍ଦିର ତଥା ଡାଲମିଆ